
RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 44 • ISSUE-54 • TUESDAY • 18 AUGUST 2026 • PAGE-12 • ₹ 7.00 | SAMBALPUR | • ବର୍ଷ-୪୪ • ସଂଖ୍ୟା-୫୪ • ମଙ୍ଗଳବାର • ୧୮ ଅଗଷ୍ଟ ୨୦୨୬ • ପୃଷ୍ଠା-୧୨ • ଟ.୭.୦୦



ଡିଫେଣ୍ଡିଂ ଚାମ୍ପିଅନଙ୍କୁ ହରାଇଲେ ଆୟୁଷ

▶ ଖେଳ ପୃଷ୍ଠା ଦେଖନ୍ତୁ...

## ଦୁଃଖ ଦେଉଛି ବୈତରଣୀ, ବ୍ରାହ୍ମଣୀ ଓ ବୁଢ଼ାବଳଙ୍ଗ

# ଆଜି ଆସିବ ଜୋର୍ ବଢ଼ିପାଣି

■ ଭୁବନେଶ୍ୱର,୧୭।୮ (ସମିସ): ଭୀଷଣ ବର୍ଷା ଯୋଗୁଁ ଉତ୍ତର ଓଡ଼ିଶାରେ ବନ୍ୟା ସ୍ଥିତି ଉଦ୍‌ବେଗ ଜନକ ହୋଇଛି । ଉତ୍ତର ଓଡ଼ିଶାର ସବୁ ପ୍ରମୁଖ ନଦୀ ବଢ଼ିଥିବା ବେଳେ ବନ୍ୟା ଘେରରେ ଲକ୍ଷାଧିକ ଲୋକ ହନ୍ତସନ୍ତ ହେଉଛନ୍ତି । ବିଶେଷକରି ବୈତରଣୀ, ଜଳକା ଓ ସାଳନ୍ଦୀ ନଦୀରେ ବୃଦ୍ଧି ପାଇଥିବା ଜଳସ୍ତର ଯୋଗୁଁ ଭଦ୍ରକ, ବାଲେଶ୍ୱର, ଓ ଯାଜପୁର ଜିଲ୍ଲାର ଅନେକ ଅଞ୍ଚଳ ଜଳମଗ୍ନ ହୋଇ ରହିଛି । ବନ୍ୟା ସ୍ଥିତି

- ଜଳକା ବନ୍ୟା ପାଣି ଖସିବାର ନାଁ ଧରୁନି
- ଝାଡ଼ଖଣ୍ଡ ମୁହାଁ ଅବପାତ, ବ୍ରାହ୍ମଣୀରେ ବଢ଼ିବ ପାଣି
- ବନ୍ୟାରେ ୬ ଜିଲ୍ଲାର ସାଢ଼େ ୭ ଲକ୍ଷ ପ୍ରଭାବିତ

ଯୋଗୁଁ ଏବେ ସୁଦ୍ଧା ୬ ଟି ଜିଲ୍ଲା ମୁଖ୍ୟତଃ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର, ମୟୂରଭଞ୍ଜ ଓ କେନ୍ଦ୍ରାପଡ଼ା ଜିଲ୍ଲାର ୬୬ ବ୍ଲକ, ୪୪୮ ପଞ୍ଚାୟତ ୧୩୦୪ ଗାଁ ପ୍ରଭାବିତ ହୋଇଛି । ଏହାସହିତ ୧୦ଟି ସହରାଞ୍ଚଳର ୬୬ ୱାର୍ଡକୁ ମିଶାଇ ମୋଟ୍ ୭ ଲକ୍ଷ ୮୫ ହଜାର ୧୯୯ ଲୋକ ପ୍ରଭାବିତ ହୋଇଛନ୍ତି । ଏବେ ସୁଦ୍ଧା ୨ ଲକ୍ଷ ୭୭ ହଜାର ଲୋକଙ୍କ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବା ବେଳେ ୧୨୬ ଟି ଗାଁ ଜଳବନ୍ଦୀ ଅବସ୍ଥାରେ ଅଛି । ୪ ଲକ୍ଷ ୨୨ ହଜାର ୧୬୭ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହେବା ସହ ୯୪୧ ଟି ଘର ବନ୍ୟା ଦ୍ୱାରା ଭାଙ୍ଗିଛି । ବର୍ତ୍ତମାନ ସକ୍ରିୟ ଥିବା ଅବପାତ ଯୋଗୁଁ ଗତ ▶ପୃଷ୍ଠା-୭



## ବନ୍ୟା ସ୍ଥିତି ଅନୁଧ୍ୟାନ କଲେ ମୁଖ୍ୟମନ୍ତ୍ରୀ

- ରିଲିଫ୍ ଓ ସ୍ୱାସ୍ଥ୍ୟସେବା ଯୋଗାଇବାକୁ ନିର୍ଦ୍ଦେଶ
- ଋଣ ଛାଡ଼ ଓ ନୂଆ କୃଷି ଋଣ ପାଇଁ ଚାଷୀଙ୍କ ଦାବି

■ଯାଜପୁର/ଭଦ୍ରକ/ତିହିଡ଼ି,୧୭।୮ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଯାଜପୁର ଓ ଭଦ୍ରକ ଜିଲ୍ଲାର ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ସହ ବନ୍ୟା ପରିସ୍ଥିତି ଓ ରିଲିଫ୍ କାର୍ଯ୍ୟର ସମୀକ୍ଷା କରିଛନ୍ତି ।

ଯାଜପୁର ଜିଲ୍ଲା ଗସ୍ତ ଅବସରରେ ମୁଖ୍ୟମନ୍ତ୍ରୀ ଦଶରଥପୁର ବ୍ଲକ୍‌ର କସପା ଓ ତରପଦା ପଞ୍ଚାୟତ ଅନ୍ତର୍ଗତ ରାମଚନ୍ଦ୍ରପୁର, ବାଲଦା ଓ ଡୋଭାବିଲ୍ ଗ୍ରାମର ବନ୍ୟା ପ୍ରଭାବିତ ଲୋକଙ୍କୁ ସାକ୍ଷାତ କରି ସେମାନଙ୍କ ସମସ୍ୟା, ଆବଶ୍ୟକତା ଓ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ । ବନ୍ୟା ଆଶ୍ରୟସ୍ଥଳୀ ପରିଦର୍ଶନ ସମୟରେ ମୁଖ୍ୟମନ୍ତ୍ରୀ ପ୍ରଭାବିତଙ୍କ ପାଇଁ ପ୍ରସ୍ତୁତ ରନ୍ଧା ଖାଦ୍ୟର ମାନ ଯାଞ୍ଚ କରିଥିଲେ । ଏଥିସହ ବନ୍ୟା ପ୍ରଭାବିତ ପରିବାରଗୁଡ଼ିକୁ ତ୍ୱରିତ ଓ ପର୍ଯ୍ୟାପ୍ତ ରିଲିଫ୍ ସହାୟତା, ନିରାପଦ ପାନୀୟ ଜଳ ଏବଂ ଆବଶ୍ୟକ ସ୍ୱାସ୍ଥ୍ୟସେବା ନିରବଚ୍ଛିନ୍ନ ଭାବେ ଯୋଗାଇଦେବା ସହ ବନ୍ୟା ପରିସ୍ଥିତି ଉପରେ ୨୪ ଘଣ୍ଟିଆ ନଜର ରଖିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ସେହିପରି ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭଦ୍ରକ ଜିଲ୍ଲା ତିହିଡ଼ି ▶ପୃଷ୍ଠା-୭

# ବିଜେପିରେ ନିତିନଙ୍କ 'ନବୀନ' ଟିମ୍

- ଫେରିଲେ ସ୍ମୃତି ଇରାନୀ, ରାମ ମାଧବ
- ପୀୟୂଷ ଗୋୟଲ କୋଷାଧ୍ୟକ୍ଷ ନିଯୁକ୍ତ
- ୬୫ ସଦସ୍ୟଙ୍କ ମଧ୍ୟରୁ ୫୧ ନୂଆ ଚେହେରା
- ନଡ୍ଡାଙ୍କ ପୁରୁଣା ଟିମ୍‌ରୁ ବାଦ୍ ପଡ଼ିଲେ ୨୯
- ବିଦାହେଲେ ଆଇଟି ସେଲ୍ ମୁଖ୍ୟ ଅମିତ୍

■ ନୂଆଦିଲ୍ଲୀ, ୧୭।୮ (ଏଜେନ୍ସି): ବିଜେପିର ନୂଆ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ନିତିନ ନବୀନ ଦଳୀୟ ସଂଗଠନରେ ବଡ଼ ଧରଣର ଅଦଳବଦଳ କରିଛନ୍ତି । ପୂର୍ବତନ କେନ୍ଦ୍ର ମନ୍ତ୍ରୀ ସ୍ମୃତି ଇରାନୀ ଏବଂ ଆରଏସ୍ଏସ୍‌ର ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ରାମ ମାଧବଙ୍କୁ ପୁଣି ଥରେ ସାଂଗଠନିକ ଦାୟିତ୍ୱ ଦିଆଯାଇଥିବା ବେଳେ ପୂର୍ବତନ ସଭାପତି ଜେପି ନଡ୍ଡାଙ୍କ ଟିମରେ ଥିବା ୨୯ ଜଣଙ୍କୁ ବାଦ୍ ଦିଆଯାଇଛି । ନବୀନଙ୍କ ଦ୍ୱାରା ଘୋଷିତ ୬୫ ଜଣିଆ ଟିମ୍‌ରେ ୫୧ ଜଣ ନୂଆ ମୁହଁ ସ୍ଥାନ ପାଇଛନ୍ତି । ଏଥିରେ ୧୩ ଜଣ ଉପସଭାପତି ଥିବା ବେଳେ ୮ ଜଣ ସାଧାରଣ ସଂପାଦକ ଏବଂ ୧୬ ଜଣ ଜାତୀୟ ସଂପାଦକ ଅଛନ୍ତି । ନବୀନଙ୍କ ନବଗଠିତ ଟିମରେ ୧୦ ଜଣ ମହିଳା ନେତ୍ରୀ ସ୍ଥାନ ପାଇଥିବା ବେଳେ ସଂଖ୍ୟାଲଘୁ ସଂପ୍ରଦାୟରୁ ୬ ଜଣଙ୍କୁ ସାମିଲ କରାଯାଇଛି । ୬ ଜଣ ମହିଳା ନେତ୍ରୀଙ୍କୁ ଉପାଧ୍ୟକ୍ଷା କରାଯାଇଥିବା ବେଳେ ଜଣଙ୍କୁ ସାଧାରଣ ସଂପାଦକ କରାଯାଇଛି । ନବୀନଙ୍କ ଟିମରୁ ବାଦ ପଡ଼ିଥିବା ୨୯ ଜଣଙ୍କୁ ମଧ୍ୟରୁ ଉଲ୍ଲେଖନୀୟ ନାମ ହେଉଛି ଅମିତ ମାଲବ୍ୟ । ତାଙ୍କୁ ବିଜେପିର ଆଇଟି ସେଲର ମୁଖ୍ୟ ପଦରୁ ହଟାଇ ଦିଆଯାଇଛି । ତାଙ୍କ ସ୍ଥାନରେ ଦୀପକ ମାସ୍କେଙ୍କୁ ରାଷ୍ଟ୍ରୀୟ ସୋସିଆଲ ମିଡିଆ ସଂଯୋଜକ ଭାବେ ନିଯୁକ୍ତ ▶ପୃଷ୍ଠା-୭

## ମନ୍ଦିରରେ ଦଳାଚକଟା; ୭ ମୃତ

■ ପାଟନା, ୧୭।୮ (ଏଜେନ୍ସି): ବିହାରର ଲକ୍ଷୀସରାଇ ଜିଲ୍ଲାର ପ୍ରସିଦ୍ଧ ଅଶୋକ ଧାମ ଶିବ ମନ୍ଦିରରେ ଦଳାଚକଟାରେ ୭ ଜଣ ଶ୍ରଦ୍ଧାଳୁ ପ୍ରାଣ ହରାଇଛନ୍ତି । ପବିତ୍ର ଶ୍ରାବଣ ମାସର ତୃତୀୟ ସୋମବାର ଅବସରରେ ମନ୍ଦିରରେ ପ୍ରବଳ ଗହଳି ହୋଇଥିବା ବେଳେ ବିଦ୍ୟୁତ୍ ତାର ଛିଡ଼ି ପଡ଼ିବାରୁ ଆତଙ୍କ ଖେଳିଯାଇଥିଲା । ଫଳରେ ସେଠାରେ ଦଳାଚକଟା ଯୋଗୁଁ ୭ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ଘଟିଛି । ଏହି ଦୁର୍ଘଟଣାରେ ଅନେକ ଶ୍ରଦ୍ଧାଳୁ ଆହତ ହୋଇ ଚିକିତ୍ସାଧୀନ ଅଛନ୍ତି ।

ଲକ୍ଷୀସରାଇ ଜିଲ୍ଲାସ୍ଥିତ ଅଶୋକ ଧାମ ମନ୍ଦିରରେ ସୋମବାର ସକାଳ ପ୍ରାୟ ୬.୪୫ ମିନିଟ୍‌ରେ ଏହି ଦୁର୍ଭାଗ୍ୟଜନକ ଘଟଣା ଘଟିଛି । ଆହତମାନଙ୍କୁ ତୁରନ୍ତ ଲକ୍ଷୀସରାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ସୋମବାର ସକାଳେ ଶ୍ରାବଣ ମାସର ତୃତୀୟ ସୋମବାର ହୋଇଥିବାରୁ ମନ୍ଦିରରେ ▶ପୃଷ୍ଠା-୭

## ୩ ଜିଲ୍ଲା ପାଇଁ ବରିଷ୍ଠ ନେତାଙ୍କୁ ନିୟୋଜିତ କଲେ ନବୀନ

**ପ୍ରଶାସନ ସହ ସମନ୍ୱୟ ରଖି ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟରେ କରିବେ ସହଯୋଗ**

■ ଭୁବନେଶ୍ୱର,୧୭।୮ (ସମିସ): ରାଜ୍ୟରେ ପୁନର୍ବାର ବନ୍ୟା ପରିସ୍ଥିତି ଦେଖା ଦେଇଥିବା ବେଳେ ଭଦ୍ରକ, ଯାଜପୁର ଓ ବାଲେଶ୍ୱରରେ ସ୍ଥିତି ଚିନ୍ତାଜନକ ରହିଛି । ଏହି ପ୍ରରିପେକ୍ଷୀରେ ବନ୍ୟା ପ୍ରଭାବିତ ଜିଲ୍ଲାଗୁଡ଼ିକରେ ଦଳୀୟ ନେତାଙ୍କୁ ନିୟୋଜିତ କରିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ । ବରିଷ୍ଠ ନେତା ପ୍ରଦୀପ କୁମାର ଅମାତଙ୍କୁ ନବୀନ ଯାଜପୁର ଜିଲ୍ଲା ଦାୟିତ୍ୱ ଦେଇଥିବା ବେଳେ ଡ. ଅରୁଣ କୁମାର ସାହୁଙ୍କୁ ଭଦ୍ରକ ଏବଂ ସଞ୍ଜୟ କୁମାର ଦାସବର୍ମାଙ୍କୁ ବାଲେଶ୍ୱର ଜିଲ୍ଲା ପାଇଁ ଦାୟିତ୍ୱ ଦିଆଯାଇଛି । ନିଯୁକ୍ତ ହୋଇଥିବା ଏହି ବରିଷ୍ଠ ନେତାମାନେ ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରିବା ସହ ପ୍ରଭାବିତ ଲୋକଙ୍କ ସହ ଆଲୋଚନା କରିବେ । ଏଥିସହ ଜିଲ୍ଲା ପ୍ରଶାସନ, ସ୍ଥାନୀୟ ବିଜେଡି ନେତା ଓ କର୍ମକର୍ତ୍ତାଙ୍କ ସହ ସମନ୍ୱୟ ରଖି ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟ ଠିକ୍ ଭାବେ ହେଉଛି କି ନାହିଁ, ତାହା ସୁନିଶ୍ଚିତ କରିବେ ବୋଲି ନବୀନ ନିର୍ଦ୍ଦେଶ ଦେଇଛନ୍ତି ।

## ଘର ଆଗରୁ ଶିଶୁକୁ ଉଠାଇ ନେଲା ବାଘ

ମାଥିଲି, ୧୭।୮ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଟେମୁରୁପାଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଯନ୍ଦ୍ରାଗୁଡ଼ା ଗ୍ରାମରେ ଏକ ବାଘ ଆକ୍ରମଣରେ ୪ ବର୍ଷର ଶିଶୁକନ୍ୟା ଗୁରୁତର ହୋଇଛି । ଶିଶୁକନ୍ୟା ସର୍ଜନୀ ମାଡ଼କାମୀ ଘର ଦାଣ୍ଡରେ ଖେଳୁଥିବା ସମୟରେ ନିକଟସ୍ଥ ଜଙ୍ଗଲରୁ ଏକ ଚିତାବାଘ ଆସି ତାଙ୍କୁ ଝାମ୍ପି ଜଙ୍ଗଲ ଆଡ଼କୁ ଟାଣି ନେଉଥିଲା । ଶିଶୁର ଚିତ୍କାର ଶୁଣି ଗ୍ରାମବାସୀ ଘଟଣାସ୍ଥଳକୁ ଧାଇଁ ଯାଇ ହୋ-ହଲ୍ଲା କରିବାରୁ ବାଘଟି ଶିଶୁକୁ ଛାଡ଼ି ଜଙ୍ଗଲ ମଧ୍ୟକୁ ପଳାଇ ଯାଇଥିଲା । ଗୁରୁତର ଆହତ ଶିଶୁ ସମ୍ପର୍କରେ ଗ୍ରାମବାସୀ ପ୍ରଥମେ ସରପଞ୍ଚ ତୁମ୍ବେଶ୍ୱର ସମରଥଙ୍କୁ ଜଣାଇଥିଲେ । ସରପଞ୍ଚ ସ୍ଥାନୀୟ ବିଏସ୍ଏଫ୍ କ୍ୟାମ୍ପ ସହ ଯୋଗାଯୋଗ କରିଥିଲେ । ତେବେ ଗାଡ଼ି ଉପଲବ୍ଧ ନଥିବାରୁ ୧୦୮ ଆମ୍ବୁଲାନ୍ସକୁ ଯୋଗାଯୋଗ କରାଯାଇଥିଲା । ୧୦୮ ମଧ୍ୟ ଉପଲବ୍ଧ ନଥିବାରୁ ପରେ ଆରୋଗ୍ୟ ସେବା ଗାଡ଼ି ଯୋଗେ ଶିଶୁକୁ ମାଥିଲି ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା । ଡାକ୍ତରଙ୍କ ସୂଚନା ଅନୁଯାୟୀ, ଶିଶୁଟି ବିପଦମୁକ୍ତ ଥିବା ଜଣାପଡ଼ିଛି । ଖବର ଲେଖାଯିବା ପର୍ଯ୍ୟନ୍ତ କୌଣସି ବନ କର୍ମଚାରୀ ଚିକିତ୍ସାଳୟରେ ପହଞ୍ଚିନଥିବା ଅଭିଯୋଗ ହୋଇଛି । ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଗାଁ ନିକଟରେ ▶ପୃଷ୍ଠା-୭

- ବାଘ କବଳରୁ ଶିଶୁକୁ ଉଦ୍ଧାର କଲେ ଗ୍ରାମବାସୀ
- ଗୁରୁତର ଶିଶୁ କନ୍ୟା ହସ୍ପିଟାଲରେ ଭର୍ତ୍ତି

## ହୀରାକୁଦର ୭ ଗେଟ୍ ଖୋଲା

ସମ୍ବଲପୁର, ୧୭।୮ (ସମିସ) : ହୀରାକୁଦ ନଦୀବନ୍ଧର ଉପରମୁଣ୍ଡରେ ବର୍ଷା ଓ ଜଳସ୍ତର ବୃଦ୍ଧି ପାଇବାପରେ ସୋମବାର ସକାଳ ୮ଟାରୁ ପର୍ଯ୍ୟାୟକ୍ରମେ ଆଉ ୫ଟି ଗେଟ୍ ଖୋଲାଯାଇଛି । ବର୍ତ୍ତମାନ ମୋଟ ୭ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି । ଜଳଭଣ୍ଡାରକୁ ପ୍ରବେଶ ଜଳ ପରିମାଣ ପାଖାପାଖି ୨ ଲକ୍ଷ କ୍ୟୁସେକ୍ ରହିଛି । ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବାବେଳେ ଜୁଲାଇ ୧୯ ତାରିଖରେ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଉଛି । ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୯.୩୩ ଫୁଟ୍ ରହିଛି । ନଦୀବନ୍ଧର ବାମପାଶ୍ୱର୍ର ୫ଟି ଏବଂ ଡାହାଣ ପାଶ୍ୱର୍ର ୨ଟି ଏହିଭଳି ମୋଟ ୭ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି । ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୯୧,୬୦୫ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୧,୪୩,୯୩୫ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି । ସ୍ପିଲୱେ ଦେଇ ୧,୦୯,୨୮୪ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ▶ପୃଷ୍ଠା-୭

**ସନ୍ଧ୍ୟା ୬ଟା ସୁଦ୍ଧା ଜଳସ୍ତର ୬୧୯.୩୩ ଫୁଟ୍, ପ୍ରବେଶ କରୁଛି ୧.୯୧ କ୍ୟୁସେକ୍ ଜଳ**

## ସତର୍କ କରାଇଲେ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା


# ଦେଶରେ ଖାଦ୍ୟ ସଙ୍କଟ ଆଣିବ ଇ-୨୦ ପେଟ୍ରୋଲ

■ ନୂଆଦିଲ୍ଲୀ,୧୭।୮ (ଏଜେନ୍ସି): ଦେଶରେ ଇଥାନଲ ମିଶ୍ରିତ ପେଟ୍ରୋଲକୁ ନେଇ ବିତର୍କ ଜାରି ରହିଥିବାବେଳେ ଦେଶର ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା (ସିଇଏ) ଭି. ଅନନ୍ତ ନାଗେଶ୍ୱରନ ପୁରୁଣା ଗାଡ଼ି ପାଇଁ ଇ-୧୦ ପେଟ୍ରୋଲ ଉପଲବ୍ଧ ଲାଗି ଦେଇଛନ୍ତି ପରାମର୍ଶ । ଇ-୧୦ ପେଟ୍ରୋଲ ଉପଲବ୍ଧ ନ ହେଲେ ଦେଶର ପ୍ରାୟ ୮ କୋଟି ଦୁଇଚକିଆ ଯାନ କ୍ଷତିଗ୍ରସ୍ତ ହେବ ଏବଂ ଏହାର ମରାମତି ଆଦି ନିମନ୍ତେ ଦେଶବାସୀଙ୍କୁ ବିପୁଳ ବ୍ୟୟ ବହନ କରିବାକୁ ପଡ଼ିବ ବୋଲି ସେ ସତର୍କ କରାଇ ଦେଇଛନ୍ତି । ଅନ୍ୟପକ୍ଷରେ ଇ-୨୦ ପେଟ୍ରୋଲ ପ୍ରଚଳନ ମଧ୍ୟ ଦେଶରେ ଖାଦ୍ୟ ସଙ୍କଟକୁ ପରୋକ୍ଷରେ ନିମନ୍ତ୍ରଣ କରିବ ବୋଲି ମଧ୍ୟ ସେ ଆଶଙ୍କା କରିଛନ୍ତି ।




- କ୍ଷତିଗ୍ରସ୍ତ ହେବ ପ୍ରାୟ ୮ କୋଟି ଦୁଇ ଚକିଆ ଯାନ
- ପୁରୁଣା ଗାଡ଼ି ପାଇଁ ଫେରାଇ ଅଣାଯାଉ ଇ-୧୦ ପେଟ୍ରୋଲ

ଏକ ଜାତୀୟ ଗଣମାଧ୍ୟମରେ ଏକ ସ୍ତମ୍ଭରେ ଶ୍ରୀ ନାଗେଶ୍ୱରନ୍ କହିଛନ୍ତି ଯେ ଭାରତରେ ଚଳାଚଳ କରୁଥିବା ଦୁଇଚକିଆ ଯାନ ମଧ୍ୟରୁ ପ୍ରାୟ ୭.୫ରୁ ୮ କୋଟି ଦୁଇଚକିଆ ଯାନ ଇ-୧୦ ପେଟ୍ରୋଲ ନିମନ୍ତେ ପ୍ରସ୍ତୁତ କରାଯାଇଛି । ଏହି ଯାନଗୁଡ଼ିକ ଅନେକ ଉଚ୍ଚ ମାତ୍ରାର ଇଥାନଲ୍ ମିଶ୍ରିତ ପେଟ୍ରୋଲ୍ ବ୍ୟବହାର ପାଇଁ ନିର୍ମିତ ହୋଇନାହିଁ । ତେଣୁ ଇ-୨୦ ଭଳି ଅଧିକ ଇଥାନଲ୍ ମିଶ୍ରଣ ବ୍ୟବହାର କଲେ ସମସ୍ୟା କେବଳ ମାଇଲେଜ୍ କମିବାରେ ସୀମିତ ରହିବ ନାହିଁ । ପୁରୁଣା ଇଞ୍ଜିନରେ ରବର ସିଲ୍, ଗ୍ୟାସକେଟ୍, ଫୁଏଲ ସିଷ୍ଟମର ବିଭିନ୍ନ ଯନ୍ତ୍ରାଂଶ ଏହାଦ୍ୱାରା ପ୍ରଭାବିତ ହୋଇପାରେ ଏବଂ ଅଧିକ ଇଥାନଲ୍ ମିଶ୍ରଣ ସହ ଦୀର୍ଘ ସମୟ ଚାଲିଲେ କେତେକ ▶ପୃଷ୍ଠା-୭






ସକାଳ
THE SAKALA
www.sakalaepaper.com

# ତାମିଲନାଡୁରେ ୭୫,୦୦୦ ପର୍ଯ୍ୟନ୍ତ କୃଷି ଋଣ ସମ୍ପୂର୍ଣ୍ଣ ମାଫ୍

ଚେନ୍ନଇ, ୧୭।୮(ଏଜେନ୍ସି): ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି ଜୋସେଫ୍ ବିଜୟ ସରକାରରେ ୧୦୦ ଦିନ ପୂର୍ଣ କରିଥିବା ଅବସରରେ କୃଷକମାନଙ୍କ ପାଇଁ ଏକ ବଡ଼ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ୭୫, ୦୦୦ ଟଙ୍କା ପର୍ଯ୍ୟନ୍ତ ସମସ୍ତ କୃଷି ଋଣ ସମ୍ପୂର୍ଣ୍ଣ ଛାଡ଼ କରାଯିବ ବୋଲି ଘୋଷଣା କରିଛନ୍ତି। ବିଧାନସଭାରେ ଏହି ଘୋଷଣା କରି ମୁଖ୍ୟମନ୍ତ୍ରୀ ବିଜୟ କହିଛନ୍ତି ଯେ ରାଜ୍ୟର ଆର୍ଥିକ ଅବସ୍ଥା ସତ୍ତ୍ୱେ ଟିଭିକେ ସରକାର କୃଷକମାନଙ୍କୁ ସହାୟତା ଯୋଗାଇବା ପାଇଁ ଅତିରିକ୍ତ ୯୫୩.୦୬ କୋଟି ଟଙ୍କା ପ୍ରଦାନ କରିବ। ନୂତନ ନିୟମ ଅନୁଯାୟୀ ୭୫, ୦୦୦ ଟଙ୍କା ପର୍ଯ୍ୟନ୍ତ ଋଣ ୧୦୦% ଛାଡ଼ କରାଯିବ। ୭୫, ୦୦୦ ରୁ ୧ ଲକ୍ଷ ଟଙ୍କା ମଧ୍ୟରେ ଋଣ ୭୫, ୦୦୦ ଟଙ୍କା ପର୍ଯ୍ୟନ୍ତ ଛାଡ଼ କରାଯିବ।୧ ଲକ୍ଷ ଟଙ୍କାରୁ ଅଧିକ ଋଣ ଥିଲେ ସର୍ବାଧିକ ୩୫, ୦୦୦ ଟଙ୍କା ପର୍ଯ୍ୟନ୍ତ ଛାଡ଼ କରାଯିବ। ପୂର୍ବରୁ ସରକାର ଗ୍ରହଣ କରିଥିବା ପଦକ୍ଷେପଗୁଡ଼ିକ ଦ୍ୱାରା ରାଜ୍ୟର ୧୪.୪୪ ଲକ୍ଷରୁ ଅଧିକ କୃଷକ ଉପକୃତ ହୋଇସାରିଛନ୍ତି। ରାଜ୍ୟର ଚାଷୀମାନଙ୍କ ଆର୍ଥିକ ସ୍ଥିତି ସୁଧାରିବା ଦିଗରେ ଏହା ଏକ ବଡ଼ ପଦକ୍ଷେପ ବୋଲି ବିବେଚନା କରାଯାଉଛି।

# ପରମାଣୁ ଦୁର୍ଘଟଣା କ୍ଷତିପୂରଣ ମାମଲା: ସ୍ପଷ୍ଟୀକରଣ ମାଗିଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୭।୮(ଏଜେନ୍ସି): ଦେଶରେ ପରମାଣୁ ଦୁର୍ଘଟଣା କ୍ଷତିପୂରଣ ଏବଂ ନିୟାମକ ସଂସ୍ଥାଗୁଡ଼ିକର ନିଯୁକ୍ତିକୁ ନେଇ ସୁପ୍ରିମକୋର୍ଟ 'ଶାନ୍ତି ଆଇନ, ୨୦୨୫' ଉପରେ କେନ୍ଦ୍ର ସରକାରଙ୍କଠାରୁ ସ୍ପଷ୍ଟୀକରଣ ମାଗିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଅନ୍ୟାନ୍ୟ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ପୂର୍ବତନ ଅଧିକାରୀ ଏଏସ୍ ଶର୍ମା ଏବଂ ଅନ୍ୟ କେତେଜଣ ପ୍ରଫେସର୍ ଓ ବୈଜ୍ଞାନିକଙ୍କ ଦ୍ୱାରା ଦାଏର ଏକ ଆବେଦନର ଶୁଣାଣି କରି କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ଓକିଲ ପ୍ରଶାନ୍ତ ଭୂଷଣ ଏବଂ ନେହା ରାଠୀ ଯୁକ୍ତି ଦର୍ଶାଇଥିଲେ ଯେ ୨୦୨୫ ମସିହାର ଏହି ନୂତନ ଆଇନ ସମ୍ବିଧାନର ଧାରା ୧୪, ୧୯ ଏବଂ ୨୧ ଅନ୍ତର୍ଗତ ମୌଳିକ ଅଧିକାରକୁ କ୍ଷୁର୍ଣ୍ଣ କରୁଛି। ଏହି ଆଇନ ଅନୁଯାୟୀ ପରମାଣୁ ପ୍ଲାଣ୍ଟ ପରିଚାଳନା କରୁଥିବା ବେସରକାରୀ କମ୍ପାନୀଗୁଡ଼ିକର ଦାୟିତ୍ୱସୀମା ସର୍ବାଧିକ ୩,୦୦୦ କୋଟି ଟଙ୍କା ପର୍ଯ୍ୟନ୍ତ ସୀମିତ ରଖାଯାଇଛି, ଯାହାକି ଦୁର୍ଘଟଣା ସମୟରେ ଯଥାଯଥ କ୍ଷତିପୂରଣ ପ୍ରଦାନରେ ବାଧା ସୃଷ୍ଟି କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏହାବ୍ୟତୀତ, ପରମାଣୁ ଶକ୍ତି ଆୟୋଗ ଦ୍ୱାରା ନିୟାମକ ସଂସ୍ଥାର ସଦସ୍ୟ ଚୟନ ପ୍ରକ୍ରିୟାରେ ସ୍ୱଚ୍ଛତାର ଅଭାବ ଏବଂ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ନେଇ ମଧ୍ୟ ପ୍ରଶ୍ନ ଉଠାଯାଇଛି। ତେବେ ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ସଂସଦ ଦ୍ୱାରା କମ୍ପାନୀଗୁଡ଼ିକର ଦାୟିତ୍ୱସୀମା ସ୍ଥିର କରାଯାଇଥିଲେ ମଧ୍ୟ ଏହା କୋର୍ଟଙ୍କୁ ପୀଡ଼ିତମାନଙ୍କୁ ନ୍ୟାୟୋଚିତ କ୍ଷତିପୂରଣ ପ୍ରଦାନ କରିବାର କ୍ଷମତାରୁ ବଞ୍ଚିତ କରିବ ନାହିଁ। ବେସରକାରୀ ପୁଞ୍ଜିନିବେଶକୁ ପ୍ରୋତ୍ସାହିତ କରିବା ପାଇଁ ଏହି ନୀତି ଅଣାଯାଇଥିଲେ ହେଁ ଜନସାଧାରଣଙ୍କ ସୁରକ୍ଷା ଓ କ୍ଷତିପୂରଣ ପ୍ରସଙ୍ଗରେ ସରକାର ସ୍ପଷ୍ଟୀକରଣ ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

# ଆମେରିକାରୁ ଭାରତୀୟ ନାଗରିକ ଯଶନଦୀପ ନିର୍ବାସିତ

ୱାସିଂଟନ୍, ୧୭।୮(ଏଜେନ୍ସି): ଆମେରିକାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନର କଡ଼ା ଆଭିମୁଖ୍ୟ ମଧ୍ୟରେ ଯଶନଦୀପ ସିଂହ ନାମକ ଜଣେ ଭାରତୀୟ ନାଗରିକଙ୍କୁ ଆମେରିକାରୁ ନିର୍ବାସିତ କରାଯାଇଛି। ଆମେରିକାର ଗୃହ ସୁରକ୍ଷା ବିଭାଗ (ଡିଏଚ୍ଏସ୍) ପକ୍ଷରୁ ତାଙ୍କୁ ଜଣେ ଅପରାଧୀ ଭାବେ ଚିହ୍ନଟ କରାଯାଇ ଅଗଷ୍ଟ ୩ ତାରିଖରେ ଦେଶରୁ ବାହାର କରିଦିଆଯାଇଛି। ଆମେରିକା ପ୍ରଶାସନର ଅଭିଯୋଗ ଅନୁଯାୟୀ, ଜଶନଦୀପ ସିଂହଙ୍କୁ ଯୌନ ଉତ୍ପୀଡ଼ନ, ବଳପ୍ରୟୋଗ, ଚୋରି ଅନ୍ୟାନ୍ୟ ଅପରାଧିକ ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ତାଙ୍କ ସହିତ ଗୁଆଟିମାଲା, ମେକ୍ସିକୋ ଏବଂ ଚିଲିର ଅନ୍ୟ ଚାରିଜଣ ଅପରାଧୀଙ୍କୁ ମଧ୍ୟ ନିର୍ବାସିତ କରାଯାଇଛି।

# ମାତ୍ର ୪ ମାସରେ ୧୦ଟି ମାମଲାରେ ୨୨ ଜଣଙ୍କୁ ଫାଶୀ ଦଣ୍ଡାଦେଶ

ନୂଆଦିଲ୍ଲୀ, ୧୭।୮(ଏଜେନ୍ସି): ଉତ୍ତରପ୍ରଦେଶର ମୁଜାଫରନଗର ଜିଲ୍ଲାର ଜଣେ ଅତିରିକ୍ତ ଜିଲ୍ଲା ଏବଂ ଦୌରା ଜଜ୍ ମାତ୍ର ଚାରି ମାସ ଭିତରେ ୧୦ଟି ଜଘନ୍ୟ ଅପରାଧ ମାମଲାରେ ୨୨ ଜଣ ଅପରାଧୀଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଛନ୍ତି। ଜଘନ୍ୟ ଅପରାଧ ବିରୁଦ୍ଧରେ ଭାରତୀୟ ନ୍ୟାୟପାଳିକାର କଠୋର ଆଭିମୁଖ୍ୟକୁ ଏହା ସ୍ପଷ୍ଟ ଭାବେ ଦର୍ଶାଉଛି। ଅତିରିକ୍ତ ଜିଲ୍ଲା ଏବଂ ଦୌରା ଜଜ୍ ରବି କୁମାର ଦିୱାକର ଗତ ଚାରି ମାସ ମଧ୍ୟରେ ୧୦ଟି ମାମଲାରେ ମୋଟ ୨୨ ଜଣଙ୍କୁ ମୃତ୍ୟୁଦଣ୍ଡ ଦେଇଛନ୍ତି। ଏହି ମାମଲାଗୁଡିକ ମଧ୍ୟରେ ଜଣେ ଓକିଲଙ୍କ ହତ୍ୟା, ଜଣେ ହୋମଗାର୍ଡଙ୍କ ହତ୍ୟା, ରାଜପଥରେ ଡକାୟତି ଏବଂ ବହୁ ପୁରୁଣା ଅପହରଣ ତଥା ହତ୍ୟା ମାମଲା ସାମିଲ ରହିଛି। ଏଥିରେ ପ୍ରାୟ ୨୭ ବର୍ଷ ପୁରୁଣା ଏବଂ ୧୨ ବର୍ଷ ପୁରୁଣା ହତ୍ୟା ମାମଲାରେ ମଧ ଦୋଷୀଙ୍କୁ ଫାଶୀ ଦଣ୍ଡ ମିଳିଛି। ସରକାରୀ ଓକିଲ କୁଳଦୀପ କୁମାରଙ୍କ ସୂଚନା ଅନୁଯାୟୀ, ଗତ ଏପ୍ରିଲ ୬ ତାରିଖରୁ ଅଗଷ୍ଟ ୧୩ ତାରିଖ ମଧ୍ୟରେ ବିଭିନ୍ନ ଗମ୍ଭୀର ଅପରାଧ ପାଇଁ ଏହି ରାୟ ଶୁଣାଯାଇଛି। ଏପ୍ରିଲ ୨୮, ମେ ୨୦, ଜୁନ୍ ୨୦, ଏବଂ ଜୁଲାଇ ମାସର ବିଭିନ୍ନ ଦିନରେ ଅପରାଧୀମାନଙ୍କୁ ମୃତ୍ୟୁଦଣ୍ଡ ଦିଆଯାଇଥିଲା। ସେହିପରି ଅଗଷ୍ଟ ୧୨ ତାରିଖରେ ୧୯୯୯ ମସିହାର ଜଣେ କାଠ ବ୍ୟବସାୟୀ ସଲିମଙ୍କ ଅପହରଣ ଓ ହତ୍ୟା ମାମଲାରେ ସାହାନୱାଜ ନାମକ ବ୍ୟକ୍ତିଙ୍କୁ ଫାଶୀ ଏବଂ ୧.୧୦ ଲକ୍ଷ ଟଙ୍କା ଜରିମାନା କରାଯାଇଛି। ସେହିପରି ଅଗଷ୍ଟ ୧୩ ତାରିଖରେ ଅନ୍ୟ ଏକ ଫାଷ୍ଟଟ୍ରାକ୍ କୋର୍ଟ ୨୦୧୪ ମସିହାର ଏକ ହତ୍ୟା ମାମଲାରେ ୪ ଜଣ ଦୋଷୀ - ରାମବୀର, ରାଜୀବ, ରାହୁଲ ଏବଂ ହରେନ୍ଦ୍ର କୁମାରଙ୍କୁ ଫାଶୀ ଦଣ୍ଡାଦେଶ ଶୁଣାଇଛନ୍ତି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଅପରାଧୀମାନେ ପବନ କୁମାରଙ୍କ ଘରେ ପଶି ଗୁଳିଚାଳନା କରିଥିଲେ, ଯେଉଁଥିରେ ପବନଙ୍କ ମୃତ୍ୟୁ ଘଟିଥିବାବେଳେ ତାଙ୍କ ଭାଇ ଆହୋକ କୁମାର ଆହତ ହୋଇଥିଲେ। ମୁଜାଫରନଗର କୋର୍ଟଙ୍କ ଏହି କଠୋର ରାୟଗୁଡିକ ଅପରାଧୀମାନଙ୍କ ମନରେ ଆଇନର ଭୟ ସୃଷ୍ଟି କରିବା ସହ ନ୍ୟାୟ ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ଏକ ବଡ଼ ପଦକ୍ଷେପ ବୋଲି ବିବେଚନା କରାଯାଉଛି।



# ରୁଷ ଟାର୍ଗେଟରେ ୟୁକ୍ରେନ ଇସ୍ପାତ ଶିଳ୍ପ

## ଲକ୍ଷ୍ମୀ ମିତ୍ତଲଙ୍କ ଇସ୍ପାତ କାରଖାନା କ୍ଷତିଗ୍ରସ୍ତ

ନୂଆଦିଲ୍ଲୀ,୧୭।୮(ଏଜେନ୍ସି): ୟୁକ୍ରେନର କ୍ରିଭିରିହସ୍ଥିତ ଭାରତୀୟ-ମୂଳର ବିଶ୍ୱପ୍ରସିଦ୍ଧ ଶିଳ୍ପପତି ଲକ୍ଷ୍ମୀ ମିତ୍ତଲଙ୍କ 'ଆର୍ସେଲର ମିତ୍ତଲ' ଖଣି ଏବଂ ଇସ୍ପାତ କାରଖାନା ଉପରେ ରୁଷିଆ ମିସାଇଲ୍ ଆକ୍ରମଣ କରିଛି। ୟୁକ୍ରେନର ଏକ ବଡ଼ ଡ୍ରୋନ୍ ଆକ୍ରମଣର ଜବାବରେ ରୁଷିଆ ଏହି ଆକ୍ରମଣ କରିଛି। ଯାହାଫଳରେ କାରଖାନାର ମୁଖ୍ୟ ଶକ୍ତି ଏବଂ ବ୍ଲାଷ୍ଟ-ଫର୍ନସ୍ ଅପରେସନ୍ ଗମ୍ଭୀର ଭାବେ କ୍ଷତିଗ୍ରସ୍ତ ହୋଇଛି ଏବଂ ଉତ୍ପାଦନ ଆଂଶିକ ଭାବେ ବନ୍ଦ ରହିଛି। ଏହି ଆକ୍ରମଣରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୧୪ ଜଣ ଶ୍ରମିକ ଆହତ ହୋଇଛନ୍ତି। ଲକ୍ଷ୍ମୀ ମିତ୍ତଲଙ୍କ ମାଲିକାନାଧୀନ 'ଆର୍ସେଲର ମିତ୍ତଲ କ୍ରିଭି ରିହ' ହେଉଛି ୟୁକ୍ରେନର ସବୁଠାରୁ ବଡ଼ ଇସ୍ପାତ ୟୁନିଟ୍।



ଏହାପୂର୍ବରୁ ୟୁକ୍ରେନ ପକ୍ଷରୁ ରୁଷିଆ ମଧ୍ୟଭାଗକୁ ଶହ ଶହ ଡ୍ରୋନ୍ ଆକ୍ରମଣ କରାଯାଇଛି, ଯେଉଁଥିରେ ଅନ୍ୟୁନ ୬ ଜଣଙ୍କର ମୃତ୍ୟୁ ଘଟିଛି। ରୋମାନିଆ ଏବଂ ମୋଲଡୋଭା ସୀମା ନିକଟରେ ଡ୍ରୋନ୍ ପ୍ରବେଶ କରିବା ପରେ ନାଟୋ ସଦସ୍ୟ ରୋମାନିଆ ଏକ ସ୍ୱାନିସ୍ ଯୁଦ୍ଧବିମାନ ଜରିଆରେ ଡ୍ରୋନ୍‌ଟିକୁ ଗୁଳି କରି ଖସାଇ ଦେଇଛି। ରୁଷିଆର ପ୍ରତିରକ୍ଷା ମନ୍ତ୍ରଣାଳୟ ସୂଚନା ଅନୁଯାୟୀ, ଗତକାଲି ରାତିରେ ଦେଶର ବିଭିନ୍ନ ସ୍ଥାନରୁ ପ୍ରାୟ ୮୨୨ଟି ଡ୍ରୋନ୍ ପ୍ରତିହତ କରାଯାଇଛି। ତଥାପି, ଅନେକ ଡ୍ରୋନ୍ ଲକ୍ଷ୍ୟଭେଦ କରିବାରେ ସଫଳ ହୋଇଥିଲା। ମସ୍କୋ ଅଞ୍ଚଳରେ ଏକ ଡ୍ରୋନ୍ ଆକ୍ରମଣରେ ଜଣେ ୮୩ ବର୍ଷ ବୃଦ୍ଧଙ୍କର ମୃତ୍ୟୁ ଘଟିବା ସହ ରୁଷିଆର ସବୁଠାରୁ ବଡ଼ ଅନଲାଇନ୍ ରିଟେଲର୍ 'ୱାଇଲ୍ଡବେରିଜ୍'ର ଏକ ଗୋଦାମରେ ଭୀଷଣ ନିଆଁ ଲାଗିଯାଇଥିଲା। ସେହିପରି ରୋଷ୍ଟୋଭ୍ ଅଞ୍ଚଳରେ ୧୫୦ରୁ ଅଧିକ ଡ୍ରୋନ୍ ଆକ୍ରମଣରେ ଆଉ ୫ ଜଣଙ୍କୁ ଜୀବନ ହରାଇବାକୁ ପଡ଼ିଛି। ପ୍ରତିଶୋଧମୂଳକ ପଦକ୍ଷେପ ସ୍ୱରୂପ ରୁଷିଆ ପକ୍ଷରୁ ୟୁକ୍ରେନର ବିଭିନ୍ନ ସହର ଉପରେ ମିସାଇଲ୍ ଏବଂ ଡ୍ରୋନ ବର୍ଷା କରାଯାଇଛି। ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍ସିଙ୍କ ଜନ୍ମସ୍ଥାନ କ୍ରିଭି ରିହରେ ଅବସ୍ଥିତ ଆର୍ସେଲର ମିତ୍ତଲ କାରଖାନା ବ୍ୟତୀତ କିଭ୍ ସହରର ଏକ ବଡ଼ ବହି ବଜାର ମଧ୍ୟ ଅଗ୍ନିକାଣ୍ଡର ଶିକାର ହୋଇଛି। ଜେଲେନ୍ସିଙ୍କ କହିବାନୁଯାୟୀ, ଗତ ଗୋଟିଏ ସପ୍ତାହ ମଧ୍ୟରେ ୟୁକ୍ରେନର ବିଭିନ୍ନ ସହର ଉପରେ ୧, ୫୫୦ରୁ ଅଧିକ ଆକ୍ରମଣାତ୍ମକ ଡ୍ରୋନ ଏବଂ ୬୨ଟି ମିସାଇଲ୍ ମାଡ କରାଯାଇଛି।

# ଏୟାର ଇଣ୍ଡିଆର ଆଉ ଦୁଇ ପାଇଲଟ୍ ଡ୍ରଗ୍ସ ପରୀକ୍ଷାରେ ବିଫଳ

ନୂଆଦିଲ୍ଲୀ, ୧୭।୮(ଏଜେନ୍ସି): ଫୁକେଟ୍-ଦିଲ୍ଲୀ ବିମାନ ଦୁର୍ଘଟଣା ପରେ ଏୟାର ଇଣ୍ଡିଆ କର୍ତ୍ତୃପକ୍ଷଙ୍କ ଦ୍ୱାରା ନିର୍ଦ୍ଦେଶିତ କରାଯାଇଥିବା ପ୍ରାଥମିକ ଡ୍ରଗ୍ସ ପରୀକ୍ଷାରେ ଆଉ ଦୁଇଜଣ ପାଇଲଟ୍ ବିଫଳ ହୋଇଛନ୍ତି। ଚୂଡ଼ାନ୍ତ ପରୀକ୍ଷା ଫଳାଫଳକୁ ଅପେକ୍ଷା କରାଯାଇଥିବାବେଳେ ସେମାନଙ୍କୁ ସାମୟିକ ଭାବେ କାର୍ଯ୍ୟରୁ ନିବୃତ୍ତ (ଡେରୋଷ୍ଟର) କରାଯାଇଛି। ପୂର୍ବରୁ ଫୁକେଟ୍‌ରୁ ଦିଲ୍ଲୀ ଆସୁଥିବା ଏକ ବିମାନରେ ମାର୍ଜୁଆନା (ଗଞ୍ଜେଇ ମିଶ୍ରିତ ପଦାର୍ଥ) ସେବନ କରିଥିବା ଅଭିଯୋଗ ଆସିବା ପରେ ଟାଟା ପରିଚାଳିତ ଏୟାର ଇଣ୍ଡିଆ ସମସ୍ତ ପାଇଲଟ୍‌ଙ୍କ ପାଇଁ ନୂତନ ମାନକ ପ୍ରଚାଳନ ପ୍ରଣାଳୀ ଅଧୀନରେ ଡ୍ରଗ୍ସ ପରୀକ୍ଷା ବାଧ୍ୟତାମୂଳକ କରିଥିଲା। ଏପର୍ଯ୍ୟନ୍ତ ୩୦୦ରୁ ଅଧିକ ପାଇଲଟ୍ ଏହି ପରୀକ୍ଷା ପ୍ରକ୍ରିୟା ଦେଇ ଗତି କରିଛନ୍ତି। ଚୂଡ଼ାନ୍ତ ଫଳାଫଳ ଆସିବା ପାଇଁ ସାଧାରଣତଃ ୨୪ ରୁ ୪୮ ଘଣ୍ଟା ସମୟ ଲାଗିଥାଏ ବୋଲି ସୂତ୍ରରୁ ପ୍ରକାଶ। ଉଲ୍ଲେଖଯୋଗ୍ୟ ଯେ, ପୂର୍ବରୁ ଯେଉଁ ଘଟଣାକୁ ନେଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା, ସେଥିରେ ଏୟାରବସ୍ ଏ-୩୨୦ ନିଓ ବିମାନଟି ହଠାତ୍ ଆକାଶରେ ୩୦୦ ଫୁଟ୍ ତଳକୁ ଖସି ପଡ଼ିଥିଲା। ବିମାନର ହାଇଡ୍ରୋଲିକ୍ ସିଷ୍ଟମରେ ତ୍ରୁଟି ଯୋଗୁଁ ଏଭଳି ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି କ୍ରମାଗତ ବିମାନ ସୁରକ୍ଷା ତ୍ରୁଟି ଏବଂ ଡ୍ରଗ୍ସ ପରୀକ୍ଷାରେ ପାଇଲଟ୍‌ମାନେ ଧରାପଡ଼ିବା ବିମାନ ଚଳାଚଳ କ୍ଷେତ୍ରରେ ଏକ ବଡ଼ ଚିନ୍ତାର ବିଷୟ ପାଲଟିଛି। ଯାତ୍ରୀମାନଙ୍କ ଜୀବନ ସୁରକ୍ଷାକୁ ପ୍ରାଥମିକତା ଦେଇ ବିମାନ କର୍ତ୍ତୃପକ୍ଷ ଆଗାମୀ ଦିନରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରସ୍ତୁତ ହେଉଛନ୍ତି।



# ସରିଲା ଆମେରିକା-ଇରାନ ଯୁଦ୍ଧବିରତି ଅବଧି


ନୂଆଦିଲ୍ଲୀ, ୧୭।୮(ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବନ୍ଦ କରିବା ପାଇଁ ହୋଇଥିବା ବୁଝାମଣାପତ୍ର (ଏମ୍ଓୟୁ) ସୋମବାର ଶେଷ ହେବାକୁ ଯାଉଛି। ଉଭୟ ପକ୍ଷରୁ ଏହି ଚୁକ୍ତିକୁ ବଢ଼ାଇବା ନେଇ କୌଣସି ସ୍ପଷ୍ଟ ସଙ୍କେତ ମିଳି ନାହିଁ। ଗତ ଜୁନ୍ ୧୭ ତାରିଖରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇରାନ ରାଷ୍ଟ୍ରପତି ମାସୁଦ ପେଜେସ୍କିଆନ୍ ଏହି ୧୪ ଦଫା ବିଶିଷ୍ଟ ବୁଝାମଣା ସ୍ୱାକ୍ଷର କରିଥିଲେ, ଯାହା ଅଧୀନରେ ୬୦ ଦିନ ଭିତରେ ଏକ ଚୂଡାନ୍ତ ଚୁକ୍ତି ହେବାର ଥିଲା। ଆମେରିକା-ଇରାନ ମଧ୍ୟରେ ହୋଇଥିବା ଯୁଦ୍ଧବିରତି ବୁଝାମଣାର ୬୦ ଦିନିଆ ସମୟସୀମା ଆଜି ଶେଷ ହେଉଛି। ଉଭୟ ଦେଶ ପରସ୍ପର ଉପରେ ଚୁକ୍ତି ଲଙ୍ଘନ କରିଥିବା ଅଭିଯୋଗ ଆଣିଛନ୍ତି ଏବଂ ଆମେରିକାର ସାମରିକ ଆକ୍ରମଣ ପରେ ଇରାନ ମଧ୍ୟ ନିଜର ପ୍ରତିବଦ୍ଧତା ସ୍ଥଗିତ ରଖିଛି। ହର୍ମୁଜ ପ୍ରଣାଳୀରେ ଜାହାଜଗୁଡ଼ିକର ସୁରକ୍ଷିତ ଯାତାୟାତ ପାଇଁ ଇରାନ ଏବଂ ଓମାନ ମଧ୍ୟରେ ଆଲୋଚନା ଚାଲିଥିବାବେଳେ ଟ୍ରମ୍ପ ଏହି ଜଳପଥ ଉପରେ ଆମେରିକାର ଅଧିକାର ରହିବ



ବୋଲି ଘୋଷଣା କରିଛନ୍ତି। ଚୁକ୍ତି ଅନୁଯାୟୀ, ଉଭୟ ଦେଶ ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବା ଏବଂ ଲେବାନନରେ ଶାନ୍ତି ରକ୍ଷା କରିବା କଥା ଥିଲା। କିନ୍ତୁ ଚୁକ୍ତି ସ୍ୱାକ୍ଷର ହେବାର ମାତ୍ର କିଛିଦିନ ଭିତରେ ଉଭୟ ଦେଶ ପରସ୍ପର ବିରୋଧୀ ଅଭିଯୋଗ ଆଣିଥିଲେ। ଇରାନର ବୈଦେଶିକ ମନ୍ତ୍ରୀ ସେୟଦ ଅବ୍ବାସ ଆରାଘଚି କହିଛନ୍ତି ଯେ ଆମେରିକା ସହ ସିଧାସଳଖ ଆଲୋଚନା ପୁନଃଆରମ୍ଭ କରିବା ନେଇ ଇରାନ କୌଣସି ନିଷ୍ପତ୍ତି ନେଇ ନାହିଁ ଏବଂ ଆମେରିକା ଏହି ଚୁକ୍ତିକୁ ଭଙ୍ଗ କରିଛି। ଅନ୍ୟପକ୍ଷରେ, ଆମେରିକା ଇରାନ ଉପରେ ଆର୍ଥିକ ଚାପ ସୃଷ୍ଟି ଜାରି ରଖିଛି। ଇରାନ ମୁଖ୍ୟ ଆଲୋଚକ ମହମ୍ମଦ ବାଘର ଗାଲିବାଫ୍ ଦାବି କରିଛନ୍ତି ଯେ ଆମେରିକା ଏବଂ ଇସ୍ରାଏଲ୍ ସେମାନଙ୍କର କୌଣସି ଉଦ୍ଦେଶ୍ୟରେ ସଫଳ ହୋଇନାହାଁନ୍ତି ଏବଂ ଏହି ଯୁଦ୍ଧରେ ଇରାନ ବିଜୟୀ ହୋଇଛି। ବୁଝାମଣା ଶେଷ ହେବା ଏବଂ କୌଣସି ସ୍ଥାୟୀ ସମାଧାନ ନ ବାହାରିବାରୁ ଆଗାମୀ ଦିନରେ ମଧ୍ୟପ୍ରାଚ୍ୟରେ ପୁଣିଥରେ ଯୁଦ୍ଧର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ବୃଦ୍ଧି ପାଇଛି।

# ପାକ୍ ଟିକ୍‌ଟକ୍ ତାରକାଙ୍କୁ ହତ୍ୟା

ତକ୍ଷଶୀଳା, ୧୭।୮(ଏଜେନ୍ସି): ପାକିସ୍ତାନର ତକ୍ଷଶୀଳାରେ ଦୁଇ ଅଜଣା ବନ୍ଧୁକଧାରୀଙ୍କ ଗୁଳିମାଡ଼ରେ ଟିକଟକ ତାରକା ଶାମସୁ ବିବିଙ୍କ ମୃତ୍ୟୁ ହୋଇଛି। ଆୟେଶା ଗିଲାମାନା ନାମରେ ପରିଚିତ ଏହି ଯୁବତୀଙ୍କ ସହ ଗାଡ଼ିରେ ଥିବା ତାଙ୍କ ୧୫ ବର୍ଷୀୟ ଭଉଣୀ ଆସିମା ଗୁରୁତର ଆହତ ହୋଇଛନ୍ତି। ଅଗଷ୍ଟ ୧୪ରେ ଦୁଇ ଜଣ ଆକ୍ରମଣକାରୀ ମୋଟରସାଇକେଲରେ ଆସି ଏକ ପେଟ୍ରୋଲ ପମ୍ପ ନିକଟରେ ତାଙ୍କ ଗାଡ଼ି ଉପରକୁ ଗୁଳି ଚଳାଇଥିଲେ। ଗୁଳି ଶାମସୁଙ୍କ ବେକରେ ବାଜିବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା। ଗୁଳିମାଡ଼ ପରେ ଗାଡ଼ିଟି ନିୟନ୍ତ୍ରଣ ହରାଇ ଅନ୍ୟ ଏକ ଗାଡ଼ିକୁ ଧକ୍କା ଦେବାରୁ ଆସିମା ଆହତ ହୋଇଥିଲେ। ଶାମସୁଙ୍କ ପରିବାର ଅଭିଯୋଗ କରିଛି ଯେ, ତାଙ୍କର ପ୍ରାୟ ୧୩ ଲକ୍ଷ ଅନୁଗାମୀ ଥିଲେ ଏବଂ ସେ ପ୍ରାୟ ୩ରୁ ୪ ବର୍ଷ ଧରି ଟିକଟକରେ ଭିଡିଓ କରୁଥିଲେ। ମୃତ୍ୟୁ ପୂର୍ବରୁ ତାଙ୍କୁ ଅର୍ଥ ନେଣଦେଣକୁ ନେଇ କେତେକ ବ୍ୟକ୍ତିଙ୍କ ପକ୍ଷରୁ ଧମକ ମିଳିଥିବା ମଧ୍ୟ ପରିବାର ପକ୍ଷରୁ କୁହାଯାଇଛି। ପୁଲିସ ନାମ ଉଲ୍ଲେଖ ହୋଇଥିବା ସନ୍ଦିଗ୍ଧଙ୍କ ସମେତ ଦୁଇ ଅଜଣା ଆକ୍ରମଣକାରୀଙ୍କ ବିରୋଧରେ ହତ୍ୟା, ହତ୍ୟା ଉଦ୍ୟମ ଓ ଅପରାଧରେ ସହଯୋଗ ସମ୍ପର୍କିତ ଧାରାରେ ମାମଲା ରୁଜୁ କରିଛି। ଲୋକପ୍ରିୟ ଟିକଟକ ତାରକାଙ୍କ ହତ୍ୟା ଘଟଣାରେ ପୁଲିସ ତଦନ୍ତ ଆରମ୍ଭ କରିଥିବାବେଳେ ଆକ୍ରମଣକାରୀଙ୍କ ପରିଚୟ ଓ ହତ୍ୟା ପଛର ପ୍ରକୃତ କାରଣ ଏବେ ବି ଅସ୍ପଷ୍ଟ ରହିଛି।



# ମଧ୍ୟସ୍ଥତା ପାଇଁ ଇରାକୀ ନେତା ନେଚିର୍ଭାନ ବାରଜାନୀଙ୍କ ସହାୟତା ନେଇଥିଲେ ଟ୍ରମ୍ପ

ୱାସିଂଟନ, ୧୭।୮(ଏଜେନ୍ସି): ଆମେରିକାର ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଏବଂ ଇରାନ ମଧ୍ୟରେ ସିଧାସଳଖ ଆଲୋଚନା ସମୟରେ ତେହେରାନର ପ୍ରକୃତ ସ୍ଥିତି ଜାଣିବା ନେଇ ସମସ୍ୟା ଉପୁଜିଥିଲା। ଏହି ଦ୍ୱନ୍ଦ୍ୱ ଦୂର କରିବା ପାଇଁ ଆମେରିକା ଗୁଇନ୍ଦା ମୁଖ୍ୟ ତୁଲସୀ ଗାବାର୍ଡ ଇରାକର କୁର୍ଦ୍ଦିସ୍ତାନ ଅଞ୍ଚଳର ପ୍ରେସିଡେଣ୍ଟ ନେଚିର୍ଭାନ ବାରଜାନୀଙ୍କ ସହ ଏକ ଗୁପ୍ତ ଯୋଗାଯୋଗ ସ୍ଥାପନ କରିଥିଲେ। ପ୍ରକାଶିତ ରିପୋର୍ଟ ଅନୁଯାୟୀ, ଇରାନର ସଂସଦ ସ୍ପିକର ମହମ୍ମଦ ବାଘର ଘାଲିବାଫ୍ ଏବଂ ବୈଦେଶିକ ମନ୍ତ୍ରୀ ଅବାସ ଆରାଘଚି ପ୍ରକୃତରେ ସେନା ବା ଇସ୍ଲାମିକ୍ ରେଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆରଜିସି) ପକ୍ଷରୁ କଥା ହେଉଛନ୍ତି କି ନାହିଁ, ତାହା ଯାଞ୍ଚ କରିବା ପାଇଁ ଆମେରିକା ଚାହୁଁଥିଲା। ପାର୍ସୀ ଭାଷାରେ ଦକ୍ଷ ଏବଂ ଇରାନର ଶୀର୍ଷ ନେତୃତ୍ୱଙ୍କ ସହ ଭଲ ସମ୍ପର୍କ ରଖିଥିବା ବାରଜାନୀ ଏହି କାର୍ଯ୍ୟ ପାଇଁ ସବୁଠାରୁ ଉପଯୁକ୍ତ ବୋଲି ବିବେଚନା କରାଯାଇଥିଲା। ମେ' ମାସରେ ତୁଲସୀ ଗାବାର୍ଡ ବାରଜାନୀଙ୍କ ସହ ଯୋଗାଯୋଗ କରି ଆଇଆରଜିସି କମାଣ୍ଡର ଜେନେରାଲ ଅହମ୍ମଦ ଭାହିଦିଙ୍କ ସହ କଥା ହେବାରେ ସହଯୋଗ ମାଗିଥିଲେ। ବାରଜାନୀ ଏଥିରେ ରାଜି ହୋଇ ଇରାନ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଥିଲେ ଏବଂ ଏକ ଏନକ୍ରିପ୍‌ଟେଡ୍ ଫୋନ୍ ମାଧ୍ୟମରେ ଭାହିଦିଙ୍କ ସହ ଆମେରିକାର ବାର୍ତ୍ତା ଆଦାନପ୍ରଦାନ କରିଥିଲେ। ଭାହିଦି ଆମେରିକାକୁ ସ୍ପଷ୍ଟ କରିଥିଲେ ଯେ ସେମାନେ ଆଲୋଚନା ମାଧ୍ୟମରେ ସଙ୍କଟର ସମାଧାନ ଚାହାଁନ୍ତି। ତେବେ ପରବର୍ତ୍ତୀ ସମୟରେ ଇରାନର ସୁରକ୍ଷାଗତ ଚିନ୍ତା ଯୋଗୁଁ ଆମେରିକା ଏବଂ ଇରାନ ମଧ୍ୟରେ ହେବାକୁ ଥିବା ଗୁପ୍ତ ବୈଠକ ସମ୍ଭବ ହୋଇପାରି ନଥିଲା। ଏହି ଘଟଣା ପ୍ରମାଣ କରୁଛି ଯେ ଟ୍ରମ୍ପ ପ୍ରଶାସନ ପାଇଁ ଇରାନର ନେତୃମଣ୍ଡଳୀଙ୍କୁ ଚିହ୍ନିବା ଏବଂ ସେମାନଙ୍କ ସହ ଯୋଗାଯୋଗ ରଖିବା କେତେ ଜଟିଳ ଅଟେ।



# ସୁପ୍ରିମକୋର୍ଟରେ ମିଳିଲା ରାହୁଲ ଗାନ୍ଧୀଙ୍କୁ ଆଶ୍ୱସ୍ତି


ନୂଆଦିଲ୍ଲୀ, ୧୭।୮(ଏଜେନ୍ସି): କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ ଏକ ବଡ଼ ଆଶ୍ୱସ୍ତି ପ୍ରଦାନ କରି ସୁପ୍ରିମକୋର୍ଟ ସୋମବାର ଦିନ ଆହ୍ଲାବାଦ ହାଇକୋର୍ଟଙ୍କ କାର୍ଯ୍ୟାନୁଷ୍ଠାନ ଉପରେ ରୋକ୍ ଲଗାଇଛନ୍ତି। ରାହୁଲ ଗାନ୍ଧୀଙ୍କ ପାଖରେ ଆୟ ବହିର୍ଭୂତ ସମ୍ପତ୍ତି ଥିବା ଅଭିଯୋଗ ନେଇ ହାଇକୋର୍ଟରେ ଚାଲିଥିବା ମାମଲାର ଶୁଣାଣିକୁ ଆଗକୁ ନ ବଢ଼ାଇବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ ସିବିଆଇ ଏବଂ ଇଡ଼ି କୌଣସି ରିପୋର୍ଟ ଦାଖଲ ନ କରିବାକୁ କୋର୍ଟ ବାରଣ କରିଛନ୍ତି। ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ ଏବଂ ଅନ୍ୟାନ୍ୟ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଆବେଦନକାରୀ ଏସ ଭିଗ୍ନେଶ ଶିଶିର, ସିବିଆଇ ଏବଂ ଇଡ଼ିକୁ ନୋଟିସ୍ ଜାରି କରିଛନ୍ତି। ରାହୁଲ ଗାନ୍ଧୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କପିଲ ସିବଲ ହାଜିର ହୋଇ ଏହି ମାମଲାକୁ ଏକ 'ରାଜନୈତିକ ପ୍ରତିଶୋଧ ଏବଂ ଗୁଇନ୍ଦା ବିଭାଗର ଅପବ୍ୟବହାର' ବୋଲି ଦର୍ଶାଇଥିଲେ। ଶୁଣାଣି ସମୟରେ ସୁପ୍ରିମକୋର୍ଟ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାଗୁଡ଼ିକୁ ମଧ୍ୟ ପ୍ରଶ୍ନ କରିଛନ୍ତି। ଯଦି ଅଭିଯୋଗ ଏତେ ଗମ୍ଭୀର ଥିଲା, ତେବେ ତଦନ୍ତକାରୀ ସଂସ୍ଥାଗୁଡ଼ିକ ପୂର୍ବରୁ ନିଜଆଡୁ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ନାହିଁ ଏବଂ କୋର୍ଟଙ୍କ ନିର୍ଦ୍ଦେଶକୁ ଅପେକ୍ଷା କଲେ ବୋଲି ବିଚାରପତି ଜୟମାଲ୍ୟ ବାଗଚୀ ପ୍ରଶ୍ନ କରିଛନ୍ତି। ଆହ୍ଲାବାଦ ହାଇକୋର୍ଟର ଲକ୍ଷ୍ନୌ ବେଞ୍ଚ ପୂର୍ବରୁ ଏହି ମାମଲାରେ ସିବିଆଇଠାରୁ ରିପୋର୍ଟ ତଲବ କରିଥିଲେ, ଯାହାକୁ ବର୍ତ୍ତମାନ ସୁପ୍ରିମକୋର୍ଟ ସ୍ଥଗିତ ରଖିଛନ୍ତି।

**ଆହ୍ଲାବାଦ ହାଇକୋର୍ଟଙ୍କ କାର୍ଯ୍ୟାନୁଷ୍ଠାନ ଉପରେ ସୁପ୍ରିମକୋର୍ଟଙ୍କ ରୋକ୍**



## ଅନ୍-ଲାଇନରେ ଜନ୍ମ ନେଲା ଆଉ ଏକ ପାର୍ଟି

# 'କକ୍ରୋଚ୍' ପରେ ଦିମାଗୀ ନକ୍ସଲ ଜନତା ପାର୍ଟି




ନୂଆଦିଲ୍ଲୀ, ୧୭।୮(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱାଧୀନତା ଦିବସ ଅଭିଭାଷଣରେ ବ୍ୟବହୃତ ଏକ ଶବ୍ଦ ଏବେ ଭାରତୀୟ ସାମାଜିକ ଗଣମାଧ୍ୟମରେ ଝଡ଼ ସୃଷ୍ଟି କରିଛି। ଲାଲକିଲ୍ଲାରୁ ପ୍ରଧାନମନ୍ତ୍ରୀ ନିଜ ଅଭିଭାଷଣରେ 'ଦିମାଗୀ ନକ୍ସଲ' ଆଖ୍ୟା ବ୍ୟବହାର କରିଥିଲେ। ଏହାକୁ ନେଇ ରାଜନୈତିକ ବିତର୍କ ସୃଷ୍ଟି ହେବା ସହ କକ୍ରୋଚ ଜନତା ପାର୍ଟି ଭଳି ନୂଆ ଭର୍ଚୁଆଲ ଦଳ ସୃଷ୍ଟି ହୋଇଛି। ଯୁବପିଢ଼ି ଏହି ଆଖ୍ୟାକୁ ସମ୍ମାନ ଭାବେ ଗ୍ରହଣ କରିଥିବା ଦେଖିବାକୁ ମିଳୁଛି। ଅଗଷ୍ଟ ୧୫ରେ ଦେଶକୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଦେଶର ଜଙ୍ଗଲରୁ ସଶସ୍ତ୍ର ନକ୍ସଲମାନଙ୍କୁ ସମାପ୍ତ କରିବାରେ ସରକାର ସଫଳ ହୋଇଛନ୍ତି। କିନ୍ତୁ ଏବେ 'ଦିମାଗୀ ନକ୍ସଲ' ବା ବୌଦ୍ଧିକ ନକ୍ସଲମାନେ ସକ୍ରିୟ ରହି ଯୁବପିଢ଼ିଙ୍କୁ ବିଭ୍ରାନ୍ତ କରୁଛନ୍ତି। ପ୍ରଧାନମନ୍ତ୍ରୀ ଏହିପରି ଲୋକଙ୍କୁ ଚିହ୍ନଟ କରି ସେମାନଙ୍କୁ ସମାଜରୁ ପୃଥକ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଭାଷଣର ମାତ୍ର କିଛି ଘଣ୍ଟା ମଧ୍ୟରେ ଇନଷ୍ଟାଗ୍ରାମରେ 'ଦିମାଗୀ ନକ୍ସଲ ପାର୍ଟି' ନାମକ ଏକ ଆକାଉଣ୍ଟ ଖୋଲାଯାଇଥିଲା। ଆଶ୍ଚର୍ଯ୍ୟଜନକ ଭାବେ ଏହି ପେଜ୍ ମାତ୍ର ୨୪ ଘଣ୍ଟା ମଧ୍ୟରେ ୧.୬ ଲକ୍ଷରୁ ଅଧିକ ଫଲୋଅର୍ସ ହାସଲ କରିଥିଲା। ବର୍ତ୍ତମାନ ଏହି ସଂଖ୍ୟା ୨.୫ ଲକ୍ଷ ଅତିକ୍ରମ କରିଛି। ଏହି ପେଜ୍‌ର ବାୟୋରେ 'ଚିନ୍ତା କର, ଗବେଷଣା କର ଏବଂ ପ୍ରତିରୋଧ କର' ବୋଲି ସ୍ଲୋଗାନ ଦିଆଯାଇଛି। ଏହାର ପ୍ରତିଷ୍ଠାତାଙ୍କ କୌଣସି ସ୍ପଷ୍ଟ ପରିଚୟ ମିଳିନାହିଁ। କିନ୍ତୁ ପ୍ରତିଷ୍ଠାତା 'ଜଣେ ଦିମାଗୀ ଭାରତୀୟ' ଏବଂ ସହ-ପ୍ରତିଷ୍ଠାତା '୫୬ ଇଞ୍ଚ କା' ନାମ ଉଲ୍ଲେଖ କରାଯାଇଛି।

ସେପଟେ ପ୍ରଧାନମନ୍ତ୍ରୀଙ୍କ ଏହି ମନ୍ତବ୍ୟକୁ ନେଇ ବିରୋଧୀ ଦଳଗୁଡ଼ିକ ତୀବ୍ର ସମାଲୋଚନା କରିଛନ୍ତି। କଂଗ୍ରେସ ନେତା ପି. ଚିଦାମ୍ବରମ ଏକ୍ସ'ରେ ଲେଖିଛନ୍ତି ଯେ, 'ମୁଁ ଜଣେ ଦିମାଗୀ ନକ୍ସଲ ହୋଇଥିବାରୁ ଗର୍ବିତ'। ଅନ୍ୟପକ୍ଷରେ କେନ୍ଦ୍ର ମନ୍ତ୍ରୀ କିରନ ରିଜିଜୁ ସ୍ପଷ୍ଟ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ବିରୋଧୀ ନେତାଙ୍କ ଉଦ୍ଦେଶ୍ୟରେ ଏପରି କହିନାହାନ୍ତି। ସେ ଏନେଇ ସାମାଜିକ ଗଣମାଧ୍ୟମ ଏକ୍ସରେ ସ୍ପଷ୍ଟୀକରଣ ରଖିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଭାଷଣର ବ୍ୟାଖ୍ୟା କରି ୩ ପ୍ରକାର ଲୋକଙ୍କ ଉଦ୍ଦେଶ୍ୟରେ ଏପରି ଶବ୍ଦ ପ୍ରୟୋଗ ହୋଇଥିବା ସେ କହିଛନ୍ତି। ଯେପରିକି ଯେଉଁମାନେ ମାଓବାଦୀଙ୍କୁ ସମର୍ଥନ କରନ୍ତି ଏବଂ ଭାରତୀୟ ସମ୍ବିଧାନକୁ ପ୍ରତ୍ୟାଖ୍ୟାନ କରନ୍ତି, ଯେଉଁମାନେ ବିଚ୍ଛିନ୍ନତାବାଦୀଙ୍କୁ ଏବଂ ଧାରା ୩୭୦କୁ ସମର୍ଥନ କରନ୍ତି ଏବଂ ଯେଉଁମାନେ ଉତ୍ତର-ପୂର୍ବକୁ ଭାରତକୁ ଅଲଗା କରିବା ଉଦ୍ଦେଶ୍ୟରେ ସିଲିଗୁଡ଼ି କରିଡରକୁ ଭାରତର ମୂଳ ଭୂଖଣ୍ଡକୁ କାଟି ଅଲଗା କରିବାକୁ ଚାହାନ୍ତି କେବଳ ସେହିମାନଙ୍କ ପାଇଁ ଦିମାଗୀ ନକ୍ସଲ ଆଖ୍ୟା ପ୍ରଯୁଜ୍ୟ।

# ୫୦ ଜଣଙ୍କୁ ବିଦା କଲା ଏନ୍‌ଟିଏ

ନୂଆଦିଲ୍ଲୀ, ୧୭।୮(ଏଜେନ୍ସି): ଦେଶର ବିଭିନ୍ନ ପ୍ରତିଷ୍ଠିତ ପ୍ରବେଶିକା ପରୀକ୍ଷା ପରିଚାଳନାରେ ବାରମ୍ବାର ଗୁରୁତର ତ୍ରୁଟି ଏବଂ ଅନିୟମିତତା ଦେଖା ଦେଉଛି। ଏହାକୁ ନେଇ ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ) ସମାଲୋଚନାର ଶିକାର ହୋଇଛି। ଏପରିକି ସିଜେପି ଦଳ ସୃଷ୍ଟି ହେବାସହ ଶିକ୍ଷା କ୍ଷେତ୍ରରେ ସୁଧାର ନେଇ ଦେଶରେ ଦାବି ଉଠିବାରେ ଲାଗିଛି। ଏହାପରେ ଏହି ସଂସ୍ଥାରେ ବଡ଼ ଧରଣର ସଂସ୍କାର ପାଇଁ ସରକାର ବାଧ ହୋଇଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ପରୀକ୍ଷା ପରିଚାଳନା ବ୍ୟବସ୍ଥାରେ ସ୍ୱଚ୍ଛତା ଓ ନିରାପତ୍ତା ବଜାୟ ରଖିବା ପାଇଁ ଏନ୍‌ଟିଏର ସମ୍ପୂର୍ଣ୍ଣ ପୁନର୍ଗଠନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକ୍ରିୟାରେ ଏନ୍‌ଟିଏରୁ ୫୦ରୁ ଅଧିକ କର୍ମଚାରୀଙ୍କୁ ବହିଷ୍କୃତ କରାଯାଇଥିବା ଜଣାପଡ଼ିଛି। ଏଜେନ୍ସିର ବୈଷୟିକ ଏବଂ ନିରାପତ୍ତା ଦକ୍ଷତା ବୃଦ୍ଧି କରିବା ପାଇଁ ୧୦ଟି ନୂତନ ବୃତ୍ତିଗତ ନେତୃତ୍ୱ ପଦବୀ ସୃଷ୍ଟି କରାଯାଇଛି। ଏଥିରେ ଚିଫ୍ ଟେକ୍ନୋଲୋଜି ଅଫିସର (ସିଟିଓ), ଚିଫ୍ ଫାଇନାନ୍ସ ଅଫିସର (ସିଏଫ୍ଓ), ଚିଫ୍ ଇନଫର୍ମେସନ୍ ସିକ୍ୟୁରିଟି ଅଫିସର (ସିଆଇଏସ୍ଓ) ଏବଂ ପରୀକ୍ଷା ନିରାପତ୍ତା ତଥା ଗବେଷଣା ପାଇଁ ଜେନେରାଲ ମ୍ୟାନେଜର ପଦବୀ ସାମିଲ ଅଛି। ଏପରିକି ସାଇବର ସୁରକ୍ଷା ଏବଂ ପ୍ରଶ୍ନପତ୍ର ପ୍ରସ୍ତୁତି ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ବେସରକାରୀ କ୍ଷେତ୍ରରୁ ବିଶେଷଜ୍ଞମାନଙ୍କୁ ନିଯୁକ୍ତି ଦିଆଯାଉଛି। ଶିକ୍ଷା ମନ୍ତ୍ରୀ ପ୍ରହ୍ଲାଦ ଯୋଶୀ ଏକ ସମୀକ୍ଷା ବୈଠକରେ ପରୀକ୍ଷାର ଗୋପନୀୟ କାର୍ଯ୍ୟକଳାପ (ସିଓଏନ୍ଓପିଏସ୍) ବ୍ୟବସ୍ଥାରେ ସମ୍ପୂର୍ଣ୍ଣ ପରିବର୍ତ୍ତନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପରୀକ୍ଷା ପରିଚାଳନା ବ୍ୟବସ୍ଥା ଓ ନିୟମଗୁଡ଼ିକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ସେ କହିଛନ୍ତି। ଏହା ସହିତ, ଏନ୍‌ଟିଏକୁ ସମସ୍ତ ପରୀକ୍ଷା ପ୍ରକ୍ରିୟାର ଏକ ବିସ୍ତୃତ ଅଡିଟ୍ କରିବାକୁ କୁହାଯାଇଛି।

# ବନ୍ୟାଞ୍ଚଳରେ ଦୁଇ ବିଧାୟିକାଙ୍କୁ ଦୁର୍ବ୍ୟବହାର





ଦଶରଥପୁର,୧୭।୮ (ସମିସ): ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଯାଜପୁର ବନ୍ୟାଞ୍ଚଳ ଗସ୍ତ ସମୟରେ ଆଜି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇଛି। ମୁଖ୍ୟମନ୍ତ୍ରୀ ସାଥୀରେ ଯିବାକୁ ଡାକିଥିବା ସ୍ଥାନୀୟ ଦୁଇ ବିଧାୟିକାଙ୍କୁ ଅପମାନିତ କରାଯିବ ସହ ବିଜେପି କର୍ମୀମାନେ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ବିଜେଡି ତରଫରୁ ଧାରଣା ଦିଆଯିବା ସହ ବିଜେପି ସମର୍ଥକଙ୍କ ନାଁରେ ଥାନାରେ ଅଭିଯୋଗ କରାଯାଇଛି।

ମୁଖ୍ୟମନ୍ତ୍ରୀଙ୍କ ଦଶରଥପୁର ବ୍ଲକ ବନ୍ୟାଞ୍ଚଳ ପରିଦର୍ଶନ ସମୟରେ ଉପସ୍ଥିତ ରହିବାକୁ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଯାଜପୁର ବିଧାୟିକା ସୁଜାତା ସାହୁ ଏବଂ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକଙ୍କୁ ଅନୁରୋଧ କରିଥିଲେ। ସେହି ଅନୁଯାୟୀ ଉଭୟ ବିଧାୟିକା ମୁଖ୍ୟମନ୍ତ୍ରୀଙ୍କୁ ତରପଦା ପଞ୍ଚାୟତର ପତିରି ଛକ ନିକଟରେ ଅପେକ୍ଷା କରିଥିଲେ। ସେଠାରୁ ବୋଟ ଯୋଗେ ବନ୍ୟାଞ୍ଚଳକୁ ମୁଖ୍ୟମନ୍ତ୍ରୀଙ୍କ ସହିତ ଯିବାର ଥିଲା। କିନ୍ତୁ ପୂର୍ବରୁ ନିୟୋଜିତ ଥିବା ସମସ୍ତ ୪ଟି ବୋଟରେ ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟାନ୍ୟ ମନ୍ତ୍ରୀ ଓ ବିଜେପି କର୍ମୀମାନେ ଅକ୍ତିଆର କରି ନେଇଥିଲେ। ଯାଜପୁର ବିଧାୟିକା ଓ ବିଞ୍ଝାରପୁର ବିଧାୟିକା ବୋଟ୍‌ରେ ବସିବାକୁ ଯିବାକୁ ଚାହିଁବାରୁ ସେଠାରେ ଉପସ୍ଥିତ ଥିବା ବିଜେପି ନେତା ଗୌତମ ରାୟଙ୍କ ଶତାଧିକ ସମର୍ଥକ ଉଭୟ ବିଧାୟିକା ଏବଂ ଦୁଇ ମହିଳା ଜିଲ୍ଲା ପରିଷଦ ସଦସ୍ୟାଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଆକ୍ରମଣ କରିବାକୁ ପଛାଇନଥିଲେ। ଏହାର ପ୍ରତିବାଦ କରି ଉଭୟ ବିଧାୟିକା ଏବଂ ବିଜେଡି ସମର୍ଥକମାନେ ସେଠାରେ ବସି ରହି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବାକୁ ଜିଦ ଧରିଥିଲେ। ଏହି ସମୟରେ ସେଠାରେ ଥିବା କିଛି ବିଜେପି କର୍ମୀ ଉଭୟ ୨ ବିଧାୟିକା ଓ ସେଠାକାର ଦୁଇଜଣ ମହିଳା ଜିଲ୍ଲା ପରିଷଦର ସଭ୍ୟାଙ୍କୁ ଦେଖାଇ ବିଭିନ୍ନ ପ୍ରକାର ନାରାବାଜି କରିବା ସହ ଅଶ୍ଳୀଳ ଇଙ୍ଗିତ କରିଥିଲେ। ଖବର ପାଇ ସେଠାରେ କିଛି ହାତଗଣତି ବିଜେଡି କର୍ମୀ ପହଞ୍ଚିବା ପରେ ଏହାକୁ ନେଇ ଉଭୟ ବିଜେପି ଏବଂ ବିଜେଡି କର୍ମୀଙ୍କ ମଧ୍ୟରେ ପେଲାଠେଲା, ଯୁକ୍ତି ତର୍କ ଲାଗିରହିଥିଲା। ପୁଲିସକୁ ଏହା ନିୟନ୍ତ୍ରଣ କରିବାରେ ନାକେଦମ୍ ହେବାକୁ ପଡ଼ିଥିଲା। ଏହି ଘଟଣାକୁ ନେଇ ୬ ନମ୍ବର ଜିଲ୍ଲା ପରିଷଦ ସଦସ୍ୟା ମାମିନା ମଲ୍ଲିକ ଦଶରଥପୁର ଥାନାରେ ଏତଲା ଦାୟର କରିଛନ୍ତି। ସେ ବିଜେପି ଦଳର କର୍ମୀ ଶକ୍ତି ସୌରଭ ମହାପାତ୍ର(ଚଟି), ସତ୍ୟରଞ୍ଜନ ପାଲ, ବିଜେପି ଜିଲ୍ଲା ସଂପାଦକ ତପନ ନନ୍ଦ, ପୂର୍ବତନ ଜିଲ୍ଲା ସଂପାଦକ ସୁଦିପ୍ତ ପଣ୍ଡା, ଇନ୍ଦ୍ରଜିତ ଦାସ, ଅମିତ କୁମାର ନାୟକ ଏବଂ ସନି ହୋସେନ ପ୍ରମୁଖ ତାଙ୍କୁ ଦୁର୍ବ୍ୟବହାର, ଗାଳିଗୁଲଜ ଓ ଜାତିଆଣ ଆକ୍ଷେପ କରିଥିବା ଅଭିଯୋଗ କରିଛନ୍ତି। ସେହିଭଳି ବଜରାପାଟ ଗ୍ରାମର ବିଜେଡି କର୍ମୀ ଶିଶିର କୁମାର ଧଳ ଆକ୍ରମଣର ଶିକାର ହେବା ସହିତ ତାଙ୍କ ଠାରୁ ସୁନା ଚେନ ବିଜେପି କର୍ମୀ ମାନେ ଲୁଟି ନେଇଥିବା ଅଭିଯୋଗ କରିଛନ୍ତି। ଅନ୍ୟପଟେ ସମସ୍ତ ଅଭିଯୋଗକୁ ବିଜେପି ନେତା ଗୌତମ ରାୟ ଖଣ୍ଡନ କରିଛନ୍ତି।

**● ପ୍ରତିବାଦରେ ବିଜେଡିର ଧାରଣା**
**● ବିଜେପି ସମର୍ଥକଙ୍କ ନାଁରେ ଥାନାରେ ଅଭିଯୋଗ**

# ତୃତୀୟ ଥର ବିପଦ ସଂକେତ ଉପରେ ବୈତରଣୀ; ବଢୁଛି ଦୁର୍ଦ୍ଦଶା



ଆନନ୍ଦପୁର,୧୭।୮ (ସମିସ) : ଚଳିତବର୍ଷ ବୈତରଣୀ ନଦୀ ରେ ତୃତୀୟ ଥର ପାଇଁ ବନ୍ୟାଜଳ ଆଜି ଆନନ୍ଦପୁର ଠାରେ ବିପଦସଂକେତ ଅତିକ୍ରମ କରିଛି। ଫଳରେ ସମଗ୍ର ଆନନ୍ଦପୁର ଉପଖଣ୍ଡରେ କ୍ଷୟକ୍ଷତି ହୋଇଛି। ତିନିସପ୍ତାହ ଧରି ବନ୍ୟା ପରିସ୍ଥିତି ଲାଗିରହିଥିବାରୁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଳସମ୍ପଦ ବିଭାଗ ରିଂ ରୋଡରେ ହୋଇଥିବା ଘାଇ ମରାମତି କରିପାରିନଥିବାରୁ ଆନନ୍ଦପୁର ସହରରେ ତୃତୀୟ ଥର ପାଇଁ ବନ୍ୟା ଜଳ ପଶି ସହର ତଳି ଅଞ୍ଚଳରେ ରହୁଥିବା ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ପରିବାରଙ୍କ ଘରେ ଏବେ ବି ବନ୍ୟାଜଳ ପୂରିରହିଛି। ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ବୈତରଣୀ ନଦୀରେ ଚଳିତ ବର୍ଷର ତୃତୀୟ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି। ଆନନ୍ଦପୁର ରାଜଘାଟଠାରେ ବୈତରଣୀ ଜଳସ୍ତର ବିପଦସଂକେତ ଅତିକ୍ରମ କରି ରାତି ୯ଟା ସୁଦ୍ଧା ଜଳସ୍ତର ୩୯.୧୯୦ ମିଟରରେ ପ୍ରବାହିତ ହେଉଥିବା କେନ୍ଦ୍ରୀୟ ଜଳ ଆୟୋଗ ସୂତ୍ରରୁ ସୂଚନା ମିଳିଛି। ଗତ ଜୁଲାଇ ମାସ ୨୮ ତାରିଖରେ ରିଂରୋଡ୍‌ରେ ଘାଇ ହେବାର ୨୦ ଦିନ ପରେ ବି ମରାମତି ହୋଇ ନ ପାରିବାରୁ ରିଂ ରୋଡ୍‌ରେ ପକାଯାଇଥିବା ବାଲିବସ୍ତା ଦେଇ ପାଣି ସହର ମଧ୍ୟକୁ ପଶିବା ଆରମ୍ଭ କରିଛି। ରାତି ୯ଟା ବେଳକୁ ପାଣି ପ୍ରବଳ ସ୍ରୋତରେ ସହର ମଧ୍ୟକୁ ପଶିଥିଲା। ବୈତରଣୀ ଜଳସ୍ତର ବୃଦ୍ଧି ପାଉଥିବାରୁ ସ୍ଥାନୀୟ ବାସିନ୍ଦା ଭୟଭୀତ ହୋଇପଡ଼ି ଅନ୍ୟତ୍ର ଆଶ୍ରୟ ନେଇଛନ୍ତି।

# ନେତାଙ୍କ ଇଙ୍ଗିତରେ ଘାଇ ମରାମତି ମହଙ୍ଗା ପଡ଼ିଲା; କ୍ଷତିଗ୍ରସ୍ତଙ୍କ ରାସ୍ତା ଅବରୋଧ



ଆନନ୍ଦପୁର,୧୭।୮ (ସମିସ) ଆନନ୍ଦପୁର ରିଂ ରୋଡରେ ହୋଇଥିବା ଘାଇ ମରାମତି ଦାବିରେ କ୍ଷତିଗ୍ରସ୍ତ ପରିବାର ରାଜରାସ୍ତା ଅବରୋଧ କରିଛନ୍ତି। ଧାରଣାରେ ବସି ଏହାର ପ୍ରତିବାଦ କରିଛନ୍ତି। ରାସ୍ତା ରୋକ୍ ଯୋଗୁଁ ଆନନ୍ଦପୁର-କରଞ୍ଜିଆ ରାସ୍ତାରେ ଦୀର୍ଘ ସମୟ ଧରି ଗାଡ଼ି ମୋଟର ଚଳାଚଳ ବ୍ୟାହତ ହୋଇଛି। ଘଟଣାସ୍ଥଳରେ କଂଗ୍ରେସ ନେତା ଜୟଦେବ ଜେନା ପହଞ୍ଚି କ୍ଷତିଗ୍ରସ୍ତଙ୍କୁ ସମବେଦନା ଜଣାଇବା ସହିତ ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଗତ ୨୮ ତାରିଖରେ ବୈତରଣୀ ନଦୀରେ ଆସିଥିବା ବନ୍ୟା ଫଳରେ ଆନନ୍ଦପୁର ରିଙ୍ଗବନ୍ଧରେ ସୃଷ୍ଟି ହୋଇଥିଲା ପ୍ରାୟ ୫୦ ଫୁଟର ଘାଇ। ବିଭାଗୀୟ ଯନ୍ତ୍ରୀ ତଦାରଖ କରି ଘାଇ ମରାମତି କରିବା ପୂର୍ବରୁ ବିଜେପି ନେତାଙ୍କ ଇଙ୍ଗିତରେ ଦଳୀୟ କର୍ମୀମାନେ ଏହି କାମ ଆରମ୍ଭ କରିଦେବାରୁ ଜଳସମ୍ପଦ ବିଭାଗ ମୁହଁ ଫେରାଇ ନେଇଥିଲା। ଦୀର୍ଘ ୨୦ ଦିନ ସମୟ ମିଳିଥିଲେ ମଧ୍ୟ ଘାଇ ମରାମତି ନହେବାରୁ ତୃତୀୟ ଥର ପାଇଁ ବନ୍ୟା ଜଳ ଆନନ୍ଦପୁର ସହର ତଳି ଅଞ୍ଚଳକୁ ପଶିବାରୁ ଦୁର୍ଗତଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ବିଶେଷ କରି ୪ନଂ ୱାର୍ଡ, ୫ନଂ ୱାର୍ଡ ଓ ୬ ନଂୱାର୍ଡର ଲୋକେ ପ୍ରଭାବିତ ହୋଇଛନ୍ତି। ଲୋକେ ଅତିଷ୍ଠ ହୋଇ ଆଜି ରାସ୍ତା ମରାମତି ଦାବିରେ ରାସ୍ତାରୋକ କରିବାକୁ ନିଷ୍ପତ୍ତି ନେଇଥିଲେ। ଅନ୍ୟପକ୍ଷରେ ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କ ଏପରି ବେପରୁଆ ମନୋଭାବକୁ ବନ୍ୟା ବିପନ୍ନ ନିନ୍ଦା କରିଛନ୍ତି।

# ବନ୍ୟାଞ୍ଚଳରେ ଆବଶ୍ୟକ ପାୱାର ବୋଟ୍ ଓ ସାଧାରଣ ଡଙ୍ଗା ସୁବିଧା ସୁନିଶ୍ଚିତ କର: ହାଇକୋର୍ଟ

**କଟକ,୧୭।୮ (ସମିସ):** ବନ୍ୟା ଘେରରେ ଥିବା ଗ୍ରାମବାସୀଙ୍କ ଯାତାୟାତ ସୁବିଧା ପାଇଁ ତୁରନ୍ତ ଆବଶ୍ୟକ ମୁତାବକ ପାୱାର ବୋଟ୍ (ଯାନ୍ତ୍ରିକ ଡଙ୍ଗା) ଓ ସାଧାରଣ ଡଙ୍ଗା ଯୋଗାଣ ରାଜ୍ୟ ସରକାର ସୁନିଶ୍ଚିତ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଆନନ୍ଦ କୁମାର ସାମଲ ଓ ଅନ୍ୟମାନଙ୍କ ତରଫରୁ ଦାୟର ଜନସ୍ୱାର୍ଥ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଚିତ୍ତରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ଜୀବନଧାରଣ ଓ ଯାତାୟାତ ପାଇଁ ସମସ୍ତ ଆବଶ୍ୟକୀୟ ସୁବିଧା ଯୋଗାଇଦେବା ସରକାରଙ୍କର କର୍ତ୍ତବ୍ୟ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ସେପ୍ଟେମ୍ବର ୩ରେ ହେବ ବୋଲି ଧାର୍ଯ୍ୟ କରିଛନ୍ତି ଖଣ୍ଡପୀଠ।

ବନ୍ୟା ଜଳ ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଅଞ୍ଚଳର ଆବେଦନକାରୀଙ୍କ ପକ୍ଷରୁ ଦର୍ଶାଯାଇଥିଲା ଯେ, ବନ୍ୟା ଜଳ ଚାରିପାଖରେ ଘେରି ରହିଥିବାରୁ ଗ୍ରାମବାସୀ ଅନ୍ୟ ଗାଁ ଓ ସହରରୁ ବିଚ୍ଛିନ୍ନ ହୋଇପଡ଼ିଛନ୍ତି। ଯାତାୟାତର ମୁଖ୍ୟ ରାସ୍ତା ବୁଡ଼ି ଯାଇଥିବାରୁ ଲୋକଙ୍କ ନିକଟରେ କୌଣସି ବିକଳ୍ପ ନାହିଁ, ତେଣୁ ସରକାର ତୁରନ୍ତ ମେକାନିକାଲ ବୋଟ୍ ଯୋଗାଇଦେବା ଆବଶ୍ୟକ। ରାଜ୍ୟ ସରକାରଙ୍କ ପକ୍ଷରୁ କୋର୍ଟଙ୍କୁ ଅବଗତ କରାଯାଇଥିଲା ଯେ, ପ୍ରଶାସନ ଏହି ପରିସ୍ଥିତି ସମ୍ପର୍କରେ ସମ୍ପୂର୍ଣ୍ଣ ସଚେତନ ଅଛି ଏବଂ ଆବଶ୍ୟକତା ଅନୁଯାୟୀ ପାୱାର ବୋଟ୍ ଓ ସାଧାରଣ ଡଙ୍ଗା ଯୋଗାଇ ଦିଆଯାଇଛି। ତେବେ ଡଙ୍ଗା ସଂଖ୍ୟା କମ୍ ଥିବାରୁ କିମ୍ବା କେବଳ କିଛି ନିର୍ଦ୍ଦିଷ୍ଟ ସ୍ଥାନରେ ସୀମିତ ଥିବାରୁ ଲୋକମାନେ ଏହାର ଉଚିତ ସୁବିଧା ପାଇପାରୁନାହାନ୍ତି ବୋଲି ଆବେଦନକାରୀଙ୍କ ଓକିଲ ଯୁକ୍ତି ରଖିଥିଲେ। ଆବେଦନକାରୀଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ସୁଜାତା ଜେନା ମାମଲା ପରିଚାଳନା କରୁଛନ୍ତି।

# ଆଜି ସୁପ୍ରିମ୍‌କୋର୍ଟରେ ଡିଜି ଚୟନ ମାମଲାର ଶୁଣାଣି

ଭୁବନେଶ୍ୱର,୧୭।୮ (ସମିସ): ରାଜ୍ୟ ପୁଲିସ ମୁଖିଆ ଚୟନ ମାମଲାରେ ମଙ୍ଗଳବାର ସୁପ୍ରିମ୍‌କୋର୍ଟରେ ଶୁଣାଣି ହେବ। ଏହି ସମୟ ପର୍ଯ୍ୟନ୍ତ ରାଜ୍ୟର ପୁଲିସ ଡିଜି ଚୟନ ପ୍ରକ୍ରିୟା ଉପରେ ସୁପ୍ରିମ୍‌କୋର୍ଟ ରୋକ ଲଗାଇଥିଲେ। ଏ ସମ୍ପର୍କିତ କେନ୍ଦ୍ରୀୟ ଲୋକ ସେବା ଆୟୋଗ ବା ୟୁପିଏସ୍‌ସି କୌଣସି ବୈଠକ କରିପାରିବ ନାହିଁ ବୋଲି ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ଅବଧି ମଙ୍ଗଳବାର ପୂରଣ ହେଉଥିବାରୁ ସମଗ୍ର ରାଜ୍ୟର ନଜର ଏବେ ସୁପ୍ରିମ୍‌କୋର୍ଟଙ୍କ ନିଷ୍ପତ୍ତି ଉପରେ। ଡିଜି ଚୟନ ମାମଲାରେ ପ୍ରକାଶ ସିଂ ଗାଇଡ୍‌ଲାଇନର ଉଲଙ୍ଘନ ହୋଇଛି କି ନାହିଁ ତାହା ସ୍ପଷ୍ଟ ହୋଇପାରେ। ଏହି ଅନୁଯାୟୀ ରାଜ୍ୟ ସରକାର ଓ ୟୁପିଏସ୍‌ସି ପରବର୍ତ୍ତୀ ନିଷ୍ପତ୍ତି ନେବେ। ସୂଚନାଯୋଗ୍ୟ, ରାଜ୍ୟ ସରକାର ପୁଲିସ ଡିଜି ଚୟନରେ ପ୍ରକାଶ ସିଂ ଗାଇଡଲାଇନ୍‌କୁ ଉଲଙ୍ଘନ କରିଛନ୍ତି। ନିଜ ମନପସନ୍ଦର ପାର୍ଥୀଙ୍କୁ ଡିଜି ପଦବୀରେ ବସାଇବାକୁ ଯାଇ ଜଣେ କନିଷ୍ଠ ଅଧିକାରୀଙ୍କୁ ରାତି ଅଧିଆ ଡିଜି ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି ବୋଲି ସୁପ୍ରିମ୍‌କୋର୍ଟରେ ଜନସ୍ୱାର୍ଥ ମାମଲା ଦାୟର କରାଯାଇଥିଲା। ସୁପ୍ରିମ୍‌କୋର୍ଟ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟ କାନ୍ତଙ୍କ ନେତୃତ୍ୱରେ ଗଠିତ ୩ ଜଣିଆ ଖଣ୍ଡପୀଠରେ ଜନସ୍ୱାର୍ଥ ମାମଲାର ଆବେଦନକାରୀଙ୍କ ପକ୍ଷରୁ ଏହି ମାମଲାକୁ ବରିଷ୍ଠ ଆଇନ୍‌ଜୀବୀ ପି. ଚିଦାମ୍ବରମ୍ ପରିଚାଳନା କରୁଥିଲା ବେଳେ ରାଜ୍ୟ ସରକାରଙ୍କ ପକ୍ଷରୁ ଏଜି ପିତାମ୍ବର ଆଚାର୍ଯ୍ୟ ମାମଲା ପରିଚାଳନା କରୁଛନ୍ତି। ଶ୍ରୀ ଆଚାର୍ଯ୍ୟ ଏହି ମାମଲାକୁ ବିରୋଧ କରି କହିଥିଲେ ଯେ ସେବା ସମ୍ପର୍କିତ ମାମଲାରେ ଜନସ୍ୱାର୍ଥ ମାମଲା ଗ୍ରହଣୀୟ ନୁହେଁ। ଏହାସହ ରାଜ୍ୟ ସରକାର ଗାଇଡଲାଇନ୍‌ରେ କୌଣସି ଉଲଙ୍ଘନ କରି ନାହାନ୍ତି। ଅନ୍ୟପକ୍ଷରେ ସୁପ୍ରିମ୍‌କୋର୍ଟ ପ୍ରକାଶ ସିଂ ମାମଲାର ଆମିକସ କ୍ୟୁରି ନିଯୁକ୍ତ ହୋଇଥିବା ବରିଷ୍ଠ ଆଇନଜୀବୀ ରାଜୁ ରାମଚନ୍ଦ୍ରନ୍ ଜନସ୍ୱାର୍ଥ ମାମଲାକୁ ସମର୍ଥନ କରିଥିଲେ। ଏହାସହ ଗାଇଡଲାଇନ୍‌ର ଉଲଙ୍ଘନ ହୋଇଛି ବୋଲି ସେ ଯୁକ୍ତି ଉପସ୍ଥାପନା କରିଥିଲେ। ଏହାପରେ ସୁପ୍ରିମ୍‌କୋର୍ଟ ଓଡ଼ିଶା ଡିଜି ଚୟନ ସମ୍ପର୍କିତ ବୈଠକ ନ କରିବାକୁ ୟୁପିଏସ୍‌ସିକୁ ନିର୍ଦ୍ଦେଶ ଦେଇଥିଲେ।

**କୋର୍ଟଙ୍କ ରାୟ ଉପରେ ସମସ୍ତଙ୍କ ନଜର**

**ନିମାପଡ଼ାରେ ପୁଣି ଲଜ୍ଜା**

# ନାବାଳିକାକୁ ଗର୍ଭବତୀ ଅଭିଯୋଗରେ ଯୁବକ ଗିରଫ

ନିମାପଡ଼ା,୧୭।୮ (ସମିସ): ପୁରୀ ଜିଲ୍ଲା ନିମାପଡ଼ା ଅଞ୍ଚଳରେ ପୁଣି ଏକ ଲଜ୍ଜାଜନକ ଘଟଣା ଘଟିଛି। ସ୍ଥାନୀୟ ଏକ ଗ୍ରାମର ଜଣେ ୧୬ ବର୍ଷର ନାବାଳିକାକୁ ସେହି ଗ୍ରାମର ଜଣେ ଯୁବକ ବିଭିନ୍ନ ପ୍ରଲୋଭନ ଦେଖାଇ ଗର୍ଭବତୀ କରିଥିବା ଘଟଣାରେ ଅଭିଯୁକ୍ତ ଯୁବକକୁ ଗିରଫ କରିଛି ନିମାପଡ଼ା ପୁଲିସ।

ନାବାଳିକାର ବାପା ନିମାପଡ଼ା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ, ୫ ମାସ ତଳେ ତାଙ୍କ ନାବାଳିକା ଝିଅକୁ ସେହି ଗ୍ରାମର ଜିତୁନ ଭୋଇ ନାମକ ଯୁବକ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ଦୁଷ୍କର୍ମ କରିଥିଲା। ବିଭିନ୍ନ ସମୟରେ ଝିଅର ପେଟରେ ଯନ୍ତ୍ରଣା ଅନୁଭବ କରିବାରୁ ତାକୁ ପରିବାର ଲୋକେ ମେଡିକାଲ ନେଇଥିଲେ। ଚିକିତ୍ସା ପରେ ସେଠାରେ ଡାକ୍ତରଙ୍କଠାରୁ ଜାଣିବାକୁ ପାଇଥିଲେ ଝିଅ ଗର୍ଭବତୀ ଅଛି। ତେବେ ଅଭିଯୋଗ ପରେ ପୁଲିସ ୨୫୬/୨୬ରେ ଏକ ମାମଲା ରୁଜୁ କରିବା ସହ ଅଭିଯୁକ୍ତ ଜିତୁନକୁ ଗିରଫ କରିଥିଲା। ଦୁହିଁଙ୍କୁ ଡାକ୍ତରୀ ମାଇନା କରାଇବା ପରେ ଅଭିଯୁକ୍ତ ଜିତୁନକୁ କୋର୍ଟ ଚାଲାଣ କରିଛି। ନିମାପଡ଼ା ରାଜ୍ୟ ଉପମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ ମନ୍ତ୍ରୀଙ୍କ ଅଞ୍ଚଳ ହୋଇଥିବାବେଳେ ବାରମ୍ବାର ଏଭଳି ଲଜ୍ଜାଜନକ ଘଟଣାକୁ ବୁଦ୍ଧିଜୀବୀ ମହଲରେ ଘୋର୍ ନିନ୍ଦା କରାଯିବା ସହିତ ସାରା ରାଜ୍ୟ ପାଇଁ ଏହା ଏକ ନିନ୍ଦନୀୟ ଘଟଣା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ଖାଦ୍ୟରେ ବିଷ ! ୨ ଶିଶୁ ମୃତ, ମା’ ଗୁରୁତର

**● ମା ଖାଦ୍ୟରେ ବିଷ ମିଶାଇଥିବା ନେଇ ଚର୍ଚ୍ଚା**
**● ଚାଉଳରେ କୀଟନାଶକ ମିଶିଥିବା ମା’ର ବୟାନ**

ପୁରୀ,୧୭।୮ (ସମିସ): ପେଣ୍ଟକଟା ମେରାଇନ ଥାନା ଅନ୍ତର୍ଗତ ସମଙ୍ଗରା ନୂଆସାହିରେ ଘଟିଛି ଏକ ହୃଦୟବିଦାରକ ଘଟଣା। ଦୁଇ ଶିଶୁଙ୍କୁ ଖାଦ୍ୟରେ ପୋକମରା ବିଷ ଖୁଆଇ ମା’ ନିଜେ ବିଷ ଖାଇବା ଘଟଣା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ଏହି ଘଟଣାରେ ଦୁଇ ଶିଶୁ କନ୍ୟାଙ୍କ ମୃତ୍ୟୁ ଘଟିଥିବାବେଳେ ଗୁରୁତର ଅବସ୍ଥାରେ ଏମ୍ସରେ ଚିକିତ୍ସାଧୀନ ଅଛନ୍ତି ମା’। ମୃତ ଦୁଇ ଶିଶୁକନ୍ୟା ହେଲେ ଦୀପୁ ପ୍ରଧାନଙ୍କ ୬ ବର୍ଷର ଝିଅ ପ୍ରିୟାଂଶୀ ଏବଂ ୧୬ ମାସର ଝିଅ ଦିବ୍ୟାଂଶୀ। ସେହିପରି ଏମ୍‌ସରେ ଚିକିତ୍ସାଧୀନ ଅଛନ୍ତି ଦୀପୁଙ୍କ ପତ୍ନୀ ଲକ୍ଷ୍ମୀପ୍ରିୟା।

ପୁଲିସ ସୂଚନା ଅନୁଯାୟୀ, ଲକ୍ଷ୍ମୀପ୍ରିୟା ରବିବାର ଅପରାହ୍ଣରେ ନିଜର ଦୁଇ ଶିଶୁ କନ୍ୟାଙ୍କୁ ଭାତରେ ବିଷ ମିଶାଇ ଖାଇବାକୁ ଦେଇ ନିଜେ ଖାଇ ଦେଇଥିଲେ। କିଛି ସମୟ ପରେ ୩ ଜଣ ଅସୁସ୍ଥ ହୋଇ ପଡ଼ିଥିଲେ। ସେମାନଙ୍କର ବାନ୍ତି ହୋଇଥିଲା। ଏହାପରେ ମା’ ପିଲାଙ୍କୁ ବାହାରକୁ ନେଇ ଆସିଥିଲେ। ସ୍ଥାନୀୟ ଲୋକ ସେମାନଙ୍କୁ ଉଦ୍ଧାର କରି ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ଦୁଇ ଶିଶୁଙ୍କୁ ମୃତ ଘୋଷଣା କରିଥିଲେ। ଅପରପକ୍ଷରେ ଲକ୍ଷ୍ମୀପ୍ରିୟାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି। ତେବେ ଲକ୍ଷ୍ମୀପ୍ରିୟା କାହିଁକି ଏଭଳି ଏକ ଚରମ ନିଷ୍ପତ୍ତି ନେଲେ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଖବର ପାଇ ରବିବାର ରାତିରେ ପେଣ୍ଟକଟା ମେରାଇନ ଥାନା ପୁଲିସ ହସ୍ପିଟାଲରେ ପହଞ୍ଚି ଲକ୍ଷ୍ମୀପ୍ରିୟାଙ୍କୁ ଘଟଣା ବିଷୟରେ ପଚାରିଥିଲା। ଚାଉଳରେ ମିଶିଥିବା କୀଟନାଶକକୁ ସେ ନ ଧୋଇ ରୋଷେଇ କରି ଦେଇଥିବାରୁ ଏଭଳି ହୋଇଥିବା ପୁଲିସ ଆଗରେ ବୟାନ ଦେଇଥିଲେ ବୋଲି କହିଛନ୍ତି ପେଣ୍ଟକଟା ମେରାଇନ ଥାନାର ଭାରପ୍ରାପ୍ତ ଅଧିକାରୀ ରିତା ବେହେରା। ତେବେ ଘଟଣା ସମ୍ପର୍କରେ ଏସ୍‌ପି ପ୍ରତୀକ୍ ସିଂ ସୂଚନା ଦେଇ କହିଛନ୍ତି ଯେ, ରବିବାର ପେଣ୍ଟକଟା ମେରାଇନ ଥାନା ଅନ୍ତର୍ଗତ ସମଙ୍ଗରା ଗ୍ରାମର କିଛି ଲୋକ ଦୁଇଜଣ ଶିଶୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଖବର ଦେଇଥିଲେ। ପୁରୀ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଜଣେ ଶିଶୁର ମୃତ୍ୟୁ ଘଟିଥିବାବେଳେ ଅନ୍ୟଜଣେ ମେଡିକାଲକୁ ଆସିବା ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା। ଏପରିକି, ସେମାନଙ୍କ ସହିତ ଆସିଥିବା ତାଙ୍କ ମା’ ମଧ୍ୟ ଅସୁସ୍ଥ ଅବସ୍ଥାରେ ଥିଲେ। ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଏ ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ କରିଥିଲା। ମହିଳା ଜଣକ ତାଙ୍କ ସ୍ୱାମୀ ଏବଂ ଦୁଇ ପିଲାଙ୍କ ସହ ସମଙ୍ଗରା ନୂଆ ସାହିରେ ଭଡ଼ାଘରେ ରହୁଛନ୍ତି। ତାଙ୍କ ସ୍ୱାମୀ ଜଣେ ଗାଡ଼ି ଚାଳକ ଅଟନ୍ତି। ସନ୍ଧ୍ୟା ସମୟରେ ମହିଳା ଜଣକ ତାଙ୍କ ଶିଶୁଙ୍କୁ ଖାଇବାକୁ ଦେବା ସହ ନିଜେ ଭାତ ଖାଇଥିଲେ। କିଛି ସମୟ ପରେ ତିନିଜଣ ଅସୁସ୍ଥ ହୋଇପଡ଼ି ବାନ୍ତି କରିଥିଲେ। ଘର ବାହାରକୁ ପଳାଇ ଆସିବାରୁ ପାଖ ଲୋକେ ସେମାନଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ପ୍ରାଥମିକ ତଦନ୍ତରୁ ଯାହା ଜଣାପଡୁଛି, ବିଷଯୁକ୍ତ ଖାଦ୍ୟ ସେମାନେ ଖାଇଛନ୍ତି। ଦୁଇ ଶିଶୁଙ୍କ ମୃତ୍ୟୁ ହୋଇଥିବାବେଳେ ମା’ ଏମ୍‌ସରେ ଚିକିତ୍ସାଧୀନ ଅଛନ୍ତି। ଘଟଣା ସମୟରେ ତାଙ୍କ ସ୍ୱାମୀ ନ ଥିଲେ। ସେ ଖବର ପାଇ ହସ୍ପିଟାଲରେ ପହଞ୍ଚିଥିଲେ। ପୁଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ତାଙ୍କ ଘରକୁ ଯାଇ ସବୁ ଦିଗରୁ ତଦନ୍ତ କରିଛନ୍ତି। ପାଖ ପଡ଼ୋଶୀଙ୍କୁ ମଧ୍ୟ ପଚରାଉଚରା କରାଯାଇ ତଥ୍ୟ ସଂଗ୍ରହ କରାଯାଇଛି। ଘଟଣା ପଛର କାରଣ ସମ୍ପର୍କରେ ତଦନ୍ତ ଜାରି ରହିଛି ବୋଲି ଏସ୍‌ପି ଶ୍ରୀ ସିଂ କହିଛନ୍ତି। ଅନ୍ୟପକ୍ଷରେ ପାରିବାରିକ ଅଶାନ୍ତିରୁ ଏଭଳି ଘଟଣା ଘଟିଥିବା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ହେଉଛି।

# ଲାଞ୍ଚ ନେଇ ଧରାପଡ଼ିଲେ କ୍ୟାପିଟାଲ ହସ୍ପିଟାଲ ଡାକ୍ତର

ଭୁବନେଶ୍ୱର୧୭।୮ (ସମିସ): ଦରମା ବିଲ୍ ପାଇଁ କାର୍ଯ୍ୟ ପ୍ରମାଣପତ୍ରରେ ଦସ୍ତଖତ କରିବାକୁ ଲାଞ୍ଚ ମାଗିବା ମହଙ୍ଗା ପଡ଼ିଛି। ୩୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କ୍ୟାପିଟାଲ ହସ୍ପିଟାଲର ଡାକ୍ତର। ଗିରଫ ଡାକ୍ତର ହେଉଛନ୍ତି କ୍ୟାପିଟାଲ ହସ୍ପିଟାଲର ଆସିଷ୍ଟାଣ୍ଟ ସର୍ଜନ ଡା. ସତ୍ୟଜିତ ବେହେରା।



ସୂଚନା ଅନୁଯାୟୀ, କ୍ୟାପିଟାଲ ହସ୍ପିଟାଲକୁ ଆସୁଥିବା ଅଜଣା ଓ ଅସହାୟ ରୋଗୀଙ୍କୁ ସହାୟତା କରିବା ପାଇଁ ଏକ ଏନ୍‌ଜିଓକୁ ଦାୟିତ୍ୱ ଦିଆଯାଇଛି। ଏହି ଏନ୍‌ଜିଓ ଅଧୀନରେ କାର୍ଯ୍ୟରତ କର୍ମଚାରୀଙ୍କ ଜୁନ୍ ଓ ଜୁଲାଇ ମାସର ଦରମା ବିଲ୍ ପାଇଁ ଆବଶ୍ୟକ କାର୍ଯ୍ୟ ପ୍ରମାଣପତ୍ର ଆବଶ୍ୟକତା ଥିଲା। କାର୍ଯ୍ୟ ପ୍ରମାଣପତ୍ରରେ ଦସ୍ତଖତ କରିବାକୁ ଏନ୍‌ଜିଓ କର୍ମଚାରୀମାନେ ଡା. ବେହେରାଙ୍କୁ ଅନୁରୋଧ କରିଥିଲେ। ହେଲେ ଏଥିପାଇଁ ଡା. ବେହେରା ଏନ୍‌ଜିଓର ଜଣେ କର୍ମକର୍ତ୍ତାଙ୍କୁ ୩୦ ହଜାର ଟଙ୍କା ଦାବି କରିଥିଲେ। ଲାଞ୍ଚ ଦାବି ଓ ହଇରାଣ ହରକତରେ ଅତିଷ୍ଠ ହୋଇ ସମ୍ପୃକ୍ତ କର୍ମକର୍ତ୍ତା ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ସୋମବାର ଭିଜିଲାନ୍ସ ଟିମ୍ ଜାଲ ବିଛାଇଥିଲା। ନିଜ ଚାମ୍ବରରେ ଏନ୍‌ଜିଓ କର୍ମକର୍ତ୍ତାଙ୍କଠାରୁ ୩୦ ହଜାର ଟଙ୍କା ନେଉଥିବା ବେଳେ ଡା. ବେହେରାଙ୍କୁ ଭିଜିଲାନ୍ସ ମାଡ଼ି ବସିଥିଲା। ତାଙ୍କ ଠାରୁ ଲାଞ୍ଚ ବାବଦ ଟଙ୍କା ୩୦ ହଜାର ଜବତ କରିଥିଲା। ଡାକ୍ତର ବେହେରାଙ୍କ ଡାହାଣ ହାତ ଧୋଇବା ପରେ ରାସାୟନିକ ପ୍ରତିକ୍ରିୟା ହୋଇଥିଲା। ଫଳରେ ସେ ଲାଞ୍ଚ ଟଙ୍କା ଗ୍ରହଣ କରିଥିବା ସ୍ପଷ୍ଟ ହୋଇଥିଲା। ଏହାପରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସନ୍ଦେହରେ ଡା. ବେହେରାଙ୍କ ସହ ସମ୍ପର୍କିତ ତିନୋଟି ସ୍ଥାନରେ ଏକକାଳୀନ ତଲାସି କରୁଛି ଭିଜିଲାନ୍ସ। ସରକାରୀ ଚାମ୍ବର, ସୈନିକ ସ୍କୁଲ ନିକଟସ୍ଥ ସରକାରୀ ବାସଭବନ ଓ ବାଲିଅନ୍ତା ସ୍ଥିତ ନୂତନ ନିର୍ମାଣାଧୀନ ଘରେ ଭିଜିଲାନ୍ସ ଟିମ୍ ଚଢ଼ଉ କରୁଛି।

**ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରତ୍ୟାହାର ଦାବି**

# ଅଭିଭାବକ ମହାସଂଘର ‘ଶିକ୍ଷା ସତ୍ୟାଗ୍ରହ’



ଭୁବନେଶ୍ୱର, ୧୭।୮ (ସମିସ): ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ତୁରନ୍ତ ପ୍ରତ୍ୟାହାର, ଆର୍ଥିକ ଦୁର୍ବଳ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଆରଟିଇ ଅଧୀନରେ ମାଗଣା ଶିକ୍ଷାକୁ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବୃଦ୍ଧି ଏବଂ କେଜିରୁ ପିଜି ମାଗଣା ଶିକ୍ଷା ଯୋଜନାରେ ବୃତ୍ତିଗତ ଶିକ୍ଷାକୁ ସାମିଲ କରିବା ଦାବିରେ ଆଜିଠାରୁ ଲୋୟର ପିଏମଜିରେ ଓଡ଼ିଶା ଅଭିଭାବକ ମହାସଂଘ ପକ୍ଷରୁ ‘ଶିକ୍ଷା ସତ୍ୟାଗ୍ରହ’ ଆରମ୍ଭ ହୋଇଛି। ମହାସଂଘ ସଭାପତି ବାସୁଦେବ ଭଟ୍ଟ ଓ ବିଜେଡି ନେତା ମନ୍ମଥ ରାଉତରାୟ ଆମରଣ ଅନଶନରେ ବସିଥିବାବେଳେ ଭୁଲ ବହି ପ୍ରତ୍ୟାହାର ନହେବା ପର୍ଯ୍ୟନ୍ତ ସତ୍ୟାଗ୍ରହ ଓ ଅନଶନ ଜାରି ରହିବ ବୋଲି ମହାସଂଘ ପକ୍ଷରୁ ଚରମ ଚେତାବନୀ ଦିଆଯାଇଛି।

ଶିକ୍ଷା ସତ୍ୟାଗ୍ରହକୁ ସମର୍ଥନ ଜଣାଇ ବିଶିଷ୍ଟ ପରିବେଶବିତ ପ୍ରଫୁଲ୍ଲ ସାମନ୍ତରାୟ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ଅରୁଣ ସାହୁ, ବରିଷ୍ଠ ନେତା ଅରୂପ ପଟ୍ଟନାୟକ, ମନ୍ମଥ ରାଉତରାୟ, ପୂର୍ବତନ ବିଧାୟକ ତଥା ଓଜେସି ସଭାପତି ଇଂ ମହମଦ ମୋକିମ, ପୂର୍ବତନ ବିଧାୟକ ନାରାୟଣ ରେଡ୍ଡୀ, ଆମ୍ ଆଦମୀ ପାର୍ଟି ଆବାହକ ନିଶିକାନ୍ତ ମହାପାତ୍ରଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ସତ୍ୟାଗ୍ରହରେ ସାମିଲ ହେବା ସହ ସମର୍ଥନ ଜଣାଇଛନ୍ତି। କାର୍ଯ୍ୟକାରୀ ସଭାପତି ପ୍ରସନ୍ନ ବିଶୋୟୀ କହିଛନ୍ତି ଯେ ପାଠ୍ୟପୁସ୍ତକରେ ଅଗଣିତ ତ୍ରୁଟି ଘଟଣା ସରକାରଙ୍କ ଅସମ୍ବେଦନଶୀଳ ଓ ଅତ୍ୟନ୍ତ ଦାୟିତ୍ୱହୀନତାକୁ ଉଜାଗର କରିଛି। ଓଡ଼ିଶାର ଶିକ୍ଷା ଇତିହାସ କଳଙ୍କିତ ହେଉଥିବାବେଳେ ତ୍ରୁଟିପୂର୍ଣ୍ଣ ବହି ଫେରସ୍ତ କରି ନିର୍ଭୁଲ୍ ପୁସ୍ତକ ଯୋଗାଇବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ମାତ୍ର ଏଯାଏଁ ପିଲାଙ୍କ ପାଖରେ ତ୍ରୁଟିଶୂନ୍ୟ ପୁସ୍ତକ ପହଞ୍ଚି ପାରି ନଥିବାବେଳେ ପିଲାମାନେ ଭୁଲ୍ ବହିରେ ପଢୁଛନ୍ତି। ଯାହା ଅତ୍ୟନ୍ତ ଚିନ୍ତାଜନକ ଓ ଉଦବେଗଜନକ। ସେହିପରି ଆର୍‌ଟିଇରେ ପଢୁଥିବା ପିଲାଙ୍କ ପାଇଁ ଅଷ୍ଟମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ମାଗଣା ଶିକ୍ଷା ପ୍ରଦାନ କରିବା ଏବଂ କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ନେଇ ଘୋଷଣା କରିଥିବାରୁ ଆଇନ, କୃଷି, ଶାରୀରିକ ଶିକ୍ଷା, ନର୍ସିଂ, ଶିଳ୍ପ ତାଲିମ, ସିଟି ଓ ବିଇଡି ଭଳି ବୃତ୍ତିଗତ ଶିକ୍ଷାକୁ ମଧ୍ୟ ଏହି ଯୋଜନାରେ ସାମିଲ କରିବାକୁ ମହାସଂଘ ଦାବି କରିଛି। ଏହି କାର୍ଯ୍ୟକ୍ରମରେ ସତ୍ୟବ୍ରତ ପରିଜା, ଅଶୋକ ପାଇକରାୟ, ସତ୍ୟଜିତ ଦାସ, ସୂର୍ଯ୍ୟନାରାୟଣ ଜେନାଙ୍କ ସମେତ ବହୁ ରାଜନୈତିକ ନେତୃତ୍ୱ, ଛାତ୍ରଛାତ୍ରୀ, ବିଭିନ୍ନ ସଂଗଠନ, ବୁଦ୍ଧିଜୀବୀ, ଶିକ୍ଷାବିତ, ଅଭିଭାବକ ସାମିଲ ହୋଇଛନ୍ତି।

**■ ଆମରଣ ଅନଶନରେ ବାସୁଦେବ ଭଟ୍ଟ ଓ ମନ୍ମଥ ରାଉତରାୟ**
**■ କେଜିରୁ ପିଜି ମାଗଣା ଶିକ୍ଷାରେ ବୃତ୍ତିଗତ ଶିକ୍ଷାକୁ ସାମିଲ ଦାବି**


SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

ବିଜ୍ଞାପନ ସଂ. CRPD/SCO/2026-27/11 (ଚୁକ୍ତିଭିତ୍ତିକ ପଦବୀ)

| ପୋଷ୍ଟର ନାମ | ଖାଲି ପଦବୀ | 31.07.2026 ରେ ବୟସ (ବର୍ଷ) ସର୍ବନିମ୍ନ | ସର୍ବାଧିକ |
|---|---|---|---|
| ଡେପୁଟି ଭାଇସ୍ ପ୍ରେସିଡେଣ୍ଟ (ଡିଭିପି) - ସାଇବର ଇନୋଭେଶନ୍ ଏବଂ ସିମୁଲେଶନ୍ ଲ୍ୟାବ୍ | 1 | 35 | 45 |
| ଡେପୁଟି ଭାଇସ୍ ପ୍ରେସିଡେଣ୍ଟ (ଡିଭିପି) - ନାଗରିକ କେନ୍ଦ୍ରିକ ପଦକ୍ଷେପ | 1 | | |
| ଡେପୁଟି ଭାଇସ୍ ପ୍ରେସିଡେଣ୍ଟ (ଡିଭିପି) - ସାଇବର ସିକ୍ୟୁରିଟି | 2 | | |

(ନିୟମିତ ପଦବୀ)

| ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | 31.07.2026 ରେ ବୟସ (ବର୍ଷ) ସର୍ବନିମ୍ନ | ସର୍ବାଧିକ |
|---|---|---|---|---|
| ଡେପୁଟି ମ୍ୟାନେଜର- ଏଆଇ - ବିଶେଷଜ୍ଞ | 25 | ଏମଏମଜିଏସ୍-II | 25 | 35 |
| ଡେପୁଟି ମ୍ୟାନେଜର- ସାଇବର ସିକ୍ୟୁରିଟି ଆନାଲିଷ୍ଟ | 3 | | | |
| ଡେପୁଟି ମ୍ୟାନେଜର- ଆଇଟି ସିକ୍ୟୁରିଟି ଏକ୍ସପର୍ଟ | 2 | | | |

ବିଜ୍ଞାପନ ସଂ. CRPD/SCO/2026-27/12 (ନିୟମିତ ପଦବୀ)

| ପୋଷ୍ଟର ନାମ | ଖାଲି ପଦବୀ | ଗ୍ରେଡ୍ | 31.07.2026 ରେ ବୟସ (ବର୍ଷ) ସର୍ବନିମ୍ନ | ସର୍ବାଧିକ |
|---|---|---|---|---|
| ମ୍ୟାନେଜର (ମ୍ୟାନପାୱର ଯୋଜନା ଏବଂ ନିଯୁକ୍ତି) | 1 | ଏମଏମଜିଏସ୍-III | 28 | 40 |
| ମ୍ୟାନେଜର (ଶିକ୍ଷଣ ଏବଂ ବିକାଶ) | 1 | ଏମଏମଜିଏସ୍-III | 28 | 40 |

ବିଜ୍ଞାପନ ସଂ. CRPD/SCO/2026-27/13 (ଚୁକ୍ତିଭିତ୍ତିକ ପଦବୀ)


| | | | |
|---|---|---|---|
| ଭାଇସ୍ ପ୍ରେସିଡେଣ୍ଟ (ଏଣ୍ଟରପ୍ରାଇଜ୍ ଏବଂ ଟେକ୍ନୋଲୋଜି ଆର୍କିଟେକ୍) | 1 | 40 | 48 |
| ଡେପୁଟି ମୁଖ୍ୟ ଟେକ୍ନୋଲୋଜି ଅଫିସର (ଏଣ୍ଟରପ୍ରାଇଜ୍ ଆର୍କିଟେକଚର) | 1 | 42 | 50 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://sbi.bank.in/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query)ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 07.08.2026 ରୁ 27.08.2026 ପର୍ଯ୍ୟନ୍ତ ।**

ସ୍ଥାନ: ମୁମ୍ବାଇ
ତାରିଖ: 07.08.2026
ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)

# ସବୁଠି ଉଡ଼ିଲା 'ତ୍ରିରଙ୍ଗା'









ସମ୍ବଲପୁର, ୧୭।୮ (ସମିସ)

## ସିଆର୍‌ପିଏଫ୍ ଗ୍ରୁପ୍ ସେଣ୍ଟର, ଗୋଶାଳା

ଗୋଶାଳାସ୍ଥିତ ସିଆର୍‌ପିଏଫ୍ ଗ୍ରୁପ୍ ସେଣ୍ଟର, ସମ୍ବଲପୁର ପରିସରରେ ଦେଶର ୮୦ତମ ସ୍ୱାଧୀନତା ଦିବସ ଉତ୍ସାହ, ଆନନ୍ଦ ଓ ଗରିମାମୟ ପରିବେଶରେ ପାଳିତ ହୋଇଯାଇଛି। ଅଧିକାରୀ ଓ ଯବାନମାନଙ୍କ ଦ୍ୱାରା ରାଷ୍ଟ୍ରଗୀତ "ବନ୍ଦେ ମାତରମ୍"ର ସାମୂହିକ ଗାନ କରାଯାଇଥିଲା। ଏହାପରେ ଗ୍ରୁପ୍ ସେଣ୍ଟର, ସମ୍ବଲପୁରର ପୁଲିସ ଉପମହାନିରୀକ୍ଷକ ବିଜୟଶଙ୍କର ପାଣ୍ଡେଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ଧ୍ୱଜାରୋହଣ ସମୟରେ ଉପସ୍ଥିତ ସମସ୍ତ ଅଧିକାରୀ ଓ ଯବାନମାନେ ରାଷ୍ଟ୍ରଗାନ "ଜନ ଗଣ ମନ" ସାମୂହିକ ଗାନ କରିଥିଲେ। ଏହି ଅବସରରେ ଯବାନମାନଙ୍କ ଦ୍ୱାରା ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା। ପୁଲିସ ଉପମହାନିରୀକ୍ଷକ ନିଜ ସମ୍ବୋଧନରେ ସ୍ୱାଧୀନତା ସଂଗ୍ରାମର ବୀର ସହିଦ ଓ ସ୍ୱାଧୀନତା ସେନାନୀମାନଙ୍କ ତ୍ୟାଗ ଓ ବଳିଦାନକୁ ସ୍ମରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ଦେଶର ଏକତା, ଅଖଣ୍ଡତା ଓ ସୁରକ୍ଷା ପ୍ରତି ନିଜର କର୍ତ୍ତବ୍ୟକୁ ସମ୍ପୂର୍ଣ୍ଣ ନିଷ୍ଠା, ସମର୍ପଣ ଓ ଦାୟିତ୍ୱବୋଧ ସହିତ ପାଳନ କରିବାକୁ ସମସ୍ତଙ୍କୁ ଆହ୍ୱାନ କରିଥିଲେ। ସମାରୋହରେ ଉପସ୍ଥିତ ସମସ୍ତ ଅଧିକାରୀ ଓ ଯବାନ ରାଷ୍ଟ୍ରସେବା, ସୁରକ୍ଷା ଓ ଜନକଲ୍ୟାଣ ପ୍ରତି ନିଜର ଦାୟିତ୍ୱକୁ ନିଷ୍ଠାର ସହିତ ପାଳନ କରିବା ପାଇଁ ସଂକଳ୍ପ ନେଇଥିଲେ।

## ଲେଡିଲୁଇସ ବାଳିକା ଉଚ୍ଚ ବିଦ୍ୟାଳୟ

ସ୍ଥାନୀୟ ଲେଡିଲୁଇସ୍ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ସୁଜିତ କୁମାର ଲୁହାଙ୍କ ସଭାପତିତ୍ୱରେ ତଥା ବିଦ୍ୟାଳୟର ଛାତ୍ରୀ ସଂଘର ସଭାନେତ୍ରୀ ଅପର୍ଣ୍ଣା ପାଢ଼ୀ, ସମ୍ପାଦିକା ରାଜଶ୍ରୀ ମିଶ୍ର, ବିଦ୍ୟାଳୟର ପରିଚାଳନା ସମିତିର ଅଧ୍ୟକ୍ଷ ବେବୀଶେଖର ଦେଓ ଓ ଅନ୍ୟ ସଦସ୍ୟବୃନ୍ଦ ତଥା ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକଙ୍କ ଦ୍ୱାରା ପତାକା ଉତ୍ତୋଳନ, ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ ତଥା ପ୍ରଧାନଶିକ୍ଷକ ଓ ଅତିଥିମାନଙ୍କ ଦ୍ୱାରା ଦେଶମାତୃକା ସକାଶେ ବଳିଦାନ ଦେଇଥିବା ସଂଗ୍ରାମୀ ମାନଙ୍କୁ ସ୍ମରଣ ଓ ଶ୍ରଦ୍ଧାଞ୍ଜଳି ପରେ ବୀରବେଶ ପ୍ରତିଯୋଗିତା, ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଶେଷରେ ବରିଷ୍ଠ ଶିକ୍ଷୟିତ୍ରୀ ଅଞ୍ଜଳି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ସ୍ୱାଗତିକା ପଣ୍ଡା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଶିକ୍ଷକ ଶିକ୍ଷୟିତ୍ରୀମାନେ ସହଯୋଗ କରିଥିଲେ। ସକାଳେ ବିଦ୍ୟାଳୟର ଛାତ୍ରୀମାନେ ପ୍ରଭାତଫେରୀ କରି ନଗର ପରିକ୍ରମା କରିଥିଲେ।

## ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ

ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ପକ୍ଷରୁ ୮୦ତମ ସ୍ୱାଧୀନତା ଦିବସ ଅବସରରେ ବୀର ସୁରେନ୍ଦ୍ର ସାଏଙ୍କ ସମେତ ପାଞ୍ଚଜଣ ସ୍ୱାଧୀନତା ସଂଗ୍ରାମୀଙ୍କୁ ମରଣୋତ୍ତର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କୁଳପତି ପ୍ରଫେସର ଶ୍ୟାମସୁନ୍ଦର ପଟ୍ଟନାୟକ ପତାକା ଉତ୍ତୋଳନ କରିଥିଲେ। ପତାକା ଉତ୍ତୋଳନ ପରେ କୁଳପତି ପ୍ରଫେସର ପଟ୍ଟନାୟକ ସଭାପତିତ୍ୱରେ ସ୍ୱାଧୀନତା ସଂଗ୍ରାମୀ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ସଭାରେ ବୀର ସୁରେନ୍ଦ୍ର ସାଏ, ବଳଭଦ୍ର ସିଂଦାଓ, ବାଜି ରାଉତ, ସରଳା ଦେବୀ ଓ ବିଶ୍ୱନାଥ ଦାସ ପ୍ରମୁଖ ମହାନ୍ ସ୍ୱାଧୀନତା ସଂଗ୍ରାମୀଙ୍କୁ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରୁ ମରଣୋତ୍ତର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଉକ୍ତ ସ୍ୱାଧୀନତା ସଂଗ୍ରାମୀଙ୍କ ପରିବାରବାସୀ ତଥା ଉତ୍ତର ଦାୟାଦ ଅନିତା ସାଏ, ପ୍ରଦୀପ କୁମାର ସିଂଦାଓ, କୁଳମଣି ରାଉତ, ଲକ୍ଷ୍ମୀପ୍ରକାଶ ମହାପାତ୍ର ଓ ଶୈଳେନ୍ଦ୍ର କୁମାର ଦାସ ପ୍ରମୁଖ ପ୍ରଦତ୍ତ ସମ୍ବର୍ଦ୍ଧନା ଗ୍ରହଣ କରିଥିଲେ। ସଭାରେ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ଚିତ୍ତରଞ୍ଜନ ସାହୁ ଓ ପରୀକ୍ଷା ନିୟନ୍ତ୍ରକ ଡ. ଉମା ଚରଣ ପତି ଉଦ୍‌ବୋଧନ ଦେଇଥିଲେ। ସଭାକୁ ସ୍ୱାଧୀନତା ଦିବସ ପାଳନ କମିଟିର ଅଧ୍ୟକ୍ଷ ଡ. ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ସଞ୍ଚାଳନ କରିଥିଲେ। ଶେଷରେ ଡ. ନବ କୁମାର ପଣ୍ଡା ଓ ବେବୀ ନାଏକଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଦୟାମଣି ବୃଦ୍ଧାଶ୍ରମ

ସ୍ଥାନୀୟ ଦୁର୍ଗାପାଲିସ୍ଥିତ ଦୟାମଣୀ ବୃଦ୍ଧାଶ୍ରମରେ ଅଶୀତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସମାଜସେବୀ ଡ. କାଦମ୍ବିନୀ ସାହାଣୀ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନୁଷ୍ଠାନର ସଭାପତି ପ୍ରମିଳା ବହିଦାରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଡ. ସାହାଣୀ, ଡ. ଲକ୍ଷ୍ମୀନାରାୟଣ ରଥ, ଡା. ସୁରେଶ ଚନ୍ଦ୍ର ଦାନୀ, ରତ୍ନଭୂଷଣ ପୁରୁଷେଠ, ଅଶୋକ ସେନାପତି ପ୍ରମୁଖ ଉଦବୋଧନ ଦେଇଥିଲେ। ବୃଦ୍ଧାଶ୍ରମର ଅନ୍ତେବାସୀ, କର୍ମକର୍ତ୍ତା ଏବଂ ଭବିଷ୍ୟତ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ। ଶେଷରେ ପ୍ରଦୀପ ଦୋରା ଧନ୍ୟବାଦ ଅର୍ପଣ କରିଥିଲେ।

## ନ୍ୟାସନାଲ ଡେ ସେଲିବ୍ରେସନ କମିଟି, ହୀରାକୁଦ

ହୀରାକୁଦ : ହୀରାକୁଦରେ ସ୍ୱାଧୀନତା ଦିବସ ଅବସରରେ ନ୍ୟାସନାଲ ଡେ ସେଲିବ୍ରେସନ କମିଟି ପକ୍ଷରୁ ଭବ୍ୟ ଓ ଶୃଙ୍ଖଳିତ ଭାବେ ଜାତୀୟ ପତାକା ଉତ୍ତୋଳନ ସହ ବିଭିନ୍ନ ଦେଶଭକ୍ତିମୂଳକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ହିଣ୍ଡାଲକୋ ହୀରାକୁଦ ୟୁନିଟ୍ ହେଡ୍ ସୁମିତ ମୁଖାର୍ଜୀ, ସ୍ମେଲ୍ଟର ପ୍ଲାଣ୍ଟ ହେଡ୍ ପ୍ରତାପ କୁମାର ସାହୁ, ପାୱାର ପ୍ଲାଣ୍ଟ ହେଡ୍ ଅରୁଣ ସିଂହ, କର୍ଣ୍ଣେଲ୍ ମାର୍କ ଆର୍ଲାଣ୍ଡ, ସିଏସଆର ଏଣ୍ଡ ଆଇଆର୍ ହେଡ୍ ବିଘ୍ନେଶ୍ୱର ପଣ୍ଡା ଏବଂ ସିଏସଆର୍ ହେଡ୍ ଆନନ୍ଦ ଚକ୍ରବର୍ତ୍ତୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଆୟୋଜନ କମିଟିର ସଭାପତି ଗଣେଶ ପଲାଇ, ସମ୍ପାଦକ ପ୍ରତାପ କୁମାର ତାଣ୍ଡି, ଯୁଗ୍ମ ସମ୍ପାଦକ ଜଗନ୍ନାଥ ଚୌଧୁରୀ ଏବଂ ଆୟୋଜନ ସମ୍ପାଦକ କାର୍ତ୍ତିକ କଲେତ ପରିଚାଳନା କରିଥିଲେ। ଉଦ୍‌ଘୋଷକ ଦାୟିତ୍ୱ ପ୍ରହଲ୍ଲାଦ ତାଣ୍ଡି ତୁଲାଇଥିଲେ। କମିଟି ସଦସ୍ୟ ସୁଦେଶ ନାଗ, ମନୋଜ ଟପ୍ପୋ, ସେମ ତାଣ୍ଡି, ପପୁ ନାୟକ, ପ୍ରଦୀପ ରାଉତରାୟ, ବୈକୁଣ୍ଠ ନାଗ, ଦିଲିପ ସୁନା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ପ୍ୟାରେଡ୍ ପ୍ରତିଯୋଗିତାର ବିଚାରକ ଭାବେ ଅଶୋକ ସାମନ୍ତରାୟ, ଅଶୋକ ପଟ୍ଟନାୟକ ଓ ଅଶୋକ ପଣ୍ଡା ଦାୟିତ୍ୱ ତୁଲାଇଥିଲେ। ସିନିୟର ଗ୍ରୁପ୍ ପ୍ୟାରେଡ୍‌ରେ ସରସ୍ୱତୀ ବିଦ୍ୟା ମନ୍ଦିର ପ୍ରଥମ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଏବଂ ମହମ୍ମଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଜୁନିୟର ଗ୍ରୁପ୍ ପ୍ୟାରେଡରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପ୍ରଥମ, ମହମ୍ମଦପୁର ସରକାରୀ ଉଚ୍ଚ ବିଦ୍ୟାଳୟ ଦ୍ୱିତୀୟ ଏବଂ ସରକାରୀ ଉଚ୍ଚ ବିଦ୍ୟାଳୟ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସନ୍ଧ୍ୟା ସାଢ଼େ ୫ଟାରେ ବର୍ଷା ସତ୍ତ୍ୱେ କମିଟିର ସମ୍ପାଦକ ଓ ଅନ୍ୟ ସଦସ୍ୟମାନଙ୍କ ଉପସ୍ଥିତିରେ ସମ୍ମାନ ଓ ଶୃଙ୍ଖଳାର ସହିତ ଜାତୀୟ ପତାକା ଅବତରଣ କରାଯାଇଥିଲା।

# ଯୁବତୀଙ୍କୁ ହତ୍ୟା ଅଭିଯୋଗ: ଯୁବକ କୋର୍ଟ ଚାଲାଣ

କୁଚିଣ୍ଡା,୧୭।୮ (ସମିସ): ଗୋବିନ୍ଦପୁର ଥାନା ଅଧୀନ ଗୋରପୋଷ ଫାଣ୍ଡି ଅଞ୍ଚଳରେ ଜଣେ ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ମୃତ ଯୁବତୀଙ୍କ ପ୍ରେମିକ ଅନୁଜ ଲୁଗୁନ୍‌ଙ୍କୁ ହତ୍ୟା ଅଭିଯୋଗରେ ଗୋବିନ୍ଦପୁର ପୁଲିସ ଗିରଫକରି କୋର୍ଟ ଚାଲାଣ କରିଛି। ସୂଚନା ଅନୁଯାୟୀ, ଦେଉରୀପଡ଼ା ଗ୍ରାମର ଲିଲିମା ଭେଙ୍ଗ୍ରାଙ୍କ ଝିଅ ସୁଜାତା ଭେଙ୍ଗ୍ରା ଗତ ୧୫ ତାରିଖ ସନ୍ଧ୍ୟା ପ୍ରାୟ ୭ଟା ସମୟରେ ନିଜ ନିର୍ବନ୍ଧ ହୋଇଥିବା ପ୍ରେମିକ ଅନୁଜ ଲୁଗୁନ୍‌ଙ୍କ ସହ ଚାଲିଚାଲି ତାଙ୍କ ଘର ବୁଣ୍ଡୁକାମାଲ ଗ୍ରାମକୁ ଯାଇଥିଲେ। ମାତ୍ର ୧୬ ତାରିଖ ଅପରାହ୍ନ ପ୍ରାୟ ୨.୩୦ ମିନିଟ୍‌ରେ ଅନୁଜ, ସୁଜାତାଙ୍କ ମା'ଙ୍କୁ ଫୋନ୍ କରି ସୁଜାତା ନିଜ ଘରେ ଆତ୍ମହତ୍ୟା କରିଥିବା ଜଣାଇଥିଲେ। ଖବର ପାଇ ସୁଜାତାଙ୍କ ମା' ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ସୁଜାତାଙ୍କ ମୁହଁରେ ଏକାଧିକ କ୍ଷତ ଚିହ୍ନ ଏବଂ ବେକରେ ଦଉଡ଼ିର ଦାଗ ଦେଖିବାକୁ ପାଇଥିଲେ। ସୁଜାତାଙ୍କୁ ଅନୁଜ ହତ୍ୟା କରିଥିବା ନେଇ ତାଙ୍କ ମା' ଗୋବିନ୍ଦପୁର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁକରି ଗୋରପୋଷ ଫାଣ୍ଡି ଅଧିକାରୀ ଏସ.ଆଇ ଫିରୋଜ ଏକ୍କା ଘଟଣାର ତଦନ୍ତଭାର ଗ୍ରହଣ କରିଛନ୍ତି। ଘଟଣାସ୍ଥଳରୁ ପ୍ରମାଣ ସଂଗ୍ରହ ପାଇଁ ଝାରସୁଗୁଡ଼ା ଡିଏଫଏସଏଲ ଟିମ୍‌ର ସହାୟତା ନିଆଯାଇଛି। ପୁଲିସ ଅଭିଯୁକ୍ତ ଅନୁଜ ଲୁଗୁନ୍ (୩୪)ଙ୍କୁ ଗିରଫକରି କୋର୍ଟଚାଲାଣ କରିଛି।



# ମରଣାନ୍ତକ ଆକ୍ରମଣ; ଯୁବକ ଗିରଫ

ସମ୍ବଲପୁର, ୧୭।୮ (ସମିସ) : ବୁର୍ଲା ଥାନା ଅଞ୍ଚଳରେ ଗତକାଲି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଥିଲା। ପୁଲିସ ଏହି ମାମଲାର ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିଛି। ପୁଲିସର ସୂଚନା ଅନୁଯାୟୀ, ବୁର୍ଲା ଥାନା ଅନ୍ତର୍ଗତ ଅଟାଚକିପଡ଼ାର ରୋନିତ ନାୟକ ୧୬.୦୮.୨୦୨୬ ଦିନ ପ୍ରାୟ ୨.୪୫ ସମୟରେ ଅରବିନ୍ଦ ସ୍କୁଲ ନିକଟସ୍ଥ ହାଇସ୍କୁଲପଡ଼ିଆ ବଜାରକୁ ଯାଉଥିବା ସମୟରେ ପୂର୍ବଶତ୍ରୁତା ଯୋଗୁଁ ପିଡବ୍ଲୁଡି କଲୋନିର ସୁଶୀଲ ନାଏକ ଏବଂ ତାଙ୍କ ସହଯୋଗୀମାନେ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହି ସମୟରେ, ସୁଶୀଲ ନାଏକ ତାଙ୍କୁ ଏକ ଧାରୁଆ ଅସ୍ତ୍ର ସାହାଯ୍ୟରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡ ଏବଂ ଛାତିରେ ଆଘାତ ଲାଗିଥିଲା ଏବଂ ସେ ଚେତାଶୂନ୍ୟ ହୋଇଯାଇଥିଲେ। ସ୍ଥାନୀୟ ଲୋକମାନେ ଆସିବାଯିବାରୁ ଦୁର୍ବୃତ୍ତମାନେ ସେଠାରୁ ପଳାଇ ଯାଇଥିଲେ। ରୋନିତଙ୍କୁ ତୁରନ୍ତ ବୁର୍ଲା ଭିମସାରକୁ ସ୍ଥାନାନ୍ତରିତ କରାଯାଇଥିଲା। ଏନେଇ ପରିବାର ପକ୍ଷରୁ ଅଭିଯୋଗ ପରେ, ବୁର୍ଲା ଥାନା ପୁଲିସ କେସ ନଂ. ୩୫୩/୨୦୨୬ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୁଲିସ ପିଡବ୍ଲୁଡି କଲୋନୀର ସୁଶୀଲ ନାଏକ (୨୨)କୁ ଗିରଫ କରିବାସହ ତା'ଠାରୁ ଆକ୍ରମଣରେ ବ୍ୟବହୃତ ଧାରୁଆ ଲୁହା ଛୁରୀ ଜବତ କରିଛି।





# ଆଜି ରାଉରକେଲା-ଭୁବନେଶ୍ୱର-ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସ୍ ବାତିଲ

ସମ୍ବଲପୁର, ୧୭।୮ (ସମିସ) : ଲିଙ୍କ୍ ଟ୍ରେନ ବିଳମ୍ବ ହେବା କାରଣରୁ ଟ୍ରେନ ନମ୍ବର ୨୨୮୪୦ ଭୁବନେଶ୍ୱର-ରାଉରକେଲା ଇଣ୍ଟରସିଟି ଏକ୍ସପ୍ରେସ୍ ୧୮ ଅଗଷ୍ଟ ୨୦୨୬ ତାରିଖରେ ବାତିଲ ରହିବ। ସେହିପରି, ଟ୍ରେନ ନମ୍ବର ୨୨୮୩୯ ରାଉରକେଲା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ ମଧ୍ୟ ୧୮ ଅଗଷ୍ଟ ୨୦୨୬ ତାରିଖରେ ବାତିଲ ରହିବ ବୋଲି ରେଳବାଇ ପକ୍ଷରୁ ପ୍ରେସ ବିଜ୍ଞପ୍ତିରେ ସୂଚିତ କରାଯାଇଛି। ଯାତ୍ରୀମାନଙ୍କୁ ଟ୍ରେନ ଚଳାଚଳରେ ଏହି ପରିବର୍ତ୍ତନକୁ ଧ୍ୟାନରେ ରଖି ନିଜର ଯାତ୍ରା ଯୋଜନା କରିବାକୁ ପରାମର୍ଶ ଦିଆଯାଇଛି। ଟ୍ରେନ ସମ୍ବନ୍ଧୀୟ ଅପଡେଟ୍ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ ଏନକ୍ୱାରୀ ସିଷ୍ଟମ୍' (ଏନ୍‌ଟିଇଏସ୍) କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ ଯାଞ୍ଚ କରିପାରିବେ ବୋଲି କୁହାଯାଇଛି।

# ଭାରତୀୟ ମଜଦୂର ସଂଘ ପକ୍ଷରୁ ବିଭିନ୍ନ ସମସ୍ୟା ସମାଧାନ ଦାବିରେ ରାଲି ଓ ବିକ୍ଷୋଭ

ସମ୍ବଲପୁର, ୧୭।୮ (ସମିସ) : ଭାରତୀୟ ମଜଦୂର ସଂଘ (ବିଏମ୍‌ଏସ୍) ର ଜାତୀୟ ଆହ୍ୱାନକ୍ରମେ ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ ଓ ଶ୍ରମିକମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଆଜି ସମ୍ବଲପୁର ଜିଲ୍ଲା ଶାଖା ପକ୍ଷରୁ ପ୍ରତିବାଦ ଦିବସ ପାଳନ କରାଯାଇଛି। ଏହି ଅବସରରେ ଏକ ବିଶାଳ ରାଲି ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଭାରତୀୟ ମଜଦୁର ସଂଘର ରାଞ୍ଚିଠାରେ ଅନୁଷ୍ଠିତ ୧୬୧ତମ କେନ୍ଦ୍ରୀୟ କାର୍ଯ୍ୟ ସମିତି ବୈଠକର ନିଷ୍ପତ୍ତି ଅନୁଯାୟୀ ଆଜି ସାରା ଦେଶର ସମସ୍ତ ଜିଲ୍ଲା ମୁଖ୍ୟାଳୟରେ ଶ୍ରମିକଙ୍କ ହିତରେ ଏହି ପ୍ରତିବାଦ ଦିବସ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମକୁ ସମର୍ଥନ କରି ବିଏମ୍‌ଏସ୍ ଓଡ଼ିଶା ପ୍ରାନ୍ତ ପକ୍ଷରୁ ରାଜ୍ୟର ସମସ୍ତ ଜିଲ୍ଲାରେ ମଧ୍ୟ ପ୍ରତିବାଦ ଦିବସ ଆୟୋଜନ କରାଯାଇଛି। ଶ୍ରମିକ ମାନଙ୍କ ଦୀର୍ଘଦିନର ଦାବିଗୁଡ଼ିକ ସମାଧାନ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ତତ୍‌କାଳ ପଦକ୍ଷେପ ନେବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଦାବିଗୁଡ଼ିକ ମଧ୍ୟରେ ଇଏସ୍‌ଆଇସି ଦରମା ସୀମା ୨୧ ହଜାର ଟଙ୍କାରୁ ୪୨ ହଜାର ଟଙ୍କାକୁ ବୃଦ୍ଧି, ଇପିଏଫ୍ ନ୍ୟୁନତମ ପେନସନ ୧,୦୦୦ ଟଙ୍କାରୁ ୭,୫୦୦ ଟଙ୍କାକୁ ବୃଦ୍ଧି, ଇପିଏଫ୍ ଦରମା ସୀମା ୩୦ ହଜାର ଟଙ୍କା କରିବା, ବୋନସ ଗଣନା ସୀମା ୧୮ ହଜାର ଟଙ୍କା ଏବଂ ବୋନସ ଯୋଗ୍ୟତା ସୀମା ୪୨ ହଜାର ଟଙ୍କା କରିବା ଆଦି ଅନ୍ତର୍ଭୁକ୍ତ। ସେହିପରି ଅଙ୍ଗନୱାଡି ଓ ଆଶା କର୍ମୀ ଭଳି ସ୍କିମ୍ ଶ୍ରମିକଙ୍କ ମାନଦଣ୍ଡ ବୃଦ୍ଧି, ଚୁକ୍ତିଭିତ୍ତିକ ଶ୍ରମିକଙ୍କୁ "ସମାନ କାମକୁ ସମାନ ଦରମା' ପ୍ରଦାନ, ଶ୍ରମିକ ବିରୋଧୀ ଶ୍ରମ ଆଇନର ଧାରାଗୁଡିକୁ ବିଲୋପ, ବ୍ୟାଙ୍କ କର୍ମଚାରୀଙ୍କ ପାଇଁ ପାଞ୍ଚଦିନିଆ କାର୍ଯ୍ୟ ସପ୍ତାହ ଲାଗୁ, ଗ୍ରାଚ୍ୟୁଇଟି ସୀମା ୪୦ ଲକ୍ଷ ଟଙ୍କାକୁ ବୃଦ୍ଧି, ଜାତୀୟ ନ୍ୟୁନତମ ଦରମା ମାସିକ ୩୦ ହଜାର ଟଙ୍କା ନିର୍ଦ୍ଧାରଣ ଆଦି ଦାବି ରହିଛି। ଦାବିଗୁଡ଼ିକ ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଅଧିକ ବ୍ୟାପକ କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ରାଲି ଓ ବିକ୍ଷୋଭରେ ଭାରତୀୟ ମଜଦୂର ସଂଘ ସମ୍ବଲପୁର ଜିଲ୍ଲା ସଭାପତି ତପନ କୁମାର ହୋତା, ସମ୍ପାଦକ ସୀତାକାନ୍ତ ମହାପାତ୍ର, ଶାନ୍ତନୁ ମୁହୁରା, ମମତା ପଟେଲ, ପ୍ରଭୁଦତ୍ତ ବେହେରା, ସନ୍ତୋଷ ପାଣିଗ୍ରାହୀ, କୁନି ସାହୁ, ପୁଷ୍ପାଞ୍ଜଳି ଦାଶ, ବବି ସାହା, ମଞ୍ଜୁ ରାଉତ, ସରୋଜିନୀ ସ୍ୱାଇଁ, ଲକ୍ଷ୍ମୀ ସାହୁ, ସପ୍ତ ପ୍ରଧାନ, ଦିଲେଶ୍ୱରୀ, ସୁଦାନ ନେକବ, ଜସ୍ମିନ ବେହେରା ପ୍ରମୁଖ ଶହ ଶହ ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ ଓ ଶ୍ରମିକ ସାମିଲ ହୋଇଥିଲେ।





# ଏନ୍‌ସିଇଆର୍‌ଟିର ଅଷ୍ଟମ ଶ୍ରେଣୀ ପାଠ୍ୟକ୍ରମରେ ସ୍ଥାନ ପାଇଛି 'ସମ୍ବଲପୁର ସଂଗ୍ରାମ'

ସମ୍ବଲପୁର, ୧୭।୮ (ସମିସ): ଭାରତୀୟ ସଶସ୍ତ୍ର ସଂଗ୍ରାମ ମଧ୍ୟରେ ସମ୍ବଲପୁର ସଂଗ୍ରାମ ଏନ୍‌ସିଇଆରଟିର ଅଷ୍ଟମ ଶ୍ରେଣୀ ପାଠ୍ୟକ୍ରମରେ ସ୍ଥାନ ପାଇଛି। ଯଦିଓ ସୀମିତ ସ୍ଥାନ ଉପଲବ୍ଧ ହୋଇଛି ତଥାପି ଦେଶବ୍ୟାପୀ ଛାତ୍ରଛାତ୍ରୀ ସମ୍ବଲପୁର ସଂଗ୍ରାମ ସମ୍ପର୍କରେ ସମ୍ୟକ ସୂଚନା ପାଇବା ସମ୍ବଲପୁର ପାଇଁ ଗୌରବ ଏବଂ ସଂଗ୍ରାମୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅଟେ। ପୂର୍ବତନ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ତଥା ସମ୍ବଲପୁର ଲୋକସଭା ସଦସ୍ୟ ଧର୍ମେନ୍ଦ୍ର ପ୍ରଧାନଙ୍କ ଦୃଢ଼ ସଙ୍କଳ୍ପ ଯୋଗୁଁ ଏହା ସମ୍ଭବ ହୋଇଛି ବୋଲି ବିଷୟଟି ଲେଖିଥିବା ସାମ୍ବାଦିକ ଏବଂ ଐତିହାସିକ ଦୀପକ ପଣ୍ଡା ମତବ୍ୟକ୍ତ କରିଛନ୍ତି। ୨୦୨୭ରେ ସମ୍ବଲପୁର ସଂଗ୍ରାମ ଆରମ୍ଭ ହେବାର ଦୁଇଶହ ତମ ବର୍ଷ ପାଳିତ ହେବ। ଏହାର ଅବ୍ୟବହିତ ପୂର୍ବରୁ ରାଷ୍ଟ୍ରୀୟ ସିଲାବସରେ 'ସମ୍ବଲପୁର ସଂଗ୍ରାମ' ସ୍ଥାନ ପାଇବା ମହତ୍ତ୍ୱପୂର୍ଣ୍ଣ ଅଟେ। ଶ୍ରୀ ପଣ୍ଡା କହିଛନ୍ତି ଯେ, ୧୮୨୭ ମସିହାଠାରୁ ୧୮୬୮ ପର୍ଯ୍ୟନ୍ତ ଚାଲିଥିବା ଦୀର୍ଘତମ ସମ୍ବଲପୁର ସଂଗ୍ରାମ ଘଟଣାବହୁଳ ଅଟେ। ଏହି ସଂଗ୍ରାମରେ ଅସଂଖ୍ୟ ସଂଗ୍ରାମୀ ଯୋଗ ଦେଇଥିଲେ। ଅନେକ ପରିବାରର ଦୁଇ ଓ ତିନିପିଢ଼ିର ବହୁସଦସ୍ୟ ଆତ୍ମବଳିଦାନ ଦେଇଥିଲେ। ଏଭଳି ଏକ ମହାନ୍ ତଥା ବିସ୍ତୃତ ସଂଗ୍ରାମର ଗାଥାକୁ ଅତି ସଂକ୍ଷିପ୍ତ ଭାବରେ ଉପସ୍ଥାପନ କରିବା ଏକ ଆହ୍ୱାନ ଥିଲା। କମ୍ ଶବ୍ଦରେ ଯେଭଳି ସଂଗ୍ରାମର ବିଶେଷତ୍ୱ ର ସଠିକ୍ ପରିପ୍ରକାଶ ଘଟିବ ଓ ଅଗ୍ରଣୀ ସଂଗ୍ରାମୀଙ୍କ ନାମ ଆସିପାରିବ ସେଥିପାଇଁ ସଚେତନତା, ସତର୍କତା ଅବଲମ୍ବନ କରାଯାଇଥିଲା। ସୀମିତ ସ୍ଥାନକୁ ଆଖି ଆଗରେ ରଖି ଚାରିଥର ସମ୍ପାଦିତ ହେବାପରେ ଚୂଡ଼ାନ୍ତ ଲେଖା ଗୃହୀତ ହୋଇଥିଲା। ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କୁ କୃତଜ୍ଞତା ଜଣାଇବା ସହିତ ଲେଖକ ଶ୍ରୀ ପଣ୍ଡା, ଏଥିରେ ସହଯୋଗ କରିଥିବାରୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗର ମୁଖ୍ୟ ଡଃ ଅଞ୍ଜଳି ତ୍ରିପାଠୀ ଏବଂ ଡା. ବିଭୂଦତ୍ତ ପ୍ରମୋଦ କୁମାର ମିଶ୍ରଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।

# ସମ୍ବଲପୁର ଏବଂ ଏର୍ଣ୍ଣାକୁଲମ ମଧ୍ୟରେ ସ୍ୱତନ୍ତ୍ର ଟ୍ରେନ୍

ସମ୍ବଲପୁର, ୧୭।୮ (ସମିସ) : ଯାତ୍ରୀଙ୍କ ଅତିରିକ୍ତ ଭିଡ଼କୁ ଦୂର କରିବା ପାଇଁ, ରେଳବାଇ ସମ୍ବଲପୁର-ଏର୍ଣ୍ଣାକୁଲମ-ସମ୍ବଲପୁର ମଧ୍ୟରେ ସ୍ୱତନ୍ତ୍ର ଟ୍ରେନ୍ ଚଳାଇବାକୁ ନିଷ୍ପତ୍ତି ନେଇଛି। ଟ୍ରେନ୍ ନମ୍ବର ୦୮୩୧୧ ସମ୍ବଲପୁର-ଏର୍ଣ୍ଣାକୁଲମ ଟିଓଡି ସ୍ୱତନ୍ତ୍ର ଏକ୍ସପ୍ରେସ୍ ୧୯.୦୮.୨୦୨୬ ରୁ ୦୨.୦୯.୨୦୨୬ ପର୍ଯ୍ୟନ୍ତ ପ୍ରତି ବୁଧବାର ଦିନ ୧୧.୩୫ ଘଣ୍ଟାରେ ସମ୍ବଲପୁରରୁ ଛାଡ଼ିବ ଏବଂ ଶୁକ୍ରବାର ଦିନ ୦୫.୪୦ ଘଣ୍ଟାରେ ଏର୍ଣ୍ଣାକୁଲମରେ ପହଞ୍ଚିବ। ଫେରନ୍ତା ଦିଗରେ, ଟ୍ରେନ୍ ନମ୍ବର ୦୮୩୧୨ ଏର୍ଣ୍ଣାକୁଲମ-ସମ୍ବଲପୁର ଟିଓଡି ସ୍ୱତନ୍ତ୍ର ଏକ୍ସପ୍ରେସ୍ ଏର୍ଣ୍ଣାକୁଲମରୁ ୨୧.୦୮.୨୦୨୬ ରୁ ୦୪.୦୯.୨୦୨୬ ପର୍ଯ୍ୟନ୍ତ ଶୁକ୍ରବାର ଦିନ ୦୮.୪୦ ଘଣ୍ଟାରେ ଛାଡିବ ଏବଂ ଶନିବାର ଦିନ ୨୩.୧୫ ଘଣ୍ଟାରେ ସମ୍ବଲପୁରରେ ପହଞ୍ଚିବ। ଏହି ଟ୍ରେନ୍‌ରେ ଦ୍ୱିତୀୟ ଏସି- ୧, ତୃତୀୟ ଏସି- ୫; ପ୍ରଥମ ଏସି- ୧, ସ୍ଲିପର୍- ୭, ଜେନେରାଲ ସେକେଣ୍ଡ କ୍ଲାସ୍- ୪, ସେକେଣ୍ଡ କ୍ଲାସ ଲଗେଜ୍ ତଥା ଦିବ୍ୟାଙ୍ଗ- ୧ ରହିବ। ଏହି ମାର୍ଗରେ ଟ୍ରେନ୍ ସମ୍ବଲପୁର ଏବଂ ଏର୍ଣ୍ଣାକୁଲମ ମଧ୍ୟରେ - ବରଗଡ଼ ରୋଡ୍, ବଲାଙ୍ଗିର, ଟିଟଲାଗଡ଼, କେସିଙ୍ଗା, ମୁନିଗୁଡ଼ା, ରାୟାଗଡ଼ା, ପାର୍ବତୀପୁରମ୍, ବବିଲି, ବିଜୟନଗରମ୍, କୋଟାଭାଲାସା, ଦୁଭଭାଡା, ଅନକାପଲ୍ଲୀ, ସମଲକୋଟ, ରାଜମୁନ୍ଦ୍ରି, ନିଦାଦାଭୁଲୁ, ଭିମାଭରମ ଟାଉନ, କୋଇକାଲୁର, ଗୁଡ଼ିଭଡ଼ା, ବିଜୟୱାଡା, ତେନାଲି, ଚିରାଲା, ଓଙ୍ଗୋଲ, ନେଲୋର, ଗୁଡୁର, ପେରାମ୍ବୁର, କାଟପାଡି, ଜୋଲାରପେଟାଇ, ସାଲେମ, ଇରୋଡ, ତିରୁପୁର, ପୋଦାନୁର, ପାଲକ୍କାଡ, ତ୍ରିସୁର, ଆଲୁଭା ଆଦି ଗୁରୁତ୍ୱପୂର୍ଣ୍ଣ ଷ୍ଟେସନରେ ରହଣୀ କରିବ।

# ୧୯ରେ ସରିବ ଦାବି ଓ ଆପତ୍ତି ଦାଖଲ ଅବଧି

ସମ୍ବଲପୁର, ୧୭।୮ (ସମିସ) : ଓଡ଼ିଶାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଅଧୀନରେ ଭୋଟର ତାଲିକା ଉପରେ ଦାବି ଓ ଆପତ୍ତି ଦାଖଲ ପାଇଁ ସମୟସୀମାକୁ ଭାରତ ନିର୍ବାଚନ ଆୟୋଗ ୧୯ ଅଗଷ୍ଟ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏ ସମ୍ପର୍କିତ ଆଧିକାରିକ ବିଜ୍ଞପ୍ତି ଗୃହ (ନିର୍ବାଚନ) ବିଭାଗ ପକ୍ଷରୁ ଓଡ଼ିଶା ଗେଜେଟ୍‌ରେ ପ୍ରକାଶ ପାଇଛି। ୧ ଜୁଲାଇ ୨୦୨୬ କୁ ଯୋଗ୍ୟତା ତାରିଖ ଭାବେ ଧାର୍ଯ୍ୟ କରି ଚାଲିଥିବା ଏହି ସ୍ୱତନ୍ତ୍ର ସଘନ ସଂଶୋଧନ ପ୍ରକ୍ରିୟା ପାଇଁ ଭାରତ ନିର୍ବାଚନ ଆୟୋଗ ସଂଶୋଧିତ କାର୍ଯ୍ୟସୂଚୀ ଜାରି କରିଛନ୍ତି। ଜିଲ୍ଲାରେ ଅଧିକରୁ ଅଧିକ ଯୋଗ୍ୟ ନାଗରିକଙ୍କୁ ଭୋଟର ତାଲିକାରେ ସାମିଲ କରିବା, ଯୋଗ୍ୟ ଭୋଟରଙ୍କୁ ପର୍ଯ୍ୟାପ୍ତ ସମୟ ଦେବା ଏବଂ ଦାବି ଓ ଆପତ୍ତି ପ୍ରକ୍ରିୟାକୁ ଅଧିକ ସୁବ୍ୟବସ୍ଥିତ ଓ ଅନ୍ତର୍ଭୁକ୍ତିମୂଳକ କରିବା ଉଦ୍ଦେଶ୍ୟରେ ଏହି ସମୟ ବୃଦ୍ଧି କରାଯାଇଛି। ଯେଉଁ ଯୋଗ୍ୟ ନାଗରିକଙ୍କ ନାମ ଭୋଟର ତାଲିକାରେ ସାମିଲ ହୋଇନାହିଁ କିମ୍ବା ଭୋଟର ତାଲିକାରେ ଥିବା ତଥ୍ୟରେ କୌଣସି ତ୍ରୁଟି ରହିଛି, ସେମାନେ ୧୯ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଦାବି ଓ ଆପତ୍ତି ଦାଖଲ କରିପାରିବେ। ଏହି ଅବଧି ମଧ୍ୟରେ ଫର୍ମ-୬ ମାଧ୍ୟମରେ ନୂତନ ଭୋଟର ଭାବେ ପଞ୍ଜୀକରଣ, ଫର୍ମ-୭ ମାଧ୍ୟମରେ ନାମ ବିଲୋପ ପାଇଁ ଆବେଦନ ଏବଂ ଫର୍ମ-୮ ମାଧ୍ୟମରେ ଭୋଟର ତାଲିକାରେ ଥିବା ତଥ୍ୟର ସଂଶୋଧନ ପାଇଁ ଆବେଦନ କରାଯାଇପାରିବ। ୧ ଜୁଲାଇ ୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରିଥିବା ସମସ୍ତ ଯୋଗ୍ୟ ନାଗରିକ ଏହି ସୁଯୋଗର ସଦ୍‌ବ୍ୟବହାର କରିବାକୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ନୋଟିସ ପ୍ରଦାନ, ଶୁଣାଣି ଓ ଦାବି-ଆପତ୍ତିର ନିଷ୍ପତ୍ତି ପ୍ରକ୍ରିୟା ୧୭ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଚାଲିବ। ଏହାପରେ ୨୧ ସେପ୍ଟେମ୍ବର ୨୦୨୬ରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ ପାଇବ।

# ୨୦୦୧ ଏମ୍‌ବିବିଏସ୍ ବ୍ୟାଚ୍ ପକ୍ଷରୁ ପୁରାତନ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

ସମ୍ବଲପୁର, ୧୭।୮ (ସମିସ)

ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମସାର)ର ୨୦୦୧ ଏମ୍‌ବିବିଏସ୍ ବ୍ୟାଚ ପକ୍ଷରୁ ଛାତ୍ରଛାତ୍ରୀମାନଙ୍କ ସମାବେଶରେ ଶିକ୍ଷାନୁଷ୍ଠାନର ଗୁଣାତ୍ମକ ଉନ୍ନତି ତଥା ଅନ୍ୟ ବିଷୟରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଗୁରୁପୂଜନ କାର୍ଯ୍ୟକ୍ରମରେ ପୁରାତନ ଶିକ୍ଷକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଗତ ୧୪ ଓ ୧୫ ତାରିଖ ଦୁଇଦିନିଆ କାର୍ଯ୍ୟକ୍ରମରେ ପୁରାତନ ଶିକ୍ଷକ ଭାରପ୍ରାପ୍ତ ଡିନ୍ ପ୍ରଫେସର ଭାବଗ୍ରାହୀ ରଥ, ପ୍ରଫେସର ସାଧୁଚରଣ ପଣ୍ଡା, ପ୍ରଫେସର ସଦାନନ୍ଦ ରଥ, ପ୍ରଫେସର ବନ୍ଦନା ରଥ, ପ୍ରଫେସର ଶୋଭାଗିନୀ ଆଚାର୍ଯ୍ୟ, ପ୍ରଫେସର ସାଗରିକା ତ୍ରିପାଠୀ, ପ୍ରଫେସର ଅଶୋକ ପାଣିଗ୍ରାହୀ, ପ୍ରଫେସର ପୂର୍ଣ୍ଣଚନ୍ଦ୍ର କରୁଆ, ପ୍ରଫେସର ବିମଳ ପଣ୍ଡା ପ୍ରମୁଖଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡା. ଇରା ପ୍ରହରାଜ, ଡା. ସ୍ୱାତିଶ୍ରୀ ନାୟକ, ଡା. ଅନୋଜା, ଡା. ପୂର୍ଣ୍ଣିମା ମେହେର, ଡା. ଦିବ୍ୟ ବରା, ଡା. ବବିତା ରମାନୀ, ଡା. ଚିନ୍ମୟ, ଡା. ଶଙ୍କର ରାମଚନ୍ଦାନୀ, ଡା. ଆନନ୍ଦିତା ସରାଫ, ଡା. ଭାବନା ଶ୍ରୀରାମକା ତଥା ୨୦୦୧ ଏମ୍‌ବିବିଏସ୍ ବ୍ୟାଚ୍‌ର ସହପାଠୀମାନେ ଆୟୋଜନ କରିବାସହ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ବ୍ୟାଚ୍‌ର ସହପାଠୀମାନେ ଭିମ୍‌ସାରର ଉନ୍ନତିକଳ୍ପେ କାର୍ଯ୍ୟ କରିବେ ବୋଲି ସଂକଳ୍ପବଦ୍ଧ ହୋଇଥିଲେ।





### ବ୍ୟବସାୟୀ ନରେନ୍ଦ୍ର ସାହୁ ଅପହରଣ ମାମଲା

# ପୁଲିସ ଜାଲରେ ମହିଳା ଏସ୍ଆଇ ଓ ସାମ୍ବାଦିକ

ବଲାଙ୍ଗିର,୧୭ ।୮ (ସମିସ)

ବଲାଙ୍ଗିର ବହୁ ଚର୍ଚ୍ଚିତ ବ୍ୟବସାୟୀ ଗୁଣ୍ଡା ସାହୁ ଅପହରଣ ମାମଲା ଦିନକୁ ଦିନ ମୋଡ ବଦଳାଉଛି। ସ୍ପଷ୍ଟ ଦିବାଲୋକରେ ସହରର ଜଣେ ଜଣାଶୁଣା ବ୍ୟବସାୟୀଙ୍କୁ ରାସ୍ତାରୁ ଅପହରଣ କରିନେବା ଘଟଣା ଯେତେ ଚର୍ଚ୍ଚା ସୃଷ୍ଟି କରି ନ ଥିଲା ଏହି ଅପହରଣ ଘଟଣା ପଛରେ ଥିବା କାରଣକୁ ନେଇ ଅନେକ ଚର୍ଚ୍ଚା, ଆଲୋଚନା ସାମ୍ନାକୁ ଆସିଥିଲା।୨୪ ଘଣ୍ଟା ଭିତରେ ବଲାଙ୍ଗିର ପୁଲିସ ଅପହୃତ ବ୍ୟବସାୟୀ ନରେନ୍ଦ୍ର ସାହୁ ଓରଫ ଗୁଣ୍ଡାଙ୍କୁ ଉଦ୍ଧାର କରିବା ସହ ଅପହରଣକାରୀଙ୍କୁ ମଧ୍ୟ ଭୁବନେଶ୍ୱରରୁ ଗିରଫ କରିଥିଲା। ପରେ ଆଉ ଜଣେ ଯୁବକକୁ ଗିରଫ କରିଥିଲା। ସୋମବାର ଏହି ଘଟଣାରେ ଆଉ ୨ ଜଣଙ୍କୁ ଗିରଫ କରିଛି। ଏହି ଅପହରଣ ମାମଲାରେ ମୁଖ୍ୟ ଅଭିଯୁକ୍ତ କ୍ଷିତୀଶ ଚନ୍ଦ୍ର ସାହୁଙ୍କୁ ପୂର୍ବରୁ ଗିରଫ କରିଥିଲା। ତାଙ୍କ ଭଉଣୀ ପୁଲିସ ଏସ୍ଆଇ ସ୍ନେହା ମଞ୍ଜରୀ ସାହୁଙ୍କୁ ଗିରଫ କରିଥିବା ବେଳେ ଆଉ ଜଣେ ଅଭିଯୁକ୍ତ ତଥା ଏକ ଗଣମାଧ୍ୟମର ପ୍ରତିନିଧି ସଞ୍ଜୟ ଜେନାକୁ ମଧ୍ୟ ଗିରଫ କରାଯାଇଛି। ତେବେ ଏହି ଘଟଣା ପଛରେ ଚର୍ଚ୍ଚା ହେଉଥିବା ହନୁମାନ ପଇସା, ଜମି କିମ୍ବା ବ୍ୟବସାୟିକ ଶତ୍ରୁତାକୁ ସୋମବାର ଏସ୍‌ପି ଅସ୍ୱୀକାର କରିଛନ୍ତି। ଏହା କେବଳ ଟଙ୍କା ପାଇଁ କରାଯାଇଥିବା ସ୍ପଷ୍ଟ କରିଛନ୍ତି।

ଶନିବାର ବଲାଙ୍ଗିର ସହରର ଜଣେ ଜଣାଶୁଣା ବ୍ୟବସାୟୀ ନରେନ୍ଦ୍ର ସାହୁଙ୍କୁ ଅପହରଣ କରାଯାଇଥିବା ନେଇ ପରିବାର ଲୋକେ ଟାଉନ ଥାନା ଅଭିଯୋଗ କରିଥିଲେ। ଏହି ଘଟଣା ସାମ୍ନାକୁ ଆସିବା ପରେ ଏହିଭଳି ଏକ ହାଇପ୍ରୋଫାଇଲ ଅପହରଣ ମାମଲାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ଗତ ୧୫ ତାରିଖ ସଂଧ୍ୟାରେ ବଲାଙ୍ଗିର ପୁଲିସ ନରେନ୍ଦ୍ର ସାହୁଙ୍କୁ ଭୁବନେଶ୍ୱରରୁ ଉଦ୍ଧାର କରିଥଲା। ତାଙ୍କୁ ଅପହରଣ କରିଥିବା କ୍ଷିତୀଶ ଚନ୍ଦ୍ର ସାହୁଙ୍କୁ ଗିରଫ କରିଥିଲା। ତାଙ୍କ ଗାଡି ଓ ଏକ ପିସ୍ତଲ ଜବତ କରିଥିଲା। ତେବେ କ୍ଷିତୀଶ ଅପହରଣ ପଛରେ ହନୁମାନ ପଇସା ପାଇଁ ହୋଇଥିବା ୨ କୋଟି ୭୦ ଲକ୍ଷ ଡିଲ୍ ବିଷୟରେ ପୁଲିସକୁ କହିଥିବା ବେଳେ ବ୍ୟବସାୟୀ ଜଣକ ଏହାକୁ ମନା କରିଥିଲେ। ତେବେ ଏହି ମାମଲାର ତଦନ୍ତ ଆଗକୁ ବଢିଚାଲିବା ସହ ଅନେକ ତଥ୍ୟ ସାମ୍ନାକୁ

**● ୪ରେ ପହଞ୍ଚିଲା ଗିରଫ ସଂଖ୍ୟା**
**● ଟଙ୍କା ପାଇଁ ଅପହରଣ**

ଆସିଥିଲା। କ୍ଷିତୀଶ କିଛି ଦିନ ପୂର୍ବରୁ ବଲାଙ୍ଗିର ଆସି ଏକ ହୋଟେଲରେ ରହିଥିଲେ। ଏହି ସମୟରେ ସେ ବ୍ୟବସାୟୀ ନରେନ୍ଦ୍ରଙ୍କ ଉପରେ ନଜର ରଖି ଯୋଜନା କରି ଅପହରଣ କରି ନେଇଥିଲେ। ତେବେ ଏହି ମାମଲାରେ ସୋମବାର ପୁଲିସ ଆଉ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ଏସ୍‌ପି ଅଭିଳାଷ ଜି. ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତ ୨ ଜଣ ହେଲେ ମୁଖ୍ୟ ଅଭିଯୁକ୍ତ କ୍ଷିତୀଶ ଚନ୍ଦ୍ର ସାହୁଙ୍କ ଭଉଣୀ ପୁଲିସ ଏସ୍ଆଇ ସ୍ନେହା ମଞ୍ଜରୀ ସାହୁ ଓ ଭୁବନେଶ୍ୱରରେ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧି ସଞ୍ଜୟ ଜେନା। ତେବେ ପୁଲିସ ଏସ୍ଆଇ ସ୍ନେହା ମଞ୍ଜରୀ କମିଶନରେଟ ପୁଲିସରେ କାର୍ଯ୍ୟରତ। ତାଙ୍କ ନାମରେ ପୂର୍ବରୁ ମାମଲା ରହିଥିବା ଏସ୍‌ପି କହିଛନ୍ତି। କ୍ଷିତୀଶଙ୍କ ସହ ସଂପୃକ୍ତ ଦୁଇ ଅଭିଯୁକ୍ତ ମିଶି ଷଡଯନ୍ତ୍ର କରିଥିଲେ। ଲଗାତାର ତିନି ଜଣଙ୍କ ମଧ୍ୟରେ ଫୋନରେ କଥାବାର୍ତ୍ତା ଚାଲିଥିବା ପୁଲିସ ତଦନ୍ତରୁ ଜାଣିବାକୁ ପାଉଛି। ପୁଲିସ ଏସଆଇ ବଲାଙ୍ଗିର ଆସୁଥିବା ବେଳେ ତାଙ୍କୁ ପୁଲିସ ଗିରଫ କରିଥିଲା। କ୍ଷିତୀଶଙ୍କ ଫୋନ ମଧ୍ୟ ତାଙ୍କ ପାଖରୁ ଜବତ କରିଛି। ଅନ୍ୟପଟେ ସାମ୍ବାଦିକ ସଞ୍ଜୟ ଜେନାଙ୍କୁ ପୁଲିସ ଭୁବନେଶ୍ୱରରୁ ଗିରଫ କରିଛି। ଅନ୍ୟ ୬ ଜଣ ଅଭିଯୁକ୍ତ ଏବେ ବି ଫେରାର ରହିଥିବା ଏସ୍‌ପି ସୂଚନା ଦେଇଛନ୍ତି। ତେବେ ଏହି ଅପହରଣ ମାମଲା ପଛରେ କୌଣସି ହନୁମାନ ପଇସା କିମ୍ବା ବ୍ୟବସାୟିକ ବିବାଦ ନ ଥିଲା। କେବଳ ଟଙ୍କା ପାଇଁ ଅପହରଣ କରାଯାଇଥିଲା। ଏଥିପାଇଁ ସେମାନେ ୫୦ ଲକ୍ଷ ଟଙ୍କା ଦାବି ମଧ୍ୟ କରିଥିବା ଏସ୍‌ପି କହିଛନ୍ତି। ଯେହେତୁ ନରେନ୍ଦ୍ର ସାହୁ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ଥିଲେ ତାଙ୍କ ପାଖରୁ ଟଙ୍କା ସହଜରେ ମିଳିଯିବ ଭାବି ଏହି ଅପହରଣ କରିଥିବା ପୁଲିସ ସ୍ପଷ୍ଟ କରିଛି; କିନ୍ତୁ ସତରେ କ'ଣ କେବଳ ଟଙ୍କା ପାଇଁ ଏହି ଅପହରଣ କରାଯାଇଥିଲା ନା ଏହା ପଛରେ ଏମିତି କିଛି କାରଣ ରହିଛି ଯାହାକୁ ପୁଲିସ ସାମ୍ନାକୁ ଆଣିବାକୁ ଚାହୁଁନାହିଁ ତାହା ସବୁଠାରୁ ବଡ ପ୍ରଶ୍ନ ହୋଇରହିଛି। ଅପହରଣକାରୀଙ୍କ ନାମରେ ଅପହରଣକୁ ନେଇ କୌଣସି ମାମଲା ନ ଥିବା ବେଳେ ଠକେଇ ଓ ଜୋରଜବରଦସ୍ତି ଟଙ୍କା ଅସୁଲି ମାମଲା ରହିଛି। ଅନେକ ପ୍ରଶ୍ନ ଭିତରେ ଏହି ମାମଲା ଛନ୍ଦି ହୋଇଛି। ହଠାତ ମାମଲା ଆଉ ଏକ ମୋଡ ନେବା ଚକିତ କରିଛି।

### ପୁଲିସ ପୋଷାକ ଭିତରେ ଅପରାଧୀର ମାନସିକତା

ବହୁ ଚର୍ଚ୍ଚିତ ନରେନ୍ଦ୍ର ସାହୁ(ଗୁଣ୍ଡା) ଅପହରଣ ମାମଲା ଉପରୁ ପୁଲିସ ରହସ୍ୟ ହଟାଇଛି। ଗିରଫ କ୍ଷିତୀଶ ସାହୁ, ସ୍ନେହାମଞ୍ଜରୀ ସାହୁ ଓ ସାମ୍ବାଦିକ ସଞ୍ଜୟ ଜେନା ଏହି ଅପହରଣ ପାଇଁ ଷଡଯନ୍ତ୍ର କରିଥିବା ବେଳେ କ୍ଷିତୀଶର ଭଉଣୀ ପୁଲିସ ଏସ୍ଆଇ ସ୍ନେହା ମଞ୍ଜରୀ ପୁଲିସକୁ କିଭଳି ଚକମା ଦେଇହେବ ସେନେଇ ଯୋଜନା ପ୍ରସ୍ତୁତ କରିଥିବା ଏସପି କହିଛନ୍ତି। ଏସପିଙ୍କ ସୂଚନା ଅନୁସାରେ ଅପହରଣ ପରେ ନରେନ୍ଦ୍ର ସାହୁଙ୍କ ଗାଡିକୁ ଭୁବନେଶ୍ୱରକୁ ଅନ୍ୟ ଏକ ରୁଟ୍‌ରେ ନିଆଯାଇଥିଲା। ଖଣ୍ଡଗିରି ଥାନା ନିକଟ ଏକ ହୋଟେଲରେ ତାଙ୍କୁ ବାନ୍ଧି ରଖିବା ସହ ଅନ୍ୟ ସ୍ଥାନକୁ ନେଇ ପରିବାର ଲୋକ ସହ ଫୋନରେ କଥାବର୍ତ୍ତା କରିବାକୁ କୁହାଯାଉଥିଲା। ଏପରିକି ନରେନ୍ଦ୍ର ସାହୁଙ୍କୁ ହୋଟେଲ ଭିତରେ ଚାପ ପକାଇ ବନ୍ଧୁକ ଧରାଇ ଭୟ ଦେଖାଇବା, କାକୁତି ମିନତୀ କରିବା ଭଳି ଭିଡିଓ କରାଯାଇଥିଲା; ଯାହାକି ଅଭିଯୁକ୍ତମାନେ ଓଲଟି ନରେନ୍ଦ୍ର ସାହୁଙ୍କ ନାମରେ ଅପହରଣ ଓ ହତ୍ୟା ଧମକ ଦେବା ଭଳି ମାମଲାରେ ଫସାଇବାକୁ ଭୟ ଦେଖାଇଥିଲେ। ଏଥିପାଇଁ ତାଙ୍କୁ ଖଣ୍ଡଗିରି ଥାନାକୁ ମଧ୍ୟ ନିଆଯାଇଥିଲା। କ୍ଷିତୀଶ ଚନ୍ଦ୍ର ସାହୁ ନିଜେ ଅପହରଣ ଓ ଟଙ୍କା ଦାବି କରିବା ନେଇ ଥାନାରେ ଲିଖିତ ଅଭିଯୋଗ କରିବାକୁ ଯୋଜନା କରାଯାଇଥିଲା। ଅଭିଯୋଗ ପତ୍ରକୁ ସାମ୍ବାଦିକ ସଞ୍ଜୟ ଜେନା ଲେଖିଥିଲେ। ଏଭଳିକି ସେ ନିଜକୁ ପୁଲିସ ଏସ୍ଆଇ ବୋଲି ମଧ୍ୟ ପରିଚୟ ଦେଉଥିଲେ। ଏହି ସବୁ ଷଡଯନ୍ତ୍ରକୁ ପୁଲିସ ଏସ୍ଆଇ ସ୍ନେହା ମଞ୍ଜରୀ ନିଜେ ରଚନା କରିଥିଲେ।

## ବର୍ଷାରେ ଭାଙ୍ଗିଲା ଶଗଡା ବାଘ ବ୍ୟାରେଜ ମୁଖ୍ୟ କେନାଲ

ମନମୁଣ୍ଡା,୧୭ ।୮ (ସମିସ): ବୌଦ୍ଧ ବ୍ଲକ୍ ଶଗଡା ବାଘ ବ୍ୟାରେଜ ମୁଖ୍ୟ କେନାଲ କଂକ୍ରିଟ କାମ ଅନେକ ସ୍ଥାନରେ ବର୍ଷାରେ ଭାଙ୍ଗି ଯାଇଛି। ପ୍ରାୟ ୩ ମାସ ପୂର୍ବେ କେନାଲର ପୁନଃରୁଦ୍ଧାର ସହ କଂକ୍ରିଟ କାମ ହୋଇଥିଲା। ଅନେକ ସ୍ଥାନରେ କଂକ୍ରିଟ କାମ ଭାଙ୍ଗି ଯାଇ ମାଟି ଅତଡ଼ା ଖସି ଘାଇ ହୋଇଛି। ବର୍ତ୍ତମାନ ଚାଷ ସମୟ ହୋଇଥିବାରୁ ଏଭଳି ଦୃଶ୍ୟ ଦେଖି ଚାଷୀଙ୍କ ମନରେ ଆଶଙ୍କା ସୃଷ୍ଟି



ହୋଇଛି। ଚାଷ କାମରେ ବ୍ୟାଘାତ ଦେଖାଦେବା ସମ୍ଭାବନା ଦେଖାଯାଇଛି। କାମ ନିମ୍ନମାନର ହୋଇଥିବା ବରିଷ୍ଠ କଂଗ୍ରେସ ନେତା ରଘୁନାଥ ପଲିଆ କହିଛନ୍ତି। ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧ୍ୟରେ ସଲାସୁତୁରା ଓ ମଧୁଚନ୍ଦ୍ରିକା ଯୋଗୁଁ ଏପରି ହୋଇଥିବା କୁହାଯାଇଛି। ଜଣେ ସରକାରୀ କର୍ମଚାରୀ ଗୋଟିଏ ସ୍ଥାନରେ ଅତି ବେଶୀରେ ୩ବର୍ଷ ରହିବା କଥା; କିନ୍ତୁ ବାଘ ପ୍ରକଳ୍ପରେ କାର୍ଯ୍ୟରତ ଜଳସେଚନ ବିଭାଗ କନିଷ୍ଠ ଯନ୍ତ୍ରୀ ୧୦ବର୍ଷ ହେବ ଗୋଟିଏ ଜାଗାରେ ଅଛନ୍ତି। ତାଙ୍କୁ ଏଠାରୁ ବଦଳି ନ କଲେ ଆନ୍ଦୋଳନ କରାଯିବ ବୋଲି କଂଗ୍ରେସ ନେତା ରଘୁନାଥ ପଲିଆ ଚେତାବନୀ ଦେଇଛନ୍ତି। ତେବେ ଏନେଇ କନିଷ୍ଠ ଯନ୍ତ୍ରୀ ଅନାଦି ବେହେରାଙ୍କୁ ପଚାରିବାରୁ ସେ ଏହି ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି। କେନାଲ କାମ ଓସିସି (ଓଡ଼ିଶା କନ୍‌ଷ୍ଟ୍ରକସନ୍ କର୍ପୋରେସନ) କରୁଛି। କାମ ସମ୍ପୂର୍ଣ୍ଣ ହୋଇ ନାହିଁ। କେନାଲ ଭାଙ୍ଗିବା କଥା ସେ ଅବଗତ କରିଛନ୍ତି। ଓସିସି କନିଷ୍ଠ ଯନ୍ତ୍ରୀ ତ୍ରିଭୁବନ ସେଠୀଙ୍କୁ ପଚାରିବାରୁ ପ୍ରାୟ ୧୦ଟି ଜାଗାରେ ଭାଙ୍ଗିଛି। ବର୍ଷା ଛାଡ଼ିଲେ ମରାମତି କରିଦେବେ ବୋଲି କହିଛନ୍ତି।

## ଗୁରୁ ଭିକାରୀ ଚରଣ ନାଏକଙ୍କ ସ୍ମୃତିଚାରଣ ସଭା

ବୌଦ୍ଧ,୧୭ ।୮ (ସମିସ): ସ୍ଥାନୀୟ ଟାଉନ ହଲ୍‌ରେ ବିଶିଷ୍ଟ ନାଟ୍ୟ ସାଧକ ତଥା ଶ୍ରୀରାମଲୀଳା ନାଟ୍ୟ ସଂସଦର ଗୁରୁ ସ୍ୱର୍ଗତ ଭିକାରୀ ଚରଣ ନାଏକଙ୍କ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ମୃତ୍ୟୁଞ୍ଜୟ ମିଶ୍ର ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ, ଆରକ୍ଷୀ ଅଧୀକ୍ଷକ କୁଳଦୀପ ମୀନା, ଡ. ଜ୍ୟୋତିରଞ୍ଜନ ବହିଦାର, ପ୍ରାଧ୍ୟାପକ ବାସୁଦେବ ପାତ୍ର, ବସନ୍ତ ସାହୁ, ଗୁରୁ ହୃଦାନନ୍ଦ ମେହେର ଓ ସମ୍ପାଦକ ମାନସ ମିଶ୍ର ଉପସ୍ଥିତ ଥିଲେ।

## କଣ୍ଟାମାଳ ବ୍ଲକ୍ କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

କଣ୍ଟାମାଳ/ମନମୁଣ୍ଡା,୧୭ ।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ସଭାଗୃହରେ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ କୁଲଦୀପ ମୀନା, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ ଜିଲ୍ଲାପାଳ ବିନୟ ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡ. ମହେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ୮୮ଟି ବ୍ୟକ୍ତିଗତ ଓ ୬ଟି ଗୋଷ୍ଠୀଗତ ଏଭଳି ମୋଟ ୯୪ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୨୭ ଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା। ଅନ୍ୟାନ୍ୟ ଅଭିଯୋଗ ଉପରେ ଶୀଘ୍ର ପଦକ୍ଷେପ ନେବା ପାଇଁ ସଂପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ୦୪ ଜଣ ଅସହାୟଙ୍କୁ ୨୫୦୦୦ ଟଙ୍କା ତତ୍କାଳ ସହାୟତା ରେଡ୍ କ୍ରସ ପାଣ୍ଠିରୁ ପ୍ରଦାନ




କରାଯାଇଥିଲା। ଏହି ଅବସରରେ କଣ୍ଟାମାଳ ପଞ୍ଚାୟତ ପ୍ରାଙ୍ଗଣରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ୧୮୯ ଜଣ ଦିବ୍ୟାଙ୍ଗ ରେଜିଷ୍ଟ୍ରେସନ କରିଥିଲେ। ଏମାନଙ୍କ ମଧ୍ୟରୁ ୮୬ ଜଣ ଭିନ୍ନକ୍ଷମ ସାର୍ଟିଫିକେଟ, ୬ ଜଣ ଭିନ୍ନକ୍ଷମ ଭତ୍ତା, ୫ ଜଣ ବିଧବା ଭତ୍ତା, ୧୨ ଜଣ ଫ୍ରି ବସ ପାସ୍ ଓ ୩ ଜଣ ହୁଇଲ ଚେୟାର ପାଇଥିଲେ। ବିଡ଼ିଓ ସାକ୍ଷୀ ରେ‡ୀ ଜୟଶ୍ରୀ, ଆସିଷ୍ଟାଣ୍ଟ କଲେକ୍ଟର ଜ୍ୟୋତିରଞ୍ଜନ ଭୁଏ, ସୁଶ୍ରୀ ରଶ୍ମୀ ରେଖା ନାୟକ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏହି ଅବସରରେ ବ୍ଲକ୍ ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ସେବା ଶିବିର ଆୟୋଜନ କରାଯାଇଥିଲା।

## ଦୁର୍ଗାପୂଜା କମିଟି ରୌପ୍ୟ ଜୟନ୍ତୀ ପାଇଁ ପ୍ରସ୍ତୁତି

ମନମୁଣ୍ଡା,୧୭ ।୮ (ସମିସ): ଶଗଡ଼ା ଶ୍ରୀ ଜଗନ୍ନାଥ ନାଟ୍ୟ ସଂସଦ ସଭାଗୃହରେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ବିଶିଷ୍ଟ ନାଟ୍ୟକାର, ନିର୍ଦ୍ଦେଶକ ବଲ୍ଲଭ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ଚଳିତ ବର୍ଷ ସାର୍ବଜନୀନ ଦୁର୍ଗାପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସଂସଦ ସଭାପତି ସୁମନ୍ତ ମିଶ୍ରଙ୍କ ସଭାପତିତ୍ୱରେ ପ୍ରସ୍ତୁତି ବୈଠକ ହୋଇଥିଲା। ୨୫ ବର୍ଷ ପୂର୍ତ୍ତି ଅବସରରେ ଅନୁଷ୍ଠାନ ତରଫରୁ ରୌପ୍ୟ ଜୟନ୍ତୀ ପାଳନ କରାଯିବ। ସୁରଥ ମିଶ୍ର, ସ୍ତମ୍ଭକାର ରାଜୀବ କର୍ମୀ, ଦୀନବନ୍ଧୁ ଦେହୁରୀ, ସୁମନ୍ତ ମିଶ୍ର, ସମ୍ପାଦକ ଦିଲ୍ଲୀପ ରାଉତ, ସଭ୍ୟ ଶମ୍ଭୁ ମିର୍ଦ୍ଧା, ରଘୁନାଥ ପଲିଆ, ପ୍ରମୋଦ ମଲ୍ଲିକ, ରମାକାନ୍ତ ଖଟୁଆ, ନାରାୟଣ ମେହେର, ବିଶିକେଶନ ସାହୁ, ପ୍ରଭାତ ରାଉତ, ରାଜେଶ ସାହୁ, ସୂର୍ଯ୍ୟ ସାହୁ, ସୁବଳ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ପ୍ରତିବାଦ




ବୌଦ୍ଧ,୧୭ ।୮ (ସମିସ): ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍' ଆନୁଷ୍ଠାନିକ ଗାନ ସମୟରେ କଂଗ୍ରେସର ଶୀର୍ଷ ନେତା ରାହୁଲ ଗାନ୍ଧୀ, ସୋନିଆ ଗାନ୍ଧୀ ଏବଂ ମଲ୍ଲିକାର୍ଜୁନ ଖଡ଼ଗେ ନୂଆଦିଲ୍ଲୀସ୍ଥିତ ଏଆଇସିସି କାର୍ଯ୍ୟାଳୟରେ ଅସମ୍ମାନ ପ୍ରଦର୍ଶନ କରିଥିବା ଅଭିଯୋଗ କରି ସାରା ଦେଶରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ଭାରତୀୟ ଜନତା ଯୁବ ମୋର୍ଚ୍ଚା ନେତୃତ୍ୱରେ ସାରାଦେଶର ବିଭିନ୍ନ ଜିଲ୍ଲା କେନ୍ଦ୍ରରେ କଂଗ୍ରେସ ବିରୋଧରେ ବ୍ୟାପକ ପ୍ରତିବାଦ ଶୋଭାଯାତ୍ରା ଓ କ୍ୟାଣ୍ଡେଲ ଲାଇଟ୍ ମାର୍ଚ୍ଚ ହେଉଛି। ବୌଦ୍ଧରେ ସଭାପତି ମଣ୍ଟୁ ସାହୁ ନେତୃତ୍ୱ ନେଇଥିଲେ। ସ୍ଥାନୀୟ ଗାନ୍ଧୀଛକ ଠାରୁ ଯୁବମୋର୍ଚ୍ଚାର ଶତାଧିକ କାର୍ଯ୍ୟକର୍ତ୍ତାଙ୍କୁ ନେଇ ଏକ ବିଶାଳ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରିଥିଲା। ଶୋଭାଯାତ୍ରାରେ ବିଜେପି ଜିଲ୍ଲା ସଭାପତି ପ୍ରେମାନନ୍ଦ ମିଶ୍ର ଯୋଗ ଦେଇଥିଲେ। ଯୁବମୋର୍ଚ୍ଚାର କାର୍ଯ୍ୟକର୍ତ୍ତା କ୍ୟାଣ୍ଡେଲ ଏବଂ ପ୍ଲାକାର୍ଡ ଧରି କଂଗ୍ରେସ ନେତୃତ୍ୱ ବିରୋଧରେ ନାରାବାଜି କରିଥିଲେ। ଦେଶର ସ୍ୱାଧୀନତା ସଂଗ୍ରାମର ପ୍ରତୀକ 'ବନ୍ଦେ ମାତରମ୍' ଗୀତ ପ୍ରତି କଂଗ୍ରେସର ଏଭଳି ମାନସିକତାକୁ ଦେଶବାସୀ କେବେହେଲେ କ୍ଷମା କରିବେ ନାହିଁ ବୋଲି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ପୂର୍ବତନ ଜିଲ୍ଲା ସଭାପତି, ଜିଲ୍ଲାର ପଦାଧିକାରୀ, ମଣ୍ଡଳ ସଭାପତି, ମୋର୍ଚ୍ଚା ସଭାପତି ଏବଂ ଦଳର ବହୁ ବରିଷ୍ଠ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

ଖପ୍ରାଖୋଲ,୧୭ ।୮ (ସମିସ): ହରିଶଙ୍କର ମନ୍ଦିରର ବିକାଶ ପାଇଁ ପ୍ରସ୍ତାବିତ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଛି। ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପାଟଣାଗଡ଼ ଉପ ଜିଲ୍ଲାପାଳ ସୁନୀଲ ମେହେର ଅଧକ୍ଷତା କରିଥଲେ। ସମ୍ମାନୀତ ଅତିଥି ରୂପେ ପୂର୍ତ୍ତ ବିଭାଗ ନିରୀକ୍ଷଣ ଯନ୍ତ୍ରୀ ଇ ଗୁଣନିଧି ନାୟକ, ଓଡିଶା ଜଙ୍ଗଲ ଉନ୍ନୟନ ନିଗମ ଏସ୍‌ଡିଏମ୍ ସୌମେନ୍ଦ୍ର ଦାସ ଯୋଗ ଦେଇଥିଲେ। ପର୍ଯ୍ୟଟନ ବିଭାଗ ତରଫରୁ ୧୩ କୋଟି ୫୧ ଲକ୍ଷ ଟଙ୍କା ବ୍ୟୟ ବରାଦରେ ହେବାକୁ ଥିବା ପ୍ରକଳ୍ପ ପୂର୍ତ୍ତ ଓ ଜଙ୍ଗଲ ଉନ୍ନୟନ ନିଗମ ତରଫରୁ ବ୍ୟୟ



ବରାଦ ଓ ସମ୍ପୂର୍ଣ୍ଣ ବିବରଣୀ ଉପସ୍ଥାପିତ ହୋଇଥିଲା। ସେହିପରି ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପାଣ୍ଠିରୁ ୨୦ ଲକ୍ଷ ଟଙ୍କା ବ୍ୟୟରେ ହରିଶଙ୍କର ସୁଭଦ୍ରା ଶକ୍ତି କାଫେ ପରିସରରେ ନୂତନ କୋଠା ନିର୍ମାଣ ଲାଗି ଶିଳାନ୍ୟାସ କରାଯାଇଛି। ପଡ଼ିଆବାହାଲ କଲ୍ୟାଣ ମଣ୍ଡପ ରାସ୍ତା ପାଇଁ ୨୦ ଲକ୍ଷ ଟଙ୍କାର ପ୍ରକଳ୍ପ ଓ ଲୁହାସିଂହାରେ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ୨୦ ଲକ୍ଷ ଟଙ୍କା ବ୍ୟୟ ବରାଦରେ ଶିଳାନ୍ୟାସ କରାଯାଇଛି। ଏହି ଅବସରରେ ପାଟଣାଗଡ଼ ଉପଖଣ୍ଡ ପୁଲିସ ଅଧିକାରୀ ସଦାନନ୍ଦ ପୁଝାରୀ, ଖପ୍ରାଖୋଲ ବିଡିଓ ବିବେକାନନ୍ଦ ଷଡଙ୍ଗୀ, ତହସିଲଦାର ସତ୍ୟସୁନ୍ଦର ରାଉତରାୟ, ପାଟଣାଗଡ଼ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନାରାୟଣ ଦଣ୍ଡସେନା, ପଡିଆବାହାଲ ସରପଞ୍ଚ ଦେବରାଜ ପ୍ରଧାନ, ଲୁହାସିଂହା ସରପଞ୍ଚ ମୁନା ପୁରୋହିତ, ପଦ୍ମ କୁମାର ସିଂ ବରିହା, ସନ୍ତୋଷ ଭଇଁସାଲ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜକିଶୋର ନାଏକ, ଶଶି ପୁଝାରୀ, ଉମାକାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


## ବାଜପେୟୀଙ୍କୁ ଶ୍ରଦ୍ଧାଞ୍ଜଳି

ବୌଦ୍ଧ,୧୭ ।୮ (ସମିସ): ବୌଦ୍ଧ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତରତ୍ନ ଅଟଳବିହାରୀ ବାଜପେୟୀଙ୍କ ତିରୋଧାନ ଦିବସ ତଥା ଶ୍ରଦ୍ଧାଞ୍ଜଳି ସଭା ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ଜିଲ୍ଲା ସଭାପତି ପ୍ରେମାନନ୍ଦ ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି ସଭାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ପୂର୍ବତନ ଜିଲ୍ଲା ସଭାପତି ମନରଞ୍ଜନ ଦାସ ଯୋଗଦେଇ ଦେଶ ଗଠନ, ସୁଶାସନ ଏବଂ ବିଜେପିକୁ ସୁଦୃଢ଼ କରିବାରେ ଅଟଳଜୀଙ୍କ ଅତୁଳନୀୟ ଅବଦାନ ସମ୍ପର୍କରେ କହିଥିଲେ। ସଭାରେ ଜିଲ୍ଲା ବିଜେପିର ବହୁ ପ୍ରମୁଖ ନେତା, କାର୍ଯ୍ୟକର୍ତ୍ତା ଏବଂ ଦଳୀୟ କର୍ମୀ ଉପସ୍ଥିତ ରହି ତାଙ୍କର ଆଦର୍ଶରେ ଅନୁପ୍ରାଣିତ ହୋଇ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ପୂର୍ବତନ ସଭାପତି, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଜିଲ୍ଲା ପଦାଧିକାରି, ମଣ୍ଡଳ ସଭାପତି, ମୋର୍ଚ୍ଚା ସଭାପତି ଏବଂ ବହୁ ବରିଷ୍ଠ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

## ଗୁହିରାଘାଟ ଗୁଳିକାଣ୍ଡରେ ସମ୍ପୃକ୍ତ ଆଉ ୩ ଜଣଙ୍କୁ ବାନ୍ଧିଲା ପୁଲିସ

ତରଭା,୧୭ ।୮ (ସମିସ): ତରଭା ଥାନା ଅଧୀନ ଗୁହିରାଘାଟରେ ସଂଗଠିତ ଗୁଳିକାଣ୍ଡରେ ସମ୍ପୃକ୍ତ ଥିବା ଅଭିଯୋଗରେ ତରଭା ପୁଲିସ ଆଉ ୩ ଜଣଙ୍କୁ ବାନ୍ଧିଛି। ଏହି ଘଟଣାରେ ସଂପୃକ୍ତ ଥିବା ଅଭିଯୋଗରେ ତରଭା ତଅଁଲାପଡାର ବବିସେନ ନାଏକ(୨୩)କୁ ପୁଲିସ ଅଟକ ରଖି ପଚରା ଉଚରା କରିଥିଲା। ସୋମବାର ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ କରି କଣ୍ଟାମାଲ ଥାନା ଅଧୀନ ବଡଛପାପାଲିର ସାନନ୍ଦ ସାହୁ (୨୨), ତରଭା ବ୍ଲକ୍‌ପଡାର ସାଗର ମହାନନ୍ଦ (୨୩), ସିଂହାରି ପଞ୍ଚାୟତ ଅଧୀନ ଟିଠେଇପାଲିର ଦୀପକ ଷାଣ୍ଢ (୨୦)କୁ ଗିରଫ କରିଛି। ଘଟଣାରେ ସଂପୃକ୍ତ ଅନ୍ୟମାନଙ୍କୁ ଧରିବା ପାଇଁ ପୁଲିସ ତନାଘନା ଚଳାଇଛି। ଘଟଣାର ମୁଖ୍ୟ ଅଭିଯୁକ୍ତ ତରଭା ଥାନା ଅଧୀନ ବନ୍ଧପାଲିର ହରି ବଗର୍ତ୍ତୀ ଓ ଅନ୍ୟମାନେ ଫେରାର ହୋଇଯାଇଥିବା ତରଭା ଆଇଆଇସି ଡୋଳାମଣି ନାଏକ କହିଛନ୍ତି। ଗୁହିରାଘାଟରେ ହରି ବଗର୍ତ୍ତୀ ଗୁଳି ଚଳାଇଥିବା କୁହାଯାଇଛି। ଘଟଣାରେ ବ୍ୟବହୃତ ଗୋଟିଏ ସ୍କୁଟି (ଓଡି ୨୭ ଡି ୨୯୨୩)କୁ ପୁଲିସ ଜବତ କରିଛି। ସୋମବାର ସନ୍ଧ୍ୟାରେ ୩ଟି ମୋଟର ସାଇକେଲରେ ୯ ଜଣ ଯୁବକ କଣ୍ଟାମାଲ ଥାନା ଅଧୀନ ଟିକିରାପଡାର ଶୁଭମ୍ ସାହୁ (୨୨)ଙ୍କୁ ଗୁଞ୍ଜିମୁଣ୍ଡାରୁ ଗୋଡ଼ାଇଥିଲେ। ଏହାଫଳରେ ଶୁଭମ ଗୁହିରାଘାଟର ପୂର୍ଣ୍ଣନନ୍ଦ ସାହୁଙ୍କ ପାନ ଦୋକାନକୁ ପଶି ଯାଇଥିଲା। ଗୋଡାଉ ଥିବା ଯୁବକମାନେ ମଧ୍ୟ ପାନ ଦୋକାନକୁ ପଶିଯାଇଥିଲେ। ଗାଁ ଲୋକେ ଘଟଣା ବିଷୟରେ ଜାଣିବାକୁ ଆସିବାରୁ ହରି ବଗର୍ତ୍ତୀ ୭ ଏମ୍‌ଏମ୍ ପିସ୍ତଲରୁ ୩ ରାଉଣ୍ଡ ଗୁଳି ଚଳାଇଥିଲେ। ଏହା ଗ୍ରାମର ସୁରଦୀପ ସାହୁଙ୍କ ବାମପଟ ତଳି ପେଟରେ ବାଜିଥିଲା। ସେ ଗୁରୁତର ହୋଇ ବଲାଙ୍ଗୀର ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

## କଣ୍ଟାମାଳ-ତରଭା ରାସ୍ତା ମରଣଯନ୍ତା



କଣ୍ଟାମାଳ,୧୭ ।୮ (ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳଠାରୁ ଭରଭା ଓ ବଲାଙ୍ଗିର ରାସ୍ତା ଅବସ୍ଥା ଶୋଚନୀୟ ହୋଇଛି। ୨ ଦୁଇ ବର୍ଷ ହେବ ବିଭିନ୍ନ ସ୍ଥାନରେ ଖାଲ ଖମା ହୋଇଛି। ବାରମ୍ବାର ଅଞ୍ଚଳବାସୀ ଅଭିଯୋଗ କଲେ ମଧ୍ୟ ପ୍ରଶଶସନ ନଜର ପଡୁନି। ବଲାଙ୍ଗିର ଜିଲ୍ଲାକୁ ବିଭିନ୍ନ କାମରେ ଅଞ୍ଚଳବାସୀ ଏହି ରାସ୍ତା ଦେଇ ଯିବା ଆସିବା କରନ୍ତି। ରାସ୍ତା ଅବସ୍ଥା ଜରାଜୀର୍ଣ୍ଣ ହୋଇଥିବାରୁ ପ୍ରତିଦିନ ଦୁର୍ଘଟଣା ହେଉଛି। ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ନୂତନ ରାସ୍ତା ହେବ। ମରାମତି କରାଯିବ ବୋଲି କହନ୍ତି ବୋଲି ଲୋକେ କହିଛନ୍ତି।

# ଭାରତୀୟ ମଜଦୁର ସଂଘର ବିକ୍ଷୋଭ

ବୌଦ୍ଧ,୧୭ ।୮ (ସମିସ)

ଭାରତୀୟ ମଜଦୁର ସଂଘ ବୌଦ୍ଧ ଜିଲ୍ଲା ଶାଖା ପକ୍ଷରୁ ଶ୍ରମିକମାନଙ୍କ ବିଭିନ୍ନ ଦାବିନେଇ ଆଜି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାରତୀୟ ମଜଦୁର ସଂଘ ବୌଦ୍ଧ ଜିଲ୍ଲା ସମ୍ପାଦକ ଲୋକନାଥ ଶତପଥୀଙ୍କ ନେତୃତ୍ୱରେ ଜିଲ୍ଲାର ଅଙ୍ଗନବାଡି କର୍ମୀମାନଙ୍କୁ ନେଇ ଏକ ଶୋଭାଯାତ୍ରା ସ୍ଥାନୀୟ କଚେରୀ ପଡିଆଠାରୁ ବାହାରି ବିଭିନ୍ନ ସ୍ଲୋଗାନ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ଇଏସଆଇସି ଦରମାର ସୀମା ବୃଦ୍ଧି, ଇପିଏଫର ନ୍ୟୁନତମ




ପେନସନ ୭୫୦୦କୁ ବୃଦ୍ଧି, ଅଙ୍ଗନବାଡି ଓ ଆଶାକର୍ମୀମାନଙ୍କ ମାନ ବୃଦ୍ଧି, ଚୁକ୍ତି ଭିତ୍ତିକ ଶ୍ରମିକଙ୍କ ପାଇଁ ସମାନ କାମକୁ ସମାନ ଦରମା, ଶ୍ରମ ଆଇନରୁ ଶ୍ରମିକ ବିରୋଧୀ ଧାରାଗୁଡିକୁ ବିଲୋପ କରିବା, ବ୍ୟାଙ୍କ କର୍ମଚାରୀମାନଙ୍କ ପାଇଁ ସପ୍ତାହକୁ ୫ଦିନିଆ କାର୍ଯ୍ୟ ଲାଗୁକରିବା, ଗ୍ରାଚୁଇଟି ସୀମାକୁ ୪୦ ଲକ୍ଷକୁ ବୃଦ୍ଧି, ଜାତୀୟ ନ୍ୟୁନତମ ଦରମାକୁ ପ୍ରତିମାସ ୩୦ ହଜାର ଟଙ୍କା ନିର୍ଦ୍ଧାରଣ ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ମଜଦୁର ସଂଘ ଜିଲ୍ଲା ଉପ ସଭାପତି ମନୋରଞ୍ଜନ ମିଶ୍ର, ଜିଲ୍ଲା ସଭାପତି ସତ୍ୟବତୀ ସାହୁ, ଅଙ୍ଗନବାଡି କର୍ମୀ ସଂଘ ଜିଲ୍ଲା ସମ୍ପାଦକ ଶୋଭାଗିନୀ ଭୋଇଙ୍କ ସମେତ ଭାରତୀୟ ମଜଦୁର ସଂଘ ଓ ଅଙ୍ଗନବାଡି କର୍ମୀ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶୋଭାଯାତ୍ରା ଓ ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳର ବହୁ ଅଙ୍ଗନବାଡି କର୍ମୀ ଯୋଗ ଦେଇଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ରାଷ୍ଟ୍ରମୁଖ୍ୟମାନଙ୍କ ଆଗରେ ବର୍ତ୍ତମାନର ପ୍ରମୁଖ ଆହ୍ୱାନ ହେଉଛି - ଏପରି ଏକ ପରିବେଶ ସୃଷ୍ଟି କରିବା, ଯାହା ଭବିଷ୍ୟତର ବିଶ୍ୱ ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିପାରିବ।
-ବିଲ୍ ଗେଟ୍‌ସ

## ଗରିବର ସ୍ୱାଧୀନତା!

ମାତ୍ର କିଛି ଘଣ୍ଟା ପୂର୍ବରୁ ଆମେ ସ୍ୱାଧୀନତାର ୮୦ତମ ଉତ୍ସବ ପାଳନ କରିଛୁ। ଆଜି ଯଦି ଏହି ଦିବସ ଓ ଉତ୍ସବର ପ୍ରାସଙ୍ଗିକତା ଓ ମୂଲ୍ୟବୋଧ ବିଷୟରେ ପଚରାଯାଏ ତେବେ ସମାଜର ଶ୍ରେଣୀ ଓ ବର୍ଗ ଅନୁଯାୟୀ ଉତ୍ତର ଭିନ୍ନ ହେବ। ନେତା ଓ ମନ୍ତ୍ରୀଙ୍କ ପାଇଁ ଏହା ପତାକା ଉତ୍ତୋଳନ ସହିତ ଭାଷଣ ଦେବାର ମହାର୍ଘ ସୁଯୋଗଟିଏ ଆଣିଦେଲା। ସ୍କୁଲ, କଲେଜ୍‌ର ଛାତ୍ରଛାତ୍ରୀଙ୍କ ପାଇଁ ପ୍ୟାରେଡ୍, ବକ୍ତୃତା ଓ ଜଳଖିଆ ପ୍ୟାକେଟ୍ ମିଳିବାର ଖୁସିରେ ସ୍ୱାଧୀନତା ଦିବସ ପ୍ରତିଫଳିତ ହେଲା। ସୂଚନା ଲୋକସମ୍ପର୍କ ବିଭାଗ, ଡାକ୍ତରଖାନା ଓ ଥାନା ବ୍ୟତୀତ ଅନ୍ୟ ଚାକିରିଜୀବୀମାନଙ୍କ ପାଇଁ ସପ୍ତାହରେ ଅତିରିକ୍ତ ଛୁଟିଦିନଟିଏ ମିଳିଗଲା। କିନ୍ତୁ କେହି ଭାବିଛନ୍ତି କି ଅଗଷ୍ଟ ୧୫ ତାରିଖ ଦିନ ଯଦି ରାସ୍ତା ସଫା ଓ ଅଳିଆ ଆବର୍ଜନା ସଂଗ୍ରହ କରୁଥିବା ସଫେଇ କର୍ମଚାରୀ, ପେପର ବାଣ୍ଟୁଥିବା ହକର, ଖିର ବାଲା, ଜଳଖିଆ ଦୋକାନରେ କାମ କରୁଥିବା ଲୋକଟିଏ ଛୁଟିରେ ରହିଯାଇଥା'ନ୍ତେ ଆମ ପ୍ରତିକ୍ରିୟା କ'ଣ ହୋଇଥାନ୍ତା? ସେମାନଙ୍କ ପାଇଁ ସ୍ୱାଧୀନତାର ମୂଲ୍ୟ କ'ଣ? ଏ ପ୍ରଶ୍ନ ଆମକୁ କେବେ ଆନ୍ଦୋଳିତ କରିବା ଦୂରେ ଥାଉ ଭାବିବାକୁ ଆମ ପାଖରେ ସମୟ ହିଁ ନାହିଁ। ସମୟ ଥିଲେ ମଧ୍ୟ ଆମ ଦୃଷ୍ଟିରେ ଏହି ପ୍ରଶ୍ନର ଯଥାର୍ଥତା ନାହିଁ।

ଏ କଥା ଉଲ୍ଲେଖ କରିବା ପ୍ରାସଙ୍ଗିକ ଏଇଥିପାଇଁ ଯେ ସ୍ୱାଧୀନତାର ୮୦ ବର୍ଷ ପୂରି ଯାଇଥିଲେ ମଧ୍ୟ ଆମେ ଆର୍ଥିକ ଓ ସାମାଜିକ ସ୍ତରରେ ସ୍ୱାଧୀନ ହୋଇପାରୁନାହୁଁ। ଆଜି ମଧ୍ୟ ଟିକସ ପଞ୍ଝାରୁ ଆମକୁ ମୁକ୍ତି ମିଳିନାହିଁ। ଆୟକର ଓ ସମ୍ପତ୍ତି କର ଦେଇସାରିଥିଲେ ମଧ୍ୟ ନାଗରିକଟିଏ ପୁଣି ଥରେ ସେବା ଓ ଦ୍ରବ୍ୟ କର ଦେବାକୁ ବାଧ୍ୟ। ବ୍ୟକ୍ତିଗତ ସ୍ୱାଧୀନତାର ଉଲ୍ଲଙ୍ଘନ ହେଉଥିଲେ ମଧ୍ୟ ସରକାରୀ ନୀତି ନିୟମକୁ ମାନି ନେବା ବ୍ୟତୀତ ଉପାୟ ନାହିଁ। ଗରିବର ଟିକସ ପଇସାରେ ସମୃଦ୍ଧ ରାଜକୋଷର ବ୍ୟୟରେ ବାବୁ ଓ ମନ୍ତ୍ରୀମାନେ ଯେଉଁ ବିଦେଶ ଭ୍ରମଣ କରୁଛନ୍ତି ସେଥିରୁ ଦେଶର ଏବଂ ଗରିବ ଲୋକଟିର କେତେ ଉପକାର ହେଲା ସେ ପ୍ରଶ୍ନ ପଚାରିବାର ଏବଂ ପ୍ରତିବାଦ କରିବାର ଅଧିକାର ଗରିବ ଟିକସଦାତାର ନାହିଁ। ଅଧିକନ୍ତୁ ଗରିବର ସ୍ୱରର ମୂଲ୍ୟ ବୋଲି କିଛି ନାହିଁ। ନୀତି ନିୟମ ବିରୋଧରେ ସ୍ୱର ଉତ୍ତୋଳନ କଲେ ରାଷ୍ଟ୍ରନୀତିର ଉଲ୍ଲଙ୍ଘନ ବୋଲି ଧରାଯାଇ ଦଣ୍ଡବିଧାନ ହେବ। ବସ୍ତୁତଃ ସମାଜ ଓ ବ୍ୟବସ୍ଥାର ସର୍ବୋଚ୍ଚ ସ୍ତରରେ ଥିବା ଗୋଷ୍ଠୀଙ୍କ ସୁବିଧା ଅନୁଯାୟୀ ପ୍ରକ୍ରିୟା ଚୂଡ଼ାନ୍ତ ହେବ ଏବଂ ତାହାକୁ ସମାଜର ତଳ ବର୍ଗରେ ଥିବା ଗରିବମାନେ ଅନିଚ୍ଛା ସତ୍ତ୍ୱେ ଅନୁସରଣ କରିବେ- ଏହା ହିଁ କ'ଣ ସ୍ୱାଧୀନତାର ୮୦ ବର୍ଷ ଉପଲବ୍ଧି?

ଗତ ମାସେ ହେଲା କିରାଣା ସାମଗ୍ରୀ ଦାମ ବଢ଼ିଚାଲିଛି। ଚିନି କିଲୋ ପିଛା ୧୦ ଟଙ୍କା, ସରୁ ଅରୁଆ ଚାଉଳ କିଲୋ ପିଛା ୨୦ ଟଙ୍କା ବଢ଼ିଥିବା ବେଳେ ଡାଲି, ଖାଇବା ତେଲ ସମେତ ସବୁ ସାମଗ୍ରୀର ଦାମ ବଢ଼ିଛି ଏବଂ ଆଗକୁ ଆହୁରି ବଢ଼ିବ ବୋଲି ଦୋକାନୀମାନେ ସତର୍କ କରାଇସାରିଲେଣି। ମାସକୁ ବ୍ୟକ୍ତିପିଛା ୫ କେଜି ଲେଖାଏଁ ରାସନ୍ ବାଣ୍ଟି ଦେଇ ସରକାର ତାଙ୍କ କର୍ତ୍ତବ୍ୟ ସାରି ଦେଉଛନ୍ତି। ଗରିବଟିଏ ଆଜିର ଦିନରେ କିଭଳି ଗୁଜରାଣ ମେଣ୍ଟାଇବ, ଔଷଧ କିଣିବ ସେ ଚିନ୍ତା ସରକାରଙ୍କର ନାହିଁ। ଦରଦାମ କାହିଁକି ବଢ଼ିଲା ସେ ବିଷୟରେ ଉପଭୋକ୍ତାଟିଏ କାହାକୁ ପଚାରିବ ଜଣା ନାହିଁ। ଖୁଚୁରା ଦୋକାନୀ ପାଇକାରୀ ବ୍ୟବସାୟୀ ଉପରକୁ ଦୋଷ ଠେଲି ଦିଏ, ପାଇକାରୀ ବ୍ୟବସାୟୀ ମହଜୁଦକାରୀ ଉପରକୁ, ମହଜୁଦକାରୀ ଯୋଗାଣକାରୀ ଉପରକୁ, ଯୋଗାଣକାରୀ ଉତ୍ପାଦକ ଉପରକୁ ଏବଂ ଉତ୍ପାଦକ ରାଜନେତା ଓ ସରକାରୀ ବ୍ୟବସ୍ଥା ଉପରକୁ ଦୋଷ ଲଦି ଦିଏ। ଯେ ଯାହା ମୁଣ୍ଡରୁ ଦୋଷ ଛଡ଼ାଇବାର ଏ ବିଚିତ୍ର ଓ ଚମତ୍କାର ବ୍ୟବସ୍ଥାରେ ଶେଷରେ ଗରିବ ଖାଉଟିଟିଏ ହିଁ ସବୁବୋଝ ମୁଣ୍ଡାଏ। ଗରିବ ପାଇଁ ସ୍ୱାଧୀନତାର ଏହା ଆଉ ଏକ ବଡ଼ ଉପଲବ୍ଧି।

ସରକାରୀ ଡାକ୍ତରଖାନାରେ କାହିଁକି ଡାକ୍ତର ନାହାନ୍ତି ତାହା ପଚାରିବାରର ଅଧିକାର ଗରିବ ରୋଗୀର ନାହିଁ। ଥାନାରେ ପୁଲିସ ବାବୁଙ୍କ ଅନୁପସ୍ଥିତି ସମ୍ପର୍କରେ ଫେରାଦ ହେବାର ଦମ୍ଭ ନାହିଁ। ସରକାରୀ ବାବୁମାନଙ୍କ ମନମୁଖି କାରବାର ବିରୋଧରେ ପ୍ରତିବାଦ କରିବାର ସୁଯୋଗ ନାହିଁ। ଲାଞ୍ଚ ନ ଦେଲେ ଜନ୍ମ ମୃତ୍ୟୁ ପ୍ରମାଣପତ୍ର ମିଳୁନି। ରାସନ୍ ସାମଗ୍ରୀଠାରୁ ଆରମ୍ଭ କରି ଭତ୍ତା, କୁଡ଼ିଆ ତିଆରି ଅନୁଦାନ ପର୍ଯ୍ୟନ୍ତ ସବୁଠାରେ ସମାନ ଅବସ୍ଥା। ଏପରିକି ଡାକ୍ତରଖାନାରେ ଲାଞ୍ଚ(ପିସି) ନ ଦେଲେ ବୀମା ବା କାର୍ଡଧାରୀଙ୍କ ଚିକିତ୍ସା ଆରମ୍ଭ ହୋଇପାରୁନି। ଡିଗ୍ରୀଧାରୀମାନେ ସରକାରୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଚାହିଁ ବସିଛନ୍ତି ଅଥଚ ନିଯୁକ୍ତି ମିଳୁନାହିଁ। ସେପଟେ ମାନବ ସମ୍ବଳ ଅଭାବରେ ସ୍କୁଲ୍ ବନ୍ଦ ହୋଇଯାଉଛି, ଡାକ୍ତରଖାନାରେ ତାଲା ପଡୁଛି। ଜଣେ ସଚ୍ଚୋଟ ସାରା ଜୀବନ ଖଟି ଖଟି ଜୀବନ ଦୁର୍ବିସହ ହୋଇପଡୁଛି; ଅଥଚ ଜଣେ ତୋଷାମଦକାରୀ ପଦୋନ୍ନତି ପାଇ ଚାଲିଛି। ଯୋଗ୍ୟବ୍ୟକ୍ତି ଅଧସ୍ତନ ହୋଇ ରହିଛି, ଯୋଗ୍ୟତା ନଥିବା ବ୍ୟକ୍ତି ନୀତି ନିର୍ଦ୍ଧାରଣ କରୁଛି।

ଏହା କ'ଣ ସ୍ୱାଧୀନତାର ସ୍ୱରୂପ? ବଞ୍ଚିବା ପାଇ ନିଜ ଜନ୍ମକଲା ପିଲାକୁ ବିକ୍ରି କରିଦେଉଥିବା, ଭିଟାମାଟିକୁ ବନ୍ଧା ପକେଇ ଦାଦନ ଖଟିବାକୁ ଯାଉଥିବା ଗରିବ ପାଇଁ ସ୍ୱାଧୀନତାର ମୂଲ୍ୟ କ'ଣ? ବାସ୍ତବତାର ନଗ୍ନଚିତ୍ର ବିଜଡ଼ିତ ଏହି ପ୍ରଶ୍ନର ଉତ୍ତର ଜାତୀୟ ପତାକା ଉତ୍ତୋଳନ ଅବସରରେ ଭାଷଣ ଦେଇଥିବା ନେତା ଓ ମନ୍ତ୍ରୀମାନେ ଦେଇପାରିବେ? ଏହି ଜଟିଳ ପ୍ରଶ୍ନର ଉତ୍ତର ରହିଛି ମହାତ୍ମା ଗାନ୍ଧୀଙ୍କ ପରିକଳ୍ପିତ ଗ୍ରାମ ସ୍ୱରାଜ ଓ ସର୍ବୋଦୟ ଅର୍ଥନୀତିରେ। ନୀତିକୁ ପରଖିବା ପାଇଁ ମହାତ୍ମା ଗାନ୍ଧୀ 'ଟାଲିସ୍‌ମନ୍ୟାନ' ଭଳି ପ୍ରଭାବଶାଳୀ ମନ୍ତ୍ରଟିଏ ମଧ୍ୟ ଦେଇଛନ୍ତି। କିନ୍ତୁ ଯେଉଁଠାରେ ଗାନ୍ଧୀ ହିଁ ଆଜି ଅପାଂକ୍ତେୟ ହୋଇପଡ଼ିଛନ୍ତି ତାଙ୍କ ଆଦର୍ଶ ଓ ବିଚାର ଗୁରୁତ୍ୱ ପାଇବ କେମିତି?

## ଡିଙ୍କ୍ ସଂସ୍କୃତିର ସଙ୍କଟ

ଡ. ଅନ୍ତର୍ଜିତା ନାୟକ

ଆଜି ଭାରତ ବିଶ୍ୱର ସର୍ବାଧିକ ଜନବହୁଳ ଦେଶ ହେବା ସହିତ ପୃଥିବୀର ସର୍ବବୃହତ୍ ଯୁବ ଜନସଂଖ୍ୟାର ଅଧିକାରୀ। ନୀତି ନିର୍ଦ୍ଧାରକ, ଅର୍ଥନୀତିଜ୍ଞ ଓ ଅନ୍ତର୍ଜାତୀୟ ସଂସ୍ଥାମାନେ ଦୀର୍ଘଦିନ ଧରି ଭାରତର ଏହି ଜନସାଂଖ୍ୟିକ ଲାଭାଂଶକୁ ଏକବିଂଶ ଶତାବ୍ଦୀର ସବୁଠାରୁ ବଡ଼ ଶକ୍ତି ବୋଲି ବର୍ଣ୍ଣନା କରୁଛନ୍ତି। ସେମାନଙ୍କ ମତରେ ବୃହତ୍ ଯୁବ ଶ୍ରମଶକ୍ତି ଦେଶର ଅର୍ଥନୈତିକ ଅଭିବୃଦ୍ଧି, ନବସୃଜନ, ଉଦ୍ୟୋଗିତା ଏବଂ ବିଶ୍ୱସ୍ତରୀୟ ପ୍ରତିସ୍ପର୍ଦ୍ଧାକୁ ନୂଆ ଗତି ଦେଇପାରିବ। କିନ୍ତୁ ଏହି ଆଶାବାଦୀ ଚିତ୍ରର ଆଢୁଆଳରେ ଏକ ଗମ୍ଭୀର ଜନସାଂଖ୍ୟିକ ପରିବର୍ତ୍ତନ ଘଟୁଛି, ଯାହା ପ୍ରାୟତଃ ନୀତି ଆଲୋଚନାରେ ସ୍ଥାନ ପାଉନାହିଁ। ଏହି ପରିବର୍ତ୍ତନ ନିରବ ଭାବେ ସହରର ଆପାର୍ଟମେଣ୍ଟ, କର୍ପୋରେଟ୍ କାର୍ଯ୍ୟାଳୟ, ପ୍ରଯୁକ୍ତି ପ୍ରତିଷ୍ଠାନ, ବିଶ୍ୱବିଦ୍ୟାଳୟ ଏବଂ ନୂତନ ପିଢ଼ିର ଜୀବନ ଦୃଷ୍ଟିରେ ପ୍ରତିଫଳିତ ହୋଇଚାଲିଛି।

ଆଜି ଭାରତର ବହୁ ଶିକ୍ଷିତ ଯୁବ ଦମ୍ପତି ସ୍ୱେଚ୍ଛାକୃତ ଭାବରେ ସନ୍ତାନ ଜନ୍ମ ନ କରିବାର ନିଷ୍ପତ୍ତି ନେଉଛନ୍ତି। ଡିଙ୍କ୍(ଡବଲ୍ ଇନକମ୍ ନୋ କିଡ୍‌ସ) ଦ୍ୱିଗୁଣିତ ଆୟ ସହିତ ସନ୍ତାନବିହୀନ ଜୀବନଶୈଳୀ, ଆଜି ଅନେକ ଦମ୍ପତିଙ୍କ ପାଇଁ ଏକ ସଚେତନ, ସୁଚିନ୍ତିତ ଓ ସ୍ୱେଚ୍ଛାକୃତ ଜୀବନ-ନିଷ୍ପତ୍ତି। କ୍ୟାରିୟରରେ ଉନ୍ନତି, ଆର୍ଥିକ ସ୍ୱାଧୀନତା, ବ୍ୟକ୍ତିଗତ ସ୍ୱାଧୀନତା, ମହିଳାଙ୍କ ଉଚ୍ଚଶିକ୍ଷା ଓ କର୍ମସଂସ୍ଥାନ, କାର୍ଯ୍ୟ-ଜୀବନର ସନ୍ତୁଳନ, ମାନସିକ ସୁସ୍ଥତା ଏବଂ ଭବିଷ୍ୟତକୁ ନେଇ ବଢୁଥିବା ଅନିଶ୍ଚିତତା ଭଳି କାରଣ ସବୁ ମିଶି ଯୁବପିଢ଼ିଙ୍କର ପ୍ରଜନନ ସମ୍ପର୍କୀୟ ନିଷ୍ପତ୍ତିକୁ ଏକ ଭିନ୍ନ ଦିଗକୁ ନେଇଯାଉଛି।

ସମୟ ଥିଲା ଯେତେବେଳେ ଭାରତ 'ଜନସଂଖ୍ୟା ବିସ୍ଫୋରଣ' ସମସ୍ୟାର ସମାଧାନ ନିମନ୍ତେ ଚିନ୍ତିତ ଥିଲା। ପରିବାର ନିୟୋଜନ କାର୍ଯ୍ୟକ୍ରମ, ଛୋଟ ପରିବାରର ପ୍ରଚାର, ବନ୍ଧ୍ୟାକରଣ ଅଭିଯାନ, ଗର୍ଭନିରୋଧକ ସଚେତନତା, ପ୍ରଜନନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ପଦକ୍ଷେପ, ଏବଂ 'ଆମେ ଦୁଇ, ଆମର ଦୁଇ' ଭଳି ସ୍ଲୋଗାନ ଜରିଆରେ ପ୍ରଜନନ ହାରକୁ ହ୍ରାସ କରାଯାଇଥିଲା। ପରିଣାମ ସ୍ୱରୂପ ଜନସଂଖ୍ୟା ବୃଦ୍ଧି ନିୟନ୍ତ୍ରଣକୁ ଆସିଲା। ଆଜି କିନ୍ତୁ ଚିନ୍ତା କିଛି ଅଲଗା, ସମସ୍ୟା କିଛି ଅଲଗା। ଆଧୁନିକ ଗଣତାନ୍ତ୍ରିକ ସମାଜରେ ସନ୍ତାନ ଜନ୍ମ ଦେବା, କେତୋଟି ସନ୍ତାନ ଜନ୍ମ ଦେବା, କେତେବେଳେ ସନ୍ତାନ ଜନ୍ମ କରିବା, ସନ୍ତାନ ଜନ୍ମ କରିବା କି କରିବାନି ଆଦି ନିଷ୍ପତ୍ତି ପ୍ରତ୍ୟେକ ବ୍ୟକ୍ତି ଓ ଦମ୍ପତିଙ୍କର ବ୍ୟକ୍ତିଗତ ଅଧିକାର। କିନ୍ତୁ ଜନସାଂଖ୍ୟିକ ବିଜ୍ଞାନ ଅନୁଯାୟୀ, ପ୍ରଜନନ ସମ୍ପର୍କୀୟ ନିଷ୍ପତ୍ତି ବ୍ୟକ୍ତିଗତ ହୋଇଥିଲେ ମଧ୍ୟ ତାହାର ସାମୂହିକ ପ୍ରଭାବ ସମଗ୍ର ସମାଜ ଓ ରାଷ୍ଟ୍ର ଉପରେ ପଡ଼ିଥାଏ। ଆଜିର ପ୍ରଜନନ ଧାରା ଆସନ୍ତା ୨୫ବର୍ଷ ପରେ ଦେଶର ବୟସ ଗଠନ, ୪୦ବର୍ଷ ପରେ ଶ୍ରମଶକ୍ତିର ଆକାର, ଦୀର୍ଘ ସମୟ ପର୍ଯ୍ୟନ୍ତ ନିର୍ଭରଶୀଳ ଜନସଂଖ୍ୟାର ଅନୁପାତ, ପେନ୍‌ସନ୍ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା ବ୍ୟୟ ଓ ଅର୍ଥନୈତିକ ଅଭିବୃଦ୍ଧି ଆଦିକୁ ପ୍ରଭାବିତ କରେ।

ସେଥିପାଇଁ ଆଜିର ସମୟରେ 'ଡିଙ୍କ୍ ସଂସ୍କୃତି'କୁ ଏକ ଗୁରୁତ୍ୱପୂର୍ଣ୍ଣ ଜନସାଂଖ୍ୟିକ ପରିବର୍ତ୍ତନ ଭାବରେ ଦେଖିବା ଆବଶ୍ୟକ। ଏହାର କାରଣ, ପ୍ରଭାବ ଏବଂ ଦୀର୍ଘକାଳୀନ ପରିଣାମକୁ ବୈଜ୍ଞାନିକ ଦୃଷ୍ଟିକୋଣରୁ ବୁଝିବା ମଧ୍ୟ ସମୟର ଆବଶ୍ୟକତା। ବର୍ତ୍ତମାନ ଭାରତର ପ୍ରାୟ ଦୁଇ-ତୃତୀୟାଂଶ ଜନସଂଖ୍ୟା ଶ୍ରମଜୀବୀ ବୟସ ବର୍ଗରେ ଥିବା ବେଳେ ଏହାକୁ ଦେଶର ସବୁଠାରୁ ବଡ଼ ଜନସାଂଖ୍ୟିକ ଶକ୍ତି ବା ଜନସାଂଖ୍ୟିକ ଲାଭାଂଶ ବୋଲି କୁହାଯାଉଛି। କିନ୍ତୁ କେବଳ ବଡ଼ ଯୁବ ଜନସଂଖ୍ୟା ଥିଲେ ଯେ ଅର୍ଥନୈତିକ ଉନ୍ନତି ହୁଏ, ତାହା ସର୍ବଦା ଠିକ୍ ନୁହେଁ। ଯେତେବେଳେ ଏହି ଜନସଂଖ୍ୟା ଉତ୍ତମ ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟିକର ଖାଦ୍ୟ, ଦକ୍ଷତା ଏବଂ ଉତ୍ପାଦନଶୀଳ ନିଯୁକ୍ତି ମାଧ୍ୟମରେ ମାନବପୁଞ୍ଜିରେ ପରିଣତ ହୁଏ, ସେତେବେଳେ ଏହା ଦେଶର ବିକାଶର ପ୍ରକୃତ ଶକ୍ତି ହୋଇଥାଏ। ନଚେତ୍ ଏହି ଜନସାଂଖ୍ୟିକ ସୁଯୋଗ ଧୀରେ-ଧୀରେ ଜନସାଂଖ୍ୟିକ ଚାପରେ ପରିଣତ ହୋଇପାରେ। ଜନସଂଖ୍ୟା ଓ ମାନବ ପୁଞ୍ଜି ମଧ୍ୟରେ ଥିବା ଏହି ପାର୍ଥକ୍ୟକୁ ଆହୁରି ପ୍ରଭାବିତ କରୁଛି 'ଡିଙ୍କ୍ ସଂସ୍କୃତି'।

'ଡିଙ୍କ୍ ସଂସ୍କୃତି ପ୍ରଭାବିତ ମନୋଭାବ ହେତୁ ଉଚ୍ଚଶିକ୍ଷିତ, ଆର୍ଥିକ ଭାବେ ସୁରକ୍ଷିତ ଏବଂ ଦକ୍ଷ ବୃତ୍ତିଜୀବୀ ପରିବାରମାନଙ୍କ ମଧ୍ୟରେ ପ୍ରଜନନ ହାର ହ୍ରାସ ଅଧିକ ଥିବା ବେଳେ ଶିକ୍ଷା, ସ୍ୱାସ୍ଥ୍ୟ, ପୁଷ୍ଟିକର ଖାଦ୍ୟ ଓ ନିଯୁକ୍ତିରେ ପଛୁଆ ଥିବା ସମ୍ପ୍ରଦାୟମାନଙ୍କ ମଧ୍ୟରେ ପ୍ରଜନନ ହାର ତୁଳନାମୂଳକ ଭାବେ ଅଧିକ ରହୁଛି। ଯଦି ନିଜ ସନ୍ତାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ସାମଗ୍ରିକ ବିକାଶରେ ଅଧିକ ବିନିଯୋଗ କରିବାକୁ ସକ୍ଷମ ପରିବାରମାନେ କ୍ରମାଗତ ଭାବେ କମ୍ ସନ୍ତାନ କରିବେ, ଅଥଚ ଅନ୍ୟପଟେ ବିଭିନ୍ନ ବିକାଶଗତ ସମସ୍ୟାର ସମ୍ମୁଖୀନ ପରିବାରମାନଙ୍କ ମଧ୍ୟରେ ପ୍ରଜନନ ହାର ଅଧିକ ରହିବ, ତେବେ ଦୀର୍ଘମିଆଦୀ କାଳରେ ଦେଶର ମାନବପୁଞ୍ଜିରେ ଏକ ଅସନ୍ତୁଳନ ସୃଷ୍ଟି ହୋଇଯିବ। ପିଢ଼ି ପରେ ପିଢ଼ି ଏହି ଅସମାନତା ବଢ଼ି ଚାଲିବ। ଏହାକୁ 'ମାନବ ପୁଞ୍ଜି ପ୍ରଜନନ ବ୍ୟବଧାନ' ବୋଲି କୁହାଯାଇପାରେ। ଫଳସ୍ୱରୂପ 'ଡିଙ୍କ୍ ସଂସ୍କୃତି'ର ପ୍ରଭାବ ଭାରତୀୟ ସମାଜରେ ଘଟୁଥିବା ଗଭୀର ସାମାଜିକ ଓ ଆର୍ଥିକ ପରିବର୍ତ୍ତନରେ ପ୍ରତିଫଳିତ ହେବ।

ଏଇ ପରିପ୍ରେକ୍ଷୀରେ, ପ୍ରଶ୍ନ ଉଠୁଛି ଯେ ହଠାତ ସମାଜରେ ଏଇ 'ଡିଙ୍କ୍ ସଂସ୍କୃତି' କାହିଁକି ଦୃଶ୍ୟମାନ ହେଲା? ପୂର୍ବପରି କାହିଁକି ଆଜିକାଲି ପିତାମାତା ହେବା ଆଉ ଖୁସି କି ସାମାଜିକ ଚେତନାର ଅଂଶ ହୋଇ ରହିନାହିଁ? ଅନେକ ସ୍ୱାଭାବିକ କାରଣ ମଧ୍ୟରୁ କିଛି ହେଉଛି - ଭବିଷ୍ୟତ ଅନିଶ୍ଚିତତା, ଦାୟିତ୍ୱହୀନତା, ମୁଦ୍ରାସ୍ଫୀତି, ଆତ୍ମକେନ୍ଦ୍ରିକ ଚିନ୍ତାଧାରା, ବିଶୃଙ୍ଖଳିତ ବିକାଶ ଓ ଅନ୍ୟାନ୍ୟ। ତାହାସହିତ, ଚାକିରି କ୍ଷେତ୍ରରେ ଦୀର୍ଘ କାର୍ଯ୍ୟସମୟ, ଚାକିରିର ଅନିଶ୍ଚିତତା, ବିଳମ୍ବିତ ବିବାହ, ଯୁଗ୍ମ ପରିବାରର ଅଭାବ, ସମୟଅଭାବ, ସନ୍ତାନ ପାଳନକୁ ଆଗ ଅପେକ୍ଷା ଅଧିକ ଜଟିଳ କରିଦେଇଛି। ସେଥିପାଇଁ ଆଜିର ଦମ୍ପତିମାନେ ସନ୍ତାନର ଜନ୍ମକୁ ଏକ ଆର୍ଥିକ ବା ବ୍ୟକ୍ତିଗତ ବୋଝ ବୋଲି ଭାବି 'ଡିଙ୍କ୍ ସଂସ୍କୃତି'କୁ ଆପଣେଇ ନେଉଛନ୍ତି। ଏହାଠାରୁ ଆହୁରି ଗୁରୁତ୍ୱପୂର୍ଣ୍ଣ ହେଉଛି ଆଜିକା ବ୍ୟସ୍ତବହୁଳ ଜୀବନରେ କେହି କାହାରି ଦାୟିତ୍ୱ ନେବାକୁ ରାଜି ନାହାନ୍ତି। କୌଣସି ସମ୍ପର୍କରେ ସେଇ ମାଧୁର୍ଯ୍ୟ ଆଉ ନାହିଁ ଯେ କିଏ କାହା ପାଇଁ ଭାବିବ ବା କରିବ। ଆଗ କାଳରେ ଯେଉଁଠି ମାତୃତ୍ୱ ନାରୀର ସର୍ବୋଚ୍ଚ ଶକ୍ତିକୁ ବଖାଣୁଥିଲା, ଆଜି ତାହା 'ଲିଙ୍ଗ ସମାନତା' ବା 'ନାରୀ ସଶକ୍ତୀକରଣ' ତଳେ ମଳିନ ପଡ଼ିଚାଲିଛି। ଆଜିକାଲି ପାଠୁଆ, ସ୍ୱାବଲମ୍ବୀ, କର୍ମଜୀବୀ ଝିଅମାନେ ଭାବୁଛନ୍ତି ଯେ, ଛୁଆ ଜନ୍ମ ସେମାନଙ୍କ ପାଇଁ ଶାରୀରିକ, ମାନସିକ, ଆର୍ଥିକ, ବ୍ୟକ୍ତିଗତ ଓ ସାମାଜିକ ବୋଝ।

ଏହି ପରିବର୍ତ୍ତନର ପ୍ରଭାବ ଦେଶର ଅର୍ଥନୀତି ଉପରେ ଗଭୀର ଭାବରେ ପକାଏ। ଜାପାନ, ଦକ୍ଷିଣ କୋରିଆ, ଇଟାଲୀ, ଜର୍ମାନୀ ଓ ସ୍ପେନ ଭଳି ଦେଶର ଅନୁଭବ ଦର୍ଶାଏ ଯେ, ଦୀର୍ଘ ସମୟ ଧରି ପ୍ରଜନନ ହାର କମ୍ ରହିଲେ ବୃଦ୍ଧ ଜନସଂଖ୍ୟା ବଢ଼େ, କାର୍ଯ୍ୟକ୍ଷମ ଶ୍ରମଶକ୍ତି କମିଯାଏ, ସ୍ୱାସ୍ଥ୍ୟସେବା ଓ ପେନ୍‌ସନ୍ ବ୍ୟୟ ବଢ଼େ ଏବଂ ଅର୍ଥନୈତିକ ଚାପ ସୃଷ୍ଟି ହୁଏ। ଏହି ଦେଶଗୁଡ଼ିକର ଅଭିଜ୍ଞତା ଏହା ମଧ୍ୟ ଦର୍ଶାଏ ଯେ, କମ୍ ପ୍ରଜନନ ହାର ଥରେ ସାମାଜିକ ଅଭ୍ୟାସରେ ପରିଣତ ହୋଇଗଲେ ସରକାରୀ ପ୍ରୋତ୍ସାହନ ଦ୍ୱାରା ତାହାକୁ ପରିବର୍ତ୍ତନ କରିବା ଅତ୍ୟନ୍ତ କଷ୍ଟକର ହୋଇପଡ଼େ। ସେଥିଲାଗି ବୋଧହୁଏ ଭାରତକୁ ଏବେ ଏକ ନୂତନ ଜନସାଂଖ୍ୟିକ ଦୃଷ୍ଟିକୋଣର ଆବଶ୍ୟକତା ରହିଛି। ବିଂଶ ଶତାବ୍ଦୀରେ ସରକାରୀ ନୀତିର ମୁଖ୍ୟ ଲକ୍ଷ୍ୟ ଥିଲା ଜନସଂଖ୍ୟା ବୃଦ୍ଧିକୁ ନିୟନ୍ତ୍ରଣ କରିବା। କିନ୍ତୁ ଏକବିଂଶ ଶତାବ୍ଦୀରେ ଆହ୍ୱାନ ସମ୍ପୂର୍ଣ୍ଣ ଭିନ୍ନ।

'ଡିଙ୍କ୍ ସଂସ୍କୃତି' ଏକ ବ୍ୟାପକ ସାମାଜିକ-ଅର୍ଥନୈତିକ ପରିବର୍ତ୍ତନର ସଙ୍କେତ, ଯେଉଁଠି ଯୁବପିଢ଼ିର ଆକାଂକ୍ଷା ଏବଂ ଦେଶର ଜନସାଂଖ୍ୟିକ ଭବିଷ୍ୟତ, ପରସ୍ପର ସହ ଗଭୀର ଭାବରେ ଜଡ଼ିତ। ଦାୟିତ୍ୱବାନ ପିତା-ମାତା ହେବାର ଖର୍ଚ୍ଚ ଯେତେବେଳେ ନିରନ୍ତର ବଢୁଛି, ସେତେବେଳେ ଦେଶ କିପରି ତାହାର ଜନସାଂଖ୍ୟିକ ଲାଭାଂଶକୁ ସୁରକ୍ଷିତ ରଖିପାରିବ? ବିକାଶ ପଥରେ ଅଗ୍ରସର ଯୁବପିଢ଼ିଙ୍କ ଚିନ୍ତାଧାରା ବା ଚିନ୍ତନକୁ ଦେଶ କିପରି ବଦଳାଇବ? ଏହାପାଇଁ ଭାରତକୁ କେବଳ ଜନସଂଖ୍ୟା ନୀତି ନୁହେଁ, ବରଂ ଏକ ସମନ୍ୱିତ 'ପରିବାର ସହାୟକ ନୀତି'ର ଆବଶ୍ୟକତା ରହିଛି, ଯେଉଁଥିରେ ପରିବାର-ଅନୁକୂଳ କାର୍ଯ୍ୟସଂସ୍କୃତି, ସମାନ ପିତୃତ୍ୱ-ମାତୃତ୍ୱ ଛୁଟି, ସୁଲଭ ଶିଶୁ-ଯତ୍ନ କେନ୍ଦ୍ର, ସନ୍ତାନ ପାଳନରେ ଆର୍ଥିକ ପ୍ରୋତ୍ସାହନ ଏବଂ କାର୍ଯ୍ୟରତ ପିତାମାତାଙ୍କ ପାଇଁ ସାମାଜିକ ସହଯୋଗର ବ୍ୟବସ୍ଥାକୁ ସମାନ ଗୁରୁତ୍ୱ ଦିଆଯାଉଥିବ। ସେହିପରି ଘରୋଇ ଦାୟିତ୍ୱର ସମାନ ବଣ୍ଟନ, ମାତୃତ୍ୱକୁ କେବଳ ନାରୀଙ୍କ ଦାୟିତ୍ୱ ବୋଲି ଦେଖିବାର ମାନସିକତାରେ ପରିବର୍ତ୍ତନ ଏବଂ ପରିବାର-ଅନୁକୂଳ ସାମାଜିକ ସଂସ୍କୃତିର ବିକାଶ ମଧ୍ୟ ସମାନ ଭାବେ ଜରୁରୀ।

ଆଜିର ସମୟର ଏକ ବଡ଼ ସମସ୍ୟା ହେଉଛି ଆମେ କିପରି ଏକ ସମାଜ ଗଢ଼ିବା, ଯେଉଁଠାରେ ପରିବାର ଗଠନ ଏବଂ ଭବିଷ୍ୟତ ପିଢ଼ିରେ ବିନିଯୋଗ ଏକ ଦାୟିତ୍ୱ ହେବ, ଦଣ୍ଡ ନୁହେଁ; ଏକ ସୁଯୋଗ ହେବ, ସଙ୍କଟ ନୁହେଁ। 'ଡିଙ୍କ୍ ସଂସ୍କୃତି' ସେହି ସମସ୍ୟାର ଏକ ନିରବ ପ୍ରତିଧ୍ୱନି। ଏହାକୁ କେବଳ ସାମାଜିକ ପ୍ରବୃତ୍ତି କିମ୍ବା ବ୍ୟକ୍ତିଗତ ପସନ୍ଦର ଚଷମାରେ ଦେଖିଲେ ଚଳିବ ନାହିଁ; ବରଂ ଏହାକୁ ସମାଜ, ଅର୍ଥନୀତି ଓ ରାଷ୍ଟ୍ରର ବିକାଶ ଢାଞ୍ଚାର ଏକ ସମ୍ବେଦନଶୀଳ ସୂଚକ ଭାବେ ବୁଝିବା ଆବଶ୍ୟକ। କାରଣ, ଆଜି ଆମେ ଯେଉଁ ସାମାଜିକ ଓ ନୀତିଗତ ନିଷ୍ପତ୍ତି ନେବା, ସେହି ନିଷ୍ପତ୍ତି ଆସନ୍ତା ପିଢ଼ିର ଭାରତକୁ ଗଢ଼ିବ।

ଭୁବନେଶ୍ୱର, ମୋ: ୬୩୭୦୯୦୫୯୪୭

## ଗ୍ରାମ-ଶକ୍ତିରୁ ରାଷ୍ଟ୍ର-ଶକ୍ତି

ଗୋସ୍ୱାମୀ ଅନାମ ଚରଣ ଦାଶ



ପୂର୍ବବର୍ତ୍ତୀ ଦୁଇଟି ଲେଖାରେ ଆମେ ରାଷ୍ଟ୍ର, ସ୍ୱାଧୀନତା, ସୁରକ୍ଷା ଓ ନୀତିର ପ୍ରଶ୍ନ ଉପରେ ଚିନ୍ତା କରିଥିଲୁ। କିନ୍ତୁ ଏକ ମୌଳିକ ପ୍ରଶ୍ନ ଆହୁରି ବାକି ରହିଯାଇଛି ଯେ ଏହି ସବୁ କଥା ସହିତ ସାଧାରଣ ନାଗରିକର ସମ୍ପର୍କ କ'ଣ? ରାଷ୍ଟ୍ରର ଶକ୍ତି କେବଳ ସଂସଦ, ସେନା, ନୀତି ବା ପ୍ରଶାସନରେ ନିର୍ଭର କରେ କି? ନା ତାହାର ଆରମ୍ଭ ହୁଏ ଗ୍ରାମ, ପରିବାର ଓ ବ୍ୟକ୍ତିର ଜୀବନରୁ?

ଭାରତୀୟ ଚିନ୍ତନ ପରମ୍ପରା ଦ୍ୱିତୀୟ ଉତ୍ତରକୁ ଅଧିକ ଗୁରୁତ୍ୱ ଦିଏ। ମହାଭାରତରେ 'ଲୋକସଂଗ୍ରହ'ର ଧାରଣା ଅଛି। ସମାଜକୁ ସୁସଂଗଠିତ ଓ ସମନ୍ୱିତ ରଖିବାର କର୍ତ୍ତବ୍ୟ ସହିତ ଏହି ଧାରଣା ଜଡ଼ିତ। ଗୀତା ମନୁଷ୍ୟକୁ ନିଜ ଧର୍ମ ପାଳନର କଥା କହେ। ରାମାୟଣରେ ରାଜ୍ୟର ଶକ୍ତି ପଛରେ ପରିବାର, ସମାଜ ଓ ନୈତିକ ଶୃଙ୍ଖଳାର ଭୂମିକା ସ୍ପଷ୍ଟ। ସେଥିପାଇଁ 'ଦେଶ ସୁରକ୍ଷା' କଥାଟି କେବଳ 'ସୀମା ସୁରକ୍ଷା'ରେ ସୀମିତ ନୁହେଁ। ଏହା ଗ୍ରାମର ଶକ୍ତି, ପରିବାରର ସ୍ଥିରତା, ଯୁବପିଢ଼ିର ପ୍ରସ୍ତୁତି ଓ ନାଗରିକ ଚରିତ୍ରର ପ୍ରଶ୍ନ ମଧ୍ୟ।

ଆମେ ଅନେକ ସମୟରେ ଶିକ୍ଷାକୁ କେବଳ ପରୀକ୍ଷା ଓ ଚାକିରି ପାଇବାର ମାଧ୍ୟମ ଭାବେ ଦେଖୁ। କିନ୍ତୁ ଏକ ସମାଜର ଶକ୍ତି ତାହାର ନାଗରିକଙ୍କ ସ୍ୱାସ୍ଥ୍ୟ, ଶୃଙ୍ଖଳା, ଆତ୍ମବିଶ୍ୱାସ ଓ ସଚେତନତା ଉପରେ ମଧ୍ୟ ନିର୍ଭର କରେ। ଯୁବପିଢ଼ି ଶାରୀରିକ ଭାବେ ଦୁର୍ବଳ, ମାନସିକ ଭାବେ ବିକ୍ଷିପ୍ତ, ଡିଜିଟାଲ୍ ଆସକ୍ତିରେ ବନ୍ଧା ଏବଂ ନିରାଶ ହୋଇପଡ଼ିଲେ କେବଳ ଆର୍ଥିକ ବିକାଶ ଏକାକୀ ରାଷ୍ଟ୍ରକୁ ସୁଦୃଢ଼ କରିପାରିବ ନାହିଁ। ଯୋଗ, ବ୍ୟାୟାମ, ସ୍ୱାସ୍ଥ୍ୟ ସଚେତନତା, ଆତ୍ମରକ୍ଷା କୌଶଳ, ମାନସିକ ସ୍ଥିରତା - ଏଗୁଡ଼ିକୁ କେବଳ ବ୍ୟକ୍ତିଗତ ଅଭ୍ୟାସ ଭାବେ ନୁହେଁ, ନାଗରିକ ପ୍ରସ୍ତୁତିର ଅଂଶ ଭାବେ ମଧ୍ୟ ଦେଖାଯାଇପାରେ।

ଦ୍ୱିତୀୟ ପ୍ରଶ୍ନ ହେଉଛି ପରିବାର ଓ ମୂଲ୍ୟବୋଧ ସହିତ ଜଡ଼ିତ ଶକ୍ତିଶାଳୀ ସମାଜର ଆରମ୍ଭ ଶକ୍ତିଶାଳୀ ପରିବାରରୁ ହୁଏ। ପରିବାରରେ ସତ୍ୟନିଷ୍ଠା, ନିୟମିତତା, ସେବାଭାବ, ବୃଦ୍ଧଙ୍କ ପ୍ରତି ସମ୍ମାନ, ନାରୀଙ୍କ ପ୍ରତି ସମ୍ମାନ, ଶିଶୁମାନଙ୍କ ମଧ୍ୟରେ ନୈତିକ ଶିକ୍ଷା - ଏସବୁ କେବଳ ବ୍ୟକ୍ତିଗତ ମୂଲ୍ୟ ନୁହେଁ; ସମାଜର ଦୀର୍ଘକାଳୀନ ସ୍ଥିରତାର ଭିତ୍ତି। ତୃତୀୟ ଆବଶ୍ୟକତା ହେଉଛି ସଚେତନ ଗ୍ରାମ ଓ ସମୁଦାୟ ଜୀବନ। ଗ୍ରାମରେ ପରସ୍ପର ସହଯୋଗ, ସାମାଜିକ ସମନ୍ୱୟ, ପରିବେଶ ସୁରକ୍ଷା, ଯୁବକମାନଙ୍କ ସକାରାତ୍ମକ ଭୂମିକା, ସ୍ଥାନୀୟ ସମସ୍ୟାର ସମାଧାନ, ନିଶାବିରୋଧୀ ସଚେତନତା, ବିପଦ ସମୟରେ ସାହାଯ୍ୟ - ଏଗୁଡ଼ିକ ମଧ୍ୟ ଜାତୀୟ ସୁରକ୍ଷାର ଅଦୃଶ୍ୟ ଅଥଚ ମହତ୍ତ୍ୱପୂର୍ଣ୍ଣ ଅଂଶ। ଯଦି କୌଣସି ଗ୍ରାମ ନିଜର ଜଳ, ପରିବେଶ, ସାମାଜିକ ସମ୍ପର୍କ, ଯୁବଶକ୍ତି ଓ ନୈତିକ ସଂସ୍କୃତିକୁ ସୁଦୃଢ଼ କରେ, ସେହି ଗ୍ରାମ ରାଷ୍ଟ୍ରର ଏକ ସୁରକ୍ଷିତ ଏକକରେ ପରିଣତ ହୋଇପାରେ।

ଚତୁର୍ଥ ପ୍ରଶ୍ନ ହେଉଛି ଉପନିବେଶିକ ମାନସିକତାରୁ ମୁକ୍ତି। ଅନେକ ସମୟରେ ଆମେ ନିଜ ସମାଜ, ନିଜ ଭାଷା, ନିଜ ସଂସ୍କୃତି ଓ ନିଜ ସମ୍ଭାବନାକୁ ହେଳା କରୁ। ଆତ୍ମବିଶ୍ୱାସହୀନ ସମାଜ ଦୀର୍ଘସମୟ ଧରି ସୁଦୃଢ଼ ରହିପାରେନାହିଁ। କିନ୍ତୁ ଏହାର ଅର୍ଥ ଅନ୍ଧ ଗର୍ବ ନୁହେଁ। ନିଜ ସଭ୍ୟତାକୁ ଜାଣିବା, ନିଜ ଦୁର୍ବଳତାକୁ ସ୍ୱୀକାର କରିବା ଏବଂ ନିଜକୁ ଉନ୍ନତ କରିବା ହେଉଛି ସୁସ୍ଥ ଆତ୍ମବିଶ୍ୱାସ। ଏଠାରେ ଆଉ ଏକ ମୌଳିକ ଧାରଣା ଆସେ ଯେ ପ୍ରତ୍ୟେକ ନାଗରିକ ଏକ ସକାରାତ୍ମକ ଶକ୍ତି ହୋଇପାରିବେ କି? ଏହାର ଅର୍ଥ ଅସ୍ତ୍ରଧାରୀ ସମାଜ ନୁହେଁ; ସଚେତନ, ସୁଶିକ୍ଷିତ, ଶାରୀରିକ ଭାବେ ସକ୍ଷମ, ମାନସିକ ଭାବେ ସ୍ଥିର, କରୁଣାଶୀଳ, ସେବାମନସ୍କ ଓ ଦାୟିତ୍ୱବାନ ନାଗରିକ। ଏମିତି ନାଗରିକ ନିଜକୁ ସୁରକ୍ଷିତ ରଖିବେ, ପରିବାରକୁ ସୁଦୃଢ଼ କରିବେ, ସମାଜକୁ ସହଯୋଗ କରିବେ ଏବଂ ରାଷ୍ଟ୍ରଶକ୍ତିର ଅଂଶ ହେବେ।

ଧାର୍ମିକ ଦୃଷ୍ଟିରୁ ଏହା 'ରାବଣ ପଥ' ନୁହେଁ, ଯେଉଁଠାରେ ଶକ୍ତି ଅହଂକାରରେ ପରିଣତ ହୁଏ। ଏହା 'ଦୁର୍ଯ୍ୟୋଧନ ପଥ' ମଧ୍ୟ ନୁହେଁ, ଯେଉଁଠାରେ ସ୍ୱାର୍ଥ ସମାଜକୁ ଭାଙ୍ଗିଦିଏ। ଏହା ଏକ ଏମିତି ପଥ, ଯେଉଁଠାରେ ଶକ୍ତି ସହିତ ଧର୍ମ, ସେବା ଓ କରୁଣା ଜଡ଼ିତ। ଶେଷରେ ସମ୍ଭବତଃ 'ଦେଶର ସୁରକ୍ଷା, ନାଗରିକତ୍ୱ ରକ୍ଷା'ର ସବୁଠାରୁ ଗଭୀର ଅର୍ଥ ରାଷ୍ଟ୍ରର ଶକ୍ତି କେବଳ ରାଜଧାନୀରେ ନୁହେଁ; ଏହା ଗଢ଼ାଯାଏ ଗ୍ରାମରେ, ପରିବାରରେ, ବିଦ୍ୟାଳୟରେ, ଯୁବକମାନଙ୍କ ଚରିତ୍ରରେ ଏବଂ ନାଗରିକଙ୍କ ଦୈନନ୍ଦିନ ଅଭ୍ୟାସରେ। ସୁଦୃଢ଼ ରାଷ୍ଟ୍ରର ସ୍ୱପ୍ନ ଶେଷ ପର୍ଯ୍ୟନ୍ତ ସୁଦୃଢ଼ ନାଗରିକର ଚରିତ୍ରରୁ ହିଁ ଆରମ୍ଭ ହୁଏ।

ବ୍ରହ୍ମପୁର(କେନ୍ଦ୍ରାପଡ଼ା),
ମୋ: ୯୯୩୭୨୨୭୯୯୪

## ହଠାତ୍ ଜ୍ଞାନୋଦୟ

ବିଜ୍ଞାନ ବାର୍ତ୍ତା

ଶ୍ରୀନନ୍ଦ

ବିଜ୍ଞାନ ଇତିହାସରେ ଏହା ଏକ ଚିତ୍ତାକର୍ଷକ କାହାଣୀ। ଏହାର ନାୟକ ହେଲେ ପ୍ରସିଦ୍ଧ ଗ୍ରୀକ୍ ବୈଜ୍ଞାନିକ ଆର୍କମେଡିସ୍ (ଖ୍ରୀ.ପୂ. ୨୮୭ ରୁ ୨୧୨)। ଥରେ ସାଇରାକସ୍‌ର ରାଜା ହିରୋ-୨ ତାଙ୍କର ମୁକୁଟଟିଏ ଆର୍କମେଡିସ୍‌ଙ୍କୁ ଦେଲେ ତାହାକୁ ନ ଭାଙ୍ଗି ବିଶୁଦ୍ଧ ସୁନାରେ ତିଆରି କି ନୁହେଁ ସ୍ଥିର କରିବାକୁ। ଏ ବିଷୟରେ ଚିନ୍ତା କରୁଥିବା ଅବସ୍ଥାରେ ଆର୍କମେଡିସ୍ ଦିନେ ସ୍ନାନ କରିବାକୁ ଜଳପୂର୍ଣ୍ଣ କୁଣ୍ଡ ମଧ୍ୟରେ ପ୍ରବେଶ କଲା ବେଳେ ତହିଁରୁ କିଛି ଜଳ ଉଚ୍ଛୁଳି ପଡ଼ିଲା। ଏହାର ପରିମିତି ଥିଲା ତାଙ୍କ ଶରୀରର ଜଳମଗ୍ନ ଅଂଶର ପରିମିତି ସହ ସମାନ। ଏଥିରୁ ତାଙ୍କୁ ରାଜାଙ୍କ ପ୍ରଶ୍ନର ଉତ୍ତର ମିଳିଗଲା। ସେ ସେହିଠାରୁ 'ୟୁରେକା' (ପାଇଗଲି) ବୋଲି ଚିତ୍କାର କରି ରାଜପ୍ରସାଦକୁ ଧାଇଁଲେ। ସେଠାରେ ମୁକୁଟକୁ ଆଣି ଗୋଟିଏ ଜଳପାତ୍ରରେ ନିମଗ୍ନ କଲେ। ଫଳରେ ଦେଖାଗଲା ଯେ ସେତିକି ଓଜନର ଏବଂ ସେହି ଆକୃତିର ସୁନା ଯେତିକି ଜଳ ସ୍ଥାନାନ୍ତର କରିବାର କଥା ଏହା ତହିଁରୁ ଅଧିକ କଲା। କାରଣ ଏଥିରେ ରୁପା ମିଶାଯାଇଥିଲା। ସୁନା ତୁଳନାରେ ରୁପା ହାଲୁକା ହୋଇ ଥିବାରୁ ଏପରି ହେଲା। ଅତଏବ ମୁକୁଟଟି ବିଶୁଦ୍ଧ ନୁହେଁ ବୋଲି ଜଣାପଡ଼ିଲା।

ଆର୍କମେଡିସ୍‌ଙ୍କ ଚିନ୍ତାଶୀଳ ମନକୁ ଏ ଧାରଣା ଆସିବା ପ୍ରକ୍ରିୟାକୁ କୁହାଯାଏ 'ହଠାତ୍ ଜ୍ଞାନୋଦୟ'। କେବଳ ସେ ଏକା ନୁହନ୍ତି ଅନ୍ୟ ବହୁ ବିଖ୍ୟାତ ବୈଜ୍ଞାନିକ ମଧ୍ୟ ସେମାନଙ୍କ ପ୍ରସିଦ୍ଧ ଆବିଷ୍କାରମାନ ଏହି ରୂପେ କରିଥିବାର ଦୃଷ୍ଟାନ୍ତ ରହିଛି। ଉଦାହରଣ ସ୍ୱରୁପ ଗଛତଳେ ବସି ବିଶ୍ରାମ ନେଲା ବେଳେ ତାଙ୍କ ମୁଣ୍ଡ ଉପରେ ଆତଟିଏ ଖସି ପଡ଼ିବାରୁ ନିଉଟନ୍‌ଙ୍କ ମନକୁ ଆସିଥିଲା ମାଧ୍ୟାକର୍ଷଣ ଶକ୍ତିର ନିୟମ। ସ୍ୱପ୍ନ ମଧ୍ୟ ଅନେକ ସମୟରେ ବୈଜ୍ଞାନିକ ଆବିଷ୍କାରର ଅନ୍ତର୍ଦୃଷ୍ଟି ହେବାର ଦେଖାଯାଇଛି। ଦୀର୍ଘ ତିନିଦିନ ତିନିରାତ୍ରି ଧରି ଗଭୀର ଭାବେ ଚିନ୍ତା କଲା ପରେ ଡିମିଟ୍ରି ମାଣ୍ଡେଲିଭଙ୍କ ମନକୁ 'ପର୍ଯ୍ୟାୟ ସାରଣୀ' ସଂପର୍କରେ ଧାରଣ ହଠାତ୍ ଆସିଥିଲା ସେ ଢୋଳାଉଥିବା ଅବସ୍ଥାରେ ଦେଖିଥିବା ସ୍ୱପ୍ନରେ। ଏହା ରସାୟନ ବିଜ୍ଞାନ ଅଧ୍ୟୟନ କ୍ଷେତ୍ରରେ ଏକ ନୂତନ ଦିଗନ୍ତ ସୃଷ୍ଟି କଲା। ସେହିପରି ଅଗଷ୍ଟ କେକୁଲେ ସାପଟିଏ ତା'ଲାଞ୍ଜକୁ ଗିଳିବାର ସ୍ୱପ୍ନରେ ଦେଖି ବେଞ୍ଜିନ୍‌ର ମୁଦ୍ରାକାର ସଂରଚନା ଆବିଷ୍କାର କରିଥିଲେ। ଫଳରେ ଏରୋମେଟିକ୍ ରସାୟନ ବିଜ୍ଞାନ ସଂପର୍କରେ ଧାରଣା ଜନ୍ମନେଲା।

ତେବେ କେବଳ ବିଶ୍ରାମ ବା ନିଦ୍ରା କାଳରେ ଏଭଳି ନୂତନ ଚିନ୍ତାଧାରା ମନକୁ ଆସେ ନାହିଁ। ଅନେକ ସମୟରେ ଭ୍ରମଣ ବା ଯାତ୍ରା କାଳରେ ମଧ୍ୟ ତାହା ଆସିଥାଏ। ୧୯୦୫ ମସିହାରେ ସ୍ୱିଜରଲ୍ୟାଣ୍ଡର ବେର୍ଣଠାରେ ଏକ କାରରେ ଯାତ୍ରା କରିବା ଅବସରରେ ଆଇନଷ୍ଟାଇନଙ୍କ ମନକୁ ଆସିଥିଲା ପ୍ରସିଦ୍ଧ 'ଆପେକ୍ଷିକତା ତତ୍ତ୍ୱ' ବା 'ଥିଓରୀ ଅଫ୍ ରିଲେଟିଭିଟି'। ଏହାର ୧୮ ବର୍ଷ ପରେ ଲଣ୍ଡନର ଟ୍ରାଫିକ ଆଲୋକ ତଳେ ଅପେକ୍ଷାରତ କାଳରେ ଲେଓ ସ୍ଜିଲାର୍ଡଙ୍କ ମନରେ ଶୃଙ୍ଖଳ ପ୍ରତିକ୍ରିୟା ବା ଚେନ୍ ରିଆକ୍ସନ ସଂପର୍କରେ ଧାରଣା ସୃଷ୍ଟି ହୋଇଥିଲା, ଯାହାକି ପରମାଣୁ ବୋମା ତିଆରି ଲାଗି ପଥ ଉନ୍ମୁକ୍ତ କଲା।

ପ୍ରତ୍ୟେକ 'ହଠାତ୍ ଜ୍ଞାନୋଦୟ' ଘଟିଥାଏ ବିଷୟଟି ଉପରେ ଦୀର୍ଘକାଳ ଧରି କଠୋର ମାନସିକ ତଥା ପରୀକ୍ଷାମୂଳକ କାର୍ଯ୍ୟମାନ କଲାପରେ। ରାଜାଙ୍କ ମୁକୁଟରେ ଥିବା ସୁନାର ପରିମାଣ ହିସାବ କରିବାକୁ ଆର୍ଥମେଡିସ୍ ଦିନ ଦିନ ଧରି ଗଭୀର ଚିନ୍ତା କରି ଆସୁଥିଲେ। କେକୁଲେ ସାରାଦିନ କଠୋର ପରିଶ୍ରମ ପରେ ବିଜ୍ଞାନଗାରର ଟେବୁଲ ଉପରେ ଢୋଳାଉଥିବା ଅବସରରେ ବେଞ୍ଜିନର ସଂରଚନା ସଂପର୍କରେ ସ୍ୱପ୍ନ ଦେଖିଥିଲେ। ଅତଏବ ଏପ୍ରକାର 'ହଠାତ୍ ଜ୍ଞାନୋଦୟ'ର କୌଣସି ଗୋପନ ସୂତ୍ର ନାହିଁ। ଅକ୍ଳାନ୍ତ ପରିଶ୍ରମ ଏବଂ ଗଭୀର ଚିନ୍ତାପରେ ବିଶ୍ରାମ ସମ୍ଭବତଃ ଏହାକୁ ଚଳାଉଥିବାର ମନେ ହୁଏ।

ଏପ୍ରକ୍ରିୟା କେବଳ ବୈଜ୍ଞାନିକମାନଙ୍କ ଆବିଷ୍କାରରେ ସୀମାବଦ୍ଧ ନୁହେଁ। ଆମ ସମସ୍ତଙ୍କ ମଧ୍ୟରେ ଭିନ୍ନଭିନ୍ନ ରୂପେ ତାହା ସମୟରେ ପ୍ରକଟିତ ହୋଇଥାଏ। ମନସ୍ତତ୍ତ୍ୱବିତ୍ କାର୍ଲ ଜି ଜଂଗ୍‌ଙ୍କ ମତରେ ସେଗୁଡ଼ିକ ଆମ ଗଭୀର ଅର୍ଦ୍ଧଚେତନ ମନରୁ ଆସେ, ଯାହାକି ଆମେ ଆଗରୁ ସଚେତନ ଭାବେ ଚିନ୍ତା କରି ପାରି ନଥାଉ। ଏଗୁଡ଼ିକ କିଛି ବିରଳ ମୁହୂର୍ତ୍ତ, ଯେତେବେଳେ ଅବଚେତନ ମନ ସଚେତନ ହୋଇଯାଏ। ଏହା କିନ୍ତୁ ଆମ ନିୟନ୍ତ୍ରଣର ବାହାରେ। ତେବେ ଗଭୀର ଶ୍ରମ ଓ ଚିନ୍ତା ଏବଂ ତପ୍ରରେ ବିଶ୍ରାମ ଏଥିପାଇଁ ପଥ ପରିଷ୍କାର କରେ।

ଯମପଡ଼ା(କେନ୍ଦ୍ରାପଡ଼ା), ମୋ: ୯୯୩୭୩୦୧୪୬୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ବର୍ଷାରେ ଦବିଲା ରେଳ ଧାରଣା, ଟଳିଗଲା ବଡ଼ ଦୁର୍ଘଟଣା

## ବାଙ୍ଗିରିପୋଷି-ରୁପସା ରେଳପଥରେ ଟ୍ରେନ୍ ଚଳାଚଳ ଠପ୍

ବାରିପଦା,୧୭।୮(ସମିସ): ବାରିପଦାଷ୍ଟେସନବଜାର-ଶୁନଗଡ଼ିଆ ନିକଟରେ ରେଳଧାରଣା ଦବିଯାଇଥିବାରୁ ସୋମବାର ଟ୍ରେନ୍ ଚଳାଚଳ ବନ୍ଦ ରହିଛି। ଲଗାଣ ବର୍ଷା ପ୍ରଭାବରେ ବାରିପଦା ଓ ଭଞ୍ଜପୁର ରେଳଷ୍ଟେସନ ମଧ୍ୟରେ ଷ୍ଟେସନବଜାର-ଶୁନଗଡ଼ିଆ ନିକଟରେ ପ୍ରାୟ ୫୦ ମିଟର ରେଳଧାରଣା ଦବିଯାଇଛି। ଫଳରେ

### ଲୁପ୍ ଲାଇନ ଅଭାବରୁ ଅଟକିଛି ୨ଟି ଟ୍ରେନ

ରେଳ ବିଭାଗ ପକ୍ଷରୁ ବାଙ୍ଗିରିପୋଷି-ରୁପସା ରୁଟ୍‌ରେ ରେଳ ଚଳାଚଳକୁ ସାମୟିକ ଭାବେ ବନ୍ଦ ରଖାଯାଇ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟ ଆରମ୍ଭ ହୋଇଛି।

ସୂଚନା ମୁତାବକ, ରବିବାର ପୁରୀ-ବାଙ୍ଗିରିପୋଷି ସୁପରଫାଷ୍ଟ ଟ୍ରେନ୍ ବାଙ୍ଗିରିପୋଷି ଯିବା ପରେ ରାତିରେ ମେମୁ ଟ୍ରେନ୍ ଯାତାୟାତ ସମୟରେ ରେଳଧାରଣା ଦବିଥିବା ଜଣାପଡ଼ିଥିଲା। ଟ୍ରେନଟି ଦୁର୍ଘଟଣା ସ୍ଥଳ ଅତିକ୍ରମ ସମୟରେ ଲାଇନଚ୍ୟୁତ ହେବାରୁ ଅଳ୍ପକେ ବର୍ତ୍ତିଯିବାରୁ ବଡ଼ ରେଳ ଦୁର୍ଘଟଣାରୁ ରକ୍ଷା ମିଳିଛି। ଘଟଣା ସମ୍ପର୍କରେ ଜାଣିବା ପରେ ଲୋକପାଇଲଟ ବିଭାଗୀୟ ସୂଚନା ଦେବା ପରେ ଦକ୍ଷିଣ-ପୂର୍ବ ରେଳବାଇର ମେଣ୍ଟେନାନ୍ସ ବିଭାଗ ପକ୍ଷରୁ ତୁରନ୍ତ ମରାମତି କାର୍ଯ୍ୟ ଆରମ୍ଭ କରାଯାଇଛି। ମଧ୍ୟରାତ୍ରିରୁ ରେଳ କର୍ମଚାରୀ ଘଟଣାସ୍ଥଳରେ ରହି ମରାମତି କାମ ଜାରି ରଖିଛନ୍ତି। ଏକମାସ ଧରି ଲଗାତର



ବର୍ଷା ଫଳରେ ଜରାଳି ମହାନାଳର ଉଦବୃତ୍ତ ଜଳ ପାଇଁ ରେଳଧାରଣା ତଳେ ଥିବା ମାଟି ଏବେ ମଧ୍ୟ ଦବୁଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ଯଦି ସମୟୋଚିତ ଭାବେ ଏହି ତ୍ରୁଟି ଚିହ୍ନଟ ହୋଇ ନ ଥାନ୍ତା, ତେବେ ବଡ଼ଧରଣର ରେଳ ଦୁର୍ଘଟଣା ଘଟିଥା'ନ୍ତା ବୋଲି ସ୍ଥାନୀୟ ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି। ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ ଓ ଏସ୍‌ପି ଖବର ପାଇ ସକାଳେ ଘଟଣାସ୍ଥଳ ପରିଦର୍ଶନ କରି ପାର୍ଶ୍ୱବର୍ତ୍ତୀ ବାସିନ୍ଦାଙ୍କୁ ସତର୍କ କରାଇଛନ୍ତି। ମରାମତି କାର୍ଯ୍ୟ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ରେଳବାଇକୁ ଯୋଗାଇ ଦିଆଯାଇଛି। ବର୍ତ୍ତମାନ ରେଳ ଧାରଣାର ମରାମତି ସହ ଟ୍ରାକ୍‌ର ସ୍ଥିତି ଯାଞ୍ଚ କରାଯାଉଛି। ମରାମତି ସମ୍ପୂର୍ଣ୍ଣ ହେବା ପରେ ରେଳ ଚଳାଚଳ ସ୍ୱାଭାବିକ ହେବ ବୋଲି ଜଣାପଡ଼ିଛି। କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱନୀ ବୈଷ୍ଣବ ବାଙ୍ଗିରିପୋଷି-ରୁପସା ରେଳପଥ ଟିକିନିଖି ତନଖି ସହ ମରାମତି କାର୍ଯ୍ୟ ତୁରନ୍ତ ସାରିବାକୁ ଖଡଗପୁର ଡିଆରଏମଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ଅମୃତ ଭାରତ ବାରିପଦା ରେଳ ଷ୍ଟେସନରେ ଲୁପଲାଇନ ନ ଥିବାରୁ ବିକଳ୍ପ ଟ୍ରେନ ଚଳାଚଳ ହୋଇପାରିନାହିଁ। ବାଙ୍ଗିରିପୋଷି-ପୁରୀ ଏକ୍ସପ୍ରେସ ବାଙ୍ଗିରିପୋଷିରେ ଓ ରୁପସା ମେମୁ ଟ୍ରେନ ଭଞ୍ଜପୁର ରେଳ ଷ୍ଟେସନରେ ଅଟକି ରହିଛି। ଆଗାମୀ ଦିନରେ ବାରିପଦା ଷ୍ଟେସନରେ ଲୁପଲାଇନ ନିର୍ମାଣ ପାଇଁ ମୟୂରଭଞ୍ଜ ରେଳଯାତ୍ରୀ ଫୋରମର ମୁଖ୍ୟ ଅଭିଜିତ ରାମ ଦକ୍ଷିଣ ପୂର୍ବ ରେଳ କର୍ତ୍ତୃପକ୍ଷଙ୍କୁ ଜଣାଇଛନ୍ତି।

# ବିଜେଡିର ନୂଆ ବ୍ଲକ କମିଟି ଗଠନ ପ୍ରକ୍ରିୟା ଜାରି

ଭୁବନେଶ୍ୱର,୧୭।୮(ସମିସ): ବିଜେଡି ପକ୍ଷରୁ ରାଜ୍ୟବ୍ୟାପୀ ବ୍ଲକ ତଥା ଜିଲ୍ଲା କମିଟି ଗଠନ ପ୍ରକ୍ରିୟା ଜାରି ରହିଛି। ଏହିକ୍ରମରେ ଦଳ ପକ୍ଷରୁ ମୟୂରଭଞ୍ଜ-୧ ଓ ୨ ସାଂଗଠନିକ ଜିଲ୍ଲା, ଯଶିପୁର, ନୂଆପଡ଼ା, ଗଜପତିରେ ବ୍ଲକ କମିଟିମାନ ଗଠନ କରାଯାଇଛି। ସେହିପରି ଭଦ୍ରକ ଓ କଟକ ମହାନଗର ସାଂଗଠନିକ ଜିଲ୍ଲା କମିଟି ଗଠନ କରାଯାଇଥିବା ନେଇ ଦଳ ପକ୍ଷରୁ ସୂଚନା ଦିଆଯାଇଛି।

ମୟୂରଭଞ୍ଜ-୧ ସାଂଗଠନିକ ଜିଲ୍ଲା ଅଧିନରେ ସାରସକଣା, ବିଜାତଳା ଓ ବିଶୋୟୀ ବ୍ଲକରେ ନୂଆ ବ୍ଲକ କମିଟି ଗଠନ କରାଯାଇଥିବା ବେଳେ ସାଂଗଠନିକ ଜିଲ୍ଲା-୨ ଅଧିନରେ କୁସୁମୀ, ସୁକ୍ରୁଲି, ରରୁଆଁ ଓ ଯଶିପୁର ବ୍ଲକର ବିଜେଡି ସଂଗଠନର ନବକଳେବର ହୋଇଛି। ସେହିପରି ନୂଆପଡ଼ା ଜିଲ୍ଲାରେ ସିନାପାଲି, ବୋଡେନ, ଖରିଆର, କୋମନା, ନୂଆପଡ଼ା ସହ ଖରିଆର ରୋଡ ନଗର ଏବଂ ନୂଆପଡ଼ା ନଗର କମିଟିର ପୁନର୍ଗଠନ କରାଯାଇଛି। ଗଜପତି ଜିଲ୍ଲାରେ କାଶୀନଗର, ଗୁମ୍ମା, ଗୋଷାଣୀ, ରାୟଗଡା, ଆର. ଉଦୟଗିରି, ନୂଆଗଡ ଓ ମୋହନା ବ୍ଲକରେ ନୂଆ କମିଟି ଗଟନ କରାଯାଇଥିବା ନେଇ ଦଳ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

# ରକ୍ଷା ବନ୍ଧନରେ 'ସୁଭଦ୍ରା'ର ପଞ୍ଚମ କିସ୍ତି

ଭୁବନେଶ୍ୱର,୧୭।୮(ସମିସ): ଆସନ୍ତା ୨୮ ତାରିଖ ରକ୍ଷା ବନ୍ଧନ ଦିନ ଯୋଗ୍ୟ ହିତାଧିକାରୀଙ୍କୁ ମିଳିବ ସୁଭଦ୍ରା ଯୋଜନାର ପରବର୍ତ୍ତୀ କିସ୍ତିର ଟଙ୍କା। ନୟାଗଡ଼ରେ ଏନେଇ ରାଜ୍ୟସ୍ତରୀୟ ସମାରୋହ ଆୟୋଜନ କରାଯିବ। ସମାରୋହରେ ହିତାଧିକାରୀଙ୍କୁ ଟଙ୍କା ବଣ୍ଟନ କରାଯିବ ବୋଲି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଶ୍ରୀମତୀ ପରିଡ଼ା କହିଛନ୍ତି, ୧ କୋଟିରୁ ଅଧିକ ମହିଳା ଏହି କିସ୍ତିରେ ସୁଭଦ୍ରା ଟଙ୍କା ପାଇବେ। ଅଗଷ୍ଟ

### ନୟାଗଡ଼ରେ ହେବ ରାଜ୍ୟସ୍ତରୀୟ ସମାରୋହ

୨୮ ସୁଦ୍ଧା ଆବେଦନ କରି ଜିଲ୍ଲା ପ୍ରଶାସନ ଦ୍ୱାରା ଯାଞ୍ଚ ଓ ସୁପାରିସ୍ ହୋଇଥିବା ଯୋଗ୍ୟ ହିତାଧିକାରୀଙ୍କୁ ଏହି କିସ୍ତିରେ ସାମିଲ କରାଯିବ। ଏହାସହ ପୂର୍ବ କିସ୍ତିରୁ ବାଦ୍ ପଡ଼ିଥିବା ଯୋଗ୍ୟ ହିତାଧିକାରୀ ଅର୍ଥାତ୍ ଯେଉଁମାନଙ୍କୁ ଏପର୍ଯ୍ୟନ୍ତ ସୁଭଦ୍ରାର ଗୋଟିଏ ବି କିସ୍ତି ମିଳିନାହିଁ, ଯାଞ୍ଚ ପରେ ଯେଉଁମାନେ ଯୋଗ୍ୟ ବୋଲି ପ୍ରମାଣିତ ହେବେ, ସେମାନଙ୍କୁ ଏକସଙ୍ଗେ ୫ଟି କିସ୍ତିର ଟଙ୍କା ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଚଳିତ ଆର୍ଥିକ ବର୍ଷରେ ସୁଭଦ୍ରା ଯୋଜନା ପାଇଁ ୩.୧୭ ଲକ୍ଷରୁ ଅଧିକ ନୂଆ ଆବେଦନ ମିଳିଛି। ଏଥିରୁ ଅନେକ ଆବେଦନର କ୍ଷେତ୍ରସ୍ତରୀୟ ଯାଞ୍ଚ ମଧ୍ୟ ଶେଷ ହୋଇଛି। ଯୋଗ୍ୟ ମହିଳାଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ୫ ହଜାର ଟଙ୍କା ପଠାଯିବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି। ତେବେ ରାଜ୍ୟ ସରକାର ୨୦୨୬-୨୭ ବଜେଟରେ ଏହି ଯୋଜନା ପାଇଁ ୧୦,୧୪୫ କୋଟି ଟଙ୍କା ବ୍ୟୟବରାଦ କରିଥିବା ସୂଚନା ରହିଛି।


ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ
ଇ-ଟେଣ୍ଡରିଂ ବିଜ୍ଞପ୍ତି
ନିବିଦା ସୂଚନା: M247GLRSBAPANEL 262725, ତାରିଖ: ୧୪.୦୮.୨୦୨୬, କାର୍ଯ୍ୟର ନାମ: ଇଲେକ୍ଟ୍ରିକ୍ ଲୋକୋର BA Panel Sets ର ପୁନରୁଦ୍ଧାର ଏବଂ ଅପଗ୍ରେଡେସନ୍ / ମୋଡିଫିକେସନ୍। ସ୍ଥାନ: ମୁ. କା. ପ୍ର. / ଦାହୋଦ ପଶ୍ଚିମ ରେଳବାଇ କାର୍ଯ୍ୟାଳୟ । କାର୍ଯ୍ୟର ଆନୁମାନିକ ମୂଲ୍ୟ: ଟ. ୮,୩୫,୬୧,୭୪୪/-. ବଯ଼ନା ରାଶି: ଟ. ୧୬,୭୧,୩୦୦/-. ଇ-ଟେଣ୍ଡର ଦାଖଲ ଏବଂ ଖୋଲିବାର ତାରିଖ ଓ ସମୟ: ଇ-ଟେଣ୍ଡର ଦାଖଲ କରିବାର ନିର୍ଦ୍ଧାରିତ ତାରିଖ ଓ ସମୟ ୦୭.୦୯.୨୦୨୬ ଦିନ ୧୪:୩୦ ପର୍ଯ୍ୟନ୍ତ ଏବଂ ଇ-ଟେଣ୍ଡର ସେହିଦିନ ୧୫:୦୦ ଘଣ୍ଟାରେ ଖୋଲାଯିବ। ନିବିଦା ସୂଚନା ଏବଂ ପ୍ରପତ୍ର ଉପଲବ୍ଧତା: www.ireps.gov.in / E-Tenders / Works/IR Electrical । AK/17/1/207
Like us on: facebook.com/WesternRly


# ମୟୂରଭଞ୍ଜରେ ଜାରି ରହିଛି ବର୍ଷା

# ୨୨ଟି ବ୍ଲକ୍‌ର ୧୨୬ଟି ଗାଁ ଓ ଗୋଟିଏ ନଗରପାଳିକାର ୮ଟି ୱାର୍ଡର ଲୋକ ପ୍ରଭାବିତ

ବାରିପଦା, ୧୭।୮(ସମିସ): ମୟୂରଭଞ୍ଜ ଜିଲ୍ଲାରେ ଗତ କିଛିଦିନ ଧରି ପ୍ରବଳ ବର୍ଷା ଜାରି ରହିଛି। ଜିଲ୍ଲା ଜରୁରିକାଳୀନ ଅପରେସନ କେନ୍ଦ୍ର ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ୨୬ଟି ବ୍ଲକରେ ମୋଟ ବୃଷ୍ଟିପାତ ୨୩୮୪.୭ ମିଲିମିଟର ରେକର୍ଡ ହୋଇଛି। ଯାହା ହାରାହାରି ପ୍ରାୟ ୯୧.୭୨ ମିମି ବର୍ଷା କୁହାଯାଇଛି। କରଞ୍ଜିଆରେ ସର୍ବାଧିକ

### କରଞ୍ଜିଆରେ ସର୍ବାଧିକ ୧୬୪ ମିମି

୧୬୪ ମିମି ବର୍ଷା ରେକର୍ଡ ହୋଇଛି। ଅନ୍ୟ ପ୍ରମୁଖ ବ୍ଲକ ମଧ୍ୟରେ କୁସୁମୀରେ ୧୪୪ ମିମି, କପ୍ତିପଦାରେ ୧୩୮ ମିମି, ବଡ଼ସାହି ଓ ଯଶିପୁରରେ ୧୩୫ ମିମି, ଶୁକ୍ରୁଲିରେ ୧୩୪ ମିମି, ରରୁଆଁରେ ୧୩୦ ମିମି ବର୍ଷା ରେକର୍ଡ ହୋଇଛି। ଯାହା ରାଜ୍ୟର ସର୍ବାଧିକ ବୃଷ୍ଟିପାତ ରେକର୍ଡର ଦ୍ୱିତୀୟରୁ ସପ୍ତମ ସ୍ଥାନ ମଧ୍ୟରେ ରହିଛି। ଅନ୍ୟ ବ୍ଲକ ମଧ୍ୟରେ ଉଦଳାରେ ୧୨୫.୮ ମିମି, ବେତନଟୀରେ ୧୧୩ ମିମି, ଖୁଣ୍ଟାରେ ୧୧୦ ମିମି, ଶାମାଖୁଣ୍ଟାରେ ୯୮.୨ ମିମି, ଗୋପବନ୍ଧୁନଗରରେ ୯୮ ମିମି ଓ ବାରିପଦାରେ ୮୮.୨ ମିମି ବର୍ଷା ରେକର୍ଡ



ହୋଇଛି। ଶୁଳିଆପଦାରେ ୮୩ ମିମି, ବିଶୋଇରେ ୮୨ ମିମି, ଠାକୁରମୁଣ୍ଡାରେ ୮୦ ମିମି, ମୋରଡ଼ାରେ ୭୩.୩ ମିମି, ରାଇରଙ୍ଗପୁର ଓ ରାସଗୋବିନ୍ଦପୁରରେ ୭୦ ମିମି, କୁଳିଆଣାରେ ୬୯ ମିମି ଓ ଜାମଦାରେ ୫୭ ମିମି ରହିଛି। ତିରିଂରେ ସର୍ବନିମ୍ନ ୧୩.୬ ମିମି ବର୍ଷା ହୋଇଛି।

ଗତ ୧୩ ତାରିଖରୁ ଲଗାତର ବର୍ଷା ଯୋଗୁଁ ଜିଲ୍ଲାର ଅନେକ ଅଞ୍ଚଳରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହୋଇଛି। ୨୨ଟି ବ୍ଲକ, ୫୪ଟି ପଞ୍ଚାୟତ, ୧୨୬ଟି ଗାଁ ଓ ୧ଟି ନଗରପାଳିକାର ୮ଟି ୱାର୍ଡର ମୋଟ ୨୭,୯୮୧ ଲୋକ ପ୍ରଭାବିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨୬,୭୪୧ ଜଣଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ରାସଗୋବିନ୍ଦପୁର ବ୍ଲକର ଗୋଟିଏ ଗାଁ ବର୍ତ୍ତମାନ ପାଣିଘେରରେ ରହିଛି। ସେହିପରି ବୁଢ଼ାବଳଙ୍ଗ ନଦୀର ଜଳସ୍ତର ବାରିପଦା-ଅସ୍ତିଆଠାରେ ସତର୍କ ସୂଚନା ସ୍ତରଠାରୁ ତଳେ ରହିଛି। ଜଳକା ନଦୀ ୬.୫୨ ମିଟରରେ ବିପଦ ସ୍ତର ଉପରେ ରହିଛି। ସୁବର୍ଣ୍ଣରେଖା (ରାଜଘାଟ) ୮.୭୨ ମିଟରରେ ଚେତାବନୀ ସ୍ତରଠାରୁ ତଳେ ରହିଛି। ବାରିପଦା ପୌରାଞ୍ଚଳ କିମ୍ବା ତଳିଆ ଅଞ୍ଚଳରେ ବନ୍ୟାର କୌଣସି ତୁରନ୍ତ ଆଶଙ୍କା ନାହିଁ ବୋଲି ସୂଚନା ମିଳିଛି। ପ୍ରଭାବିତ ଅଞ୍ଚଳରେ ୧୨ଟି ମେଡିକାଲ ଟିମ, ୩ଟି ପଶୁ ଚିକିତ୍ସା ଟିମ, ୨ଟି ଓଡ୍ରାଫ, ୧ଟି ଏନଡିଆରଏଫ, ୧୩ଟି ଫାୟାର ସର୍ଭିସ ଟିମ ଓ ୨୬ଟି ପୁଲିସ, ସ୍ଥାନୀୟ ଟିମ ମୁତୟନ କରାଯାଇଛି। ୩୯ଟି ମାଗଣା ରନ୍ଧନଶାଳା/ରିଲିଫ କେନ୍ଦ୍ର କାର୍ଯ୍ୟକାରୀ ଅଛି ଓ ସେଠାରେ ୨୬,୭୪୧ ଜଣଙ୍କୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଇଛି। ଶୁଖିଲା ଖାଦ୍ୟ ଭାବେ ଚୁଡ଼ା ୩୯.୭୪ କ୍ୱିଣ୍ଟାଲ ଓ ଗୁଡ଼ ୬.୪୧ କ୍ୱିଣ୍ଟାଲ ବଣ୍ଟନ କରାଯାଇଛି।

ଜିଲ୍ଲାପାଳ ହେମକାନ୍ତ ସଏ କହିଛନ୍ତି, ବର୍ଷାର ପରିମାଣ କମିଥିବାରୁ ବନ୍ୟା ପରିସ୍ଥିତି ସୃଷ୍ଟି ହେବାର କୌଣସି ଆଶଙ୍କା ନାହିଁ। ଲୋକମାନେ ଆତଙ୍କିତ ନ ହେବାକୁ ସେ ନିବେଦନ କରିଛନ୍ତି। ପଶ୍ଚିମ ମୟୂରଭଞ୍ଜର କରଞ୍ଜିଆ ଉପଖଣ୍ଡ (କରଞ୍ଜିଆ, ଯଶିପୁର, ରରୁଆଁ, ଶୁକ୍ରୁଳି) ସହିତ ଠାକୁରମୁଣ୍ଡା ଓ ଶିମିଳିପାଳ ଅଞ୍ଚଳରେ ପ୍ରବଳ ବର୍ଷା ହୋଇଥିଲା। ଶିମିଳିପାଳ ଉପରମୁଣ୍ଡରେ ଗତକାଲି ରାତିରେ ପ୍ରାୟ ୧୨୮ ମିମି ବର୍ଷା ହୋଇଥିଲେ ହେଁ ସକାଳୁ ବର୍ଷା କମିଛି। ଶିମିଳିପାଳ ଓ ଗୁରୁଡ଼ିଆ ଅଞ୍ଚଳର ବର୍ଷା ପାଣି ଦେଓ ନଦୀ ଦେଇ ବୈତରଣୀକୁ ନିଷ୍କାସିତ ହେଉଛି। ଡୁକୁରା ଓ ଖୁଣ୍ଟା ଅଞ୍ଚଳରେ ଗଙ୍ଗାହାର ନଦୀ ଫୁଲିଛି। ବାଙ୍ଗିରିପୋଷି ନିକଟସ୍ଥ କାଳିଆମି ପୋଲ ତଳେ ବୁଢ଼ାବଳଙ୍ଗର ଜଳସ୍ତର ଅଧାରୁ କମିଛି। ବାରିପଦା ପୌରାଞ୍ଚଳରୁ ଜଳବନ୍ଦୀ ସମସ୍ୟା ଦୂର ହୋଇଛି। ପୂର୍ବ ବନ୍ୟାର କ୍ଷୟକ୍ଷତି ଆକଳନ ପାଇଁ କୃଷି ସର୍ଭେ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଘରଭଙ୍ଗା ଓ ରିଲିଫ ସହାୟତା ରାଶି ତୁରନ୍ତ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ପଠାଇବା ପାଇଁ ବିଡିଓ ଓ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ସତର୍କତାର ସହିତ ପ୍ରଭାବିତ ଲୋକଙ୍କ ସୁରକ୍ଷା ଓ ସୁବିଧା ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ନେଉଛି। ଲୋକମାନେ ସତର୍କ ରହି ପ୍ରଶାସନର ନିର୍ଦ୍ଦେଶକୁ ପାଳନ କରିବାକୁ ଅନୁରୋଧ କରାଯାଇଛି।


AFFIDAVIT
By virtue of an affidavit sworn before (Executive Magistrate / Notary Public), PURI , dated 05/08/2026 I, UMAKANTA NAYAK, Address AT–PODAPADA, PO–SIARO, PS – GOP, DIST- PURI, PIN - 752121 declare that I have changed the name of my son from MAMALI NAYAK to PRAYASH KUMAR NAYAK. Henceforth, he shall be known as PRAYASH KUMAR NAYAK for all purposes.

AFFIDAVIT
I GHANSHYAM DAS AGRAWAL, S/o Satyanarayan Agarwal, R/O- QTR No: EM-61 Basanti Colony, Rourkela, Dist- Sundargarh, State- Odisha, Pin-769012 declare by this affidavit No-A/51 ,dated 17.08.2026 sworn before Executive Magistrate, Rourkela, that now onwards I shall be known as GHANSHYAM DAS AGARWAL for all future purposes.
(GHANSHYAM DAS AGARWAL)

AFFIDAVIT
I, Shaikh Sajid Ali, aged about 43 years, S/o- Sk Yakub Ali, resident of Vill: Maheswarpur, PO/PS: Brahmabarada, Dist: Jajpur, Odisha declared by this affidavit No. 2686, dtd- 14/08/2026 that now onwards I shall be known as SK SAJID ALI for all future purposes.

AFFIDAVIT
By virtue of an affidavit sworn before the Executive Magistrate, Pipili, dated 29.07.2026, I, Bijay Chandra Jena, S/o Binshu Charan Jena, resident of Vill- Raghunathpur, PO-Kandarpur, PS-Cuttack Sadar, Dist-Cuttack, PIN-754100, Odisha, declare that I have changed my name from Purna Chandra Behera to Bijay Chandra Jena. Henceforth, I shall be known as Bijay Chandra Jena for all purposes.
Sd/- Bijay Chandra Jena

LOST
I, Subham Patra, aged about 31 Years, S/o.: Chandi Patra, resident of At: Chhancha, Ward No.: 25, PO./P.S.: Baripada Town, Dist.: Mayurbhanj, PIN- 757001, Vide Affidavit No.: 9836, Dt: 24.06.2026 declare that, I was travelling from sankhabhanga to back to my home chhancha, Ward No.: 25, Baripada carrying my hand bag on my bike, I was having my documents and Original RSD bearing No.: 11261004045 in that bag. After travelling some distance near Sankhabhanga, where I Seen the said hand bag was fallen on road on Dt: 24.06.2026 at about 9.00 A.M. and after several search I could not get the same. If anyone found the above deed, please contact on my above address.

AFFIDAVIT
By virtue of an affidavit sworn before Executive Magistrate, Bhubaneswar vide Serial No.48 Dt.17.08.2026. I Amarendra Pattanaik, S/o-Late Padma Charan Pattanaik, Permanent resident of Basudeipur, P.o- Dandamukandapur, P.S-Pipili, Dist- Puri, Pin-752104, Odisha declare that I have changed my name from Amarendra Pattanayak to Amarendra Pattanaik. Henceforth I shall be known as Amarendra Pattanaik for all purposes.
Amarendra Pattanaik


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆଜି ଆସିବ...

୩ ଦିନ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଓ ମୟୂରଭଞ୍ଜ ଆଦିରେ ଭୀଷଣ ବର୍ଷା ରେକର୍ଡ ହୋଇଛି। ଏହାଦ୍ୱାରା ସୋମବାର ସନ୍ଧ୍ୟା ସୁଦ୍ଧା ବୈତରଣୀ କେନ୍ଦୁଝର ଆନନ୍ଦପୁର ଓ ଭଦ୍ରକର ଆଖୁଆପଦାଠାରେ ବିପଦ ସଂକେତ ଉପରେ ପ୍ରବାହିତ ହେଉଛି। ଏହାସହିତ ଜଳକା ମଥାନୀଠାରେ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବା ବେଳେ ବ୍ରାହ୍ମଣୀ ଜେନାପୁରଠାରେ ଓ ବୁଢ଼ାବଳଙ୍ଗ ଗୋବିନ୍ଦପୁରଠାରେ ସତର୍କ ସଂକେତ ଉପରେ ପ୍ରବାହିତ ହେଉଛି। ଆଜି ରାତିରୁ ଝାଡ଼ଖଣ୍ଡ ଉପରେ ଅଧିକ ବର୍ଷା ଆଶଙ୍କା ରହିଥିବାରୁ ବ୍ରାହ୍ମଣୀରେ ଜଳସ୍ତର ଆହୁରି ବଢ଼ିବାର ଆଶଙ୍କା ରହିଛି। ଜଳ ସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲୀପ ରାଉତ କହିଛନ୍ତି, ସବୁଠାରୁ ବଡ଼ ଚିନ୍ତା ବୈତରଣୀ ପାଇଁ ରହିଛି। ଏବେ ଆନନ୍ଦପୁର ବ୍ୟାରେଜ୍‌ରେ ୩୧ଟି ଗେଟ୍ ଖୋଲା ରହିଛି। ଅଖୁଆପଦାରେ ଜଳସ୍ତର ୧୮ ଅଗଷ୍ଟ ସକାଳେ ପ୍ରାୟ ୧୯.୫୫ ମିଟର ପିକ୍ କରିପାରେ। ସାଳନ୍ଦୀ ଓ କାଂଶବାଂଶର ଜଳସ୍ତର ବଢ଼ିଛି। ଏହା ତୁଳନାରେ ବ୍ରାହ୍ମଣୀରେ ବିପଦ କମ୍ ରହିଛି। ରେଙ୍ଗାଲିରେ ୩ଟି ଗେଟ୍ ଖୋଲା ରହିଥିବା ବେଳେ ସମଲ ବ୍ୟାରେଜ୍‌ରେ ୧୩ଟି ଗେଟ୍ ଖୋଲା ଅଛି। ତେବେ ତଳମୁଣ୍ଡରେ ପ୍ରଭାବ କମାଇବା ପାଇଁ ସମଲରୁ ଜଳ ଛାଡ଼ିବାକୁ ନିୟନ୍ତ୍ରଣ କରାଯାଉଛି। ତେଣୁ ବ୍ରାହ୍ମଣୀରେ ବର୍ତ୍ତମାନ ଗୁରୁତର ବନ୍ୟା ପରିସ୍ଥିତି ଆଶା କରାଯାଉନାହିଁ ବୋଲି ସେ କହିଛନ୍ତି। ବନ୍ୟା ସ୍ଥିତିକୁ ଦେଖିଲେ ପରବର୍ତ୍ତୀ ୧୨ ଘଣ୍ଟା ଗୁରୁତ୍ୱପୂର୍ଣ୍ଣ ରହିବ। ବର୍ଷା କମିଲେ ମଧ୍ୟ ଉପରମୁଣ୍ଡରୁ ଆସୁଥିବା ପାଣି ତଳମୁଣ୍ଡରେ ପହଞ୍ଚିବାକୁ ସମୟ ଲାଗିବ। ବୈତରଣୀରେ ଆସନ୍ନ ବଢୁଥିବା ପ୍ରବାହ, ଅଖୁଆପଦାରେ ସମ୍ଭାବ୍ୟ ୧୯.୫୫ ମିଟର ପିକ୍ ଏବଂ ଜଳକା-ସାଳନ୍ଦୀର ବିପଦ ସଂକେତ ଅତିକ୍ରମ ଆଦି ଉତ୍ତର ଓଡ଼ିଶାର ଚିନ୍ତା ବଢ଼ାଇଛି।

ଅନ୍ୟପଟେ ଏବେ ସକ୍ରିୟ ରହିଥିବା ଅବପାତ ଉତ୍ତର-ଉତ୍ତରପଶ୍ଚିମ ଦିଗକୁ ଗତି କରୁଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏହା ପ୍ରଥମେ ଉତ୍ତର-ଉତ୍ତରପଶ୍ଚିମ ଏବଂ ପରେ ଉତ୍ତରପଶ୍ଚିମ ଦିଗକୁ ଗତି କରି ଗାଙ୍ଗେଟିକ୍ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବିହାର ଅତିକ୍ରମ କରିବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ମଙ୍ଗଳବାର ୨ ଜିଲ୍ଲା ଅର୍ଥାତ୍ କେନ୍ଦୁଝର, ସୁନ୍ଦରଗଡ଼ ସମେତ ଝାଡ଼ଖଣ୍ଡ ସମୀନ୍ତ ଜିଲ୍ଲାଗୁଡ଼ିକରେ ବର୍ଷା ହୋଇପାରେ। ମଙ୍ଗଳବାର ଓଡ଼ିଶା ଉପକୂଳରେ ମେଘୁଆ ପାଗ ସହ ୪୫ରୁ ୫୫ କିମି ବେଗରେ ପବନ, ଏପରିକି ସର୍ବାଧିକ ୬୫ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ତେଣୁ ସମୁଦ୍ର ଅସାନ୍ତ ରହିବ। ଏହାକୁ ଦୃଷ୍ଟିରେ ରଖି ମଙ୍ଗଳବାର ଯାଏଁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି। ଜୁନ୍ ୧ରୁ ଏଯାବତ ୯୭୪.୭ ମିମି ବର୍ଷା ହୋଇଥିବା ବେଳେ ଏହା ସ୍ୱାଭାବିକ ବର୍ଷାଠାରୁ ୨୮ ପ୍ରତିଶତ ଅଧିକ ରହିଛି। ଗତ ୨୪ ଘଣ୍ଟାରେ ଗୋଟିଏ ସ୍ଥାନରେ ଅତ୍ୟନ୍ତ ପ୍ରବଳ ବର୍ଷା ହୋଇଥିବା ବେଳେ ୯ଟି ଜିଲ୍ଲାରେ ଅତି ପ୍ରବଳ ବର୍ଷା ଓ ୨୫ଟି ସ୍ଥାନରେ ପ୍ରବଳ ବର୍ଷା ରେକର୍ଡ କରାଯାଇଛି। ବାଲେଶ୍ୱର ଭୋଗରାଇରେ ସର୍ବାଧିକ ୨୧୭.୦ ମିମି ବର୍ଷା ରେକର୍ଡ କରାଯାଇଛି।

### ବନ୍ୟା ସ୍ଥିତି ଅନୁଧ୍ୟାନ...

ବ୍ଲକ୍‌ର ବିଭିନ୍ନ ବନ୍ୟାଞ୍ଚଳ ବୁଲି ପରିସ୍ଥିତି ଅନୁଧ୍ୟାନ କରିଥିବାବେଳେ ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ। ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଈଶ୍ୱରପୁରସ୍ଥିତ ମା' ଦପାନୟକାଣି ନୋଡାଲ ହାଇସ୍କୁଲରେ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଯୋଗଦେଇ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ରାସ୍ତାସବୁ ମରାମତି କରାଯିବ। ବନ୍ୟା ପରେ ତଦନ୍ତ କରାଯାଇ ପ୍ରକୃତ କ୍ଷତିଗ୍ରସ୍ତ ଲୋକମାନଙ୍କୁ ସରକାରୀ ନିୟମାନୁଯାୟୀ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି କହିବା ସହ ଧାନଚାଷରେ ହୋଇଥିବା କ୍ଷତିର ଆକଳନ କରାଯାଇ କ୍ଷତିପୂରଣ ପ୍ରଦାନ କରାଯିବା ସଙ୍ଗେ ସଙ୍ଗେ ସଅଳ କିସମର ଧାନ ବିହନ ଯୋଗାଇ ଦିଆଯିବା ଦିଗରେ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ଖରିଫ୍ ଧାନ ଚାଷ ପାଇଁ ଚାଷୀମାନେ କରିଥିବା କୃଷି ଋଣ ଛାଡ଼ ପାଇଁ ଦାବି କରିବା ସହ ରବି ଧାନ ଚାଷ ପାଇଁ ନୂଆ ଋଣ ଯୋଗାଇଦେବାକୁ ଦାବି ଜଣାଇଥିଲେ। ଚାଷୀଙ୍କ ଦାବି ଉପରେ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ।

ଏହି ଗସ୍ତ ଅବସରରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସମବାୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ସମେତ ବିଭିନ୍ନ ବିଭାଗର ରାଜ୍ୟ ଓ ଜିଲ୍ଲାସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବିଡିଓ, ତହସିଲଦାର ସମାଜସେବୀ, ବୁଦ୍ଧିଜୀବୀ, ସ୍ଥାନୀୟ ଲୋକପ୍ରତିନିଧି ଏବଂ ବହୁ ସଂଖ୍ୟାରେ ସାଧାରଣ ଜନତା ଉପସ୍ଥିତ ଥିଲେ।

### ବିଜେପିରେ ନିତିନଙ୍କ...

କରାଯାଇଛି। ଅମିତ ଦୀର୍ଘ ୧୧ ବର୍ଷ ଧରି ଏହି ପଦବୀରେ ଥିଲେ। ଅନୀଲ ବାଲୁନି ଦଳର ଗଣମାଧ୍ୟମ ସେଲ୍‌ର ମୁଖ୍ୟ ହୋଇରହିବେ। ତେବେ ଆଜିର ପୁନର୍ଗଠନରେ ଆଉ ଏକ ଉଲ୍ଲେଖନୀୟ କଥାଟି ହେଉଛି କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲଙ୍କୁ ରାଷ୍ଟ୍ରୀୟ କୋଷାଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ନବୀନଙ୍କ ଏହି ପଦକ୍ଷେପ ଆଗାମୀ ଦିନରେ ମୋଦୀ ମନ୍ତ୍ରିମଣ୍ଡଳରେ ଅଦଳବଦଳର ସୂଚନା ଦେଉଛି। ଆସନ୍ତା ବର୍ଷ ଆରମ୍ଭରେ ଉତ୍ତର ପ୍ରଦେଶ, ପଞ୍ଜାବ ଓ ଉତ୍ତରାଖଣ୍ଡରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ଏଭଳି ଅଦବଦଳ କରାଯାଇଥିବା କୁହାଯାଉଛି।

ନବୀନଙ୍କ ଟିମ।।ରେ ଅନେକ ବରିଷ୍ଠ ଚେହେରା ପ୍ରତ୍ୟାବର୍ତ୍ତନ କରିଥିବାବେଳେ କିଛି ନୂତନ ନେତାଙ୍କୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଉଛି। ବିଏଲ ସନ୍ତୋଷ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ (ସଂଗଠନ) ପଦ ବଜାୟ ରଖିଛନ୍ତି। ଆରଏସଏସ୍ ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ରାମ ମାଧବ ଏବଂ ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତିରଥ ସିଂହ ରାୱତଙ୍କୁ ରାଷ୍ଟ୍ରୀୟ ଉପସଭାପତି ଭାବେ ଦାୟିତ୍ୱ ମିଳିଛି। ସେହିପରି ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଏବଂ ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଳବ କୁମାର ଦେବଙ୍କୁ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ବସୁନ୍ଧରା ରାଜେ ସିନ୍ଧିଆ, ବୈଜୟନ୍ତ ପଣ୍ଡା, ରେଖା ବର୍ମା ଏବଂ ତାରିଖ ମାନସୁର ପୂର୍ବଭଳି ଉପସଭାପତି ପଦବୀ ବଜାୟ ରଖିଥିବାବେଳେ ବିନୋଦ ତାୱଡେ ଏବଂ ସୁନୀଲ ବଂଶଲ ପୁଣିଥରେ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଭାବେ ଦାୟିତ୍ୱ ତୁଲାଇବେ। କଂଗ୍ରେସ ନେତା ଏକେ ଆଣ୍ଟୋନୀଙ୍କ ପୁତ୍ର ଅନିଲ ଆଣ୍ଟୋନୀଙ୍କୁ ରାଷ୍ଟ୍ରୀୟ ସଂପାଦକ ଭାବେ ଦାୟିତ୍ୱ ଦିଆଯାଇଛି। ସେହିଭଳି ଓଡ଼ିଶାର ଅନ୍ୟତମ ସାଂସଦ ସଂବିତ ପାତ୍ରଙ୍କୁ ଉତ୍ତର ପୂର୍ବାଞ୍ଚଳର ସାଂଗଠନିକ ସଂଯୋଜକ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ ନୂତନ ପଦାଧିକାରୀମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଦଳକୁ ଆହୁରି ମଜବୁତ କରିବା ଏବଂ 'ବିକଶିତ ଭାରତ' ଗଠନ ଦିଗରେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଛନ୍ତି।

### ମନ୍ଦିରରେ...

ହଜାର ହଜାର ଶ୍ରଦ୍ଧାଳୁ ଜଳାଭିଷେକ ପାଇଁ ଏକାଠି ହୋଇଥିଲେ। ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁଯାୟୀ, ହଠାତ୍ ଏକ ବିଦ୍ୟୁତ୍ ତାର ଛିଡ଼ି ପଡ଼ିବା ଏବଂ ଗହଳି ନିୟନ୍ତ୍ରଣ ପାଇଁ ତିଆରି ହୋଇଥିବା ବାଉଁଶ ବ୍ୟାରିକେଡ୍ ଭାଙ୍ଗିଯିବା ଯୋଗୁଁ ଲୋକଙ୍କ ଭିତରେ ଦୌଡ଼ାଦୌଡ଼ି ଓ ଅରାଜକତା ସୃଷ୍ଟି ହୋଇଥିଲା। ଲୋକେ ପରସ୍ପର ଉପରେ ମାଡି ଯିବାରୁ ଏହି ଦଳାଚକଟା ଘଟିଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲେ ହେଁ ଅପ୍ରତ୍ୟାଶିତ ଭିଡ଼ ଯୋଗୁଁ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଇଥିଲା। ଏହି ଦୁର୍ଘଟଣାରେ ବିହାରର ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ନିତୀଶ କୁମାର ଗଭୀର ଶୋକ ପ୍ରକାଶ କରିଛନ୍ତି।

### ଦେଶରେ ଖାଦ୍ୟ...

ପୁରୁଣା ଯାନରେ ଇନ୍ଧନ ବ୍ୟବସ୍ଥାର ଯନ୍ତ୍ରାଂଶର ସ୍ଥାୟୀତ୍ୱ ନେଇ ମଧ୍ୟ ପ୍ରଶ୍ନ ଉଠିପାରେ। ସେହିପରି କାର୍ବୁରେଟର୍ ଭିତ୍ତିକ ପୁରୁଣା ଦୁଇଚକିଆ ଯାନ ଅଧିକ ଇଥାନଲ୍ ମିଶ୍ରିତ ପେଟ୍ରୋଲ୍ ସହ ଅନୁକୂଳ ହେବାରେ ସମସ୍ୟାର ସମ୍ମୁଖୀନ ହୋଇପାରେ। ଏଥିରେ ଇଞ୍ଜିନ୍ ଚାଳିବା, ଷ୍ଟାର୍ଟିଂ ଓ ଇନ୍ଧନ ଦକ୍ଷତା ଭଳି ବିଷୟ ପ୍ରଭାବିତ ହେବାର ଆଶଙ୍କା ରହିଥାଏ। ଏହା ଫଳରେ ଇ-୨୦ ନୀତିକୁ ନେଇ ଆଲୋଚନାରେ ପୁରୁଣା ଯାନ ମାଲିକଙ୍କ ସ୍ୱାର୍ଥ, ଯାନର ଇଞ୍ଜିନ୍ କମ୍ପାଟିବିଲିଟି ଓ ଅତିରିକ୍ତ ରକ୍ଷଣାବେକ୍ଷଣ ଖର୍ଚ୍ଚ ମଧ୍ୟ ଗୁରୁତ୍ୱ ପାଇବା ଆବଶ୍ୟକ ବୋଲି ସେ କହିଛନ୍ତି।

ସମ୍ପ୍ରତି ଭାରତ ସରକାର ଦେଶରେ ଏଥାନଲ ମିଶ୍ରଣ କାର୍ଯ୍ୟକ୍ରମକୁ ଜୋରଦାର ଭାବେ ପ୍ରୋତ୍ସାହନ ଦେଉଛନ୍ତି। ପେଟ୍ରୋଲିୟମ ଆମଦାନି ଉପରେ ନିର୍ଭରଶୀଳତା କମାଇବା, ବିଦେଶୀ ମୁଦ୍ରା ସଞ୍ଚୟ କରିବା ଏବଂ ପରିବେଶ ପ୍ରଦୂଷଣ ହ୍ରାସ କରିବା ଏହାର ପ୍ରମୁଖ ଉଦ୍ଦେଶ୍ୟ ବୋଲି କୁହାଯାଉଛି। ଏହି ପରିପ୍ରେକ୍ଷୀରେ ନାଗେଶ୍ୱରନ ଇ-୨୦ ନୀତିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ବଦଳରେ ବିକଳ୍ପ ଆଧାରିତ ବ୍ୟବସ୍ଥା ପାଇଁ ମତ ଦେଇଛନ୍ତି। ନୂଆ ଏବଂ ଇ-୨୦ ଅନୁକୂଳ ଗାଡ଼ି ପାଇଁ ଇ-୨୦ ପେଟ୍ରୋଲ ବିକ୍ରି ଜାରି ରହୁ, କିନ୍ତୁ ପୁରୁଣା ଗାଡ଼ି ମାଲିକଙ୍କ ପାଇଁ ଇ-୧୦ କିଣିବାର ସୁଯୋଗ ରହୁ ବୋଲି ସେ ପ୍ରସ୍ତାବ ଦେଇଛନ୍ତି।

ଅପରପକ୍ଷରେ ଏହି ପ୍ରସଙ୍ଗରେ ସେ ଇ-୨୦ ପେଟ୍ରୋଲ ଦେଶରେ ଖାଦ୍ୟ ସଙ୍କଟ ସୃଷ୍ଟ କରିପାରେ ବୋଲି ଆଶଙ୍କା କରିଛନ୍ତି। ଭବିଷ୍ୟତରେ ଏଥାନଲ ମିଶ୍ରଣର ମାତ୍ରା ଆହୁରି ବଢ଼ିଲେ କୃଷି କ୍ଷେତ୍ର ଉପରେ ଅତିରିକ୍ତ ଚାପ ପଡ଼ିପାରେ। ଏଥାନଲ ଉତ୍ପାଦନ ପାଇଁ ଖାଦ୍ୟଶସ୍ୟ, ଆଖୁ, ଜମି ଏବଂ ଜଳର ଚାହିଦା ବଢ଼ିଲେ ଖାଦ୍ୟ ସୁରକ୍ଷା ଉପରେ ପ୍ରଭାବ ପଡ଼ିବାର ଆଶଙ୍କା ରହିଛି। ତେଣୁ ଶକ୍ତି ସୁରକ୍ଷା ସହିତ ଖାଦ୍ୟ ସୁରକ୍ଷାର ସନ୍ତୁଳନ ରକ୍ଷା କରିବା ମଧ୍ୟ ଆବଶ୍ୟକ ବୋଲି ମତବ୍ୟକ୍ତ କରିଛନ୍ତି।

### ଘର ଆଗରୁ ଶିଶୁକୁ...

ବାଘର ଉପସ୍ଥିତି ଅଞ୍ଚଳବାସୀଙ୍କ ମଧ୍ୟରେ ଭୟ ସୃଷ୍ଟି କରିଛି। ବନ ବିଭାଗ ପକ୍ଷରୁ ତୁରନ୍ତ ଘଟଣାସ୍ଥଳ ଅନୁଧ୍ୟାନ କରି ବାଘର ଗତିବିଧି ଉପରେ ନଜର ରଖିବା ସହ ଗ୍ରାମବାସୀଙ୍କ ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ଦାବି ହୋଇଛି। ଉଲ୍ଲେଖଯୋଗ୍ୟ, ସର୍ଜନୀଙ୍କ ବାପା ମୁକେ ମାଡ଼କାମୀ କୌଣସି କାମରେ ଘରେ ନଥିବା ବେଳେ ମା' ଆଇତେ ମାଡ଼କାମୀ ନିକଟସ୍ଥ ନଳକୂପକୁ ପାଣି ଆଣିବାକୁ ଯାଇଥିଲେ। ଏହି ସମୟରେ ବାଘଟି ଶିଶୁକନ୍ୟାକୁ ଆକ୍ରମଣ କରି ଜଙ୍ଗଲ ଆଡ଼କୁ ନେଇ ଯାଉଥିଲା।

### ହୀରାକୁଦର...

ପାଓ୍ୱାର ଚ୍ୟାନେଲ ଦେଇ ୩୧୩୨୮ କ୍ୟୁସେକ୍, ଶିକ୍ଷାନୁଷ୍ଠାନ ସକାଶେ ୨୨୯ କ୍ୟୁସେକ୍, କେନାଲ ପାଇଁ ୩୦୯୪ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୧୬,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୫୦,୮୬୩ କ୍ୟୁସେକ୍, ଖଇରମାଲଠାରେ ୧,୩୦,୦୦୦ କ୍ୟୁସେକ୍, ବାରମୁଲଠାରେ ୧,୨୭,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଳୀଠାରେ ୧,୬୦,୯୩୮ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ସୋମବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୨୨.୨୧ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୧୩.୦୯ ମିମି ବର୍ଷା ରେକର୍ଡ କରାଯାଇଛି।


OFFICE OF THE SUPERINTENDING ENGINEER, RWS&S DIVISION, BARAGADA
Infront of Government ITI, Baragada-768028
Ph-06646-233220 (O) 234626 (FAX)
E-mail:- eerwss_bgh@nic.in
eerwssbaragada@gmail.com
25001/944/2627

No. 2280 Date 14/08/2026

GOVERNMENT OF ODISHA "e" PROCUREMENT NOTICE
Bid Identification No 01 Dt of 2026-27

The Superintending Engineer, RWS&S Division, Baragada on behalf of the Governor of Odisha invites tenders from the valid licensed holder contractors of class 'C' or 'B' registered with any department of State Government or equivalent class of Central Govt.etc. to be eventually drawn up in P1 Contract Form for the below work as per terms and condition noted below.

1. Name of the work: I) Construction of RWS&S Section office, Sohela under RWS&S Division Baragada and II) Construction of RWS&S Section office, Bijepur under RWS&S Division Baragada.
2. Approx. Estimated cost: - Rs 33.15 lakhs & Rs.34.09 lakhs respectively.
3. Date and time of availability of document in the portal :- Dt 20.08.2026 to Dt 07.09.2026 up to 5.00 P.M
4. Last date/ time for receipt of bids in the portal :- Dt 07.09.2026 up to 5.00 P.M
5. Date & time of Opening of Tender: - Dt 08.09.2026 at 11.00 A.M.
6. Name and address of the Officer Inviting Bid :- Superintending Engineer, RWS&S Division, Baragada, District :- Baragada

Further details can be seen from the e-procurement portal "http//tendersorissa.gov.in".
The authority reserves the right to reject any or all the tenders without assigning any reason thereof.

OIPR-25001/25018/1/26-27/0005
Superintending Engineer, RWS&S Division, Baragada

Contact: +91 7752017536
MAHATMA GANDHI SCIENCE HIGHER SECONDARY SCHOOL, KHARIAR
COLLEGE ROAD, KHARIAR, DIST: NUAPADA, PIN: 766107
E-Mail: mgsckhariar@gmail.com | Website: www.Mahatmagandhicollege.in

TEACHING STAFF REQUIRED

A Walk-in-interview will be conducted in the Mahatma Gandhi Science Higher Secondary School on 21st August 2026 (Friday) at 10:00 AM for the following posts. Interested candidates fulfilling the qualification may appear for interview along with Original Marksheet(s)/Certificate (for verification only), a recent passport size photograph & Resume. Minimum Qualification must be as mentioned below with min 55% marks and min 2 Years' Experience in the relevant subject may attend the interview.

| Subject | Qualification | Experience (Minm) | Interview Date |
|---|---|---|---|
| English | MA with min 55% Marks | Minm 2 Years in the relevant subject | 21st August 2026 (Friday) at 10:00 AM |
| Zoology | MSc with min 55% Marks | Minm 2 Years in the relevant subject | |
| Maths | MSc with min 55% Marks | Minm 2 Years in the relevant subject | |

Send Resume: mgsckhariar@gmail.com
Contact Us: +91 9437625140, 9668868053

# ସବୁଠି ତ୍ରିରଙ୍ଗାକୁ ସମ୍ମାନ

ବରଗଡ଼, ୧୭।୮ (ସମିସ)

କଟାପାଲି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧକ୍ଷ ସଞ୍ଜୟ କୁମାର ସୁନା ପତାକା ଉତ୍ତୋଳନ କରିଥିଲେ। ବିଦ୍ୟାଳୟ ର ସମସ୍ତ ଅଧାପକ, ଅଧାପିକା, କର୍ମଚାରୀ ଓ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଶେଷରେ ମିଷ୍ଟାନ୍ନ ବଣ୍ଟନ ସହ କାର୍ଯକ୍ରମ ସମାପ୍ତ ହୋଇଥିଲା।

**ପଦ୍ମପୁର:** ସ୍ଥାନୀୟ ସରସ୍ବତୀ ଶିଶୁ ବିଦ୍ୟାମନ୍ଦିର ପଦ୍ମପୁରରେ ସମ୍ପାଦକ ଜନକଲାଲ ମେହେର ଦୀପ ପ୍ରଜ୍ୱଳନ ପୂର୍ବକ ପତାକା ଉତ୍ତୋଳନ କରି ମିଳିତ ପରେଡ଼ରେ ଅଭିଭାଦନ ଗ୍ରହଣ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଚୈତନ୍ୟ ଭୋଇ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଜୀବନାନନ୍ଦ ଶତପଥି ଗୁରୁଜୀ ସଂଯୋଜନା କରିଥିଲେ। ସୌରଭ ବୁକସ୍ କଟକ ତରଫରୁ ମାର୍କେଟିଂ ମ୍ୟାନେଜର ପଣ୍ଡିତ ସମରେନ୍ଦ୍ର ଆଚାର୍ଯ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୌରଭ ଟେଷ୍ଟପେପର କୁପନ ଲକି ଡ୍ର'ରେ ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।ବିଦ୍ୟାମନ୍ଦିର ପରିସରରେ ସଭାପତି ଶ୍ରୀଯୁକ୍ତ ପୃଥିରାଜ ସାହୁ ଦୀପ ପ୍ରଜ୍ୱଳନ ପୂର୍ବକ ପତାକା ଉତ୍ତୋଳନ କରି ମିଳିତ ପରେଡରେ ଅଭିଭାଦନ ଗ୍ରହଣ କରିଥିଲେ।

**ଥୁଆପାଲି:** ଝିଲିମିଣ୍ଡା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ୮୦ତମ ସ୍ୱାଧୀନତା ଦିବସ ପ୍ରଧାନ ଆଚାର୍ଯ୍ୟଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ପରିଚାଳନା ସମିତିର ସଭାପତି







ସନ୍ତୋଷ କୁମାର ମେହେର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ଯୁଗ୍ମ ସମ୍ପାଦକ କ୍ଷୀରସାଗର ବେହେରା, କୋଷାଧକ୍ଷ ପ୍ରେମାନନ୍ଦ ମେହେର, ସମାଜସେବୀ ସତ୍ରାଜିତ ମେହେର ଓ କାଳିଚରଣ ହୋତା ଉପସ୍ଥିତ ଥିଲେ।ପ୍ରଧାନ ଆଚାର୍ଯ୍ୟ ମକୁନ୍ଦ ମହାରଣା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

**ଅମ୍ବାଭୋନା:** ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ପ୍ରକାଶପୁରଠାରେ ଜୟ ଜଗନ୍ନାଥ ସଙ୍ଗୀତ କଳା ପରିଷଦ ପକ୍ଷରୁ ଅନୁଷ୍ଠିତ ସ୍ୱାଧୀନତା ଦିବସରେ ଅବସରପ୍ରାପ୍ତ କାରାଗାର ପୁଲିସ କର୍ମଚାରୀ ଶ୍ୟାମଲାଲ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ଶିବ ଭୋଇ, ଜନ୍ମେଜୟ ସାହୁ, ଟେକଚାନ୍ଦ ଦେହୁରୀ, ରବିଶଙ୍କର ବେହେରା, ଅଣ୍ଡାରାମ ପ୍ରଧାନଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ କଳାକାର ଯୋଗ ଦେଇଥିଲେ।

**ଗାଇସିଲେଟ୍:** ଗାଇସିଲେଟ ବ୍ଲକସ୍ତରୀୟ ସ୍ୱାଧୀନତା ଦିବସରେ ମୁଖ୍ୟ ଅତିଥି ଭାବରେ ବ୍ଲକ ଅଧକ୍ଷ ପ୍ରଣୟ କୁମାର ସାହୁ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ରଞ୍ଜନ କୁମାର ପଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲକ୍ଷ୍ମଣ ମାଝୀ, ଅତିରିକ୍ତ ତହସିଲଦାର ରାଜେଶ ମିଶ୍ର, ଅଗ୍ନିଶମ ଅଧିକାରୀ, ଜିଲ୍ଲା ପରିଷଦ ସଦସ୍ୟ ନୀଳମଣି ବରିହା, ଜିଲ୍ଲ ପରିଷଦ ସଦସ୍ୟା ଝରଣା ପାଣିଗ୍ରାହୀ, ସ୍ଥାନୀୟ ସରପଞ୍ଚ ଶରତ କାଲୋ ମଞ୍ଚାସିନ ଥିଲେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବ୍ୟକ୍ତି ଓ ପ୍ରତିଭାବାନ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲା।

**ବରପାଲି:** ବରପାଲି ଏଞ୍ଜେଲସ ପବ୍ଲିକ ସ୍କୁଲ ପରିସରରେ ନିର୍ଦ୍ଦେଶିକା ସୁନିତା ମୁଣ୍ଡ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସିନିୟର ସେକେଣ୍ଡେରୀ ଅଧକ୍ଷ ଦିଲ୍ଲୀପ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପ୍ରାଇମେରୀ ଓ ମିଡିଲ ବିଭାଗର ଅଧକ୍ଷା ମଧୁସ୍ମିତା ମୁଣ୍ଡ, ଉପାଧକ୍ଷ ସୁଶୀଳ କୁମାର ରଥ, ପ୍ରଶାସନିକ ଅଧିକାରୀ ମିନତି ପ୍ରଧାନ ମଞ୍ଚାସୀନ ଥିଲେ। ଛାତ୍ର ସଂସଦ ପ୍ରଫେକ୍ଟ ଅଦିତି ଅପର୍ଣ୍ଣା ସିଂହ ସ୍ୱାଗତ ଭାଷଣ ଓ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ।

**କୁଚିଣ୍ଡା:** କୁଚିଣ୍ଡା କଲେଜ ପଡ଼ିଆରେ ଉପଖଣ୍ଡସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଛି। ଏଥିରେ କୁଚିଣ୍ଡା ଉପଜିଲ୍ଲାପାଳ ସରୱନନ ସ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଉତ୍ସବରେ ଉପଖଣ୍ଡସ୍ତରୀୟ ପୁଲିସ ଅଧିକାରୀ ପ୍ରଦୀପ ଦାସ, ସହକାରୀ ଉପଜିଲ୍ଲାପାଳ ଲୋଚନ ଶବର, ସାଗର ପ୍ରଧାନ, ରମେଶ ସାହୁ, ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋରଞ୍ଜନ ସୁନା, କୁଚିଣ୍ଡା ଥାନା ଅଧିକାରୀ ରାମାକାନ୍ତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। କୁଚିଣ୍ଡା ମହାବିଦ୍ୟାଳୟରେ ଅଧକ୍ଷ ଡ. ସୁମନ୍ତ ନାୟକ, ଶ୍ରୀ ଅରବିନ୍ଦ ବିଦ୍ୟାଳୟରେ ଅଧକ୍ଷ ମନୋଜ ପଣ୍ଡା, କୁଚିଣ୍ଡା ଡାକ୍ତରଖାନାରେ ପରିଚାଳକ ଡ଼ା . ସୁବୋଧ ନାୟକ, ବ୍ଲକ କାର୍ଯ୍ୟାଳୟରେ ବିଡ଼ିଓ ଜୟନ୍ତ ସାହୁ, ତହସିଲ କାର୍ଯ୍ୟାଳୟରେ ତହସିଲଦାର ସରିତା ଓରାମ, କୁଚିଣ୍ଡା ଏନଏସିରେ ଚେୟାରମ୍ୟାନ ପ୍ରଦ୍ୟୁତ ମହାନ୍ତି, ଜନ ସ୍ୱାସ୍ଥ୍ୟ କାର୍ଯ୍ୟାଳୟରେ ନୀଳମାଧବ ନାଗ ପ୍ରମୁଖ ପତାକା ଉତ୍ତୋଳନ କରିଥିଲା। ବକ୍ସମା ଗୁରୁଚରଣ ଯୁକ୍ତ ଦୁଇ ଆବାସିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଫକୀର ମୋହନ ବରିହା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ସତୁଲ୍ୟ ମହାନ୍ତି, ସଞ୍ଜିତ ଶର୍ମା, ଅଧକ୍ଷ ମାନସ ରଞ୍ଜନ, ଦିପ୍ତିମୟ ସାହୁଙ୍କ ସମେତ ଅଧାପକ-ଅଧାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

**ରେଢ଼ାଖୋଲ:** ସ୍ଥାନୀୟ ମିନି ଷ୍ଟାଡିୟମରେ ଉପଖଣ୍ଡସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଉପଜିଲ୍ଲାପାଳ ରଶ୍ମିରଞ୍ଜନ ମହାନ୍ତ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ଗୃହରକ୍ଷୀ ବାହିନୀର ପ୍ଲାଟୁନ କମାଣ୍ଡର ବିଶ୍ୱମ୍ବର ବହିଦାର ମାର୍ଚ୍ଚପାଷ୍ଟର ନେତୃତ୍ୱ ନେଇଥିଲେ। ସ୍ୱନନ୍ଦଜୀତ ଦେହୁରୀ ଏବଂ ସମୀର ରଞ୍ଜନ ବେହେରା ସମେତ ଅନେକ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଶିକ୍ଷକ ବିଜୟାନନ୍ଦ ପ୍ରଧାନ ଉଦ୍‌ଘୋଷକ ଭାବେ କାର୍ଯ୍ୟ ତୁଲାଇ ଥିବା ବେଳେ ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଚନ୍ଦ୍ରମା ମରାଇ ଓ କର୍ମଚାରୀ ଭାସ୍କର ପ୍ରଧାନ ସହଯୋଗ କରିଥିଲେ।

## କଂଗ୍ରେସ କମିଟିର ବୁଥସ୍ତରୀୟ ପ୍ରଶିକ୍ଷଣ

**ପାଇକମାଳ, ୧୭।୮ (ସମିସ):** ପାଇକମାଳ ବ୍ଲକ କଂଗ୍ରେସ ଭବନରେ ରବିବାର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ବୁଥସ୍ତରୀୟ ପ୍ରଶିକ୍ଷଣ ଶିବିର ଓ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ କମିଟି ସଭାପତି ମହେନ୍ଦ୍ର ଖୁଣ୍ଟିଆଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଶିବିରରେ ବ୍ଲକର ବିଭିନ୍ନ ପଞ୍ଚାୟତର ସଭାପତି ଓ ବୁଥ ଲେବେଲ ଏଜେଣ୍ଟମାନେ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ବରଗଡ଼ ଜିଲ୍ଲା କଂଗ୍ରେସ କମିଟି ସଭାପତି ହରଦୀପ ସିଂ ଶିବିରରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବୁଥସ୍ତରରୁ କଂଗ୍ରେସ ସଂଗଠନକୁ କିପରି ଅଧିକ ସୁଦୃଢ଼ କରାଯାଇପାରିବ, ଦଳୀୟ କାର୍ଯ୍ୟକର୍ତ୍ତାମାନେ ନିଜ ନିଜ ଅଞ୍ଚଳରେ କିପରି ସକ୍ରିୟ ଭାବେ କାର୍ଯ୍ୟ କରିବେ ଏବଂ ଲୋକଙ୍କ ସହିତ ସମ୍ପର୍କ ମଜବୁତ କରିବେ, ସେନେଇ ବିଭିନ୍ନ ବିଷୟରେ ମାର୍ଗଦର୍ଶନ ଦିଆଯାଇଥିଲା। ଏହି ଅବସରରେ ରାହୁଲ ଗାନ୍ଧୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ପଲସଦାର ସରପଞ୍ଚ ପ୍ରାର୍ଥୀ ଦିବ୍ୟ ପଟେଲ ନିଜ ସମର୍ଥକମାନଙ୍କ ସହ କଂଗ୍ରେସ ଦଳରେ ଯୋଗଦାନ କରିଥିଲେ। ଶିବିରରେ ପଦ୍ମପୁର ବିଧାୟକ ପ୍ରାର୍ଥୀ ଟଙ୍କଧର ସାହୁ, ଜିଲ୍ଲା ଉପସଭାପତି ମନୋଜ ତ୍ରିବେଦୀ, ଜିଲ୍ଲା କଂଗ୍ରେସ ସମ୍ପାଦକ ମୁଜାଫର ହୁସେନ, ବରିଷ୍ଠ ନେତା ବିନୋଦ କାଳିଆ, ପ୍ରାଣବନ୍ଧୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

## ବିଜେପୁରରେ ଶ୍ରୀ ଅରବିନ୍ଦ ଜୟନ୍ତୀ

**ବିଜେପୁର, ୧୭।୮ (ସମିସ):** ବିଜେପୁର ମାତୃତୀର୍ଥ ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ପରିସରରେ ଶ୍ରୀଅରବିନ୍ଦଙ୍କ ୧୫୪ତମ ଜୟନ୍ତୀ ପାଳିତ ହୋଇଯାଇଛି। ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ସଭାପତି ଲୋକନାଥ ମେହେର ମାତୃ ପତାକା ଉତ୍ତୋଳନ କରିଥିଲେ। ଅପରାହ୍ନରେ ଶ୍ରୀଅରବିନ୍ଦ ପାଠଚକ୍ରର ଟ୍ରଷ୍ଟି ରାଜେଶ୍ୱର ବେହେରାଙ୍କ ସଂଯୋଜନାରେ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଥିଲା। ନବଜୀବନ ଶିକ୍ଷା ସଂସଦ କଟକର ସଦସ୍ୟ ପ୍ରାଧ୍ୟାପକ ଧନପତି ଦେବତା ସମ୍ମାନୀୟ ଅତିଥି ଭାବେ ଯୋଗଦେଇ ମାନବୀୟ ଜୀବନରେ ସ୍ୱାଧୀନତାର ସ୍ୱାଦ ଅନୁଭବ କରିବାରେ ଶ୍ରୀଅରବିନ୍ଦଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସଙ୍ଗତି ମଣ୍ଡଳର ଆବାହକ ପ୍ରଫେସର ଡକ୍ଟର ଉପେନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ପରିସ୍ଥିତିରେ ଦିବ୍ୟ ଜୀବନ ପ୍ରାପ୍ତି ପାଇଁ ଶ୍ରୀଅରବିନ୍ଦ ଘରୋଇ ପାଠଚକ୍ରର ଆବଶ୍ୟକତା ଉପରେ ଆଲୋଚନା କରିଥିଲେ। ସଭାପତି ଲୋକନାଥ ମେହେର, ଆରେକ୍ଷା କୌଶଳର ଜିଲ୍ଲା ପ୍ରଶିକ୍ଷକା ମୀନାକ୍ଷୀ ରାଣୀ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ।

## ରାଷ୍ଟ୍ର ନିର୍ମାଣ ପାଇଁ ଯୁବପ୍ରସ୍ତୁତି ଶିବିରରେ 'ଏଆଇ' ଶିକ୍ଷା

**ସମ୍ବଲପୁର, ୧୭।୮ (ସମିସ):** ସମ୍ବଲପୁର ପବ୍ଲିକ୍ ଲାଇବ୍ରେରୀ ପକ୍ଷରୁ ରାଷ୍ଟ୍ର ନିର୍ମାଣ ପାଇଁ ଯୁବ ପ୍ରସ୍ତୁତି କାର୍ଯ୍ୟକ୍ରମର ଅଷ୍ଟାଦଶ ରବିବାସରୀୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ହାଇସ୍କୁଲର ୪୧ଜଣ ପ୍ରଶିକ୍ଷାର୍ଥୀ ଯୋଗ ଦେଇଥିଲେ। ଅବସରପ୍ରାପ୍ତ ଭାଷା ଶିକ୍ଷକ ପଦ୍ମନାଭ ମହାକୁଡ଼ ନିର୍ଭୁଲ୍ ଇଂରାଜୀ କହିବାର ବିଭିନ୍ନ କୌଶଳ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଥମ ଅଧିବେଶନରେ ଆଇଆଇଏମ୍, ସମ୍ବଲପୁରର ଆସିଷ୍ଟାଣ୍ଟ ପ୍ରଫେସର ଡ. ଚନ୍ଦନ ବେହେରା 'ଏଆଇ' ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେ କହିଥିଲେ କୃତ୍ରିମ ବୁଦ୍ଧିମତା (ଏଆଇ) ନିଜର ଆବଶ୍ୟକତାକୁ ସୁଗମ କରିବା ପାଇଁ ବ୍ୟବହାର କରାଯିବା ଉଚିତ। ଏହାଉପରେ ଅତ୍ୟଧିକ ନିର୍ଭରଶୀଳ ହେଲେ ନିଜର ମୌଳିକତା ଓ ସୃଜନଶୀଳତା ନଷ୍ଟ ହେବାର ସମ୍ଭାବନା ରହିଛି। ଡ. ସେବକ ତ୍ରିପାଠୀ ଓ ଇଂ. ସୁଶାନ୍ତ ଗୁରୁ ସହାୟତା କରିଥିଲେ। ଶିବଶଙ୍କର ଷଡ଼ଙ୍ଗୀ ସଂଯୋଜନା କରିଥିଲେ। ପବ୍ଲିକ୍ ଲାଇବ୍ରେରୀର ମୁଖ୍ୟ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ସମ୍ପାଦକ ରଘୁନାଥ ମିଶ୍ର, ଡ. ଗିରିଧାରୀ ହୋତା, ପୃଥ୍ୱୀରାଜ ମିଶ୍ର ଓ ଉଦିତ ପାଟଯୋଶୀ ଉପସ୍ଥିତ ଥିଲେ। ଅନୁଷ୍ଠାନର ସହକାରୀ ବିଜୟ ସାହୁ ବୈଷୟିକ ସହାୟତା ପ୍ରଦାନ କରିଥିଲେ।

## ବରଗଡ଼ ଜିଲ୍ଲା କଣ୍ଟ୍ରାକ୍ଟର୍ସ ଆସୋସିଏସନ୍‌ର ସାଧାରଣ ସଭା

**ବରଗଡ଼, ୧୭।୮ (ସମିସ):** ବରଗଡ଼ ଜିଲ୍ଲା କଣ୍ଟ୍ରାକ୍ଟର୍ସ ଆସୋସିଏସନ୍‌ର ବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଆସୋସିଏସନ୍‌ର ବିଭିନ୍ନ ପ୍ରଶାସନିକ ବିଷୟ, କମିଟି ପୁନର୍ଗଠନ ଏବଂ ସଂଗଠନର ଭବିଷ୍ୟତ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା ସହିତ ବିଭିନ୍ନ ସଂଶୋଧନ ଉପରେ ନିଷ୍ପତ୍ତି ନିଆଯାଇଥିଲା। ସଭାରେ ଅଧକ୍ଷ ପ୍ରଭାତ ଆଦିତ୍ୟ ମିଶ୍ରଙ୍କ ଇସ୍ତଫା ସମ୍ପର୍କରେ ଆଲୋଚନା କରାଯାଇ ତାହା ଗ୍ରହଣ କରାଯାଇଥିଲା। ଏହାପରେ ଆସୋସିଏସନ୍‌ରେ ବର୍ତ୍ତମାନ କୌଣସି ଅଧକ୍ଷ ପଦ ରହିବ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ଏଥିସହ ପୁରୁଣା କମିଟିକୁ ଖଣ୍ଡନ କରିବା ସହ ଏକ ନୂତନ କମିଟି ଗଠନ ନେଇ ମଧ୍ୟ ନିଷ୍ପତ୍ତି ନିଆଯାଇଥିଲା। ବାର୍ଷିକ ଆର୍ଥିକ ଖର୍ଚ୍ଚର ପାରଦର୍ଶିତା ଯାଞ୍ଚ ସହିତ ନୂତନ କୋଷାଧକ୍ଷ ଭାବେ ସଞ୍ଜୀବ ସୁବୁଦ୍ଧି ଏବଂ ସହ କୋଷାଧକ୍ଷ ଭାବେ ପ୍ରେମା ରଥଙ୍କୁ ଦାୟିତ୍ୱ ଦିଆଯାଇଛି। ସଭାରେ ନୂତନ ପରାମର୍ଶଦାତା କମିଟିର ସଦସ୍ୟ ଭାବେ ଆଠ ଜଣଙ୍କୁ ସାମିଲ କରାଯାଇଛି। ସୁନିଲ ମହାପାତ୍ର, କୃଷ୍ଣ ଚନ୍ଦ୍ର ଦାଶ, ଲକ୍ଷ୍ମୀ ରଥ, ତ୍ରିନାଥ ଦୋରା, ପିଙ୍କୁ ମିଶ୍ର, ବିରଞ୍ଚି ଦାଶ, ରାଜକୁମାର ବିଶି, ହରଦୀପ ସିଂହ, ସଭାରେ ନୂତନ କମିଟି ମାଧ୍ୟମରେ ଆସୋସିଏସନ୍‌ର କାର୍ଯ୍ୟକଳାପକୁ ଅଧିକ ସୁଦୃଢ଼, ସୁସଂଗଠିତ ଓ ସକ୍ରିୟ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

## ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲ ଛାତ୍ରଛାତ୍ରୀଙ୍କ କମାଲ୍

**ବରଗଡ଼, ୧୭।୮ (ସମିସ):** ୮୦ତମ ସ୍ୱାଧୀନତା ଦିବସ ଅବସରରେ ଆୟୋଜିତ ବରଗଡ଼ ଜିଲ୍ଲାସ୍ତରୀୟ ସମାରୋହରେ ସଂସ୍କାର ଇଣ୍ଟରନ୍ୟାସନାଲ ସ୍କୁଲର ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ଷେତ୍ରରେ ଉତ୍କୃଷ୍ଟ ପ୍ରଦର୍ଶନ କରି ପୁରସ୍କୃତ ହୋଇଛନ୍ତି। ଛାତ୍ରଛାତ୍ରୀଙ୍କ ଦ୍ୱାରା ପରିବେଷିତ ଲାଇଭ୍ ସମ୍ବଲପୁରୀ ନୃତ୍ୟ ଓ ସଙ୍ଗୀତ ବିଶେଷ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଏହି ଚମତ୍କାର ପ୍ରଦର୍ଶନ ପାଇଁ ବିଦ୍ୟାଳୟକୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଥିଲା। ସମାରୋହରେ ବିଦ୍ୟାଳୟର ୩୧ ଜଣ ସ୍କେଟରଙ୍କୁ ବିଶେଷ ସ୍କେଟିଂ ପ୍ରଦର୍ଶନ ପାଇଁ ଆମନ୍ତ୍ରଣ କରାଯାଇଥିଲା। ବରଗଡ଼ରେ ପ୍ରଥମ ଥର ପାଇଁ ଏଭଳି ସ୍ୱତନ୍ତ୍ର ସ୍କେଟିଂ ପ୍ରଦର୍ଶନ କରାଯାଇଥିଲା। ଚମତ୍କାର ପ୍ରଦର୍ଶନ ପାଇଁ ସେମାନଙ୍କୁ ସମ୍ମାନିତ ଓ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟ ପାଇଁ ଆଉ ଏକ ଗୌରବମୟ ମୁହୂର୍ତ୍ତ ଥିଲା, ଯେତେବେଳେ ବିଦ୍ୟାଳୟର ଏନ୍ ସି ସି କ୍ୟାଡେଟ୍ ଆଦ୍ୟାମିତ ମେହେରଙ୍କୁ ବରଗଡ଼ ଜିଲ୍ଲାପାଳଙ୍କ ଦ୍ୱାରା 'ବେଷ୍ଟ ଏନ୍ ସି ସି କ୍ୟାଡେଟ୍ ଆୱାର୍ଡ' ପ୍ରଦାନ କରାଯାଇଥିଲା।



ଜିଲ୍ଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତାର କନିଷ୍ଠ ବିଭାଗରେ ଧ୍ୱନି ଅଗ୍ରୱାଲ ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଚିତ୍ରାଙ୍କନ ପ୍ରତିଯୋଗିତାର ଉପ-କନିଷ୍ଠ ବିଭାଗରେ ଅମିଷା ମେହେର ଦ୍ୱିତୀୟ ସ୍ଥାନ, ସେହିପରି କବିତା/ରାଇମ୍ସ ପ୍ରତିଯୋଗିତାର ବରିଷ୍ଠ ବିଭାଗରେ ଅଙ୍କିତା ସାହୁ ତୃତୀୟ ସ୍ଥାନ, ବରିଷ୍ଠ ବିଭାଗର ସାଧାରଣ ଜ୍ଞାନ କୁଇଜ୍ ପ୍ରତିଯୋଗିତାରେ ବୈଷ୍ଣବୀ ରୌଙ୍ଗଟା, ନିଖିତ କେଡିଆ ଏବଂ ସଂସ୍କାର ଜୈନ ବିଦ୍ୟାଳୟର ପ୍ରତିନିଧିତ୍ୱ କରି ନିଜର ଜ୍ଞାନଭିତ୍ତିକ ପ୍ରତିଭାର ପ୍ରଦର୍ଶନ କରି ପ୍ରଥମ ସ୍ଥାନ ଲାଭ କରିଥିଲେ। ବିଦ୍ୟାଳୟ ପରିସରରେ ହର୍ଷୋଲ୍ଲାସର ସହ ପାଳିତ ହେଲା ସ୍ୱାଧୀନତା ଦିବସ। ବିଦ୍ୟାଳୟର ପ୍ରତିଷ୍ଠାତ୍ରୀ ସାବିତ୍ରୀ ଦେବୀ ସାୱଡ଼ିଆ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଚେୟାରମ୍ୟାନ ସୁମନ ସାୱଡ଼ିଆ, ଚେୟାରପର୍ସନ ବବିତା ସାୱଡ଼ିଆ, ଡାଇରେକ୍ଟର ଅଜିତ ପଟ୍ଟନାୟକ, ଡାଇରେକ୍ଟର ସିଦ୍ଧାର୍ଥ ସାୱଡ଼ିଆ, ପ୍ରିନ୍ସିପାଲ କରନ ସାହୁ, ଭାଇସ ପ୍ରିନ୍ସିପାଲ ଆଶିଷ ପଣ୍ଡା, ଭାଇସ ପ୍ରିନ୍ସିପାଲ ସୀମା ସାହୁ, ହେଡମିଷ୍ଟ୍ରେସ ସୁଶ୍ରୀ ରୀତା ନାୟକ ଉପସ୍ଥିତ ଥିଲେ।

## ଜିଲ୍ଲା ସଂସ୍କୃତ ଶିକ୍ଷକ ମହାସଂଘର ବୈଠକ

**ବରଗଡ଼, ୧୭।୮ (ସମିସ):** ସ୍ଥାନୀୟ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ସଂସ୍କୃତ ଶିକ୍ଷକ ମହାସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଅଗସ୍ତି ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ବ୍ଲକର ପ୍ରତିନିଧି ମଣ୍ଡଳୀ ଉପସ୍ଥିତ ଥିଲେ। ଆମନ୍ତ୍ରିତ ସଦସ୍ୟ ଭାବେ ସଂସ୍କୃତ ସଂସ୍କୃତି ସୁରକ୍ଷା ମଞ୍ଚର ଆବାହକ କପିଳେଶ୍ୱର ବାଗ ଯୋଗ ଦେଇଥିବା ବେଳେ ରାଜ୍ୟ ସଂସ୍କୃତ ଶିକ୍ଷକ ମହାସଂଘର କାର୍ଯ୍ୟକାରୀ ସଭାପତି ପଣ୍ଡିତ ଗୋପବନ୍ଧୁ ପୁରୋହିତ ଉପସ୍ଥିତ ଥିଲେ। ଏହି ଅବସରରେ ଆସନ୍ତା ସେପ୍ଟେମ୍ବରରେ ଅନୁଷ୍ଠିତ ହେବାକୁ ଥିବା ସଂସ୍କୃତ ସମାବେଶ ଓ ଜିଲ୍ଲା ସଂସ୍କୃତ ଦିବସ ପାଳନ ନିମନ୍ତେ ଆଲୋଚନା ହୋଇଥିଲା। ବୈଠକରେ ପଣ୍ଡିତ ସୁଧୀର ରଥ, ଅଶୋକ ସାହୁ, ବୃନ୍ଦାବନ ଠେଠୁଆର, ଧୋବା ସାହୁ, ଗୋବର୍ଦ୍ଧନ ସାହୁ, ଘନଶ୍ୟାମ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଜିଲ୍ଲା ସଂସ୍କୃତ ଦିବସର ସଫଳ ଆୟୋଜନ ପାଇଁ ସୁଚିନ୍ତିତ ମତାମତ ପ୍ରଦାନ କରିଥିବାବେଳେ ଚୂଡାନ୍ତ ପ୍ରସ୍ତୁତି ବୈଠକ ଆସନ୍ତା ଶନିବାର ଅତାବିରା ବ୍ଲକରେ ଅନୁଷ୍ଠିତ ହେବ।

## ପଞ୍ଚ ଦିବସୀୟ ଇଂରାଜୀ ତାଲିମ ଶିବିର ଉଦ୍‌ଯାପିତ

**ବରଗଡ଼, ୧୭।୮ (ସମିସ):** ସ୍ଥାନୀୟ ଜର୍ଜ ଉଚ୍ଚ ବିଦ୍ୟାଳୟରେ ୫ ଦିନିଆ ଇଂରାଜୀ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ୧୨ଟି ବ୍ଲକରୁ ୬୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ରାଜ୍ୟ ଭାଷା ଶିକ୍ଷା ଶିକ୍ଷକ ତାଲିମ ପ୍ରତିଷ୍ଠାନ, ଭୁବନେଶ୍ୱର ଦ୍ୱାରା ପ୍ରାୟୋଜିତ ଏହି କାର୍ଯ୍ୟକ୍ରମ ଜିଲ୍ଲା ଶିକ୍ଷା ଅଧିକାରୀ ସରୋଜ ଭୁଏ ବରଗଡ଼ଙ୍କ ଦ୍ୱାରା ପରିଚାଳିତ କରାଯାଉଥିଲା। ଏଥିରେ ରାଜ୍ୟ ସାଧନ କର୍ମୀ ଭାବେ କୋର୍ସ୍ ସଂଯୋଜକ ଶଶୀଭୂଷଣ ହୋତା, କାଳିଚରଣ ଦୁବେ, ସତୀନ୍ଦ୍ର ପଟେଲ ଓ ତାରିଣୀ ସେନ୍ ବୁଢ଼ିଆ ଶିକ୍ଷା ପ୍ରଦାନ କରିଥିଲେ। ଜିଲ୍ଲା ସର୍ବଶିକ୍ଷା ଅଭିଯାନର ପେଡ଼ାଗୋଜି ସଂଯୋଜକ ପୁଷ୍ପାଞ୍ଜଳି ଦାଶ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ବରଗଡ଼ ଅମୃତା ସାହୁ ତଥା ସରୋଜ ଭୁଏ, ଜିଲ୍ଲା ଶିକ୍ଷା ଅଧିକାରୀ, ବରଗଡ଼ ଯୋଗଦାନ କରି ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ।

## କମଳା ଦେବୀ ସ୍ମୃତି ଶିକ୍ଷା ମେଧା ବୃତ୍ତି ପ୍ରଚଳନ



**ବରଗଡ଼, ୧୭।୮ (ସମିସ):** ସ୍ଥାନୀୟ ରାଣା ପ୍ରତାପ ସ୍କୁଲରେ ସମାଜସେବୀ ସ୍ୱର୍ଗତ କମଳା ଦେବୀ ସ୍ମୃତି ଶିକ୍ଷା ମେଧା ବୃତ୍ତି ପ୍ରଦାନ କରାଯାଇଛି। ପ୍ରକୃତିବନ୍ଧୁ ଡ. ଡୋଳାମଣି ଶତପଥୀଙ୍କ ସ୍ୱର୍ଗୀୟ ମାତା ସମାଜ ସେବୀ କମଳା ଦେବୀଙ୍କ ସ୍ମୃତିରେ ଏହି ମେଧାବୃତ୍ତି ପ୍ରଚଳିତ ହୋଇଛି। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତି କ୍ଲାସର ଜଣେ ଜଣେ ଛାତ୍ରଙ୍କୁ ଏହା ପ୍ରଦାନ କରାଯାଇଛି। ପ୍ରଧାନ ଶିକ୍ଷକ ସୁଦୀପ କୁମାର ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟି ଅଧକ୍ଷ ଆଲୋକ ପାଇକ, ଆଲୁମୁନି ସଦସ୍ୟ କପିଳେଶ୍ୱର ବାଗ, ଶିକ୍ଷା କମିଟିର ସଦସ୍ୟ ଡ ଡୋଳାମଣି ଶତପଥୀ ପ୍ରମୁଖ ଉପସ୍ଥିତ ରହି ଏହି ମେଧା ବୃତ୍ତି ପ୍ରଦାନ କରିଥିଲେ।

## ରୋଟାରୀ କ୍ଲବ୍ ତରଫରୁ ଚାରାରୋପଣ

**ବରଗଡ଼, ୧୭।୮ (ସମିସ):** ବରଗଡ଼ ସେଣ୍ଟ୍ରାଲ ରୋଟାରୀ କ୍ଲବ ପକ୍ଷରୁ ପିପଲମୁଣ୍ଡା ଠାରେ ଚାରାରୋପଣ କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜିତ ହୋଇଥିଲା। ଏହି ଅବସରରେ ୫୦ଟି ଚାରା ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ କ୍ଲବର ସଭାପତି ସୁନିଲ ଅଗ୍ରୱାଲ, ସମ୍ପାଦକ ସଞ୍ଜୀବ ଅଗ୍ରୱାଲ, ପ୍ରକଳ୍ପ ଅଧକ୍ଷ ପ୍ରବୀଣ ଲାଠଙ୍କ ସମେତ ସନ୍ଦୀପ ସାୱଡ଼ିଆ, ସୁମନ ସାୱଡ଼ିଆ, ସୁରେଶ ଅଗ୍ରୱାଲ, ଅମିତ ଅଗ୍ରୱାଲ, ବିନୟ ଜିନ୍ଦଲ, ଆଶିଷ ପାନସାରୀ, ବୈଭବ ଟୁଲ୍ଲୀ ଏବଂ ଅନ୍ୟାନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ।

## ରକ୍ତଦାନ କରି ସମ୍ମାନିତ ହେଲେ





ବରଗଡ଼, ୧୭।୮ (ସମିସ)

ବରଗଡ଼ ସ୍ଥିତ ହାଟପଦା, ମନାବନ୍ଧଠାରେ କଳିଙ୍ଗ ବୈଶ୍ୟ ସଙ୍ଘ ପେଣ୍ଠଘରଠାରେ ଦିଶା କଳିଙ୍ଗ ବୈଶ୍ୟ ମହିଳା ସଂଘ ଓ ନିଷ୍ଠା ପରିବାର ତରଫରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ। ଏଠାରୁ ମୋଟ୍ ୫୯ ୟୁନିଟ୍ ରକ୍ତ ବରଗଡ଼ ରକ୍ତଦାନ କେନ୍ଦ୍ର ପକ୍ଷରୁ ସଂଗୃହୀତ କରାଯାଇଥିଲା। ୧୨ଜଣ ମହିଳା ରକ୍ତଦାନ କରିଥିଲେ। ଶିବିରକୁ ଦିଶା କଳିଙ୍ଗ ବୈଶ୍ୟ ମହିଳା ସଂଘ ସଭାପତି ବିଜୟ ଲକ୍ଷ୍ମୀ ସୁବୁଦ୍ଧି, ସମ୍ପାଦକ ପୁନମ ପାତ୍ର, କୋଷାଧକ୍ଷ ସୁନୀତା ପାତ୍ର, ପ୍ରଭାତୀ ପାତ୍ର, ଉଷା ରାଣୀ ସୁବୁଦ୍ଧି, ମଞ୍ଜୁଶ୍ରୀ ପାତ୍ର, ସାଧନା ରାଣୀ ସୁବୁଦ୍ଧି, ରାଧିକା ପାତ୍ର, ପଲ୍ଲବୀ ପ୍ରିୟ ଦର୍ଶିନୀଙ୍କ ସହ ଅନ୍ୟ ସଦସ୍ୟାଙ୍କ ସହ କଳିଙ୍ଗ ବୈଶ୍ୟ ସଂଘର ସଭାପତି ପ୍ରଶାନ୍ତ ପାତ୍ର, ମନୋଜ ସୁବୁଦ୍ଧି, ଦେବେନ୍ଦ୍ର ପାତ୍ର, ମନୋଜ ପାତ୍ର, ଚନ୍ଦ୍ର ଶେଖର ପାତ୍ର, ରଞ୍ଜିତ ପାତ୍ର, ଧର୍ମେନ୍ଦ୍ର ପାତ୍ର ଧୀରଜ ପାତ୍ର, କାମଦେବ ପାତ୍ର, ରଞ୍ଜିବ ସୁବୁଦ୍ଧି, ଅଶୋକ ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

**ପଦ୍ମପୁର:** ସ୍ୱାଧୀନତା ଦିବସ ଅବସରରେ ପଦ୍ମପୁର ବାର୍ ଆସୋସିଏସନ ତରଫରୁ ପଦ୍ମପୁର ଓକିଲ ସଂଘ ସଭାଗୃହରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଓକିଲ ସଂଘ ସଭାପତି ଆନନ୍ଦ ଚନ୍ଦ୍ର ପଣ୍ଡାଙ୍କ ଅଧକ୍ଷତାରେ ଏବଂ ବୟୋଜ୍ୟେଷ୍ଠ ଓକିଲ ଗୌନ୍ତିଆ କୁମାର ସାହୁ ଓ ରାଧାବଲ୍ଲଭ ପାଣିଗ୍ରାହୀଙ୍କ ମାର୍ଗଦର୍ଶନରେ ଶିବିର ପରିଚାଳିତ ହୋଇଥିଲା। ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ଏଡିଜେ ସୂର୍ଯ୍ୟ ନାରାୟଣ ଦ୍ୱିବେଦୀ, ସବ୍‌ଜଜ୍ କୁମୁଦିନୀ ମୁଦୁଲି, ଏସଡିଜେଏମ୍ ପତିତପାବନ ପଣ୍ଡା, ନିରୋଜ ଦୋରା ଓ ବଣିକ ସଂଘ ସଭାପତି ପ୍ରତାପ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ମହିଳା ମହାବିଦ୍ୟାଳୟର ରେଡକ୍ରସ ଓ ସ୍କାଉଟ୍ ଛାତ୍ରୀଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ସାଧାରଣ ଲୋକେ ଶିବିରରେ ଯୋଗଦେଇଥିଲେ। ଶିବିରରେ ସର୍ବମୋଟ ୪୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

## ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉଦ୍‌ଘାଟିତ

**ବରପାଲି, ୧୭।୮ (ସମିସ):** ବରପାଲି ଓଟିଡିସି ପରିସରରେ ରୋଗୀମାନଙ୍କ ନିତିଦିନିଆ ସ୍ୱାସ୍ଥ୍ୟସେବା ଚିକିତ୍ସିତ ପାଇଁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସହରାଞ୍ଚଳ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବରଗଡ଼ ସିଡିଏମ୍ଓ ଡ଼. ପ୍ରଶାନ୍ତ କିଶୋର ଦାସ, ସମ୍ମାନିତ ଅତିଥି ଭାବେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷ ଦୀନେଶ ଗହୀର, ଏମ୍ଓ ଡ଼ ରାଜେଶ ବେହେରା, ଜିଲ୍ଲା ପ୍ରୋଗ୍ରାମ ଅଫିସର ଦୀପକ କୁମାର ସାହୁ, ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବ୍ଲକ ପ୍ରୋଗ୍ରାମ ଅଫିସର ମଧୁସୂଦନ ପୋର୍ଡ୍, କୃଷ୍ଣଚନ୍ଦ୍ର ଲୁହା, ରଞ୍ଜନ କୁମାର ଦଣ୍ଡସେନା, ଏଏନଏମ ଅନିମା ପଣ୍ଡା, କୁବେର ଚନ୍ଦ୍ର ଯୋଶୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ପଦ୍ମପୁର ବରିଷ୍ଠ ନାଗରିକ ସଂଘର ବାର୍ଷିକ ଉତ୍ସବ

**ପଦ୍ମପୁର, ୧୭।୮ (ସମିସ):** ପଦ୍ମପୁର ସହର ସ୍ଥିତ ରାଜାଜୀ ଟାଉନ ହଲ୍‌ରେ ପଦ୍ମପୁର ବରିଷ୍ଠ ନାଗରିକ ସଂଘର ଦ୍ୱିତୀୟ ବାର୍ଷିକ ଉତ୍ସବ ଏବଂ ନୂତନ କର୍ମକର୍ତ୍ତା ଚୟନ କାର୍ଯ୍ୟକ୍ରମ ସଭାପତି ଜୟ ନାରାୟଣ ତ୍ରିପାଠୀଙ୍କ ଅଧ୍ୟତାରେ ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ଉପଜିଲ୍ଲାପାଳ ହେମସାଗର ଭୋଇ ମୁଖ୍ୟ ଅତିଥି, ବରିଷ୍ଠ ସଦସ୍ୟ ଗୌନ୍ତିଆ ସାହୁ, ରାମଚନ୍ଦ୍ର ତ୍ରିପାଠୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗୋବିନ୍ଦ ପାଣିଗ୍ରାହୀ ସ୍ୱାଗତ ସମ୍ଭାଷଣ ରଖିଥିବା ବେଳେ ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଶିକ୍ଷା କ୍ଷେତ୍ରରେ ବିଶେଷ ଅବଦାନ ପାଇଁ ଲକ୍ଷ୍ମୀନାରାୟଣ ଷଡ଼ଙ୍ଗୀ ଓ ବିଶ୍ୱକେଶନ ଦୋରାଙ୍କୁ ମୁଖ୍ୟ ଅତିଥି ସମ୍ବର୍ଦ୍ଧିତ କରିଥିଲେ। ସଂଘର ନୂତନ କର୍ମକର୍ତ୍ତା ଚୟନ ସର୍ବସମ୍ମତି କ୍ରମେ କରାଯାଇଥିଲା। ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା କର୍ମକର୍ତ୍ତାମାନେ ବରିଷ୍ଠ ନାଗରିକମାନଙ୍କ ଅଧିକାର ଓ କଲ୍ୟାଣ ପାଇଁ ନିଷ୍ଠାରେ କାମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।

## ପଦ୍ମପୁର ଓ ଘେଁସ ବନାଞ୍ଚଳରୁ ଛତିଶଗଡ଼ ମୁହାଁ ହାତୀପଲ

**ପଦ୍ମପୁର, ୧୭।୮ (ସମିସ):** ପଦ୍ମପୁର ଓ ଘେଁସ ବନାଞ୍ଚଳରେ ଗତ ୪ ଦିନରୁ ଅଧିକ ସମୟ ଧରି ଜାରି ରହିଥିବା ହାତୀ ଆତଙ୍କର ଅନ୍ତ ପଡ଼ିବାକୁ ଯାଉଛି। ତିନିଟିକିଆ ହାତୀ ପଲ କ୍ରମାଗତ ଭାବେ ଏହି ଅଞ୍ଚଳରେ ଉତ୍ପାତ ମଚାଇବା ପରେ ପଡ଼ୋଶୀ ଛତିଶଗଡ଼ ରାଜ୍ୟ ମୁହାଁ ହୋଇଥିବା ଜଣାପଡ଼ିଛି। ବନ ବିଭାଗର ସୂଚନା ଅନୁଯାୟୀ ହାତୀପଲ ବର୍ତ୍ତମାନ ଝାଞ୍ଜପାହାଡ଼ରୁ ଛତିଶଗଡ଼ ମୁହାଁ ହୋଇଛନ୍ତି। ବନ ବିଭାଗ ଏବଂ ସ୍ଥାନୀୟ ଲୋକଙ୍କ ମିଳିତ ଉଦ୍ୟମ ଓ କ୍ରମାଗତ ଘଉଡ଼ାଇବା ପ୍ରକ୍ରିୟା ଫଳରେ ହାତୀପଲ ସୀମା ପାର୍ ହୋଇ ଛତିଶଗଡ଼ ରାଜ୍ୟ ଆଡ଼କୁ ଗତି କରିଛନ୍ତି। ତଥାପି, ସୁରକ୍ଷା ଦୃଷ୍ଟିରୁ ବନ ବିଭାଗ ପକ୍ଷରୁ ସୀମାବର୍ତ୍ତୀ ଅଞ୍ଚଳରେ କଡ଼ା ନଜର ରଖାଯାଇଥିବା ବେଳେ ଚାଷୀ ଓ ସ୍ଥାନୀୟ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି।

## ବରିଷ୍ଠ ନାଗରିକ ପରିଚୟପତ୍ର ବଣ୍ଟନ

**ବରପାଲି, ୧୭।୮ (ସମିସ):** ବରପାଳି ଥାନା ପରିସରରେ ସ୍ୱାଧୀନତା ଦିବସ ଅବସରରେ ଥାନାଅଧିକାରୀ ପ୍ରମୋଦ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ବରିଷ୍ଠ ନାଗରିକମାନଙ୍କୁ ପରିଚୟପତ୍ର ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ଏସ୍‌ପି ରବୀନ୍ଦ୍ର ନାଥ ଶତପଥୀ ଓ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠି ଯୋଗ ଦେଇ ୧୦୦ରୁ ଅଧିକ ବରିଷ୍ଠ ନାଗରିକ ମାନଙ୍କୁ କାର୍ଡ ବଣ୍ଟନ କରିବା ସହିତ ବରିଷ୍ଠ ନାଗରିକମାନେ ଏହି କାର୍ଡ ଜରିଆରେ କିଭଳି ବିଭିନ୍ନ ଜାଗାରେ ସୁବିଧା ପାଇ ପାରିବେ କହିଥିଲେ। ଶେଷରେ ବରପାଲି ଆଇଆଇସି ପ୍ରମୋଦ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସେବା ପରିବାର ପକ୍ଷରୁ ଡିଏଚ୍‌ଏଚ୍‌କୁ ହୁଇଲ୍ ଚେୟାର ପ୍ରଦାନ

**ବରଗଡ଼, ୧୭।୮ (ସମିସ):** ସ୍ୱାଧୀନତା ଦିବସ ଅବସରରେ ସେବା ପରିବାର ସିଂହେନପାଲି ପକ୍ଷରୁ ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)କୁ ୫ଟି ହୁଇଲଚେୟାର ପ୍ରଦାନ କରାଯାଇଛି। ସେବା ପରିବାରର ସଭାପତି ନରେନ୍ଦ୍ର ଭୋଇ, ଉପସଭାପତି ସଞ୍ଜୀବ ଭୋଇଙ୍କ ସମେତ ସୁଶାନ୍ତ ଭୋଇ, ଆନନ୍ଦ ଭୋଇ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଡିଏଚ୍‌ଏଚ୍ ପକ୍ଷରୁ ସିଡିଏମ୍ଓ ଡା. ପି. କେ. ଦାଶ, ଏଡିଏମ୍ଓ ଡା. କେ.ଆର୍. ରାଓ, ମେଡିସିନ୍ ବିଶେଷଜ୍ଞ ଡା. ଅଭୁତ ପ୍ରଧାନ ଓ ହସ୍ପିଟାଲ ମ୍ୟାନେଜର ସ୍ଥିତପ୍ରଜ୍ଞ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ପୁଣ୍ୟତିଥିରେ ବହ୍ନିକନ୍ୟା ପାର୍ବତୀ ଗିରିଙ୍କୁ ସ୍ମରଣ







**ବରଗଡ଼, ୧୭ । ୮ (ସମିସ)**

ବରଗଡ଼ସ୍ଥିତ ଯଦୁମଣି ପ୍ରେକ୍ଷାଳୟରେ ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ପୁଣ୍ୟତିଥି ପାଳିତ ହୋଇଛି । ଏଥିରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ, ବିଜେପୁର ବିଧାୟକ ସନତ ଗଡ଼ତିଆ, ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାପାତ୍ର ଏବଂ ମଧୁଛନ୍ଦା ସାହୁ ପ୍ରମୁଖ ଯୋଗଦେଇ ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ସଂସ୍କୃତି ଅଧିକାରୀ ପ୍ରହଲ୍ଲାଦ ଖୋସଲାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି ଅବସରରେ ବୟନ ଶିଳ୍ପ ଯୁଗ୍ମ ନିର୍ଦ୍ଦେଶକ ଦେବଜିତ ନନ୍ଦୀ, ବୁଣାକାର ମିତା ମେହେର, ବବିତା ମେହେର, ବାସୁଦେବ ମେହେର, ବାସୁଦେବ ମେହେର ଏବଂ ତପସ୍ୱିନୀ ମେହେର, ଘାସିରାମ ମେହେର, ଅଲେଖ ମେହେର, ସୁରେନ୍ଦ୍ର ମେହେର, ଅତାବିରା ଝିଲିମିଣ୍ଡାର ରାମ ମେହେର, ଫକୀର ମେହେର, ମାନସ ମେହେର, ବାସୁଦେବ ମେହେର ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା ।

ସେହିଭଳି ଅମ୍ବାପାଲିସ୍ଥିତ ପାର୍ବତୀ ଗିରି ଉଚ୍ଚ ବିଦ୍ୟାଳୟ ପରିସରରେ ମଧ୍ୟ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ 'ବହ୍ନିକନ୍ୟା' ପାର୍ବତୀ ଗିରିଙ୍କ ୩୧ତମ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ଏଚିଭର୍ସ ହେଲପିଙ୍ଗ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି ସ୍ମୃତିସଭାରେ ଦିବାକର ମାଝୀ ସଭାପତିତ୍ୱ କରିଥିଲେ । ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମେଘନାଦ ସାହୁ ସଭା ସଂଯୋଜନା କରିଥିବାବେଳେ ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ମିଳିତ ଗ୍ରାମ ପଞ୍ଚାୟତ କଲେଜ, ସରସରାର ଅବସରପ୍ରାପ୍ତ ଅଧ୍ୟକ୍ଷ ଗୋପାଳ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ପାୱାର ଅଫ୍ ଦିବ୍ୟାଙ୍ଗର ସଭାପତି ଶ୍ୟାମସୁନ୍ଦର ଅଗ୍ରୱାଲ, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ଦିବ୍ୟକାନ୍ତି ଭୋଇ, ସମାଜସେବୀ କନକ ପଧାନ, ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଲକ୍ଷ୍ମୀ ମହାପାତ୍ର ଓ ବଳରାଜ ବିର୍ତିଆ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ଅତିଥିମାନେ ନିଜ ବକ୍ତବ୍ୟରେ ପାର୍ବତୀ ଗିରିଙ୍କ ଜୀବନ, ସ୍ୱାଧୀନତା ସଂଗ୍ରାମରେ ତାଙ୍କ ଅବଦାନ ଏବଂ ସମାଜସେବା କ୍ଷେତ୍ରରେ ତାଙ୍କ ଅତୁଳନୀୟ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ତାଙ୍କ ଆଦର୍ଶକୁ ନୂତନ ପିଢ଼ି ଅନୁସରଣ କରିବାକୁ ଅତିଥିମାନେ ଆହ୍ୱାନ ଦେଇଥିଲେ । ଏହି ଅବସରରେ ୨୦୨୬ ଦଶମ ବୋର୍ଡ ପରୀକ୍ଷାରେ ପାର୍ବତୀ ଗିରି ଉଚ୍ଚ ବିଦ୍ୟାଳୟର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଅଙ୍କିତା ଥପା, ଭାବନା ଅଗ୍ରୱାଲ ଓ ସାଗରିକା ବାଦୀଙ୍କୁ ବଳରାଜ ବିର୍ତିଆଙ୍କ ପରିବାର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ବର୍ତ୍ତମାନ ଦଶମ ଶ୍ରେଣୀରେ ଅଧ୍ୟୟନରତ ପ୍ରଥମ ତିନି ସ୍ଥାନର ଛାତ୍ରୀ ମାନବୀ କିଷାନ, ପୁନମ ଭୁଏ ଓ ମାନସୀ ମିର୍ଧାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ସମାଜସେବା କ୍ଷେତ୍ରରେ ଅବଦାନ ପାଇ ଅଭିଜିତ ଫାଉଣ୍ଡେସନ, ଦଶମାଇଲ ଏବଂ ସାଇ କ୍ରିଷ୍ଣା ଓଲ୍ଡ ଏଜ୍ ହୋମକୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ କର୍ମଚାରୀ, ଛାତ୍ରୀ ଓ ଏଚିଭର୍ସ ହେଲଫିଂ ଫାଉଣ୍ଡେସନର ସମସ୍ତ ସଦସ୍ୟ ଉପସ୍ଥିତ ରହି ପାର୍ବତୀ ଗିରିଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

ବରଗଡ଼ ପାର୍ବତୀଗିରି ମହିଳା ମହାବିଦ୍ୟାଳୟ ପରିସରରେ ମଧ୍ୟ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବୀ ପାର୍ବତୀଗିରିଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ପ୍ରାଧ୍ୟାପିକା ଡ. ଗାୟତ୍ରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସ୍ମୃତିସଭାରେ ବରିଷ୍ଠ ଅଧ୍ୟାପିକା ମୌସୁମୀ ଲିଜା ନାଏକ ଓ ଡ. ପ୍ରଶାନ୍ତ କୁମାର ଦାଶ ପାର୍ବତୀଗିରିଙ୍କ ଜୀବନଦର୍ଶନ, ଦେଶପ୍ରେମ, ତ୍ୟାଗ ଓ ସମାଜ ପ୍ରତି ତାଙ୍କର ଅବଦାନ ଉପରେ ଆଲୋକପାତ କରିଥିଲେ ।

**ପାଇକମାଳ:** କସ୍ତୁରବା ଗାନ୍ଧୀ ମାତୃନିକେତନଠାରେ ମଧ୍ୟ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ସମାଜସେବୀ ତଥା ସେବା ଓ ସମର୍ପଣର ପ୍ରତୀକ ବଡ଼ ମା' ପାର୍ବତୀ ଗିରିଙ୍କ ୩୧ତମ ଶ୍ରାଦ୍ଧବାର୍ଷିକୀ ସୋମବାର ପାଳିତ ହୋଇଛି । ଏହି ଅବସରରେ ଅନୁଷ୍ଠାନର ଅନ୍ତେବାସୀମାନଙ୍କ ପକ୍ଷରୁ ଭୋର ୪ଟାରୁ ପ୍ରଭାତ ଫେରି ଅନୁଷ୍ଠିତ ହୋଇଥିଲା । ପରେ ସକାଳ ୮ଟାରେ ନୃସିଂହନାଥଠାରେ ପାର୍ବତୀ ଗିରିଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ କରାଯାଇଥିଲା । ପଣ୍ଡିତ ପ୍ରେମାନନ୍ଦ ଦେବତାଙ୍କ ପୌରୋହିତ୍ୟରେ ପୂଜାପାଠ ସମ୍ପନ୍ନ ହୋଇଥିଲା । ପାର୍ବତୀ ଗିରିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ତାଙ୍କ ସେବା, ତ୍ୟାଗ ଓ ସମାଜ ପ୍ରତି ଅବଦାନକୁ ସ୍ମରଣ କରାଯାଇଥିଲା । କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧ୍ୟକ୍ଷ ନିର୍ମଳ ଗିରିଙ୍କ ସମେତ ସୁଚରିତା ପଣ୍ଡା, ସଞ୍ଜୀବ ଦାସ, ସୁରଭି ବାରିକ, ଯଶୋବନ୍ତୀ ଭୋଇ, ନିଳୀମା ଗିରି, ତିଳକ ରାମ ମାଝୀ, ଚନ୍ଦ୍ରଶେଖର ପାତ୍ର, ହରେଶ ପିଞ୍ଜରା, ସୁକାନ୍ତି ପଟେଲ ଓ ବୀଣା ମିର୍ଦ୍ଧାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

## ଜିଲ୍ଲାପାଳଙ୍କୁ ଭେଟିଲା ସଂଯୁକ୍ତ କୃଷକ ସଂଗଠନ

**ବରଗଡ଼, ୧୭ । ୮ (ସମିସ):** ଆଜି ବରଗଡ଼ ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ବରଗଡ଼ ଜିଲ୍ଲା ସଂଯୁକ୍ତ କୃଷକ ସଂଗଠନର ପ୍ରତିନିଧିମାନେ ଜିଲ୍ଲାପାଳଙ୍କୁ ଭେଟିଛନ୍ତି । ଧାନ ବିକ୍ରି ପଞ୍ଜିକରଣକୁ ନେଇ ଚାଷୀମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ଜିଲ୍ଲାପାଳ ସମସ୍ତ ସମସ୍ୟା ଶୁଣି ସମାଧାନ କରିବେ ବୋଲି ଆଶ୍ୱାସନ ଦେଇଛନ୍ତି । ୨ ଦିନ ମଧ୍ୟରେ ଯଦି ସମସ୍ୟାର ସମାଧାନ ନ ହୁଏ ତେବେ ଚାଷୀଙ୍କ ହକ୍ ପାଇଁ ଆନ୍ଦୋଳନକୁ ଓହ୍ଲାଇବ ବୋଲି ବରଗଡ଼ ଜିଲ୍ଲା ସଂଯୁକ୍ତ କୃଷକ ସଂଗଠନ ଚେତାବନୀ ଦେଇଛି । ଈଶାନ୍ତ ଭୋଇ, ସୁରେଶ ନିକେଣ୍ଟି, କାରଣ ସାହୁ, ଥବୀର ସାହୁ, ରବିଶଙ୍କର ପଧାନ, ନିରଞ୍ଜନ ପଧାନ ଏବଂ ସୁବଳ ପଧାନଙ୍କ ନେତୃତ୍ୱରେ ଶହ ଶହ ଚାଷୀ ଜିଲ୍ଲାପାଳଙ୍କ ଜନ ଶୁଣାଣିକୁ ଆସି ଅଭିଯୋଗ କରିଥିଲେ ।



## ଗନ୍ଧମାର୍ଦ୍ଦନ ସୁରକ୍ଷା ମଞ୍ଚ ପକ୍ଷରୁ ଚାରାରୋପଣ

**ପାଇକମାଳ, ୧୭ । ୮ (ସମିସ):** ମିଠାପାଲି ଗନ୍ଧମାର୍ଦ୍ଦନ ସୁରକ୍ଷା ମଞ୍ଚ ପକ୍ଷରୁ ମିଠାପାଲି ଛକରୁ ବିକ୍ରମନଗର ପର୍ଯ୍ୟନ୍ତ ରାସ୍ତାକଡ଼ରେ ଚାରାରୋପଣ କରାଯାଇଛି । ସମୀର ଲୁହାର ଓ ସୁଜିତ ସେଠୀଙ୍କ ପ୍ରୟାସରେ ନୃସିଂହନାଥ ଓ ପାଇକମାଳ ବନଖଣ୍ଡ ଅଧିକାରୀ, ମିଠାପାଲି କେନ୍ଦୁପତ୍ର ବିଭାଗ ରେଞ୍ଜର ଗୋପାଳଚନ୍ଦ୍ର ସାଇ, ମିଠାପାଲି ସମିତି ସଭ୍ୟା ରମଳା ଲୁହାର, ମିଠାପାଲି ସରପଞ୍ଚ ସୁବାସିନୀ ସେଠ, ମିଠାପାଲି ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୈତାରୀ ପଣ୍ଡା, ମିଠାପାଲି ଗ୍ରାମ୍ୟ ମୁଖ୍ୟ ଗୋପାଳଚନ୍ଦ୍ର ସେଠ, ମିଠାପାଲି ମାଁ ତାରିଣୀ ୟୁଥ୍ କ୍ଲବର ସମସ୍ତ ସଦସ୍ୟ ଏଥିରେ ସାମିଲ ହୋଇଥିଲେ ।



## ରେମଣ୍ଡା- ମହୁଲପାଲି ରାସ୍ତା ମରଣଯନ୍ତା



**ଥୁଆପାଲି, ୧୭ । ୮ (ସମିସ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ରେମଣ୍ଡାରୁ ମହୁଲପାଲି ରାସ୍ତା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନା ଅନ୍ତର୍ଭୁକ୍ତ ହୋଇ ନିର୍ମାଣ ହୋଇଥିଲା । ବର୍ଷା ଯୋଗୁଁ ରାସ୍ତା ମଝି ଏକ ଗର୍ତ୍ତ ସୃଷ୍ଟି ହୋଇ ମରଣ ଯନ୍ତା ପାଲଟିଛି । ଏହା ଅଞ୍ଚଳର ମୁଖ୍ୟ ରାସ୍ତା । ଏହି ରାସ୍ତା ଦେଇ ମହୁଲପାଲି, ନାଗପଡ଼ା, ଡୁଙ୍ଗୁରିପାଲି ସମେତ ଅନ୍ୟାନ୍ୟ ଗ୍ରାମର ଜନସାଧାରଣ ଯିବା ଆସିବା କରିଥାନ୍ତି । ଏହା ସହିତ ଉଚ୍ଚ ବିଦ୍ୟାଳୟ, ରେମଣ୍ଡା ମହାବିଦ୍ୟାଳୟ ଛାତ୍ରଛାତ୍ରୀ ଯିବା ଆସିବା କରିଥାନ୍ତି ।

## ସର୍ଗିଫୁଲ କବିତା ସଂକଳନ ଉପରେ ଆଲୋଚନା



**ପଦ୍ମପୁର, ୧୭ । ୮ (ସମିସ):** ସର୍ଗିବାହାଲସ୍ଥିତ ବୃନ୍ଦାବତୀ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟରେ କୋଶଲି କବି କୃଷଚନ୍ଦ୍ର ମଲ୍ଲିକଙ୍କ ଦ୍ୱାରା ରଚିତ ସର୍ଗିଫୁଲ କବିତା ସଂକଳନ ଉପରେ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ତେଜରାଜ ସାହୁ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ଅଞ୍ଚଳ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ କେଶରଞ୍ଜନ ପ୍ରଧାନ, ସମ୍ମାନିତ ଅତିଥି ଭାବେ ଆକାଶବାଣୀ କଣ୍ଠଶିଳ୍ପୀ ଦାଉଦ କୁଅଁର, ଗ୍ରାମର ଗୌନ୍ତିଆ ତ୍ରିଲୋଚନ ବରିହା, ଅବସରପ୍ରାପ୍ତ ଏବିଇଓ ପ୍ରେମାନନ୍ଦ ବାରିକ, ଅବସରପ୍ରାପ୍ତ ତହସିଲଦାର ଦେବରାଜ ଉନସନା ଯୋଗ ଦେଇଥିଲେ । ଲୋଚନ ବରିହା, ପ୍ରହଲ୍ଲାଦ ସାହୁ, ଚିତ୍ରସେନ ବେହେରା, ଗୁଣ ନାଏକ ପ୍ରମୁଖ ସହଯୋଗ କରିଥିଲେ । ଶେଷଦେବ ଦାଶ ମଞ୍ଚ ପରିଚଳନା କରିଥିବାବେଳେ ସଭାପତି ଦେବରାଜ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ୨ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବିଜେପୁର, ୧୭ । ୮ (ସମିସ):** ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୨ ଜଣ କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଦୁଇ କର୍ମଚାରୀ ହେଲେ ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା କବିତାଞ୍ଜଳି ଦାସ ଓ ମହିଳା ସ୍ୱାସ୍ଥ୍ୟକର୍ମୀ ଅନୁପମା ବିଶ୍ୱାଳ । ଏହି ଅବସରରେ ଅନୁଷ୍ଠିତ ସଭାରେ ଭାରପ୍ରାପ୍ତ ଗୋଷ୍ଠୀ ଚିକିତ୍ସାଧିକାରୀ ଡା. ସୁଶାନ୍ତ ମେହେର ଏଥିରେ ସଭାପତିତ୍ୱ କରିଥିଲେ । ବିପିଏମ୍ ବିଜୟ ସରାଫ ସଂଯୋଜନା କରିଥିଲେ ।



ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ସିଆଲଟି ପଞ୍ଚାୟତ ଅଧୀନ ବେଲରଦନା ଗାଁର ଶ୍ରୀପାଲ ଧାରୁଆ (୬୩) ଓ ମୋଟା ମାଝୀ (୬୨) ଚାଲି ଚାଲି ନୃସିଂହନାଥଙ୍କ ପୀଠ ଅଭିମୁଖେ ବାହାରିଛନ୍ତି ।

## ଷ୍ଟେଟ୍ ବ୍ୟାଙ୍କ୍ କର୍ମଚାରୀଙ୍କ ପରଲୋକଙ୍କରେ ଶ୍ରଦ୍ଧାଞ୍ଜଳି ସଭା

**ପଦ୍ମପୁର, ୧୭ । ୮ (ସମିସ):** ସ୍ଥାନୀୟ ଷ୍ଟେଟ୍ ବ୍ୟାଙ୍କ୍ ପରିସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି । ବସ୍ ଦୁର୍ଘଟଣାରେ ଜୀବନ ହରାଇଥିବା ଯୁବ ଷ୍ଟେଟ୍ ବ୍ୟାଙ୍କ୍ କର୍ମଚାରୀ ଦୀପକ ଦାଶଙ୍କ ଉଦ୍ଦେଶ୍ୟରେ ଏହା ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ପରିଚାଳକ ଦେବାଶିଷ ସାହୁ, ବିଷ୍ଣୁପଦ ସାହୁ, ଆଲୋକ ଚନ୍ଦ୍ର ସେଠୀ, ସରୋଜ ଲାକ୍ରା, ଛନ୍ଦା ଚରଣ ପାଢ଼ୀ, ଚିରାଗ ଠାକୁର, ଆକାଶ ବେହେରା, ପ୍ରଶାନ୍ତ ଭୋଇ, ତୁଳସୀ ବଲ୍ଲଭ ସାହୁ, ପ୍ରୀତି କିସପୁଟ୍ଟା, ଲିପ୍ସା ଶିକ୍ଷା, ଗଣେଶ ମଲ୍ଲିକ, ଶରତ ପ୍ରଧାନ, ପିଙ୍କୁ ସାହୁ, ପ୍ରଫୁଲ୍ଲ ଦାଶ ପ୍ରମୁଖ ଉପସ୍ଥିତ ରହି ତାଙ୍କୁ ସ୍ମୃତିଚାରଣ କରିଥିଲେ ।

## ଜିଲ୍ଲା ସଂସ୍କୃତ ଶିକ୍ଷକ ମହାସଂଘର ବୈଠକ



**ବରଗଡ଼, ୧୭ । ୮ (ସମିସ):** ସ୍ଥାନୀୟ ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ପରିସରରେ ଜିଲ୍ଲା ସଂସ୍କୃତ ଶିକ୍ଷକ ମହାସଂଘର ବୈଠକ ଅନୁଷ୍ଠିତ ହୋଇ ଯାଇଛି । ସମ୍ପାଦକ ଅଗସ୍ତି ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ବ୍ଲକର ପ୍ରତିନିଧି ମଣ୍ଡଳୀ ଉପସ୍ଥିତ ରହିଥିଲେ । ଆମନ୍ତ୍ରିତ ସଦସ୍ୟ ଭାବେ ସଂସ୍କୃତ ସଂସ୍କୃତି ସୁରକ୍ଷା ମଞ୍ଚର ଆବାହକ କପିଳେଶ୍ୱର ବାଗ ଯୋଗ ଦେଇଥିବା ବେଳେ ରାଜ୍ୟ ସଂସ୍କୃତ ଶିକ୍ଷକ ମହାସଂଘର କାର୍ଯ୍ୟକାରୀ ସଭାପତି ପଣ୍ଡିତ ଗୋପବନ୍ଧୁ ପୁରୋହିତ ଉପସ୍ଥିତ ରହିଥିଲେ । ବୈଠକରେ ପଣ୍ଡିତ ସୁଧୀର ରଥ, ଅଶୋକ ସାହୁ, ବୃନ୍ଦାବନ ଠେଠୁଆର୍, ଧୋବା ସାହୁ, ଗୋବର୍ଦ୍ଧନ ସାହୁ, ଘନଶ୍ୟାମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## କପିଳଧାର ଜଳପ୍ରପାତ ନିକଟରୁ ମହିଳା ଉଦ୍ଧାର

**ପାଇକମାଳ, ୧୭ । ୮ (ସମିସ):** ଗନ୍ଧମାର୍ଦ୍ଦନ ପର୍ବତ ଉପରେ ଥିବା ନୃସିଂହନାଥର କପିଳଧାର ଜଳପ୍ରପାତ ନିକଟରୁ ଜଣେ ମହିଳାଙ୍କୁ ପାଇକମାଳ ଦମକଳ ବାହିନୀର କର୍ମଚାରୀ ଉଦ୍ଧାର କରିଛନ୍ତି । ଉଦ୍ଧାର ହୋଇଥିବା ମହିଳା ଜଣକ ଛତିଶଗଡ଼ ରାଜ୍ୟଶକ୍ତି ଜିଲ୍ଲା ଡଭରା ଥାନା ସବରିପାଲି ଗ୍ରାମର ଚନ୍ଦ୍ରକାନ୍ତି ସିଦାର (୫୪) । ସବରିପାଲି ଗ୍ରାମରୁ ୨୫ ଜଣ ଶ୍ରଦ୍ଧାଳୁ ଏକ ପିକ୍ଅପ୍ ଭ୍ୟାନ୍ ଯୋଗେ ସୋମବାର ହରିଶଙ୍କର ମନ୍ଦିରକୁ ଆସିଥିଲେ । ସେଠାରେ ଭଗବାନ ଶିବଙ୍କ ଦର୍ଶନ ପରେ ୧୦ ଜଣ ପିକ୍ଅପ୍ ଭ୍ୟାନ୍‌ରେ ନୃସିଂହନାଥ ଅଭିମୁଖେ ଆସିଥିଲେ । ଅନ୍ୟ ୧୫ ଜଣ ପାହାଡ଼ ରାସ୍ତା ଦେଇ ପଦଯାତ୍ରାରେ ନୃସିଂହନାଥ ଆସୁଥିଲେ । ବାଟରେ ଶ୍ରଦ୍ଧାଳୁ ଦୁଇଟି ଦଳରେ ବିଭକ୍ତ ହୋଇ ଆଗପଛ ହୋଇ ଆସୁଥିଲେ । ଅନ୍ୟମାନେ ଅପରାହ୍ନ ପ୍ରାୟ ୩ଟା ସୁଦ୍ଧା ନୃସିଂହନାଥରେ ପହଞ୍ଚି ଯାଇଥିଲେ । ହେଲେ ଚନ୍ଦ୍ରକାନ୍ତି ନ ପହଞ୍ଚିବାରୁ ସାଥୀ ଶ୍ରଦ୍ଧାଳୁମାନେ ଚିନ୍ତିତ ହୋଇଥିଲେ । ଏନେଇ ଟିକେଶ୍ୱର ପଟେଲ ପାଇକମାଳ ଥାନାକୁ ସୂଚନା ଦେଇଥିଲେ । ପାଇକମାଳ ଥାନା ପକ୍ଷରୁ ଦମକଳ ବାହିନୀକୁ ଖବର ଦିଆଯିବା ପରେ ତୁରନ୍ତ ଉଦ୍ଧାରକାରୀ ଦଳ କପିଳଧାର ଅଭିମୁଖେ ବାହାରିଥିଲା । ଦମକଳ ବିଭାଗର ନିରଞ୍ଜନ ବାରିକଙ୍କ ତତ୍ତ୍ୱାବଧାନରେ ବିହାରୀଲାଲ ବାଗ, ସରୋଜ ବେହେରା, ବିକାଶ ସୋରେନ, ରାଧାକାନ୍ତ ବାଗ ଓ ଶିବଶମ୍ଭୁ ବରର୍ଡ଼ି ପ୍ରମୁଖ ଟିକେଶ୍ୱର ପଟେଲଙ୍କ ସହ ପର୍ବତ ଉପରେ ଥିବା କପିଳଧାର ନିକଟରେ ପହଞ୍ଚିଥିଲେ । ସେଠାରୁ ଚନ୍ଦ୍ରକାନ୍ତି ସିଦାରଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି ନୃସିଂହନାଥକୁ ଆଣିଥିଲେ । ପରେ ସମସ୍ତ ଶ୍ରଦ୍ଧାଳୁ ଏକତ୍ରିତ ହେବା ପରେ ଚନ୍ଦ୍ରକାନ୍ତି ସିଦାରଙ୍କୁ ଡାକ୍ତରଖାନାକୁ ନିଆଯାଇଥିଲା ।



## ମହନୀ ଉତ୍ସବ ପାଇଁ ସମ୍ବଲପୁରୀ ଲୋକନୃତ୍ୟ ପ୍ରତିଯୋଗିତା

**ବରଗଡ଼, ୧୭ । ୮ (ସମିସ):** ବରଗଡ଼ର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମହନୀ ପକ୍ଷରୁ ଆସନ୍ତା ୨୩ରେ ମହନୀ ଉତ୍ସବ ଅନୁଷ୍ଠିତ ହେବ । ଏଥିରେ ସମ୍ବଲପୁରୀ ଲୋକନୃତ୍ୟ ପ୍ରତିଯୋଗିତା ଆୟୋଜିତ ହେବ । ଏଥିପାଇଁ ୪ ବର୍ଷରୁ ୮ ବର୍ଷ ମଧ୍ୟରେ ପ୍ରତିଯୋଗୀଙ୍କୁ ନେଇ ସବ ଜୁନିଅର ବର୍ଗ କରାଯାଇଛି । ୮ ବର୍ଷରୁ ୧୩ ବର୍ଷ ଜୁନିଅର ଏବଂ ୧୩ ବର୍ଷରୁ ଅଧିକ ବୟସର ପ୍ରତିଯୋଗୀଙ୍କୁ ନେଇ ସିନିଅର ବର୍ଗ କରାଯାଇଛି । ଏଥିରେ ଭାଗ ନେବାକୁ ଆଗ୍ରହୀ ନୃତ୍ୟ ଶିଳ୍ପୀମାନେ ଆସନ୍ତା ୨୧ ତାରିଖ ସୁଦ୍ଧା ନାମ ପଞ୍ଜିକରଣ କରି ପାରିବେ । ଅନୁଷ୍ଠାନର ମୁଖ୍ୟ ଶଙ୍କର ପଟ୍ଟନାୟକଙ୍କ ମୋବାଇଲ ନମ୍ବର ୭୦୭୭୯୬୪୩୩୭ରେ ଏଥିଲାଗି ଯୋଗାଯୋଗ କରାଯାଇପାରିବ ।

## କୁର୍ଲୁପାଲିରେ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ



**ଝାରବନ୍ଧ, ୧୭ । ୮ (ସମିସ):** ଝାରବନ୍ଧ ବ୍ଲକ କୁର୍ଲୁପାଲି ଗ୍ରାମ ସଙ୍କୀର୍ତ୍ତନ ମଣ୍ଡଳୀର ବରିଷ୍ଠ ସଦସ୍ୟ ବାସୁଦେବ ପ୍ରଧାନଙ୍କ ଅକାଳ ବିୟୋଗ ଘଟିଛି । ସୋମବାର କୁର୍ଲୁପାଲି ଗ୍ରାମରେ ଜିଲ୍ଲା ସଙ୍କୀର୍ତ୍ତନ ପରିଷଦ ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ପରିଷଦର ଅଧ୍ୟକ୍ଷ ଡ.ପ୍ରମୋଦ ଦାଶ, ସଂଯୋଜକ ଶିବାଜୀ ବାଗ, ପ୍ରମୋଦ ସାହୁ, ଉପଦେଷ୍ଟା ପଞ୍ଚାନନ ବାଗ, ମୀନକେତନ ମେହେର, ରୁପେଶ୍ୱର୍ ପାଣ୍ଡେ, ତୋଫିକ୍ ଖାନ, ବେଲମତି ପ୍ରଧାନ, ରୁପେଶ ପ୍ରଧାନ, ପରେଶ୍ ପ୍ରଧାନ, ଯଶ କୁମାର ପଟେଲ, ଦୁଃଖିଶ୍ୟାମ ପ୍ରଧାନ, ରାହାସ ପଟେଲ, ଉପେନ୍ଦ୍ର ବାରିକ, କୁଲତା ସମାଜ ସଭାପତି ହାରଧନ ପ୍ରଧାନ, ପୁରନ୍ଦର ପ୍ରଧାନ, ଭଜନ ବେହେରା, ଯୋଗେନ୍ଦ୍ର ନାଏକ, ସୁଗୁଣ ପ୍ରଧାନ, ପ୍ରମୋଦ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ତାଙ୍କ ସ୍ମୃତିଚାରଣ କରିଥିଲେ ।

# କାଦୁଅ ପଚପଚ ରାସ୍ତାରେ ଅଙ୍ଗନବାଡ଼ି ଛାତ୍ରଛାତ୍ରୀ

**ବରଗଡ଼, ୧୭ । ୮ (ସମିସ)**



ବରଗଡ଼ ଜିଲ୍ଲା ଅମ୍ବାଭାନା ବ୍ଲକ ଖୋଲା ପଞ୍ଚାୟତ ଚକ୍ରାମାଳ ଗାଁର ଅଙ୍ଗନବାଡ଼ି କେନ୍ଦ୍ର ନିକଟସ୍ଥ ରାସ୍ତା ଦୀର୍ଘଦିନ ଧରି ଅବ୍ୟବସ୍ଥିତ ହୋଇପଡ଼ିଛି । ବର୍ଷା ହେଲେ ରାସ୍ତାଟି କାଦୁଅ ପଚପଚ ହୋଇଯାଉଥିବାରୁ ଅଙ୍ଗନବାଡ଼ି କେନ୍ଦ୍ରକୁ ଯାଉଥିବା କୋମଳମତି ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକ ଓ ସାଧାରଣ ଲୋକେ ଯାତାୟାତରେ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ଅଙ୍ଗନବାଡ଼ି କେନ୍ଦ୍ର ନିକଟର ଏହି ରାସ୍ତାକୁ କଂକ୍ରିଟକରଣ କରିବା ପାଇଁ ପଞ୍ଚାୟତ ସମିତି ପକ୍ଷରୁ ପ୍ରାୟ ୨ ଲକ୍ଷ ୫ ହଜାର ଟଙ୍କାର ଅଟକଳ ମୂଲ୍ୟ ଧାର୍ଯ୍ୟ ହୋଇଛି । ଏନେଇ ସୂଚନା ଫଳକ ମଧ୍ୟ ଲଗାଯାଇଛି । ତେବେ ଅଟକଳ ପ୍ରସ୍ତୁତ ଓ ସୂଚନା ଫଳକ ଲାଗିବା ସତ୍ତ୍ୱେ ଏପର୍ଯ୍ୟନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନି । ଏଣୁ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ବର୍ଷା ଦିନରେ ରାସ୍ତାରେ ଅଧିକ ପାଣି ଜମିବା ସହ କାଦୁଅ ହୋଇଯାଉଛି । ଏହାଫଳରେ ଛୋଟ ଛୋଟ ଅଙ୍ଗନବାଡ଼ି ଛାତ୍ରଛାତ୍ରୀଙ୍କୁ କାଦୁଅ ରାସ୍ତା ଦେଇ ଯିବାକୁ ପଡୁଛି । ବିଶେଷ କରି ବର୍ଷା ସମୟରେ ପିଲାମାନଙ୍କ ଯାତାୟାତ ଅତ୍ୟନ୍ତ କଷ୍ଟକର ହୋଇପଡୁଛି । ଏହାସହ ସ୍ଥାନୀୟ ଲୋକେ ମଧ୍ୟ ଏହି ରାସ୍ତାରେ ଯାତାୟାତ କରିବା ବେଳେ ଅସୁବିଧା ଭୋଗୁଛନ୍ତି । ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ରାସ୍ତା ନିର୍ମାଣ ପାଇଁ ସୂଚନା ଫଳକ ଲଗାଯାଇଥିଲେ ମଧ୍ୟ କାର୍ଯ୍ୟ କାହିଁକି ଆରମ୍ଭ ହୋଇନାହିଁ ତାହା ସ୍ପଷ୍ଟ ହେଉନାହିଁ । କାର୍ଯ୍ୟ ଆରମ୍ଭ ନ ହୋଇ ସୂଚନା ଫଳକ ଲଗାଯିବାକୁ ନେଇ ମଧ୍ୟ ସେମାନେ ପ୍ରଶ୍ନ ଉଠାଇଛନ୍ତି । ଏହି ଘଟଣାରେ କୌଣସି ଅନିୟମିତତା ହୋଇଛି କି ନାହିଁ ତାହାର ତଦନ୍ତ କରିବାକୁ ଲୋକେ ଦାବି କରିଛନ୍ତି ।

## ୧୦୨ ୟୁନିଟ୍ ରକ୍ତ ସଂଗ୍ରହ




**ବରଗଡ଼, ୧୭ । ୮ (ସମିସ):** ଦେଶର ୮୦ତମ ସ୍ୱାଧୀନତା ଦିବସ ଅବସରରେ ବରଗଡ଼ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ ଆୟୋଜିତ ହେଉଥିବା ପୁରୁଣା ଜାତୀୟ ରାଜପଥଠାରେ ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାର ପକ୍ଷରୁ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା । ୧୦୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଶିବିରକୁ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ ଉଦ୍‌ଘାଟନ କରିଥିଲେ । ସଂକଳ୍ପ ପରିବାରର ସଭାପତି ବିକାଶ ଅଗ୍ରୱାଲ ଓ ସମ୍ପାଦକ ଜି. ରମେଶଙ୍କ ତତ୍ତ୍ୱାବଧାନରେ ଏହି ରକ୍ତଦାନ ଶିବିର ପରିଚାଳିତ ହୋଇଥିଲା । ଆୟୋଜନରେ ବରଗଡ଼ ଜିଲ୍ଲା ପ୍ରଶାସନ, ଏନ୍‌ସିସି ଆଲୁମିନି, ବରଗଡ଼ ଫିଜିକାଲ୍ ଏକାଡେମୀର ଛାତ୍ରଛାତ୍ରୀ ଏବଂ ପରିଚାଳକ ସୁରେଶ ଦାସ ସହଯୋଗ କରିଥିଲେ । ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରବୀନ୍ଦ୍ରନାଥ ଶତପଥୀ ସଂକଳ୍ପ ପରିବାରକୁ ପ୍ରଶଂସାପତ୍ର ଦେଇଥିଲେ ।

# ଥିପାଖୋଲ ଜଳପ୍ରପାତରେ ବୁଡ଼ି ଛତିଶଗଡ଼ ଯୁବକଙ୍କ ମୃତ୍ୟୁ

**ସିନାପାଲି, ୧୭ ।୮ (ସମିସ)**

ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅଧୀନ ଥିପାଖୋଲ ପର୍ଯ୍ୟଟନସ୍ଥଳୀରେ ଏକ ଅଭାବନୀୟ ଦୁଃଖଦ ଘଟଣା ଘଟିଛି । ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବା ପାଇଁ ବନ୍ଧୁମାନଙ୍କ ସହିତ ଆସିଥିବା ଜଣେ ଯୁବକ ଗଭୀର ପାଣିରେ ବୁଡ଼ି ନିଜର ଜୀବନ ହରାଇଛନ୍ତି । ଘଟଣାରେ ମୃତ୍ୟୁବରଣ କରିଥିବା ଯୁବକ ଜଣକହେଲେ ଛତିଶଗଡ଼ ରାଜ୍ୟ ଅମଲିପଦର ଗ୍ରାମର ବସନ୍ତ କୁମାର ଧରୁଆ (୨୮) ବୋଲି ଜଣାପଡ଼ିଛି । ପ୍ରାପ୍ତ ସୂଚନା ଅନୁସାରେ, ଗତ ରବିବାର ସକାଳେ ବସନ୍ତ କୁମାର ଧରୁଆଙ୍କ ସମେତ ମୋଟ ୧୧ ଜଣ ଯୁବକ ଏକାଠି ହୋଇ ଥିପାଖୋଲ ପର୍ଯ୍ୟଟନସ୍ଥଳୀକୁ ବୁଲିବା ପାଇଁ ଆସିଥିଲେ । ବର୍ତ୍ତମାନ ବର୍ଷା ଋତୁ ଚାଲିଥିବାରୁ ଥିପାଖୋଲ ଜଙ୍ଗଲ ଉପରୁ ପ୍ରବଳ ପରିମାଣରେ ଝରଣା ପାଣି ତଳକୁ ବହିଆସୁଛି । ଫଳରେ ପର୍ଯ୍ୟଟନସ୍ଥଳୀର ବିଭିନ୍ନ ସ୍ଥାନରେ ପାଣିର ସ୍ରୋତ ଏବଂ ଗଭୀରତା ଅତ୍ୟଧିକ ବଢ଼ିଯାଇଛି । ଏହି ପ୍ରଖର ଜଳସ୍ରୋତ ଓ ଗଭୀର ପାଣି ମଧ୍ୟରେ କୌଣସି ପ୍ରକାରେ ବସନ୍ତ ବୁଡ଼ିଯାଇଥିଲେ । ରବିବାର ଅପରାହ୍ନ ପ୍ରାୟ ସମୟରେ ସେ ହଠାତ୍ ପାଣିରେ ନିଖୋଜ ହୋଇଯିବାରୁ ତାଙ୍କ ସାଙ୍ଗମାନଙ୍କ ମଧ୍ୟରେ କାନ୍ଦବୋବାଳି ପଡ଼ିଯିବା ସହ ଆତଙ୍କ ଖେଳିଯାଇଥିଲା । ଘଟଣା ସମ୍ପର୍କରେ ଖବର ପାଇବା ପରେ ସ୍ଥାନୀୟ ପ୍ରଶାସନ ଏବଂ ସିନାପାଲି ଦମକଳ ବିଭାଗକୁ ଅବଗତ କରାଯାଇଥିଲା । ଖବରପାଇ ସିନାପାଲି ଦମକଳ ବିଭାଗର ଏକ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ପାଣି ଭିତରେ ଜୋରଦାର ତଲାସୀ ଅଭିଯାନ ଆରମ୍ଭ କରିଥିଲେ । ତେବେ, ସନ୍ଧ୍ୟା ହୋଇଯିବା କାରଣରୁ ଜଙ୍ଗଲ ମଧ୍ୟରେ ଅନ୍ଧକାର ଏବଂ ପ୍ରତିକୂଳ ପରିସ୍ଥିତି ସୃଷ୍ଟି ହୋଇଥିଲା । ରବିବାର ରାତିରେ ଉଦ୍ଧାର କାର୍ଯ୍ୟ ସାମୟିକ ଭାବେ ସ୍ଥଗିତ ରଖାଯାଇଥିଲା । ଏହାପରେ ସୋମବାର ସକାଳେ ଦମକଳ ବିଭାଗର ଟିମ୍ ପୁନର୍ବାର ଘଟଣାସ୍ଥଳରେ ପହଞ୍ଚି ପାଣି ଭିତରେ ଖୋଜାଖୋଜି ଜାରି ରଖିଥିଲେ । ଦୀର୍ଘ ସମୟ ପରେ ଦମକଳ ବାହିନୀ ବସନ୍ତ କୁମାର ଧରୁଆଙ୍କ ମୃତଦେହ ଉଦ୍ଧାର କରିଥିଲା । ଘଟଣାସ୍ଥଳରେ ସିନାପାଲି ଥାନା ଆଇଆଇସି ମହେଶ୍ୱର ପାଣିଗ୍ରାହୀ ଉପସ୍ଥିତରହି ସ୍ଥିତିର ଅନୁଧ୍ୟାନ କରିଥିଲେ । ପୁଲିସ ଏବଂ ଦମକଳ ବିଭାଗର ମିଳିତ ସହଯୋଗରେ ମୃତଦେହ ଜବତ କରାଯାଇ ବ୍ୟବଚ୍ଛେଦ କରାଯାଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି ।

# ଆକ୍ରମଣରେ ଯୁବକଙ୍କ ମୃତ୍ୟୁ ଘଟଣା; ବାପ-ପୁଅ କୋର୍ଟ ଚାଲାଣ



**କୋକସରା, ୧୭ ।୮ (ସମିସ):** କୋକସରା ବ୍ଲକ ଆମପାଣି ଥାନା ଅଧୀନ ବଡ଼ପୋଡ଼ାଗୁଡ଼ା ଗ୍ରାମର ଯୁବକ ଲଳିତ ପୁଝାରୀଙ୍କ ମୃତ୍ୟୁ ଘଟଣାରେ ଗ୍ରାମର ଶଙ୍କର ନାଏକ ଓ ତାଙ୍କ ପୁଅ ସୁଶାନ୍ତ ନାଏକଙ୍କୁ ପୁଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି । ସୂଚନାଯୋଗ୍ୟ, ଗତ ବୁଧବାର କୌଣସି କାରଣକୁ ନେଇ ମୃତ ଲଳିତଙ୍କ ସହ ସୁଶାନ୍ତଙ୍କର ବଚସା ହୋଇଥିଲା । ଏଥିରେ ଉତ୍ତ୍ୟକ୍ତ ହୋଇ ସୁଶାନ୍ତ ଓ ତାଙ୍କ ବାପା ଶଙ୍କର ଏକ ଠେଙ୍ଗାରେ ଲଳିତଙ୍କୁ ନିର୍ଘାତ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି । ଆକ୍ରମଣରେ ଗୁରୁତର ଆହତ ଲଳିତଙ୍କର ଶୁକ୍ରବାର ଦିନ ମୃତ୍ୟୁ ଘଟିଥିଲା । ଏହି ଘଟଣାପରେ ମୃତକଙ୍କ ପରିବାର ଲୋକେ ଆମପାଣି ଥାନାରେ ହତ୍ୟା ଅଭିଯୋଗ ଦାୟର କରିଥିଲେ । ଅଭିଯୋଗକୁ ଭିତ୍ତିକରି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ଅଭିଯୁକ୍ତ ବାପ-ପୁଅଙ୍କୁ ଥାନାରେ ଆଟକ ରଖିଥିଲା । ପୁଲିସ ବିଭିନ୍ନ ଦିଗକୁ ଛାନଭିନ୍ ଓ ପଚରାଉଚରା କରିବା ପରେ ଦୁହିଁଙ୍କୁ ଗିରଫ କରିକୋର୍ଟ ଚାଲାଣ କରିଥିବା ଥାନା ପକ୍ଷରୁ ସୂଚନା ମିଳିଛି ।

## ସକାଳ ପ୍ରଭାବ

# ଅନାଥ ଶିଶୁକୁ ମିଳିଲା ଜନ୍ମପ୍ରମାଣ ପତ୍ର

**କଳମପୁର, ୧୭ ।୮ (ସମିସ):** କଳାହାଣ୍ଡି ଜିଲ୍ଲା କଳମପୁର ବ୍ଲକ ଅଧୀନ ଖଣ୍ଡିଡଙ୍ଗରିଗୁଡା ଗ୍ରାମର ଏକ ଶିଶୁର ଆଧାର କାର୍ଡ ପ୍ରସ୍ତୁତ ହୋଇ ପାରୁ ନ ଥିବାରୁ ସରକାରୀ ସହାୟତାରୁ ବଞ୍ଚିତ ହୋଇ ଆସୁଥିଲା । ଅନାଥ ଶିଶୁକୁ ଧରି ଅଜା ଆଇ ଶିଶୁକୁ ଧରି ଆଧାର କାର୍ଡ ନିମନ୍ତେ ବାରମ୍ବାର ପ୍ରଶାସନ ନିକଟରେ ଫେରାଦ ହୋଇ ଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିଲା । ଏହି ଘଟଣାକୁ ନେଇ ଦୈନିକ ଖବରକାଗଜ 'ସକାଳ'ରେ ଖବର ପ୍ରକାଶ ପାଇଥିଲା । ଜିଲ୍ଲା ପରିଷଦ ଜୋନ୍-୧ ସଦସ୍ୟା ଦୁହିତା ମାଝୀ ସମ୍ପୃକ୍ତ ପରିବାର ନିକଟରେ ପହଞ୍ଚିବା ପରେ ବ୍ଲକ ପ୍ରଶାସନସ୍ତରରେ ତତ୍ପରତା ପ୍ରକାଶ ପାଇଥିଲା । ଶିଶୁର ଜନ୍ମ ପ୍ରମାଣ ପତ୍ର ସମେତ ମୃତ ମାଆର ମୃତ୍ୟୁ ପ୍ରମାଣପତ୍ର ମଧ୍ୟ ସମ୍ପୃକ୍ତ ପରିବାରକୁ ପ୍ରଦାନ କରାଯାଇଛି ।

# ଭାଲୁ ଆକ୍ରମଣରେ ବୃଦ୍ଧ ଗୁରୁତର

**ଖଡ଼ିଆଲ, ୧୭ ।୮ (ସମିସ):** ନୂଆପଡ଼ା ଜିଲ୍ଲା ବୋଡ଼େନ ବ୍ଲକ ଅଧୀନ ବୋଇରଗାଁ ପଞ୍ଚାୟତର ଖଡୁପାଣି ଗାଁରେ ଭାଲୁ ଆକ୍ରମଣରେ ଜଣେ ବୃଦ୍ଧ ଗୁରୁତର ଆହତ ହୋଇଛନ୍ତି । ଆହତ ବୃଦ୍ଧ ହେଲେ ଗାଁର ଦାଶରଥି ମାଝୀ (୫୮) । ସୂଚନା ଅନୁଯାୟୀ, ଗତକାଲି ସନ୍ଧ୍ୟାରେ ଦାଶରଥି ଗାଁ ନିକଟ ଜଙ୍ଗଲ ସଂଲଗ୍ନ ନିଜ ଚାଷଜମିକୁ ଯାଇଥିବା ବେଳେ ହଠାତ୍ ଏକ ଭାଲୁ ତାଙ୍କୁ ଆକ୍ରମଣ କରିଥିଲା । ଆକ୍ରମଣରେ ତାଙ୍କ ଦୁଇ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା । ଗୁରୁତର ଆହତ ଅବସ୍ଥାରେ ସେ ଜଙ୍ଗଲ ରାସ୍ତାରେ ଥିବା ଏକ ପୋଲ ଉପରେ ରାତିସାରା ଆଶ୍ରୟ ନେଇଥିଲେ । ଆଜି ସକାଳେ ଗ୍ରାମବାସୀ ତାଙ୍କୁ ଦେଖି ପରିବାରକୁ ଖବର ଦେଇଥିଲେ । ପରିବାର ଲୋକେ ତାଙ୍କୁ ପ୍ରଥମେ ବୋଡ଼େନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ଅବସ୍ଥା ଗୁରୁତର ଥିବାରୁ ସେଠାରୁ ତାଙ୍କୁ ନୂଆପଡ଼ା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ଦାଶରଥି କେନ୍ଦୁପତ୍ର ବିଭାଗରେ ଚପରାସି ଭାବେ କାମ କରୁଥିବା ଜଣାପଡ଼ିଛି । ତାଙ୍କ ପରିବାର ଆର୍ଥିକ ଭାବେ ଦୁର୍ବଳ ହୋଇଥିବାରୁ ଆହତଙ୍କ ଚିକିତ୍ସା ପାଇଁ ପ୍ରଶାସନ ଓ ବନବିଭାଗ ପକ୍ଷରୁ ଆବଶ୍ୟକ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

## ଧର୍ମଗଡ଼ରୁ ବିଭିନ୍ନ ରୁଟ୍‌ରେ ବସ୍ ଚଳାଚଳ ଦାବି

# ଉପ-ଜିଲ୍ଲାପାଳଙ୍କୁ ବିଜେଡିର ସ୍ମାରକପତ୍ର ପ୍ରଦାନ

**ଧର୍ମଗଡ଼, ୧୭ ।୮ (ସମିସ):** ଧର୍ମଗଡ଼ ଆଞ୍ଚଳିକ ପରିବହନ ସେବାର ସୁଧାର ଏବଂ ବନ୍ଦ ପଡ଼ିଥିବା ବସ୍ ସେବାର ପୁନଃଚଳାଚଳ ଦାବିରେ ବିଜୁ ଜନତା ଦଳ



ଧର୍ମଗଡ଼ ବ୍ଲକ ତରଫରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦଳର ଏକ ପ୍ରତିନିଧି ମଣ୍ଡଳୀ ଧର୍ମଗଡ଼ ଉପ-ଜିଲ୍ଲାପାଳଙ୍କ ଜରିଆରେ ଓଡ଼ିଶା ସରକାରଙ୍କ ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନାଙ୍କ ଉଦ୍ଦେଶ୍ୟରେ ଏହି ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସୂଚନା ଅନୁଯାୟୀ, ଧର୍ମଗଡ଼ଠାରୁ ସୁନ୍ଦରଗଡ଼ ଏବଂ ଧର୍ମଗଡ଼ଠାରୁ ହାଇଦ୍ରାବାଦକୁ ଚାଲୁଥିବା ବସ୍ ସେବା ଦୀର୍ଘ ଦିନ ହେବ ବନ୍ଦ ରହିଛି । ଏହାଦ୍ୱାରା ସ୍ଥାନୀୟ ଯାତ୍ରୀ, ଶ୍ରମିକ ଓ ଛାତ୍ରଛାତ୍ରୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ଦୁଇଟି ଗୁରୁତ୍ୱପୂର୍ଣ୍ଣ ବସ୍ ସେବାକୁ ତୁରନ୍ତ ପୁନଃଚଳାଇବା ପାଇଁ ଦଳ ତରଫରୁ ଦୃଢ଼ ଦାବି କରାଯାଇଛି । ଏହା ସହିତ ଧର୍ମଗଡ଼ଠାରୁ ବ୍ରହ୍ମପୁର ଏବଂ ଧର୍ମଗଡ଼ଠାରୁ ସମ୍ବଲପୁରକୁ ଦୁଇଟି ନୂତନ ରାତ୍ରିକାଳୀନ ବସ୍ ଚଳାଚଳ ସେବା ଆରମ୍ଭ କରିବାକୁ ମଧ୍ୟ ଅନୁରୋଧ କରାଯାଇଛି । ବିଜୁ ଜନତା ଦଳ ଧର୍ମଗଡ଼ ବ୍ଲକ ସଭାପତି ଡାକେ ଲହଜଲଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ଲକ ମହିଳା ସଭାନେତ୍ରୀ ମମତାରାଣୀ ଗୋପାଳ, ଜିଲ୍ଲା ପରିଷଦ ସଭ୍ୟ ଗୋପୀନାଥ ମହାନନ୍ଦ, ପ୍ରମୋଦ ହଂସ, ସନ୍ତୋଷ ପାଢ଼ୀ, ରାଜେନ୍ଦ୍ର ଭୋଇ, ବିନୋଦ ନାଏକ, ଗୁଣ ଶବର ଏବଂ ତୁଷାର କଟାଙ୍କ ସମେତ ବହୁ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ରହି ଦାବିପତ୍ର ପ୍ରଦାନ କରିଥିଲେ । ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ସରକାର ଏହି ଦାବି ଉପରେ ତୁରନ୍ତ ପଦକ୍ଷେପ ନେବେ ବୋଲି ବିଜେଡି ଆଶା ପ୍ରକଟ କରିଛି ।

# ଢେପଗୁଡ଼ାରେ ପୁଣି ଟ୍ରକ୍ ଦୁର୍ଘଟଣା; ପୂର୍ତ୍ତବିଭାଗ ନିରବ

**ଲାଞ୍ଜିଗଡ଼, ୧୭ ।୮ (ସମିସ):** ଭବାନୀପାଟଣା ଠାରୁ ବିଶାଖାପାଟଣାକୁ ସଂଯୋଗ କରୁଥିବା ଗୁରୁତ୍ୱପୂର୍ଣ୍ଣ ୬ ନମ୍ବର ରାଜ୍ୟ ରାଜପଥ ଏବେ ଯାତ୍ରୀଙ୍କ ପାଇଁ ଯମଦୂତ ସାଜିଛି । ଏହାର ଏକ ଉଦାହରଣ ହେଉଛି ଢେପଗୁଡ଼ା ଜଙ୍ଗଲ ମଧ୍ୟରେ ଥିବା ଏକ ଅଣଓସାରିଆ ଓ ଜରାଜୀର୍ଣ୍ଣ ପୋଲ । ପୋଲର ଦୁଇ ପାର୍ଶ୍ୱରେ ରହିଛି ବିପଜ୍ଜନକ ବୁଲାଣି ଏବଂ ପୋଲ ମଧ୍ୟଭାଗରେ ସୃଷ୍ଟି ହୋଇଛି ବଡ଼ବଡ଼ ଗର୍ତ୍ତ । ଏଠାରେ ବାଇକ୍, ଠାରୁ ଆରମ୍ଭ କରି ବଡବଡ଼ ଟ୍ରକ ପର୍ଯ୍ୟନ୍ତ ସବୁ ପ୍ରକାର ଯାନବାହନ ଦୁର୍ଘଟଣାର ଶିକାର ହେଉଛନ୍ତି । ଏହି ସମସ୍ୟାର ସବୁଠାରୁ ବଡ଼ ପ୍ରମାଣ ପୁଣି ଥରେ ଦେଖିବାକୁ ମିଳିଛି । ରବିବାର ବିଳମ୍ବିତ ରାତିରେ ଉକ୍ତ ପୋଲର ଗର୍ତ୍ତରେ ପଡ଼ି ଦୁଇଟି ଟ୍ରକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ଜଣେ ଚାଳକ ଗୁରୁତର ଭାବେ ଆହତ ହୋଇଛନ୍ତି । ଦୁର୍ଘଟଣା ପରେ ଗାଡି ଭିତରେ ହିଁ ଡ୍ରାଇଭର ଫସି ରହିଥିବା ବେଳେ ଭବାନୀପାଟଣା ଓ ଲାଞ୍ଜିଗଡ଼ ଅଗ୍ନିଶମ ବିଭାଗର ମିଳିତ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଗ୍ୟାସ୍ କଟର ସହାୟତାରେ ଚାଳକଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଛନ୍ତି । ଖବରପାଇ ବିଶ୍ୱନାଥପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି । ରାଜ୍ୟର ଏଭଳି ଏକ ପ୍ରମୁଖ ରାଜପଥରେ ଏତେ ବଡ଼ ବଡ଼ ଦୁର୍ଘଟଣା ଘଟୁଥିଲେ ମଧ୍ୟ ପୂର୍ତ୍ତ ବିଭାଗର ନିରବଦ୍ରଷ୍ଟା ସାଜିବା ସାଧାରଣରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି ।



# ଜାପାନ ଯିବ କଳମପୁରର କଦଳୀ

**କଳମପୁର, ୧୭ ।୮ (ସମିସ):** ଦେଶ ଭିତରେ ନୁହେଁ ଦେଶ ବାହାରେ ମଧ୍ୟ କଦଳୀ ପାଇଁ ନିଜର ପରିଚୟ ସୃଷ୍ଟି କରି ପାରିଛି କଳାହାଣ୍ଡି ଜିଲ୍ଲା କଳମପୁର ବ୍ଲକ । ଗତବର୍ଷ ଏହି ଅଞ୍ଚଳରୁ ଉତ୍ପାଦିତ କଦଳୀ ସୁଦୂର ଦୁବାଇକୁ ଯାଇଥିବାବେଳେ ଚଳିତବର୍ଷ ଜାପାନ ଯିବାକୁ ପ୍ରସ୍ତୁତ ହେଉଛି । ଏନେଇ କଳମପୁର ତ୍ରିଲୋକେଶ୍ୱର କୃଷକ ଉତ୍ପାଦନ କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର ସରତ ଚନ୍ଦ୍ର ମୁଣ୍ଡ ସୂଚନା ଦେଇଛନ୍ତି । ଶ୍ରୀ ମୁଣ୍ଡଙ୍କ ସୂଚନା ଅନୁସାରେ କଳମପୁର ଅଞ୍ଚଳର ଜାମପଡ଼ା, ବାଲିଛଡ଼ା, ଇଚ୍ଛାପୁର, ସାଗବାରୀ, ଘର୍ଲା, ବରଗାଁ, ମଣ୍ଡଳ, ଭାଲୁବୁଟ୍ରା ଗ୍ରାମର ୧୮୦ ଏକର ଜମିରେ କଦଳୀ ଚାଷ କରାଯାଇଛି, ଏହା ଜି-ନାଇନ୍ କିସମର କଦଳୀ । ଏହାର ଚାଇଦା ବହୁତ ରହୁଛି । ଚାଷୀମାନେ ଲାଭାନ୍ୱିତ ହେଉଥିବାରୁ ଏଥିପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି । ଆଗକୁ ଅଧିକ ପରିମାଣର ଜମିରେ କଦଳୀ ଚାଷ କରାଯିବାର ସମ୍ଭାବନା ରହିଛି । ଏହି କଦଳୀର ସାମ୍ପୁଲ ଜାପାନ ପଠାଯାଇଥିଲା, ସେଠାରେ ଏହାର ଏପ୍ରୋଭାଲ ହୋଇ ସାରିଛି । ସେପ୍ଟେମ୍ବର ମାସରୁ ବର୍ଷେ ଭିତରେ ହଜାରେ ଟନ୍ କଦଳୀ ଜାପାନ ପଠାଯିବ । ଏହାକୁ ନାବାର୍ଡ ସପୋର୍ଟ କରୁଥିବାବେଳେ ସିବିବିଓ - ମହାଶକ୍ତି ଫାଉଣ୍ଡେସନ ତରଫରୁ ମଧ୍ୟ ସହାୟତା ମିଳୁଛି ।

# ବାଇକ୍ ଦୁର୍ଘଟଣାରେ ଯୁବକ ଗୁରୁତର

**ଲାଞ୍ଜିଗଡ଼, ୧୭ ।୮ (ସମିସ):** କଳାହାଣ୍ଡି ଜିଲ୍ଲା ଭବାନୀପାଟଣା - ବିଶାଖାପାଟଣାକୁ ସଂଯୋଗ କରୁଥିବା ୬ ନମ୍ବର ରାଜ୍ୟ ରାଜପଥର ପୂର୍ତ୍ତ ବିଭାଗର ଅବହେଳା ଯୋଗୁଁ ମରଣଯନ୍ତା ପାଲଟିଛି । ଛତିକୁଡ଼ାରୁ ପୋଖରୀବନ୍ଧ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ପ୍ରତିଦିନ ଦୁର୍ଘଟଣା ହେଉଛି । ଏଠାରେ ବାଇକ୍ ଦୁର୍ଘଟଣାରେ ଭବାନୀପାଟଣାରୁ ଉମରକୋଟ ଯାଉଥିବା ଜଣେ ଯୁବକ ଗୁରୁତର ଭାବେ ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ, ଦୁଇଜଣ ଯୁବକ ବାଇକ୍ ଯୋଗେ ଭବାନୀପାଟଣାରୁ ଉମରକୋଟ ଯାଉଥିବା ବେଳେ ସିକେରକୁପା ପୋଲ ଉପରେ ଥିବା ବଡ଼ ବଡ଼ ପାଣି ଭର୍ତ୍ତି ଖାଲ, କାଦୁଅ ଓ ଭାଙ୍ଗିଯାଇଥିବା ରାସ୍ତା ଯୋଗୁଁ ନିୟନ୍ତ୍ରଣ ହରାଇ ପଡ଼ିଯାଇଥିଲେ । ଖବରପାଇ ଘଟଣା ସ୍ଥଳରେ ସିକେରକୁପା ଫାଣ୍ଡି ଅଧିକାରୀ ମୂରଲୀ ମୋହନ ପିଡିକା ପହଞ୍ଚିଥିଲେ । ତାଙ୍କ ସହାୟତା ଓ ସ୍ଥାନୀୟ ଯୁବକମାନଙ୍କ ଉଦ୍ୟମରେ ଗୁରୁତର ଯୁବକଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଯୋଗେ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି । ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ୬ନମ୍ବର ରାଜ୍ୟ ରାଜପଥର ଛତିକୁଡ଼ାରୁ ପୋଖରୀବନ୍ଧ ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଅତି ଶୋଚନୀୟ । ପ୍ରତି ମିଟରରେ ବଡ଼ ବଡ଼ ଗାତ, ଅଣଓସାରିଆ ପୋଲ ଓ ରାସ୍ତା ଯୋଗୁଁ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି ।

# ମହିଳା କଲେଜର ଗରିବ ମେଧାବୀ ଛାତ୍ରୀ ପାଇବେ ସହାୟତା ରାଶି

**କେସିଙ୍ଗା, ୧୭ ।୮ (ସମିସ):** କେସିଙ୍ଗାର ପୂର୍ବତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦ୍ମନାଭ ପୁରୋହିତ ଓ ସୁରେଶ କୁମାର ଷଡଙ୍ଗୀଙ୍କ ଦ୍ୱାରା ବଲାଙ୍ଗିର ସରକାରୀ



ମହିଳା ମହାବିଦ୍ୟାଳୟରେ 'ରାସେଶ୍ୱରୀ ଓ ଗୋପେଶ୍ୱରୀ' ସ୍ମାରକୀ ଆର୍ଥିକ ସହାୟତା ନାମରେ ଏକ ଆର୍ଥିକ ସହାୟତା ଆରମ୍ଭ କରାଯାଇଛି । ଯାହାକୁ ଆଭାଷୀ ମାଧ୍ୟମରେ କେସିଙ୍ଗା ବ୍ଲକ ଅଧ୍ୟକ୍ଷ ଚନ୍ଦନ ସେନାପତି ଉକ୍ତ ସ୍ମାରକୀ ଅର୍ଥ ୧୫ ହଜାର ଟଙ୍କାକୁ ବଲାଙ୍ଗିର ସରକାରୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ସ୍ଥାୟୀ ଜମା ରାଶି ପାଇଁ ପ୍ରଦାନ କରିଥିଲେ । ପୂର୍ବତନ ଗୋଷ୍ଠୀ ଉନ୍ନୟନ ଅଧିକାରୀ କେସିଙ୍ଗା ପଦ୍ମନାଭ ପୁରୋହିତ ଏବଂ ସୁରେଶ କୁମାର ଷଡ଼ଙ୍ଗୀଙ୍କ ଦ୍ୱାରା ପ୍ରଦତ୍ତ ହୋଇଥିବା ଉକ୍ତ ଅର୍ଥରୁ ଉପଲବ୍ଧ ସୁଧରାଶି ଏକ ଗରିବ ମେଧାବୀ ଛାତ୍ରୀଙ୍କୁ ପ୍ରତ୍ୟେକ ବର୍ଷ ସହାୟତା ରାଶି ପ୍ରଦାନ କରାଯିବ । ଏହି ସହାୟତା ରାଶି 'ରାସେଶ୍ୱରୀ ଓ ଗୋପେଶ୍ୱରୀ ସ୍ମାରକୀ ଆର୍ଥିକ ସହାୟତା' ନାମରେ ପ୍ରଦାନ କରାଯିବ । ଏହି କାର୍ଯ୍ୟକ୍ରମରେ ବଲାଙ୍ଗିର ଜିଲ୍ଲା ଶିଶୁ କଲ୍ୟାଣ କାର୍ଯ୍ୟାଳୟର ଅଧିକାରୀ ଦିଗାମ୍ବର କର, ଆଦିତ୍ୟ ମିଶ୍ର, ଖପ୍ରାଖୋଲର ପୂର୍ବତନ ତହସିଲଦାର ଆଦିତ୍ୟ ମିଶ୍ର, କେସିଙ୍ଗା ପଞ୍ଚାୟତ ସମିତି ସଦସ୍ୟ ପ୍ରତାପ କୁମାର ବାଗ, କେସିଙ୍ଗା ବ୍ଲକ ସଂଯୋଜକ ପ୍ରତିମା ପ୍ରଧାନ ଓ ନମିତା ପ୍ରଧାନ ଏବଂ ଟଙ୍କଧର ମେହେର, ଟଙ୍କଧର ମେହେର ପ୍ରମୁଖ ଯୋଗଦାନ କରିଥିଲେ ।

# ଗୋହିଂହ ଦୈତ୍ୟଙ୍କ ତପସ୍ଥଳୀ 'ଦେବଗିରି'ରେ ନାଗ ପଞ୍ଚମୀ

**ଭବାନୀପାଟଣା, ୧୭ ।୮ (ସମିସ):** ନାଗ ପଞ୍ଚମୀ ତଥା ଶ୍ରାବଣ ତୃତୀୟ ସୋମବାର ଅବସରରେ ଦୈତ୍ୟରାଜଙ୍କ ସ୍ମୃତି ଚାରଣ କରିଛି ଦେବଗିରି ମଠ ଟ୍ରଷ୍ଟବୋର୍ଡ । କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବୁଢ଼ୀପଦରସ୍ଥିତ ଶ୍ରୀ ଭଗବତ



ସ୍ୱାମୀ ଦେବଗିରି ମଠ ଠାରେ ନାଗ ପଞ୍ଚମୀ ଅନୁଷ୍ଠିତ ହୋଇଛି । ଏହି ବର୍ଷ ଶ୍ରାବଣ ମାସର ତୃତୀୟ ସୋମବାର ଦିନ ନାଗ ପଞ୍ଚମୀର ଅପୂର୍ବ ସଂଯୋଗ ଘଟିଛି । ଶ୍ରାବଣ ସୋମବାର ଏବଂ ନାଗ ପଞ୍ଚମୀର ଏହି ଦୁର୍ଲଭ ମିଶ୍ରଣ ଶିବ ଭକ୍ତଙ୍କ ମନରେ ଅପାର ଆନନ୍ଦ ଆଣିଦେଇଛି । ଏହି ଦିନ, ସୂର୍ଯ୍ୟ ଦେବଙ୍କର ରାଶି ପରିବର୍ତ୍ତନ (ସୂର୍ଯ୍ୟ ଗୋଚର) ମଧ୍ୟ ହୋଇଛି । ତେଣୁ ମଠ ପରିବେଶ ଭକ୍ତିଭାବରେ ମୁଖରିତ ହୋଇ ଉଠିଥିଲା । ମଠର ମ୍ୟାନେଜିଂ ଟ୍ରଷ୍ଟି ସୁନୀଲ କୁମାର ଧଙ୍ଗଡ଼ାମାଝୀଙ୍କ ତତ୍ତ୍ୱାବଧାନରେ ପୂଜକ ସନ୍ତୋଷ ପାଢ଼ୀ, ସେବାୟତ ତପିବର ଦାସ, ସେବକ ଟିକେ ଗଉଡ଼, ପୁରାଣ ପାଠକ ପୂର୍ବା ଗଉଡ଼, ଧର୍ମେନ୍ଦ୍ର ଧଙ୍ଗଡ଼ାମାଝୀ ପ୍ରମୁଖ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ । ବୋଲବମ ଭକ୍ତମାନଙ୍କ ରାତ୍ରି ରହଣୀର ବ୍ୟବସ୍ଥା ସହ ଟ୍ରଷ୍ଟବୋର୍ଡ ପକ୍ଷରୁ ହଜାରହଜାର ଶ୍ରଦ୍ଧାଳୁମାନଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା । ଟ୍ରଷ୍ଟ ବୋର୍ଡ଼ ସଦସ୍ୟ ବିଜୟ ଧଙ୍ଗଡ଼ାମାଝୀ, ବିଷ୍ଣୁ ଗଉଡ, ରଜନୀ ଗଉଡ, ସଞ୍ଜୟ ଧଙ୍ଗଡ଼ାମାଝୀ, ପ୍ରଦୀପ ଧଙ୍ଗଡ଼ାମାଝୀ, ସୁରେନ୍ଦ୍ର ମାଝୀ, ସତ୍ରୁଘନ ଧଙ୍ଗଡ଼ାମାଝୀ, ଭରତ ଧଙ୍ଗଡ଼ାମାଝୀ, ଦେବରାଜ ଗଉଡ଼ ପ୍ରମୁଖ ସହଯୋଗ କରିଥିଲେ ।

# ଜେସିଆଇ କେସିଙ୍ଗା ତରଫରୁ 'ନେକି କି ଦିୱାର' ର ଶୁଭାରମ୍ଭ

## ଉପକୃତହେବେ ଗରିବ ଓ ଯାଯାବର

**କେସିଙ୍ଗା, ୧୭ ।୮ (ସମିସ):** ସ୍ୱାଧୀନତାର ୮୦ତମ ଦିବସ ଅବସରରେ ଜେସିଆଇ କେସିଙ୍ଗା ପକ୍ଷରୁ ସମାଜସେବା ଓ ମାନବିକତାର ଏକ ଅଭିନବ ପ୍ରୟାସ 'ନେକି କି ଦିୱାର' ଶୁଭାରମ୍ଭ କରାଯାଇଛି । କଳାହାଣ୍ଡି ଜିଲ୍ଲା କେସିଙ୍ଗା ସହରର ଡା. ହେମସାଗର ସାହା କ୍ଲିନିକ୍ ଛକରେ ରାସ୍ତାର ଆରମ୍ଭ ସ୍ଥାନରେ ଏହି ସେବା ଦିୱାର ସ୍ଥାପନ କରାଯାଇଛି । 'ନେକି କି ଦିୱାର'ର ଅର୍ଥ ହେଉଛି ଯାହାଙ୍କପାଖରେ ଅଧିକ ଅଛି ସେମାନେ ଦିଅନ୍ତୁ ଓ ଯାହାଙ୍କ ଆବଶ୍ୟକତା ଅଛି, ସେମାନେ ନିଅନ୍ତୁ । ଏହି ମାନବିକ ଚିନ୍ତାଧାରାକୁ ସମାଜରେ ପ୍ରୋତ୍ସାହିତ କରିବା ହିଁ ଏହାର ମୂଳ ଉଦ୍ଦେଶ୍ୟ । ଘରେ ଅନାବଶ୍ୟକ ଭାବେ ପଡ଼ି ରହିଥିବା ଜିନିଷ, କାହାର ପାଇଁ ଉପଯୋଗୀ ହୋଇପାରୁଥିବା ପୋଷାକ, ଜୋତା-ଚପଲ, ବହି, ଖେଳନା, ଘରୋଇ ବ୍ୟବହାରର ସାମଗ୍ରୀ ଓ ଅନ୍ୟାନ୍ୟ ଆବଶ୍ୟକୀୟ ଜିନିଷ ଏଠାରେ ରଖାଯାଇ ପାରିବ । ଆବଶ୍ୟକତା ଥିବା ଯେକୌଣସି ବ୍ୟକ୍ତି ନିଜର ଆବଶ୍ୟକତା ଅନୁସାରେ ସେହି ସାମଗ୍ରୀ ନେଇପାରିବେ । ଏହି ପ୍ରକଳ୍ପଟି କୌଣସି ଏକ ବର୍ଗ, ବୟସ କିମ୍ବା ସମୁଦାୟ ପାଇଁ ସୀମିତ ନୁହେଁ; ଏହା ସମସ୍ତଙ୍କ ପାଇଁ ଖୋଲା । ସମାଜର ପ୍ରତ୍ୟେକ ବ୍ୟକ୍ତି ଏହି ପ୍ରୟାସର ଅଂଶୀଦାର ହୋଇପାରିବେ । ଦାନ କରିବାକୁ ଇଚ୍ଛୁକ ବ୍ୟକ୍ତିମାନେ ନିଜ ଘରର ଅତିରିକ୍ତ କିନ୍ତୁ ଭଲ ଅବସ୍ଥାରେ ଥିବା ସାମଗ୍ରୀ ଏଠାରେ ରଖିପାରିବେ, ଏବଂ ଆବଶ୍ୟକତା ଥିବା ଲୋକମାନେ ସମ୍ମାନର ସହିତ ସେଗୁଡ଼ିକ ନେଇପାରିବେ । ଜେସିଆଇ କେସିଙ୍ଗା ର ଏହି ପଦକ୍ଷେପର ଲକ୍ଷ୍ୟ କେବଳ ସାମଗ୍ରୀ ଦାନ କରିବା ନୁହେଁ, ବରଂ ସମାଜରେ ପରସ୍ପର ସହଯୋଗ, ସମ୍ବେଦନଶୀଳତା, ଦାୟିତ୍ୱବୋଧ ଓ ମାନବିକତାର ଭାବନାକୁ ଆହୁରି ମଜବୁତ କରିବ । ଜେସିଆଇ କେସିଙ୍ଗା ପକ୍ଷରୁ କେସିଙ୍ଗାବାସୀଙ୍କୁ ଏହି ମହତ୍ତ୍ୱପୂର୍ଣ୍ଣ ପ୍ରୟାସରେ ଯୋଡ଼ି ହୋଇ ନିଜ ଘରର ଅତିରିକ୍ତ ଓ ଉପଯୋଗୀ ସାମଗ୍ରୀ ଦାନ କରିବା ସହିତ ଆବଶ୍ୟକତା ଥିବା ଲୋକଙ୍କ ପାଖରେ ଏହି ସୁବିଧା ପହଞ୍ଚାଇବା ପାଇଁ ସହଯୋଗ କରିବାକୁ ଆହ୍ୱାନ କରାଯାଇଛି ।

# ଏକ୍ସକ୍ୟାଡର ଶିକ୍ଷକ ସଂଘର ବିଦାୟକାଳୀନ ସମ୍ବର୍ଦ୍ଧନା ସଭା

**ସିନାପାଲି, ୧୭ ।୮ (ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଏକ୍ସକ୍ୟାଡର ଶିକ୍ଷକ ସଂଘ ତରଫରୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଏନେଇ ସ୍ଥାନୀୟ ପିଏମଶ୍ରୀ ହାଇସ୍କୁଲ ପରିସରରେ ସିଆରସିସି ତରୁଣ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ପରିଚାଳିତ ସଭାରେ ମୁଖ୍ୟଅତିଥି ଭାବରେ ଏକ୍ସକ୍ୟାଡର ଶିକ୍ଷକ ସଂଘ ରାଜ୍ୟ ସଭାପତି ଜୟନ୍ତୀଲାଲ ସାହୁ, ମୁଖ୍ୟବକ୍ତା ଭାବରେ ପ୍ରଧାନଶିକ୍ଷକ ମନୋରଞ୍ଜନ ମେହେର ଯୋଗଦେଇଥିବାବେଳେ ସମ୍ମାନିତ ଅତିଥି ଭାବରେ ଏକ୍ସକ୍ୟାଡର ସଂଘର ରାଜ୍ୟ ସମ୍ପାଦକ ହାନେଶ ପାତ୍ର ବାଗ, ପୂର୍ବତନ ଏକ୍ସକ୍ୟାଡର ନୂଆପଡ଼ା ଜିଲ୍ଲା ସଭାପତି ଅରୁଣ କୁମାର ଯୋଷୀ,



ବିଦାୟୀ ଶିକ୍ଷକ ବସନ୍ତ କୁମାର ନାଏକ ଓ ବୁଢ଼ା ମାଲି ଉପସ୍ଥିତ ଥିଲେ । ପ୍ରାରମ୍ଭରେ ଆଲୋକ ରଞ୍ଜନ ପାଣିଗ୍ରାହୀ ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ଧନଞ୍ଜୟ ସାହୁ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ । ଏ ଅବସରରେ ଉଭୟ ବିଦାୟୀ ଶିକ୍ଷକ ଶ୍ରୀ ନାଏକ ଓ ଶ୍ରୀମାଲିଙ୍କ ସ୍ମୃତିଚାରଣ କରି ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା । ବେଣୁଧର ନାଏକ ଓ ଲୋକନାଥ ମେହେର ମାନପତ୍ର ପଠନ କରିଥିଲେ । ପ୍ରଦୀପ୍ତ କୁମାର ଯୋଷୀ ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମ ଆୟୋଜନରେ ଶଶିମୁଖୀ ପ୍ରଧାନ, ପୁଷ୍ପାଞ୍ଜଳି କାଛି, ନିଳେନ୍ଦ୍ରୀ ନିଆଲ, ସୁରଭି ପଣ୍ଡା, ଖଗେଶ୍ୱର ମେହେର, ସରୋଜ କୁମାର ପାଢ଼ୀ, ଦଶରଥ ଦଣ୍ଡସେନା, ଅର୍ଜୁନ ନାଏକ, ଅଚ୍ୟୁତ ମେହେର, ସାମନ୍ତ ଦାଶ, ହୀରାଲାଲ ସାହୁ, ସନ୍ତୋଷ ସାହୁ, ଭୂତେଶ୍ୱର ନାଏକ, ବିନୋଦ ବିହାରୀ ଚିନଗୁନ, କୋକିଳ ସୁନାନୀ, ଦେବାର୍ଚ୍ଚନ ବିଶି ପ୍ରମୁଖ ସହଯୋଗ କରିଥିଲେ ।

# ବିଦେଶୀ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରୁଛି ଗୁର୍ଜୀମୁଣ୍ଡାର ମା' ଯୋଗମାୟା ପୀଠ

**କେସିଙ୍ଗା, ୧୭ ।୮ (ସମିସ)**

ପ୍ରାକୃତିକ ଅପରୂପ ସୌନ୍ଦର୍ଯ୍ୟ ଏବଂ ଆଧ୍ୟାତ୍ମିକତାର ଅପୂର୍ବ ସଙ୍ଗମସ୍ଥଳ କଳାହାଣ୍ଡି ଜିଲ୍ଲାର କେସିଙ୍ଗା ବ୍ଲକ ଅଧୀନ ଗୁର୍ଜିମୁଣ୍ଡା ସ୍ଥିତ ମା' ଯୋଗମାୟା ଶକ୍ତିପୀଠ ଆଜି ପୁଣି ଏକ ଅନ୍ତର୍ଜାତୀୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି । ସୁଦୂର ୟୁରୋପୀୟ ଦେଶ ସ୍ପେନର ବାର୍ସିଲୋନା ସହରରୁ ଜଣେ ବିଦେଶୀ ପର୍ଯ୍ୟଟକ ଏଠାରେ ପହଞ୍ଚି ମା'ଙ୍କ ଆଶୀର୍ବାଦ ନେବା ସହ ପ୍ରସିଦ୍ଧ 'ଦେବଗୁମ୍ଫା'ର ମନୋରମ ପରିବେଶକୁ ଉପଭୋଗ କରିଛନ୍ତି । ଉକ୍ତ ପର୍ଯ୍ୟଟକ ଜଣକ ଆଜକୁ ପ୍ରାୟ ୧୮ ବର୍ଷ ପୂର୍ବେ ଅର୍ଥାତ୍ ୨୦୦୮ରେ ଏକ ଗବେଷଣା



କାର୍ଯ୍ୟରେ ଭାରତ ଆସିଥିବା ବେଳେ ପ୍ରଥମ ଥର ଗୁର୍ଜିମୁଣ୍ଡାର ଏହି ଶାନ୍ତ ପରିବେଶକୁ ଦେଖି ଅତ୍ୟନ୍ତ ପ୍ରଭାବିତ ହୋଇଥିଲେ । ଦୀର୍ଘ ବର୍ଷ ପରେ ପୁଣିଥରେ ଭାରତ ମାଟିକୁ ଫେରିବାକ୍ଷଣି ସେ ସିଧାସଳଖ ଏହି ପବିତ୍ର ପୀଠର ସ୍ମୃତିକୁ ମନେ ପକାଇ ଏଠାକୁ ଧାଇଁ ଆସିଥିଲେ । ଏଠାକାର ପାହାଡ଼, ପ୍ରାକୃତିକ ଗୁମ୍ଫା ଏବଂ ନିରୋଳା ବାତାବରଣ ତାଙ୍କୁ ବିମୋହିତ କରିଛି ବୋଲି ସେ ମତ ରଖିଛନ୍ତି । ଗୁର୍ଜିମୁଣ୍ଡାର ଏହି ଐତିହ୍ୟ କ୍ଷେତ୍ରକୁ ପୂର୍ବରୁ ମଧ୍ୟ ଅନେକ ବିଦେଶୀଙ୍କ ଆଗମନ ଘଟିଥିବା ବେଳେ, ବାରମ୍ବାର ବିଦେଶୀ ପର୍ଯ୍ୟଟକଙ୍କ ପାଦ ପଡ଼ିବା ଏଠାକାର ପର୍ଯ୍ୟଟନ ସମ୍ଭାବନାକୁ ଉଜ୍ଜୀବିତ କରିଛି ।

## ଆଜିର ରାଶିଫଳ

**ମେଷ:** ଇଞ୍ଜିନିୟରିଂ କ୍ଷେତ୍ରରେ ସଫଳତା ମିଳିବ। ବନ୍ଧୁ ମିଳନ ଯୋଗ ଅଛି। ଭାଇଭଉଣୀଙ୍କ ମଧ୍ୟରେ ଝଗଡ଼ା ହେବ। ଛାତ୍ରଛାତ୍ରୀ ମନୋରଞ୍ଜନ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ବୃଷ:** ଭଗବାନ ଶିବଙ୍କୁ ବେଲପତ୍ର ଅର୍ପଣ କରିବେ। ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତାରେ ରହିବେ। ଅଫିସ୍‌ରେ କାର୍ଯ୍ୟଭାର କମ୍ ହେବ। ବୈବାହିକ ଜୀବନ ମଜଭୁତ୍ ହେବ।

**ମିଥୁନ:** ଆଣ୍ଠୁଗଣ୍ଠି ସମସ୍ୟା ଦେଖା ଦେବ। ସମୟର ସଠିକ ଉପଯୋଗ କରିବେ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଉତ୍ତମ। ଯାନବାହନ ଚଳାଇବା ବେଳେ ସତର୍କତା ଅବଲମ୍ବନ କରିବେ।

**କର୍କଟ:** ଯୋଜନାମୁତାବକ ସମସ୍ତ କାର୍ଯ୍ୟ କରିବେ। ଛାତ୍ରଛାତ୍ରୀ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ। ବିରୋଧୀଙ୍କଠାରୁ ଦୂରେଇ ରହିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ତିକ୍ତତା ଦେଖା ଦେବ।

**ସିଂହ:** ବ୍ୟବସାୟ ବୃଦ୍ଧି ପାଇଁ ନୂଆ ଯୋଜନା କରିବେ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ସ୍ୱାଦିଷ୍ଟ ଖାଦ୍ୟ ଖାଇବେ। ବନ୍ଧୁମିଳନ ଯୋଗ ଅଛି। ମାଲିମକଦ୍ଦମା ଲାଗି ସମୟ ଅନୁକୂଳ ନୁହେଁ।

**କନ୍ୟା:** ବ୍ୟବସାୟରେ କ୍ଷତି ହେବ। ପାରିବାରିକ ବିବାଦ ସମାଧାନ ହେବ। ଜୀବନସାଥୀଙ୍କ ସହ ନୂଆ ସ୍ଥାନ ବୁଲିବାକୁ ଯିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଯାତ୍ରା ଲାଭଦାୟକ ହେବ।

**ତୁଳା:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ରୋଗମୁକ୍ତ ହେବେ। ପରିବାର ସଦସ୍ୟଙ୍କ ମନ ଜିଣିବେ। ନିଯୁକ୍ତିକୁ ନେଇ ଖୁସି ଖବର ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ବିଛା:** ଦିନଟି ହସଖୁସିରେ କଟିବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦେବେ। ପ୍ରେମ ମାମଲାରେ ଦିନଟି ଭଲ। ବନ୍ଧୁଙ୍କ କଥା ଆଘାତ ଦେବ। ଗରିବ ଲୋକଙ୍କୁ ସାମର୍ଥ୍ୟ ମୁତାବକ ସାହାଯ୍ୟ କରିବେ।

**ଧନୁ:** ମାଂସପେଶୀ ଯନ୍ତ୍ରଣା ଅନୁଭବ କରିବେ। ଇଷ୍ଟ ଦେବଙ୍କୁ ସ୍ମରଣ କରିବେ। ସୃଜନାତ୍ମକ କାର୍ଯ୍ୟରେ ସମୟ ଅତିବାହିତ କରିବେ। କାର୍ଯ୍ୟକ୍ଷେତ୍ରରେ ସଫଳ ହେବେ। ଜମି କିଣିବା ଯୋଗ ଅଛି।

**ମକର:** ଆତ୍ମବିଶ୍ୱାସର ସହ ସମସ୍ତ କାର୍ଯ୍ୟ କରିବେ। ପରିଶ୍ରମ ଅନୁସାରେ ଫଳ ମିଳିବ। ବାଦବିବାଦରୁ ଦୂରେଇ ରହିବେ। ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପରିଶ୍ରମ କରିବେ।

**କୁମ୍ଭ:** ଘରକୁ ନୂଆ ଜିନିଷ ଆଣିବେ। ଭାବିଚିନ୍ତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। ଗୁରୁଜନଙ୍କ ଆଶୀର୍ବାଦ ନେବେ। ଆର୍ଥିକ କାରବାରରେ ଲାଭ ମିଳିବ। ଦୀର୍ଘଦିନର ସମସ୍ୟା ସମାଧାନ ହେବ।

**ମୀନ:** ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ। ପରିବାର ସଦସ୍ୟଙ୍କ ସହ ଉତ୍ତମ ବୁଝାମଣା ରହିବ। ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଆର୍ଥିକ ସମସ୍ୟା ଦେଖା ଦେବ।

## ଆଜିର ଇତିହାସ

- ୧୯୪୦- ପ୍ରଥମଥର ପାଣିପାଗ ମାନଚିତ୍ର ଟେଲିଭିଜନରେ ପ୍ରସାରିତ।
- ୧୯୪୯ - ହଙ୍ଗେରିରେ ସମ୍ବିଧାନ ଲାଗୁ ହେଲା।
- ୧୯୫୧- ଖଡ଼ଗପୁରରେ ଦେଶର ପ୍ରଥମ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି)ର ସ୍ଥାପନା।
- ୧୯୭୩- ଆମେରିକାର ବୋଷ୍ଟନରେ ପ୍ରଥମ ଏଫ୍‌ଏମ୍ ରେଡିଓ ଷ୍ଟେସନ ନିର୍ମାଣକୁ ମଞ୍ଜୁରି ଦିଆଗଲା।
- ୨୦୦୮ - ପାକିସ୍ତାନର ରାଷ୍ଟ୍ରପତି ପରଭେଜ୍ ମୁସାରଫଙ୍କ ଇସ୍ତଫା।



## ଆବର୍ଜନା ଦ୍ୱୀପ

ମାଳଦ୍ୱୀପ ନୀଳ ସମୁଦ୍ର, ଧଳା ବାଲୁକା ଶଯ୍ୟା ଏବଂ ବିଳାସପୂର୍ଣ୍ଣ ରିସୋର୍ଟ ପାଇଁ ସାରା ବିଶ୍ୱରେ ଏକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଭାବେ ଜଣାଯାଏ। ପ୍ରତିବର୍ଷ ଲକ୍ଷ ଲକ୍ଷ ପର୍ଯ୍ୟଟକ ଏଠାକୁ ବୁଲିବାକୁ ଆସନ୍ତି। ଏହି ସୌନ୍ଦର୍ଯ୍ୟ ପଛରେ ମାଳଦ୍ୱୀପର ଏକ ଭୟଙ୍କର ଏବଂ କଟୁ ସତ୍ୟ ଲୁଚି ରହିଛି, ଯାହା ବିଷୟରେ ବିଶ୍ୱର ଅଧିକାଂଶ ଲୋକ ଅଜ୍ଞ। ମାଳଦ୍ୱୀପର ରାଜଧାନୀ ମାଲେଠାରୁ ମାତ୍ର କିଛି ମାଇଲ ଦୂରରେ 'ଥିଲାଫୁସି' ନାମକ ଏକ ଦ୍ୱୀପ ଅବସ୍ଥିତ, ଯାହାକୁ ଆନୁଷ୍ଠାନିକ ଭାବେ 'ଆବର୍ଜନା ଦ୍ୱୀପ' ବା 'ଗାରବେଜ୍ ଆଇଲ୍ୟାଣ୍ଡ' ଭାବେ ପରିଚିତ। ପ୍ରତିଦିନ ଏଠାରେ ଶହ ଶହ ଟନ୍ ଅଳିଆ ଆବର୍ଜନା ପକାଯାଏ, ଯାହାଫଳରେ ଏଭଳି ନାମକରଣ ହୋଇଛି। ବାସ୍ତବରେ, ଯେଉଁ ଦେଶରେ ଟିକିଏ ହେଲେ ବି ଖାଲି ଜମି ନାହିଁ, ସେଠାରେ ପ୍ରତିବର୍ଷ ଆସୁଥିବା ଲକ୍ଷ ଲକ୍ଷ ପର୍ଯ୍ୟଟକ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ଦ୍ୱାରା ସୃଷ୍ଟି ହେଉଥିବା ଶହ ଶହ ଟନ୍ ଆବର୍ଜନାର ନିଷ୍କାସନ କରିବା ସ୍ଥାନୀୟ ସରକାରଙ୍କ ପାଇଁ ସବୁଠାରୁ ବଡ଼ ଆହ୍ୱାନ ଥିଲା। ଏହି ସମସ୍ୟାର ସମାଧାନ ପାଇଁ ମାଳଦ୍ୱୀପ ସରକାର ଅଳିଆକୁ ଗୋଟିଏ ସ୍ଥାନରେ ଜମା କରି ଏକ ସମ୍ପୂର୍ଣ୍ଣ ଦ୍ୱୀପ ଠିଆ କରିଦେଲେ। ତେବେ ଥିଲାଫୁସି ପୂର୍ବରୁ ଅଳିଆ ଗଦା କିମ୍ବା ଦ୍ୱୀପ ନ ଥିଲା। ଆଜକୁ ପ୍ରାୟ ତିନି ଦଶନ୍ଧି ପୂର୍ବେ ଏହା ଏକ ଅତ୍ୟନ୍ତ ସୁନ୍ଦର ଏବଂ ସ୍ୱଚ୍ଛ ପାଣି ବିଶିଷ୍ଟ ଏକ ପ୍ରାକୃତିକ ହ୍ରଦ ଥିଲା। ଡିସେମ୍ବର ୧୯୯୧ରେ ମାଳଦ୍ୱୀପ ସରକାର ବଢ଼ୁଥିବା ପର୍ଯ୍ୟଟନ ଶିଳ୍ପ ଏବଂ ମାଲେ ସହରର ବର୍ଜ୍ୟବସ୍ତୁର ସମାଧାନ ପାଇଁ ଏହି ସୁନ୍ଦର ଦ୍ୱୀପକୁ ଏକ ଲ୍ୟାଣ୍ଡଫିଲ୍‌ରେ ପରିଣତ କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ନିଷ୍ପତ୍ତିର ମାତ୍ର ମାସେ ମଧ୍ୟରେ ଏଠାକୁ ଜାହାଜ ସାହାଯ୍ୟରେ ଅଳିଆ ବୋଝେଇ କରି ଅଣାଗଲା। ବାଲି ଭିତରେ ବଡ଼ ବଡ଼ ଗାତ ଖୋଳାଗଲା ଏବଂ ମାଲେ ତଥା ଆଖପାଖ ଦ୍ୱୀପଗୁଡ଼ିକରୁ ଆସୁଥିବା ପ୍ଲାଷ୍ଟିକ୍, କାଚ, ମେଡିକାଲ୍ ବର୍ଜ୍ୟବସ୍ତୁ ଏବଂ ପଚାସଢ଼ା ଅଳିଆକୁ ସେହି ଗାତଗୁଡ଼ିକରେ ଭର୍ତ୍ତି କରାଗଲା। ଏହାପରେ ତା' ଉପରେ ନିର୍ମାଣ ସାମଗ୍ରୀର ଭଙ୍ଗାରୁଜା ଅଂଶ ପକାଇ ଧଳା ବାଲି ଦ୍ୱାରା ସମତଳ କରାଯାଇଥିଲା। ଦେଖୁଦେଖୁ ଏହି ହ୍ରଦଟି ଏକ ବିଶାଳ ଆବର୍ଜନା ଦ୍ୱୀପରେ ପରିଣତ ହୋଇଗଲା। ଥିଲାଫୁସିର କ୍ଷେତ୍ରଫଳ ଏମିତି ବଢ଼ିବାକୁ ଲାଗିଲା ଯେ, ସରକାର ଏହି ନୂତନ ଜମିକୁ ଶିଳ୍ପଭିତ୍ତିକ କାର୍ଯ୍ୟ ପାଇଁ ଲିଜ୍‌ରେ ଦେବା ଆରମ୍ଭ କଲେ। ଆଜି ଥିଲାଫୁସିରେ ଡଙ୍ଗା ନିର୍ମାଣ, ସିମେଣ୍ଟ ପ୍ୟାକିଂ ଆଦି ପ୍ରାୟ ତିନି ଡର୍ଜନରୁ ଅଧିକ ଫ୍ୟାକ୍ଟ୍ରି ଚାଲୁଛି। ପ୍ରାୟ ୧୫୦ରୁ ଅଧିକ ବାଂଲାଦେଶୀ ପ୍ରବାସୀ ଶ୍ରମିକ ଏଠାରେ ଅତି କଠିନ ଏବଂ ବିପଜ୍ଜନକ ପରିସ୍ଥିତିରେ, କୌଣସି ସ୍ୱାସ୍ଥ୍ୟ ସୁରକ୍ଷା ବିନା ଦିନକୁ ୧୨ ଘଣ୍ଟା କାମ କରି ଆବର୍ଜନା ପୃଥକୀକରଣ କରନ୍ତି। ସେହିଭଳି ଦୀର୍ଘ ବର୍ଷ ଧରି ଏଠାରେ ଖୋଲା ଆକାଶ ତଳେ ଅଳିଆ ପୋଡ଼ାଯାଉଥିବାରୁ ଏହା ବାୟୁମଣ୍ଡଳକୁ ବିଷାକ୍ତ କରି ପକାଉଥିଲା। ଏହା ସହିତ ଏଠାରୁ ନିର୍ଗତ କେମିକାଲ୍ ସମୁଦ୍ର ପାଣିରେ ମିଶି ସାମୁଦ୍ରିକ ଜୀବ ଓ କୋରାଲ୍ ରିଫ୍‌ଗୁଡ଼ିକୁ ନଷ୍ଟ କରୁଥିଲା। ବିଶ୍ୱସ୍ତରରେ ଏହାକୁ ନେଇ ଚିନ୍ତା ପ୍ରକଟ ହେବା ପରେ, ମାଳଦ୍ୱୀପ ସରକାର ଏସୀୟ ବିକାଶ ବ୍ୟାଙ୍କ ସହାୟତାରେ ଏଠାରେ ଏକ ବୃହତ୍ ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ଆରମ୍ଭ କରିଛନ୍ତି। ଏବେ ଏଠାରେ ଖୋଲାରେ ଅଳିଆ ପୋଡ଼ା ବନ୍ଦ କରାଯାଇଛି ଏବଂ ଆଧୁନିକ ପଦ୍ଧତିରେ ପ୍ଲାଷ୍ଟିକ୍ ଅଲଗା କରିବା ଓ ବର୍ଜ୍ୟବସ୍ତୁରୁ ଶକ୍ତି ଉତ୍ପାଦନ କରିବା ପାଇଁ ପ୍ଲାଣ୍ଟ ସ୍ଥାପନ କରାଯାଇଛି।

## 'ଟକ୍ସିକ୍'କୁ 'ଏ' ସାର୍ଟିଫିକେଟ୍

### ସାମ୍ନାକୁ ଆସିଲା କାହାଣୀ



କନ୍ନଡ଼ ସୁପରଷ୍ଟାର୍ ଯଶଙ୍କ ବହୁପ୍ରତିକ୍ଷିତ ଫିଲ୍ମ 'ଟକ୍ସିକ୍' ଆସନ୍ତା ଅଗଷ୍ଟ ୨୬ରେ ସିନେମାହଲ୍‌ରେ ରିଲିଜ୍ ହେବ। ଗୀତୁ ମୋହନଦାସ ଏହାର ନିର୍ଦ୍ଦେଶନା ଦେଇଛନ୍ତି। ସିବିଏଫ୍‌ସି ପକ୍ଷରୁ ଏହି ଫିଲ୍ମକୁ 'ଏ' ସାର୍ଟିଫିକେଟ୍ ମିଳିଛି। ଏହାର ଅର୍ଥ କେବଳ ୧୮ ବର୍ଷ ବା ତା'ଠାରୁ ଅଧିକ ବୟସର ବ୍ୟକ୍ତି ହିଁ ଏହି ଫିଲ୍ମକୁ ଦେଖିପାରିବେ। ତେବେ 'ଏ' ସାର୍ଟିଫିକେଟ୍ ମିଳିବା ପରେ ଏହା ସ୍ପଷ୍ଟ ହୋଇଛି ଯେ, ଏହା ଏକ ବଡ଼ ଆକ୍ସନ ଥ୍ରିଲର୍ ଫିଲ୍ମ ହେବ। ସ୍ୱାଧୀନତା ପରବର୍ତ୍ତୀ ଗୋଆ ପୃଷ୍ଠଭୂମି ଉପରେ ଆଧାରିତ ଏକ ଗ୍ୟାଙ୍ଗଷ୍ଟରର କାହାଣୀ ଉପରେ ଫିଲ୍ମଟି ପର୍ଯ୍ୟବସିତ। ସେହି ଗ୍ୟାଙ୍ଗଷ୍ଟର ହିଂସା ଓ ଈର୍ଷା ମଧ୍ୟରେ ରହି ନୈତିକତା ଏବଂ ପ୍ରାୟଶ୍ଚିତର ରାସ୍ତା ଖୋଜୁଛି। ଏହି ଚଳଚ୍ଚିତ୍ରଟି ୧୯୪୦ ରୁ ୧୯୭୦ ଦଶକ ମଧ୍ୟରେ ଗୋଆରେ ଚାଲିଥିବା ଅପରାଧ ଦୁନିଆକୁ ଦେଖାଇବ। ଯଶଙ୍କ ବ୍ୟତୀତ ଏହି ଫିଲ୍ମରେ କିଆରା ଆଡଭାନୀ, ନୟନତାରା, ତାରା ସୂତାରିଆ ଏବଂ ହୁମା କୁରେଶୀ ପ୍ରମୁଖ ଅଭିନୟ କରୁଛନ୍ତି। ଏଥିରେ ଯଶ୍ ଡବଲ ରୋଲରେ ନଜର ଆସିବେ। ଫିଲ୍ମର ନିର୍ମାଣ ଭେଙ୍କଟ କେ. ନାରାୟଣ କରିଛନ୍ତି। ହିନ୍ଦୀ, ତେଲୁଗୁ, ତାମିଲ ଏବଂ ମାଲାୟଲମ୍ ଭାଷାରେ ଫିଲ୍ମଟିକୁ ରିଲିଜ୍ କରାଯିବ। ପୂର୍ବରୁ ଏହି ଚଳଚ୍ଚିତ୍ରଟି ମାର୍ଚ୍ଚ ମାସରେ ରିଲିଜ୍ ହେବାର ଥିଲା, କିନ୍ତୁ 'ଧୁରନ୍ଧର' ଫିଲ୍ମ ସହିତ ଏକାସାଙ୍ଗରେ ରିଲିଜ୍ ହେଉଥିବା ଯୋଗୁଁ ଏହାର ରିଲିଜ୍ ତାରିଖକୁ ଆଗକୁ ବଢ଼ାଇ ଦିଆଯାଇଥିଲା। ଏବେ ଶେଷରେ ୪ ମାସ ପରେ 'ଟକ୍ସିକ୍' ସିନେମାହଲ୍‌କୁ ଆସିବାକୁ ଯାଉଛି।

## ଜୋତା ଖୋଜିଲା ଏଆଇ

ବେଳେବେଳେ ଅତି କଷ୍ଟକର ମନେ ହେଉଥିବା ସମସ୍ୟାର ସମାଧାନ ଏତେ ସହଜରେ ହୋଇଯାଏ, ଆମେ କେବେ ଭାବି ବି ନ ଥାଉ। ଏଭଳି ଏକ ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ୍ ହେଉଛି। ଭାଇରାଲ୍ ଭିଡିଓକୁ ଶୁଭାଙ୍ଗ ବୋରକର ନାମକ ଜଣେ ବ୍ୟକ୍ତି ତାଙ୍କ ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟରେ ସେୟାର କରିଛନ୍ତି। ଭିଡିଓରେ ସେ ଉଜ୍ଜୈନର ମହାକାଳ ମନ୍ଦିର ବାହାରେ ଥିବା ହଜାର ହଜାର ସଂଖ୍ୟାର ଜୋତା ମଧ୍ୟରୁ ନିଜ ଜୋତା ଖୋଜୁଥିବାର ଦେଖାଯାଉଛନ୍ତି। ସେଠାରେ ଏତେ ସଂଖ୍ୟାରେ ଜୋତା ରଖାଯାଇଥିଲା ଯେ, ସେ ନିଜ ଜୋତା କେଉଁଠାରେ ଅଛି ଜାଣି ପାରୁ ନ ଥିଲେ। ଯଦି ସେ ପ୍ରତ୍ୟେକ ଜୋତାକୁ ଗୋଟି ଗୋଟି କରି ଦେଖିଥାନ୍ତେ, ତେବେ ବହୁତ ସମୟ ନଷ୍ଟ ହୋଇଥାନ୍ତା। ତେଣୁ ସେ ଏକ ଭିନ୍ନ ଉପାୟ ଆପଣାଇବାକୁ ସ୍ଥିର କଲେ। ଶୁଭାଙ୍ଗ ନିଜ ଜୋତାର ଫଟୋ ଏବଂ ସେଠାରେ ଥିବା ଜୋତା ଗଦାର ଫଟୋ ଚାଟ୍‌ଜିପିଟି ସହିତ ସେୟାର କଲେ। ଶୁଭାଙ୍ଗ ଏଆଇକୁ ନିଜ ସମସ୍ୟା ବିଷୟରେ ଜଣାଇଲେ ଯେ, ସେ ଉଜ୍ଜୈନର ମହାକାଳ ମନ୍ଦିରକୁ ଆସିଛନ୍ତି ଏବଂ ବାହାରେ ରଖାଯାଇଥିବା ହଜାର ହଜାର ସଂଖ୍ୟାରେ ଜୋତା ମଧ୍ୟରେ ନିଜ ଜୋତା ଚିହ୍ନିବା ତାଙ୍କୁ କଷ୍ଟକର ହେଉଛି। ଭିଡିଓ ଅନୁଯାୟୀ, ଚାଟ୍‌ଜିପିଟି ସେହି ଫଟୋଗୁଡ଼ିକୁ ଦେଖିବା ପରେ ତାଙ୍କୁ କିଛି ପ୍ରଶ୍ନ ପଚାରିଥିଲା। ଜୋତାର ରଙ୍ଗ, ଡିଜାଇନ୍ ଏବଂ ଅନ୍ୟାନ୍ୟ ଚିହ୍ନଟ ସୂଚନା ଆଧାରରେ ଏଆଇ ସେଥିରୁ ତାଙ୍କ ଜୋତାକୁ ଚିହ୍ନିବାରେ ସାହାଯ୍ୟ କରିଥିଲା। ଯେଉଁଠି ମଣିଷକୁ ଶହ ଶହ ଜୋତା ଭିତରୁ ନିଜ ଜୋତା ଖୋଜିବା ପାଇଁ ବହୁତ ସମୟ ଲାଗିଥାନ୍ତା, ସେଠାରେ ଏକ ଫଟୋ ଏବଂ କିଛି ସୂଚନା ସାହାଯ୍ୟରେ ଏହି କାମଟି ବହୁତ ସହଜ ହୋଇଗଲା। ସାଧାରଣତଃ ଲୋକେ ଚାଟ୍‌ଜିପିଟିର ବ୍ୟବହାର ପ୍ରଶ୍ନର ଉତ୍ତର ଜାଣିବା, ଲେଖାପଢ଼ା କରିବା, ସୂଚନା ପାଇବା କିମ୍ବା କୌଣସି କାମରେ ସାହାଯ୍ୟ ନେବା ପାଇଁ କରିଥାନ୍ତି। ଜୋତା ଖୋଜିବା ପାଇଁ ଏଆଇକୁ ବ୍ୟବହାର କରିବା ଦେଖି ସୋସିଆଲ ମିଡିଆ ୟୁଜର୍ସମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଭିଡିଓରେ ଶୁଭାଙ୍ଗ ନିଜର ଏହି ଅନୁଭୂତିକୁ ଲୋକଙ୍କ ସହ ସେୟାର କରିଛନ୍ତି। ତାଙ୍କର ଏହି ଉପାୟ ଦର୍ଶାଉଛି ଯେ, ଏଆଇ ବ୍ୟବହାର କେବଳ ପାଠପଢ଼ା କିମ୍ବା ଅଫିସ୍ କାମ ମଧ୍ୟରେ ସୀମିତ ନୁହେଁ। ଫଟୋଗୁଡ଼ିକୁ ବୁଝିବା ଏବଂ ସେଥିରେ ଥିବା ଜିନିଷଗୁଡ଼ିକୁ ଚିହ୍ନଟ କରିବା ଭଳି କାମରେ ମଧ୍ୟ ଏଆଇ ବହୁତ ସାହାଯ୍ୟକାରୀ ପ୍ରମାଣିତ ହୋଇପାରିବ।





## ଟମାଟୋ ଚାଷରୁ ଆତ୍ମନିର୍ଭର

**କୃଷିକ୍ଷେତ୍ରରେ ପୁରୁଷଙ୍କ ମୁଖ୍ୟ ଅବଦାନ ରହିଥାଏ। ଏବେ କିନ୍ତୁ ମହିଳାମାନେ ଚାଷ କରି ସଫଳତା ହାସଲ କରୁଛନ୍ତି। ଏହାର ଜ୍ୱଳନ୍ତ ଉଦାହରଣ ହେଉଛନ୍ତି ଛତିଶଗଡ଼, କୋରବା ଜିଲ୍ଲା, ପତରାପାଲି ଗାଁ'ର ରାଜଶ୍ରୀ ମାର୍କୋ। ଆଧୁନିକ ପ୍ରଣାଳୀରେ ଟମାଟୋ ଚାଷରୁ ସେ ଲକ୍ଷାଧିକ ଟଙ୍କା ରୋଜଗାର କରୁଛନ୍ତି।**

ରାଜଶ୍ରୀ ଜାତୀୟ ଉଦ୍ୟାନ କୃଷି ମିଶନ ମାଧ୍ୟମରେ ଚାଷ ସମ୍ପର୍କିତ ସୂଚନା ସଂଗ୍ରହ କରିଥିଲେ। ୨୦୨୪-୨୫ ମସିହାରେ ୧.୨୦ ହେକ୍ଟର ଜମିରେ ସଙ୍କର କିସମର ଟମାଟୋ ଚାଷ କରିଥିଲେ। ବୁନ୍ଦା ଜଳ ସେଚନ ଦ୍ୱାରା ଜଳ ସଞ୍ଚୟ ହୋଇ ଗଛକୁ ଆବଶ୍ୟକ ମୁତାବକ ଜଳ ମିଳି ପାରିଥିଲା। ସେହିପରି ଚାଷ ଜମିରେ ମଲଚିଂ ଭଳି ଆଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର ଦ୍ୱାରା ଫସଲରେ ଆର୍ଦ୍ରତା ଠିକ୍ ରହିବା ସହ ଘାସ ନିୟନ୍ତ୍ରଣ ସହଜ ହୋଇଥିଲା। ଫସଲରେ ଉପଯୁକ୍ତ ସାର ଓ ପୋକ ନିୟନ୍ତ୍ରଣ କରିବାକୁ ଗୁରୁତ୍ୱ ଦେଇଥିଲେ ରାଜଶ୍ରୀ। ଏହା ଫଳରେ ସେ ଗୋଟିଏ ଋତୁରେ ୧୦୦ରୁ ୧୨୦ ଟନ୍ ଟମାଟୋ ଉତ୍ପାଦନ କରିଥିଲେ। ଏଥିରୁ ତାଙ୍କର ଲକ୍ଷାଧିକ ଟଙ୍କା ରୋଜଗାର ହୋଇଥିଲା। ତେବେ ରାଜଶ୍ରୀଙ୍କ ଏହି ସଫଳତା ସ୍ଥାନୀୟ ଅଞ୍ଚଳର ଚାଷୀଙ୍କୁ ପ୍ରେରଣା ଯୋଗାଉଛି।




## ପନିପରିବାରେ ଝାଉଁଳା ଓ ମୂଳସଢ଼ା ରୋଗ



**ଲଗାଣ ବର୍ଷା ଯୋଗୁଁ ପନିପରିବା ଫସଲରେ ଜଳ ଜମିବା ସାଧାରଣ କଥା। ହେଲେ ପାଣି ଜମି ରହିବା ଯୋଗୁଁ ଗଛମୂଳକୁ ଅମ୍ଳଜାନ ପହଞ୍ଚି ପାରେ ନାହିଁ। ଏହାଦ୍ୱାରା ଫସଲରେ ଝାଉଁଳା ଓ ମୂଳସଢ଼ା ରୋଗ ଲାଗିବାର ଆଶଙ୍କା ଅଧିକ ରହିଥାଏ।**

ବର୍ଷାଦ୍ୱାରା ଫସଲ ପ୍ରଭାବିତ ନ ହେବାକୁ ଟମାଟୋ, ଲଙ୍କା, ବାଇଗଣ ଆଦି ଚାରାକୁ ପଲିଥିନ୍ କିମ୍ବା ପ୍ଲାଷ୍ଟିକ୍ ଦ୍ୱାରା ଆଚ୍ଛାଦନ କରି ରଖିବା ଉଚିତ। ବର୍ଷାପରେ ପନିପରିବା ଫସଲରେ ଝାଉଁଳା ଓ ମୂଳସଢ଼ା ଦେଖା ଦେବାର ସମ୍ଭାବନା ଥାଏ। ଏହାଦ୍ୱାରା ହଠାତ୍ ଗଛର ପତ୍ର ଝାଉଁଳି ପଡ଼େ, ଚେର ଓ ଗଣ୍ଠି କଳା ପଡ଼ିଯାଏ। କବକ ଓ ବୀଜାଣୁ ଆକ୍ରମଣ ଯୋଗୁଁ ଗଛ ଶୁଖିଯାଏ। ଶେଷରେ ସମ୍ପୂର୍ଣ୍ଣ ଗଛ ମରିଯାଏ। ଏହାର ପ୍ରତିକାର ପାଇଁ ଜମିରୁ ଅତିରିକ୍ତ ପାଣି ନିଷ୍କାସନ କରିବା ଜରୁରି। ଝାଉଁଳା ଓ ମୂଳସଢ଼ା ନିୟନ୍ତ୍ରଣ ପାଇଁ ବର୍ଷା ଛାଡ଼ିଗଲା ପରେ ପ୍ରତି ୧୦ ଲିଟର ପାଣିରେ ୨୦ ଗ୍ରାମ୍ ମେଟାଲାକ୍ସିଲ +ମାଙ୍କୋଜେବ ଓ ୧.୫ ଗ୍ରାମ୍ ଷ୍ଟ୍ରେପ୍‌ଟୋସାଇକ୍ଲିନ୍‌କୁ ମିଶାଇ ଫସଲ ମୂଳକୁ ସିଞ୍ଚନ କରାଯାଏ। ସେହିପରି ବର୍ଷାପରେ ପନିପରିବା ଫସଲରେ ଝାଉଁଳା ଓ ମୂଳପଚା ରୋଗର ଲକ୍ଷଣ ଦେଖାଦେଲେ ଶୁଖିଲା ପାଗ ଦେଖି ୧୦ ଲିଟର ପାଣିରେ ୨୦ ଗ୍ରାମ୍ ମେଟାଲାକ୍ସିଲ ୮% + ମାଙ୍କୋଜେବ ୬୪% ଡବ୍ଲ୍ୟୁ ପି ମିଶାଇ ଗଛର ମୂଳ ଚାରିପାଖେ ଡ୍ରେଞ୍ଚ୍ କରି ଜମିରେ ଜଳ ନିଷ୍କାସନର ସଠିକ୍ ବ୍ୟବସ୍ଥା କରିବା ଆବଶ୍ୟକ। ଅଧିକ ନଷ୍ଟ ହୋଇଥିବା ଗଛକୁ ମାଟିରୁ ଉପାଡ଼ି ନଷ୍ଟ କରିବା ଦ୍ୱାରା ଅନ୍ୟ ଗଛକୁ ରୋଗ ବ୍ୟାପିବା ଆଶଙ୍କା କମ୍ ରୁହେ।

## ମଲ୍ଲୀଫୁଲ ଚାଷ



ମଲ୍ଲୀଫୁଲ ଅତ୍ୟନ୍ତ ସୁଗନ୍ଧିତ। ଉଷ୍ଣ, ଆର୍ଦ୍ର ଜଳବାୟୁ ଓ ସୂର୍ଯ୍ୟାଲୋକ ପଡ଼ୁଥିବା ସ୍ଥାନରେ ଏହି ଫୁଲ ଚାଷ ଭଲ ହୁଏ। ଦୋରସା, ନିଗିଡ଼ା ମାଟି ଏହି ଚାଷ ପାଇଁ ସର୍ବୋତ୍ତମ। ଗୁଣ୍ଡୁମାଲି, ରାମବନମ୍, ମଦନ ବନ, ମୋରଗା, କସ୍ତୁରୀମାଳି, ମୋଜିମାଲି, ସିଓ-୧, ମୁଲାଇ ଓ ପରିମୁଲାଇ ଆଦି କିସମ ଫୁଲ ଚାଷ କରାଯାଏ। ମଲ୍ଲୀଫୁଲ ଲଗାଇବା ପାଇଁ ଅଗଷ୍ଟ ମାସ ସବୁଠୁ ଭଲ। ଡାଳକଲମୀ କିମ୍ବା ମୂଳରୁ ବାହାରିଥିବା ଚାରା ଦ୍ୱାରା ନୂଆ ଗଛ କରାଯାଏ। ଗାତର ଲମ୍ବ, ଓସାର ଓ ଗଭୀରତା ୩୦ ସେମି ଓ ଗଛରୁ ଗଛ ମଧ୍ୟରେ ଦୂରତା ୧.୫ରୁ ୨ ମିଟର ରଖାଯାଏ। ଗଛ ଲଗାଇବାବେଳେ ସଢ଼ା ଗୋବର ଖତ, ସୁପର ଫସ୍‌ଫେଟ୍, ମ୍ୟୁରେଟ ଅଫ୍ ପୋଟାସ୍ ଆଦି ପ୍ରୟୋଗ କରାଯାଏ। ମାଟି ଶୁଖିଗଲେ ଜଳ ସେଚନ କରିବା ଜରୁରି। ଶୀତଦିନ ଶେଷ ଆଡ଼କୁ ଗଛର ଶାଖାପ୍ରଶାଖା କାଟିଲେ ଅଧିକ ଫୁଲ ଆସେ। ଏହି ଚାଷରେ ରୋଗପୋକ ଆଦି ଦେଖାଦେଲେ ନିମ୍ବପାଣି କିମ୍ବା ଜୈବିକ କୀଟନାଶକ ପ୍ରୟୋଗ କରିପାରିବେ। ଗଛ ଲଗାଇବାର ଦୁଇବର୍ଷ ପରେ ଫୁଲ ଫୁଟିଥାଏ।

## କୃଷି ପାଣିପାଗ

### ଏ ସପ୍ତାହ ପାଇଁ କେତେକ ପରାମର୍ଶ

- ଯଦି ଜମିରେ ଧାନ ଗଛ ସଂଖ୍ୟା ୫୦%ରୁ ଅଧିକ ଥାଏ ତେବେ ଖାଲି ସ୍ଥାନ ପୂରଣ କରିବା ପାଇଁ ଘାସ ବଛାବଛି କରି ଅନ୍ୟ ବୁଦାରୁ ପିଲ ବାହାର କରି ଖେଲୁଆ ପଦ୍ଧତିରେ ଗଛ ସଂଖ୍ୟା ବୃଦ୍ଧି କରିଦିଅନ୍ତୁ।
- ଫସଲ କ୍ଷେତ, ଫଳବଗିଚା, ନର୍ସରୀ ଏବଂ ତଳିଆ ଜମିରୁ ତୁରନ୍ତ ଅତିରିକ୍ତ ବର୍ଷାଜଳ ନିଷ୍କାସନ କରନ୍ତୁ।
- ମକା, ଚିନାବାଦାମ ଓ ଶସ୍ୟ ଜାତୀୟ ଫସଲରେ ଶୋଷକ କୀଟ ଯଥା ଜଉ, ଉକୁଣିଆ, ପତ୍ରଡିଆଁ ଓ ଧଳାମାଛି ଭଳି ପୋକର ନିରୀକ୍ଷଣ ଓ ନିୟନ୍ତ୍ରଣ ପାଇଁ ଏକର ପିଛା ୮ଟି ଅଠାଲାଗିଥିବା ହଳଦିଆ ଯନ୍ତାକୁ ଜମିରେ ଲଗାନ୍ତୁ।
- ହରଡ଼ରେ କୋଡ଼ାଖୋସା କରି ଘାସ ବାଛି ଦିଅନ୍ତୁ ଓ ଗଛ ମୂଳକୁ ମାଟି ଟେକି ଦିଅନ୍ତୁ।

## ବର୍ଷାଦିନେ ଛେଳିଙ୍କ ସୁରକ୍ଷା

**ଆମ ରାଜ୍ୟର ଭୂମିହୀନ ତଥା ନାମମାତ୍ର କ୍ଷୁଦ୍ରଚାଷୀ ଛେଳିପାଳନ କରିଥାନ୍ତି। ତେବେ ବର୍ଷାଦିନେ ପରିବେଶ ସନ୍ତସନ୍ତିଆ ଏବଂ ଆର୍ଦ୍ରତାପୂର୍ଣ୍ଣ ରହୁଥିବାରୁ ଜୀବାଣୁ, ଭୂତାଣୁ ଏବଂ କବକ ବଂଶ ବୃଦ୍ଧି କରିଥାନ୍ତି। ଏହି ଅସ୍ୱାସ୍ଥ୍ୟକର ପରିବେଶ ଛେଳିଙ୍କ ସଂକ୍ରମଣ ଆଶଙ୍କାକୁ ବଢ଼ାଏ।**

ବର୍ଷାଦିନେ ପରିବେଶ ସନ୍ତସନ୍ତିଆ ଓ କାଦୁଆ ରହିଥାଏ। ଏହି ପରିବେଶରେ ଛେଳି ଚରାବୁଲା କରିବା ଦ୍ୱାରା ସେମାନଙ୍କଠାରେ କୃମି ପ୍ରାଦୁର୍ଭାବ ବଢ଼ିଯାଏ। ଛେଳିଙ୍କ ପାଇଁ ସଂରକ୍ଷିତ ଥିବା ଖାଦ୍ୟ ଓଦା ହେଲେ ଏଥିରେ କବକ ଲାଗେ। ଏହାକୁ ଖାଇବା ସହ ଦୂଷିତ ପାଣି ପିଇବା ଯୋଗୁଁ ଛେଳି ସଂକ୍ରମିତ ହୋଇଥାନ୍ତି। ସଂକ୍ରମିତ ଛେଳି ଜ୍ୱର, ଥଣ୍ଡା, ଝାଡ଼ାରେ ଆକ୍ରାନ୍ତ ହୁଅନ୍ତି। ଖାଇବା ପିଇବା କମାଇ ଦୁର୍ବଳ ହୋଇଯାନ୍ତି। ତେଣୁ ଛେଳିଙ୍କୁ ସୁସ୍ଥ ରଖିବାକୁ ଗୁହାଳକୁ ସଫା ଓ ଶୁଖିଲା ରଖିବା ସହ ବାୟୁ ଚଳାଚଳ ହେବା ଜରୁରି। ଛେଳିଙ୍କୁ ବିଶୁଦ୍ଧ ଜଳ ପିଇବାକୁ ଦେଇପାରିବେ। ସଢ଼ା ଚାରା କିମ୍ବା କବକ ଲଗା ଖାଦ୍ୟ ବଦଳରେ ଘାସ ଓ ଡାଳପତ୍ର ଦେବା ଉଚିତ। ଛେଳିଙ୍କୁ କୃମି ଔଷଧ ଏବଂ ସଂକ୍ରମଣ ଦୂର ପାଇଁ ଟିକାକରଣ ଦେବା ଜରୁରି। ସଂକ୍ରମିତ ଛେଳିଙ୍କୁ ଅନ୍ୟ ଛେଳିଙ୍କଠାରୁ ଦୂରେଇ ରଖି ଚିକିତ୍ସକଙ୍କ ପରାମର୍ଶରେ ଯତ୍ନ ନେବା ଆବଶ୍ୟକ।



## ଫସଲ ବୃଦ୍ଧି ପାଇଁ ସୋରିଷ ପିଡ଼ିଆ

**ସୋରିଷ ପିଡ଼ିଆ ଏକ ଉତ୍କୃଷ୍ଟ ଜୈବ ସାର। ଏଥିରେ ଯବକ୍ଷାରଜାନ, ଫସ୍‌ଫରସ୍ ଏବଂ ପୋଟାସିୟମ ଥିବାରୁ ଏହା ଗଛ ବୃଦ୍ଧି ସହ ଫୁଲ ଓ ଫଳ ଆଣିବାରେ ସାହାଯ୍ୟ କରେ। ତେବେ ସୋରିଷ ପିଡ଼ିଆ ବ୍ୟବହାରରେ ବିଶେଷ ସତର୍କ ରହିବା ଆବଶ୍ୟକ।**

ଟମାଟୋ, କ୍ୟାପ୍ସିକମ୍ ଏବଂ ଫୁଲଗଛରେ ଫୁଲ ଓ ଫଳ ଆଣିବାରେ ସୋରିଷ ପିଡ଼ିଆ ବ୍ୟବହାର କରାଯାଏ। ଏହାକୁ ବ୍ୟବହାର କରିବା ପୂର୍ବରୁ ଗୁଣ୍ଡକରି ମାଟିରେ ମିଶାଯାଏ। ଗଛ ଲଗାଇବା ପୂର୍ବରୁ ଏବଂ ଫସଲ ବଢ଼ିବା ସମୟରେ ଏହି ପିଡ଼ିଆ ଦୁଇ ଚାମଚ କୁଣ୍ଡରେ ଦିଆଯାଏ। ଫୁଲ ଆସିବା ସମୟରେ ମାଟିକୁ କୋଡ଼ାଖୋସା କରି ସେଥିରେ ସୋରିଷ ପିଡ଼ିଆ ମିଶାଇଲେ ମାଟିରେ ଉପକାରୀ ଜୀବାଣୁ ବୃଦ୍ଧି ହୋଇ ରୋଗନିୟନ୍ତ୍ରଣ ହୁଏ। ସେହିପରି ୧୦ ଲିଟର ପାଣିରେ ୨ ମୁଠା ସୋରିଷ ଖତ ତିନିଦିନ ରଖି ପରେ ସେହି ପାଣିକୁ ଅଧିକ ପାଣି ସହ ମିଶାଇ ଗଛ ମୂଳରେ ପ୍ରୟୋଗ କରାଯାଏ।



**ଏଫ୍‌ଆଇଏଚ୍ ପୁରୁଷ ହକି ବିଶ୍ୱକପ୍**

# ଅଗ୍ରଣୀ ରହି ମଧ୍ୟ ହାରିଲା ଭାରତ

ଆମଷ୍ଟଲଭିନ୍, ୧୭।୮ (ଏଜେନ୍ସି)




ଏଠାରେ ଆଜି ଖେଳାଯାଇଥିବା ପୁରୁଷ ହକି ବିଶ୍ୱକପ୍‌ରେ ପୁଲ-ଡି'ର ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ଇଂଲଣ୍ଡ ନିକଟରୁ ଭାରତ ୨-୪ ଗୋଲ୍‌ରେ ପରାଜିତ ହୋଇଛି। ଏହା ଫଳରେ ୨ଟି ମ୍ୟାଚ୍‌ର ଗୋଟିଏ ବିଜୟ ଓ ଗୋଟିଏ ପରାଜୟ ସହ ଭାରତ ପୁଲ୍-ଡି'ରେ ଦ୍ୱିତୀୟ ସ୍ଥାନରେ ରହିଛି। ଏହି ପୁଲ୍‌ରେ ଦଳ ତାହାର ତୃତୀୟ ତଥା ଶେଷ ଲିଗ୍ ମ୍ୟାଚ୍‌ରେ ପଡୋଶୀ ପାକିସ୍ତାନକୁ ୧୯ ତାରିଖରେ ଭେଟିବ। ଏହି ମ୍ୟାଚ୍‌ରେ ପରାଜିତ ହେଲେ ଭାରତ ପ୍ରତିଯୋଗିତାରୁ ବାଦ୍ ପଡ଼ିବ। ମ୍ୟାଚ୍ ଜିତିଲେ କିମ୍ବା ଡ୍ର ରଖିପାରିଲେ ଦଳ କ୍ରସ୍ ଓଭରରେ ଖେଳିବାକୁ ଯୋଗ୍ୟତା ଅର୍ଜନ କରିବ। ଏହି ମ୍ୟାଚ୍‌ରେ ଭାରତ ପକ୍ଷରୁ ହରମନପ୍ରୀତ୍ ସିଂହ ଓ ଦିଲପ୍ରୀତ୍ ସିଂହ ପେନାଲ୍ଟି କର୍ଣ୍ଣରରୁ ଗୋଟିଏ ଲେଖାଏଁ ଗୋଲ ଦେଇ ପ୍ରଥମାର୍ଦ୍ଧ ସୁଦ୍ଧା ୨-୧ ଗୋଲରେ ଅଗ୍ରଣୀ ରହିଥିଲା। କିନ୍ତୁ ପ୍ରଥମାର୍ଦ୍ଧ ପରେ ଇଂଲଣ୍ଡ ଶେଷ ଦୁଇଟି କ୍ୱାର୍ଟରରେ ପ୍ରାଧାନ୍ୟ ବିସ୍ତାର କରି ଖେଳିବା ସହ ୩ଟି ଗୋଲ ଦେଇ ମ୍ୟାଚ୍‌କୁ ଜିତିନେଇଥିଲା। ଇଂଲଣ୍ଡ ପକ୍ଷରୁ ନିକୋଲାସ ବାନ୍ଦୁରାକ ୨ଟି, ହେନରୀ କ୍ରଫ୍ଟ ଓ ଷ୍ଟୁଆର୍ଟ ରୁସ୍‌ମେରେ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ। ଏହି ବିଜୟ ଫଳରେ ଇଂଲଣ୍ଡ ୨ଟି ମ୍ୟାଚ୍‌ରୁ ଦ୍ୱିତୀୟ ବିଜୟ ସହ ପୁଲ-ଡି'ରେ ଶୀର୍ଷସ୍ଥାନ ଅଧିକାର କରିଛି। ଏହି ଦୁଇ ଦଳ ଦ୍ୱିତୀୟ ରାଉଣ୍ଡ ବା କ୍ରସ୍‌ଓଭରରେ ଖେଳିବାକୁ ଯୋଗ୍ୟତା ଅର୍ଜନ କଲେ ନୂଆ ନିୟମ ଅନୁଯାୟୀ ଇଂଲଣ୍ଡ ୨ ପଏଣ୍ଟ ସହ ଖେଳିବ। ଅର୍ଥାତ କ୍ରସ୍ ଓଭରରେ ଗୋଟିଏ ହେଲେ ମ୍ୟାଚ୍ ନ ଖେଳି ଇଂଲଣ୍ଡକୁ ଗୋଟିଏ ମ୍ୟାଚ୍‌ର ପୂରା ପଏଣ୍ଟ ମିଳିବ। ଏହି ପଏଣ୍ଟ ଯୋଗୁଁ ଇଂଲଣ୍ଡର ସେମିଫାଇନାଲ ଖେଳିବା ଆଶା ସହଜ ହେବ।

ଅନ୍ୟପକ୍ଷରେ ଭାରତକୁ ସେମିଫାଇନାଲରେ ପ୍ରବେଶ କରିବାକୁ ହେଲେ ପ୍ରଥମେ ପାକିସ୍ତାନକୁ ବୁଧବାର ଦିନ ଏବଂ କ୍ରସ୍ ଓଭରରେ ସମସ୍ତ ୩ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇବାକୁ ପଡ଼ିବ। ଏହି ମ୍ୟାଚ୍ ହାରିଯିବା ପରେ ଭାରତର ସେମିଫାଇନାଲ ଖେଳିବା ନେଇ ସନ୍ଦେହ ସୃଷ୍ଟି ହୋଇଛି।

## ପାକିସ୍ତାନ-ୱେଲ୍ସ ମ୍ୟାଚ୍ ଡ୍ର

ପୁରୁଷ ବିଶ୍ୱକପ୍‌ରେ ଆଜି ଖେଳାଯାଇଥିବା ପୁଲ୍-ଡି'ର ପ୍ରଥମ ମୁକାବିଲାରେ ୱେଲ୍ସ ସହ ପାକିସ୍ତାନ ୩-୩ ଗୋଲରେ ମ୍ୟାଚ୍ ଡ୍ର ରଖିଥିଲା। ପ୍ରଥମ ମ୍ୟାଚ୍‌ରେ ହାରିଥିବା ଉଭୟ ଦଳକୁ ଏହି ମ୍ୟାଚ୍‌ରୁ ପ୍ରଥମ ପଏଣ୍ଟ ମିଳିଥିଲା। ପୂର୍ବରୁ ଭାରତଠାରୁ ୩-୧ ଗୋଲରେ ୱେଲ୍ସ ଓ ଇଂଲଣ୍ଡ ନିକଟରୁ ୪-୧ ଗୋଲରେ ପାକିସ୍ତାନ ପରାଜିତ ହୋଇଥିଲା।

ଫ୍ରାନ୍ସ ଓ ମାଲେସିଆ ମଧ୍ୟରେ ପୁଲ-ବି' ମୁକାବିଲା ମଧ୍ୟ ୩-୩ ଗୋଲରେ ଡ୍ର ରହିଛି। ଉଭୟ ଦଳ ମଧ୍ୟ ପ୍ରଥମ ପଏଣ୍ଟ ହାସଲ କରିଛନ୍ତି। ଏହି ପୁଲ୍‌ରେ ଜର୍ମାନୀ ଓ ବେଲଜିୟମ ମଧ୍ୟରେ ଆଜିର ଶେଷ ମୁକାବିଲା ଅନୁଷ୍ଠିତ ହେଉଛି।

## ଜାପାନ, ଆମେରିକାର ପ୍ରଥମ ବିଜୟ

ମହିଳା ବିଶ୍ୱକପ୍‌ରେ ଆଜି ଖେଳାଯାଇଥିବା ମ୍ୟାଚ୍‌ରେ ଜାପାନ ୩-୦ ଗୋଲରେ ଚିଲିକୁ ପରାସ୍ତ କରି ପ୍ରଥମ ବିଜୟ ହାସଲ କରିଛି। ଅଷ୍ଟ୍ରେଲିଆ ଓ ନେଦରଲ୍ୟାଣ୍ଡସ ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଛି। ସେହିପରି ଅନ୍ୟ ଏକ ମ୍ୟାଚ୍‌ରେ ଆମେରିକା ୩-୨ ଗୋଲରେ ସ୍କଟଲାଣ୍ଡକୁ ପରାସ୍ତ କରିଛି। ଏହା ପରେ ଜର୍ମାନୀ ଓ ଆର୍ଜେଣ୍ଟିନା ମଧ୍ୟରେ ଚାଲିଥିବା ମ୍ୟାଚ୍‌ର ବିଜେତା ପୁଲ ଶୀର୍ଷସ୍ଥାନ ଅଧିକାର କରିବ।

ଆସନ୍ତାକାଲି ପୁଲ୍-ଡି'ରେ ଭାରତ ତାହାର ଦ୍ୱିତୀୟ ମ୍ୟାଚ୍ ଦକ୍ଷିଣ ଆଫ୍ରିକା ସହ ଖେଳିବ। ଏହି ମ୍ୟାଚଟି ସନ୍ଧ୍ୟା ୬ଟା ୩୦ ମିନିଟ୍‌ରେ ଖେଳାଯିବ। ପ୍ରଥମ ପୁଲ୍ ମ୍ୟାଚ୍‌ରେ ଭାରତ ଓ ଚୀନ ୨-୨ ଗୋଲରେ ଡ୍ର ରଖିଥିଲେ।

**ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିଅନସିପ୍**

# ଆରମ୍ଭରୁ ବିପର୍ଯ୍ୟୟ ଘଟାଇଲେ ଆୟୁଷ



ନୂଆଦିଲ୍ଲୀ, ୧୭।୮ (ଏଜେନ୍ସି): ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଏରେନାରେ ସୋମବାରଠାରୁ ଆରମ୍ଭ ହୋଇଥିବା ବ୍ୟାଡମିଣ୍ଟନର ବିଶ୍ୱକପ୍ ବିଡବ୍ଲ୍ୟୁଏଫ୍ ବିଶ୍ୱ ଚାମ୍ପିଅନସିପ୍‌ରେ ଭାରତୀୟ ଖେଳାଳିମାନେ ଦମ୍‌ଦାର ଆରମ୍ଭ କରିଛନ୍ତି। ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁଙ୍କ ସମେତ ଆୟୁଷ ସେଟ୍ଟୀ, ପୁରୁଷ ଯୁଗଳରେ ଏମଆର ଅର୍ଜୁନ ଓ ହରିହରନ ଅମାସାକାରୁନାନ ଏବଂ ମହିଳା ଡବଲ୍ସରେ ତ୍ରିସା ଜୋଲି ଓ ଗାୟତ୍ରୀ ଗୋପିଚାନ୍ଦ ଯୋଡ଼ି ବିଜୟ ସହ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ଭାରତ ଉଦୀୟମାନ ଖେଳାଳି ଆୟୁଷ ସେଟ୍ଟୀ ଆରମ୍ଭରୁ ବିପର୍ଯ୍ୟୟ ଘଟାଇଛନ୍ତି। ଆୟୁଷ ପ୍ରଥମ ରାଉଣ୍ଡରେ ୨୧-୧୪, ୧୩-୨୧, ୨୧-୧୯ ଗେମରେ ବିଶ୍ୱର ଏକ ନମ୍ବର ଖେଳାଳି ତଥା ଡିଫେଣ୍ଡିଂ ଚାମ୍ପିଅନ ଚାଇନାର ସି ୟୁକିଙ୍କୁ ପରାସ୍ତ କରି ସମସ୍ତଙ୍କୁ ଚମକାଇ ଦେଇଛନ୍ତି। ସେହିଭଳି ମହିଳା ବିଭାଗର ପ୍ରଥମ ରାଉଣ୍ଡରେ ସିନ୍ଧୁ ୨୧-୭, ୨୧-୧୧ ସିଧାସଳଖ ଗେମରେ ଆୟର୍ଲାଣ୍ଡର ସୋଫିଆ ନୋବଲେଙ୍କୁ ହରାଇଥିଲେ। ସିନ୍ଧୁଙ୍କୁ ଏହି ମ୍ୟାଚ୍ ଜିତିବାକୁ ମାତ୍ର ୨୯ ମିନିଟ ସମୟ ଲାଗିଥିଲା। ଅପରପକ୍ଷରେ ମହିଳା ଡବଲ୍ସରେ ତ୍ରିସା ଓ ଗାୟତ୍ରୀ ଯୋଡ଼ି ୨୧-୯, ୨୧-୧୩ ସିଧାସଳଖ ଗେମରେ ସ୍ପାନିଶ ଯୋଡ଼ି ପାଉଲା ଲୋପେଗ ଓ ଲୁସିଆ ରୋଡ୍ରିଗ୍ସଙ୍କୁ ହରାଇଥିଲେ। ପୁରୁଷ ଡବଲ୍ସରେ ଅର୍ଜୁନ-ହରିହରନ ଯୋଡ଼ି ୨୧-୧୬, ୨୧-୪ରେ ଆୟର୍ଲାଣ୍ଡ ଯୋଡ଼ିଙ୍କୁ ହରାଇ ରାଉଣ୍ଡ-୩୨ରେ ପ୍ରବେଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ଦୀର୍ଘ ୧୭ ବର୍ଷ ପରେ ଏହି ସମ୍ମାନଜନକ ବିଶ୍ୱସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଭାରତରେ ଆୟୋଜିତ ହେଉଛି।

# ଡୁରାଣ୍ଡ କପ୍ ସେମିରେ ମୋହନ ବାଗାନ

କୋଲକାତା, ୧୭।୮ (ଏଜେନ୍ସି): ଚଳିତ ଡୁରାଣ୍ଡ କପର ୧୩୫ତମ ସଂସ୍କରଣରେ ତୃତୀୟ ଦଳ ଭାବରେ ମୋହନ ବାଗାନ ସୁପର ଜାଏଣ୍ଟ୍ସ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ସୋମବାର ସ୍ଥାନୀୟ ବିବେକାନନ୍ଦ ଯୁବା ଭାରତୀ କ୍ରୀଡ଼ାଙ୍ଗନରେ ଅନୁଷ୍ଠିତ ତୃତୀୟ କ୍ୱାର୍ଟର ଫାଇନାଲରେ ମୋହନ ବାଗାନ ୯-୮ ଗୋଲରେ ପେନାଲ୍ଟି ସୁଟଆଉଟରେ ଜାମସେଦପୁର ଏଫସିକୁ ପରାସ୍ତ କରିଥିଲା। ଏହି ମ୍ୟାଚର ନିର୍ଦ୍ଧାରିତ ସମୟସୀମା ସୁଦ୍ଧା ଉଭୟ ଦଳ ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଫଳରେ ପେନାଲ୍ଟି ସୁଟଆଉଟ୍‌ର ସହାୟତା ନିଆଯାଇଥିଲା। ଏଥିରେ ମୋହନ ବାଗାନ ଦଳ ବାଜିମାତ୍ କରିନେଇଥିଲା। ନର୍ଥଇଷ୍ଟ ୟୁନାଇଟେଡ ଓ ସିଲଙ୍ଗ ଲାଜଙ୍ଗ ମଧ୍ୟରେ ଖେଳାଯିବାକୁ ଥିବା ଚତୁର୍ଥ କ୍ୱାର୍ଟରର ବିଜେତାକୁ ମୋହନ ବାଗାନ ସେମିଫାଇନାଲରେ ଭେଟିବ। ପୂର୍ବରୁ ସ୍ପୋର୍ଟିଂ କ୍ଲବ ଦିଲ୍ଲୀ ଓ ଇଷ୍ଟ ବେଙ୍ଗଲ ପ୍ରଥମ ଦୁଇଟି କ୍ୱାର୍ଟରରେ ବିଜୟୀ ହୋଇ ସେମିକୁ ଉଠିଛନ୍ତି।

**ଆଜିଠୁ କଳିଙ୍ଗରେ ଜାତୀୟ ଜୁନିଅର ଜଳକ୍ରୀଡ଼ା**

# ଭାଗନେବେ ୨୮ ରାଜ୍ୟର ୫୭୬ ସନ୍ତରଣକାରୀ

ଭୁବନେଶ୍ୱର, ୧୭।୮ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମସ୍ଥିତ ଆକ୍ୱାଟିକ ସେଣ୍ଟରରେ ମଙ୍ଗଳବାରଠାରୁ ଜାତୀୟ ଜୁନିଅର ଜଳକ୍ରୀଡ଼ାର ୫୨ତମ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ରାଜ୍ୟ ସନ୍ତରଣ ସଂଘ ଓ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ପ୍ରତିଯୋଗିତା ୨୩ ତାରିଖରେ ଉଦଯାପିତ ହେବ। ଏଥିରେ ୨୮ଟି ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳର ୫୭୬ଜଣ ସନ୍ତରଣକାରୀ ଭାଗନେବେ ବୋଲି ଜଣାପଡ଼ିଛି। ଉଭୟ ବାଳକ ଓ ବାଳିକା ବିଭାଗର ଏକାଧିକ ଇଭେଣ୍ଟରେ ଏହି ପ୍ରତିଯୋଗିତା ଆୟୋଜିତ ହେବ। ମଙ୍ଗଳବାର ଅପରାହ୍ଣରେ କ୍ରୀଡ଼ା ନିର୍ଦ୍ଦେଶକ ବିଜୟ ଯେଦୁଲ୍ଲା ଅତିଥିଭାବେ ଯୋଗ ଦେଇ ଏହାକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି।

**୩୫୦ ୱିକେଟ କ୍ଲବ୍‌ରେ ଜାଡେଜା**

# ସୋନାଲ, ନିରୋସାନ୍ ଫଲୋଅନ୍ ଏଡ଼ାଇଲେ



ଗଲ,୧୭।୮ (ଏଜେନ୍ସି): ଅଲରାଉଣ୍ଡର ସୋନାଲ ଦିନୁଶା ଓ ନିରୋସନ ଡିକ୍‌ୱେଲାଙ୍କ ଷଷ୍ଠ ୱିକେଟରେ ୧୪୬ ରନ୍‌ର ଦମ୍‌ଦାର ପାର୍ଟନରସିପ୍ ବଳରେ ଏଠାରେ ଭାରତ ସହ ଚାଲିଥିବା ପ୍ରଥମ ଟେଷ୍ଟ ମ୍ୟାଚ୍‌ରେ ଶ୍ରୀଲଙ୍କା ଫଲୋଅନ୍ ଏଡାଇବାରେ ସମର୍ଥ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପ୍ରଥମ ଇନିଂସରେ ୪୬୨ ରନ୍ କରିଥିଲା। ଜବାବରେ ଶ୍ରୀଲଙ୍କା ୯୦ ରନ୍‌ରେ ୫ ୱିକେଟ ହରାଇ ଫଲୋଅନ୍‌ର ସମ୍ମୁଖୀନ ହୋଇଥିଲାବେଳେ ସୋନାଲ (୧୦୦)ଙ୍କ ଶତକ ଓ ନିରୋସନ (୮୦)ଙ୍କ ଅର୍ଦ୍ଧଶତକ ଯୋଗୁ ଦଳ ତୃତୀୟ ଦିନ ଖେଳରେ ୨୮୪ ରନ୍ କରି ଅଲଆଉଟ ହୋଇଯାଇଥିଲା। ଭାରତ ପ୍ରଥମ ଇନିଂସରେ ୧୭୮ ରନ୍‌ରେ ଆଗୁଆ ଥିଲେ ମଧ୍ୟ ଫଲୋଅନ୍ କରି ନ ପାରିବାରୁ ନିରାଶ ହୋଇଛି। ନିରୋସନ ୨୦ ରନ୍ କରିଥିଲାବେଳେ ଲୋକେଶ ରାହୁଲ ତାଙ୍କ କ୍ୟାଚ୍ ହାତଛଡ଼ା କରି ଭାରତକୁ ନିରାଶ କରିଛନ୍ତି। ଆଲୋକ ଅଭାବରୁ ଆଉ ୧୩ ତୃତୀୟ ଦିନରେ ଆଉ ଖେଳ ସମ୍ଭବ ହୋଇ ପାରି ନ ଥିଲା। ଏହି ଯୋଡି ଭାଙ୍ଗିବା ଫଳରେ ଘରୋଇ ଦଳ ତାହାର ଶେଷ ୫ଟି ୱିକେଟ ୪୮ ରନ୍‌ରେ ହରାଇଥିଲା। ଏହି ଯୋଡିଙ୍କ ବ୍ୟାଟିଂକୁ ଛାଡିଦେଲେ ଅନ୍ୟ ସମସ୍ତଙ୍କୁ ଭାରତୀୟ ବୋଲର ନିୟନ୍ତ୍ରଣରେ ରଖିଥିଲେ। ସେମାନଙ୍କ ମଧ୍ୟରୁ ମାନବ ସୁତାର ସର୍ବାଧିକ ୪ଟି ଓ ରବୀନ୍ଦ୍ର ଜାଡେଜା ୩ଟି ୱିକେଟ ଅକ୍ତିଆର କରିଥିଲେ। ଏହି କ୍ରମରେ ଜାଡେଜା ଟେଷ୍ଟ କ୍ରିକେଟରେ ୩୫୦ତମ ୱିକେଟ କ୍ଲବ୍‌ରେ ସାମିଲ ହୋଇଛନ୍ତି। ଏହି କ୍ଲବ୍‌ରେ ସଦସ୍ୟ ହେବାରେ ସେ ଭାରତର ୫ମ ସଦସ୍ୟ ହୋଇଛନ୍ତି। ୧୬୮ ତମ ଟେଷ୍ଟ ଇନିଂସରେ ସେ ୩୫୧ଟି ୱିକେଟ ଅକ୍ତିଆର କରିଛନ୍ତି। ଅନିଲ କୁମ୍ବଲେ (୨୩୬ ଇନିଂସ, ୬୧୯ ୱିକେଟ), ରବି ଅଶ୍ୱିନ (୨୦୦-୫୩୭), କପିଳ ଦେବ (୨୨୭-୪୩୪) ଓ ହରଭଜନ ସିଂ (୧୯୦-୪୧୭) ଏହି କ୍ଲବ୍‌ରେ ଭାରତୀୟ ସଦସ୍ୟ ରହିଛନ୍ତି।

ପୂର୍ବରୁ ସୋମବାର ସକାଳେ ଭାରତ ତାହାର ଅସମାପ୍ତ ପ୍ରଥମ ଇନିଂସରେ ଆଉ ୪ଟି ବଲ୍ ଖେଳି ୪୬୨ରେ ଅଲଆଉଟ ହୋଇଥିଲା। ଦଳ ପକ୍ଷରୁ ଦେବଦତ୍ତ ପାଡିକଲ ୧୬୭, ଲୋକେଶ ରାହୁଲ ୮୨ ଓ ଧ୍ରୁବ ଜୁରେଲ ୫୧ ରନ୍ କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ପ୍ରବାତ ଜୟସୁରିଆ ୪ଟି, କେଶରା ନୁୱାନ୍ତା ୩ଟି ଓ ଅସିଥା ଫର୍ଣ୍ଣାଣ୍ଡୋ ୨ଟି ୱିକେଟ ଅକ୍ତିଆର କରିଥିଲେ।

**ଏସୀୟ କ୍ରୀଡ଼ା**

# ଆଫଗାନିସ୍ତାନ ଦଳରେ ନବିଙ୍କ ପୁଅ ହାସାନଙ୍କୁ ସୁଯୋଗ

କାବୁଲ, ୧୭।୮ (ଏଜେନ୍ସି): ଜାପାନରେ ସେପ୍ଟେମ୍ବର ୧୭ରୁ ଆରମ୍ଭ ହେବାକୁ ଥିବା ଏସୀୟ କ୍ରୀଡ଼ାର କ୍ରିକେଟ ପ୍ରତିଯୋଗିତା ଲାଗି ସୋମବାର ଆଫଗାନିସ୍ତାନ ଦଳ ଘୋଷଣା କରାଯାଇଛି। ମିଡଲ୍ ଅର୍ଡର ବ୍ୟାଟର ଡାରୱିଶ ରସୋଲିଙ୍କୁ ଘୋଷିତ ୧୫ ଜଣିଆ ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ସେହିଭଳି ଭେଟେରାନ ଅଲ୍‌ରାଉଣ୍ଡର ମହମ୍ମଦ ନବିଙ୍କ ପୁଅ ହାସାନ ଇସାଖିଲଙ୍କୁ ଦଳରେ ସୁଯୋଗ ଦିଆଯାଇଛି। ୨୦ ବର୍ଷୀୟ ହାସାନ ପ୍ରଥମଥର ଲାଗି ସିନିଅର ଦଳରେ ସ୍ଥାନ ପାଇଛନ୍ତି। ଡାହାଣହାତୀ ଓପନିଂ ବ୍ୟାଟର ହାସାନ ଘରୋଇ କ୍ରିକେଟରେ ଜଣେ ଦକ୍ଷ ଖେଳାଳି ଭାବେ ପରିଚିତ। ଅନ୍ୟମାନଙ୍କ ମଧ୍ୟରେ ଅଭିଜ୍ଞ ଖେଳାଳି ଭାବରେ ନାଜିବୁଲ୍ଲା ଜର୍ଦାଦ ଓ କରିମ ଜନତଙ୍କୁ ଏସୀୟ କ୍ରୀଡ଼ା ଦଳରେ ନିଆଯାଇଛି। ଏସୀୟ କ୍ରୀଡ଼ାର ପୁରୁଷ କ୍ରିକେଟ୍ ଇତିହାସରେ ଆଫଗାନିସ୍ତାନ ୨୦୧୦, ୨୦୧୪ ଓ ୨୦୨୨ରେ ରନର୍ସଅପ୍ ହୋଇ ରୌପ୍ୟ ପଦକ ହାସଲ କରିଥିଲା।

# ପୂର୍ବାଞ୍ଚଳ ବ୍ୟାଡ୍‌ମିଣ୍ଟନ ଲାଗି ଓଡ଼ିଶା ଦଳ ଚୟନ




ଭୁବନେଶ୍ୱର,୧୭।୮ (ସମିସ): ଭୁବନେଶ୍ୱରରେ ୬ଟି ରାଜ୍ୟ ଯଥା ଝାଡଖଣ୍ଡ, ବିହାର, ପଶ୍ଚିମବଙ୍ଗ, ଉତ୍ତରପ୍ରଦେଶ ଓ ଉତ୍ତରାଖଣ୍ଡ ସହ ଆୟୋଜକ ଓଡ଼ିଶାକୁ ମିଶାଇ ପୂର୍ବାଞ୍ଚଳ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେପ୍ଟେମ୍ବର ୩ରୁ ୬ ତାରିଖଯାଏ ପୋଖରୀପୁଟ ଇଣ୍ଡୋର ହଲରେ ଏହା ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରତିଯୋଗିତା ଲାଗି ଏକ ଶକ୍ତିଶାଳୀ ଓଡ଼ିଶା ଦଳ ଚୟନ କରାଯାଇଛି। ଏଥିରେ ଦିବ୍ୟମ କେଜ୍ରିୱାଲ, ଶୁଭ୍ରକେତନ ମଲ୍ଲିକ, ନିମିଶା ଓଝା, ସ୍ୱାତୀ ନାଏକ, ଅମ୍ବୀକା ମିଶ୍ର ପ୍ରମୁଖ ଉଭୟ ପୁରୁଷ ଓ ମହିଳା ଦଳରେ ସ୍ଥାନ ପାଇଛନ୍ତି। ଜୁନିଅର ଦଳରେ ସୌମ୍ୟଜିତ ସାହୁ, ସିନିଅର ଦଳରେ ତହସିବ୍ ଖାନ୍, ଜୈସ ଅଗରୱାଲ, ଅଭିଜିତ ମହାରଣା, ତନ୍ମୟ କୁମାର ସାହୁ, କଲଗା ଜଗଦୀଶ, ତୃମି ବାଗ୍‌ଚି, ହର୍ଷିତା ରାଉତ, ଆଶ୍ରିୟା ଜି, ବିରୋପ ଓ ସ୍ୱିଟିପ୍ରିୟା ପ୍ରଧାନଙ୍କୁ ସ୍ଥାନ ମିଳିଛି। ଉଭୟ ବିଭାଗରେ ୫ଟି କାଟାଗୋରୀରେ ପ୍ରତିଯୋଗିତା ଆୟୋଜିତ ହେବ।

**ରାଜ୍ୟ ରାପିଡ଼ ଓ ବ୍ଲିଜ୍ ଚେସ୍ ଉଦ୍‌ଯାପିତ**

# ଟାଇଟଲ୍ ଜିତିଲେ ଲଳିତ ଓ ଆର୍ଯ୍ୟନ




ଭୁବନେଶ୍ୱର,୧୭।୮ (ସମିସ): ଅଲ୍‌ଓଡ଼ିଶା ଚେସ୍ ସଂଘ, ଏସ୍‌ଆର୍ ଚେସ ସେଣ୍ଟର ଓ ଏସ୍‌ବି-୧ ଗ୍ରୁପ୍ ଅଫ୍ କମ୍ପାନୀଜ୍‌ର ମିଳିତ ସହଯୋଗରେ ରାଜ୍ୟ ରାପିଡ୍ ଓ ବ୍ଲିଜ୍ ଚେସ୍ ପ୍ରତିଯୋଗିତା ଅଗଷ୍ଟ ୧୫ ଓ ୧୬ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାର ରାପିଡ଼ ସେକ୍ସନରେ କଟକର ଲଳିତ ରଞ୍ଜନ ସାହୁ ଓ ବ୍ଲିଜ୍‌ରେ ଯାଜପୁରର ଆର୍ଯ୍ୟନ ବେହେରା ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଉଭୟ ବିଭାଗରେ ମିଳିତ ଭାବେ ୬୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ରାପିଡ୍ ବିଭାଗରେ ଭୁବନେଶ୍ୱରର ୬୦ ବର୍ଷରୁ ଊର୍ଦ୍ଧ୍ୱ କୋଚ୍ ରାଜେନ୍ଦ୍ର ସାହୁ ରନର୍ସଅପ୍, କଟକର ପ୍ରତ୍ୟାଶା ଜେନା ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବ୍ଲିଜ୍‌ରେ ଢ଼େଙ୍କାନାଳର ବିଶାଳ ପଟ୍ଟନାୟକ ରନର୍ସଅପ୍, ଖୋର୍ଦ୍ଧା ଜିଲ୍ଲାର ବିସ୍ମୟ ବାଳକ ସାତ୍ତ୍ୱିକ ସ୍ୱାଇଁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପାହାଳସ୍ଥିତ ମଦର୍ସ ପବ୍ଲିକ୍ ସ୍କୁଲ୍‌ରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଆଇନ୍, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରାଜନେତା ଜଗନ୍ନାଥ ପ୍ରଧାନ, ଚାଟାର୍ଡ ଆକାଉଣ୍ଟାଣ୍ଟ ରାଜୀବ ଶେଖର ସାହୁ, କମ୍ପାନୀ ଅଧ୍ୟକ୍ଷା ବୈଜୟନ୍ତୀ ସାହୁ, ମଦର୍ସ ଗ୍ରୁପ୍ ଅଫ୍ ସ୍କୁଲ୍‌ର ଅଧ୍ୟକ୍ଷା ପଲି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏସ୍‌ଆର୍ ଚେସ ସେଣ୍ଟର ସଭାପତି ଶୁଭାଶିଷ ପଟ୍ଟନାୟକ, ଏଓସିଏ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

**ରାଜ୍ୟ ଜୁନିଅର କବାଡି ପ୍ରତିଯୋଗିତା ଉଦ୍‌ଯାପିତ**

# ବାଳକରେ ଖୋର୍ଦ୍ଧା, ବାଳିକାରେ ସମ୍ବଲପୁର ଚାମ୍ପିଅନ






ଭୁବନେଶ୍ୱର,୧୭।୮ (ସମିସ): ଓଡ଼ିଶା କବାଡି ଆସୋସିଏସନ, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନ ଓ ଟାଇମ୍ସ ସ୍କଲାର୍ସ ଗୁରୁକୂଳର ମିଳିତ ଆନୁକୂଲ୍ୟରେ ୫୨ତମ ରାଜ୍ୟ କବାଡି ଚାମ୍ପିଅନ୍‌ସିପ ଅନୁଷ୍ଠିତ ହୋଇଯାଇଛି। ୩୦ଟି ଜିଲ୍ଲାରୁ ଟିମ୍ ଏଥିରେ ଅଂଶଗ୍ରହଣ କରିଥିଲାବେଳେ ବାଳକରେ ଖୋର୍ଦ୍ଧା, ବାଳିକାରେ ସମ୍ବଲପୁର ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ବାଳକ ବିଭାଗରେ ବାଲେଶ୍ୱର, ଗଞ୍ଜାମ ଓ ସମ୍ବଲପୁର, ବାଳିକା ବିଭାଗରେ ପୁରୀ, ଭୁବନେଶ୍ୱର ଓ ରାଉରକେଲା ଟିମ୍ ଯଥାକ୍ରମେ ରନର୍ସ ଅପ୍, ତୃତୀୟ ଓ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି।

ପୁରସ୍କାର ବାବଦରେ ଚାମ୍ପିଅନ ଟିମ୍ ଦ୍ୱୟକୁ ଟ୍ରଫି ସହ ୩୦,୦୦୦ ଲେଖାଏଁ, ରନର୍ସ ଅପ୍ ଟିମ୍ ଦ୍ୱୟକୁ ଟ୍ରଫି ସହ ୨୦, ୦୦୦ ଲେଖାଏଁ ଓ ତୃତୀୟସ୍ଥାନ ଅଧିକାର କରିଥିବା ଟିମ୍‌ଦ୍ୱୟଙ୍କୁ ୧୦,୦୦୦ ଟଙ୍କା ଲେଖାଏଁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ରାଜନେତା ଗୋଲକ ମହାପାତ୍ର, ପ୍ରସନ୍ନ ପାଟଶାଣୀ, ଶୋଭନା ମହାନ୍ତି, ପ୍ରତିଭା ଶତପଥୀ, ଟାଇମ୍ସ ଗୁରୁକୂଳର ଅଧ୍ୟକ୍ଷ ଡଃ ସାରଦାପ୍ରସାଦ ମିଶ୍ର ଓ ଓଡ଼ିଶା କବାଡି ସଂଘର ଅବୈତନିକ ସମ୍ପାଦକ ଅଜୟ ବେହେରା ଅତିଥିଭାବେ ଯୋଗଦେଇଥିଲେ ବୋଲି ଟାଇମ୍ସ ଗୁରୁକୂଳର ପ୍ରିନ୍ସିପାଲ ରଞ୍ଜିତା ମହାନ୍ତି ଜଣାଇଛନ୍ତି।

# ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ସିଲଭର୍ ମିଟ୍ ୨୨ରେ

ଭୁବନେଶ୍ୱର,୧୭।୮ (ସମିସ)




ଓଡ଼ିଶା କ୍ରୀଡ଼ା ଆୟୋଜନ ଇତିହାସରେ ଆଉ ଏକ ନୂଆ ଅଧ୍ୟାୟ ଯୋଡି ହେବାକୁ ଯାଉଛି। ସ୍ଥାନୀୟ ଆଇକନିକ କଳିଙ୍ଗ ଷ୍ଟାଡିୟମ୍‌ରେ ଆସନ୍ତା ୨୨ ତାରିଖ ୱାର୍ଲ୍ଡ ଆଥଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ମିଟ୍ ଆୟୋଜିତ ହେବ।

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ, ଭାରତୀୟ ଆଥଲେଟିକ୍ସ ମହାସଂଘ (ଏଏଫ୍‌ଆଇ) ଓ ୱାର୍ଲ୍ଡ ଆଥଲେଟିକ୍ସର ମିଳିତ ସହଯୋଗରେ ଏହି ସମ୍ମାନଜନକ ପ୍ରତିଯୋଗିତା ଆୟୋଜିତ ହେବ ବୋଲି ଆଜି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି କ୍ରୀଡ଼ା ନିର୍ଦ୍ଦେଶକ ଡଃ ୟେଦୁଲା ବିଜୟ। ୱାର୍ଲ୍ଡ ଆଥଲେଟିକ୍ସର ଉପସଭାପତି ଡଃ ଆଦିଲ ସୁମରିୱାଲାଙ୍କ ସୂଚନା ଅନୁଯାୟୀ ଏହି ସମ୍ମାନଜନକ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ୯ଟି ଲେଖାଏଁ ପୁରୁଷ ଓ ମହିଳା ବିଭାଗରେ ଟ୍ରାକ୍ ଆଣ୍ଡ ଫିଲ୍ଡ ଇଭେଣ୍ଟ ଅନୁଷ୍ଠିତ ହେବ। ଏଥିରେ ୮୮ ଭାରତୀୟ ଓ ୯୯ ବିଦେଶୀଙ୍କ ସମେତ ୨୭ଟି ଦେଶରୁ ୧୮୭ ଜଣ ଆଥଲେଟ ଅଂଶଗ୍ରହଣ କରିବେ। ଏଥିରେ ବିଶ୍ୱ ର୍‍ୟାଙ୍କିଂରେ ଥିବା ୫୦ଜଣଙ୍କ ମଧ୍ୟରେ ଶ୍ରେଷ୍ଠ ୩୬ ଜଣ ଆଥ୍‌ଲେଟ ରହିଛନ୍ତି। ଏହି ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୧୬୦୦ ଡଲାର ବା ୧.୫୩ ଲକ୍ଷଟଙ୍କା, ଦ୍ୱିତୀୟ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀଙ୍କୁ ୧୨୦୦ ଡଲାର ବା ୧.୧୪ ଲକ୍ଷ ଟଙ୍କା ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୯୦୦ ଡଲାର ବା ୮୬,୦୦୦ ଟଙ୍କା ପ୍ରଦାନ କରାଯିବ।

## ମାଗଣା ଦେଖିବେ ଦର୍ଶକ

ଏହି ପ୍ରତିଯୋଗିତାକୁ ଦେଖିବା ଲାଗି କଳିଙ୍ଗ ଷ୍ଟାଡିୟମ୍‌ରେ କୌଣସି ଟିକଟ ବ୍ୟବସ୍ଥା କରାଯାଇନାହିଁ। ଛାତ୍ରଛାତ୍ରୀ ଓ କ୍ରୀଡ଼ାପ୍ରେମୀଙ୍କ ଲାଗି ଷ୍ଟାଡିୟମ୍‌ରେ ମାଗଣାରେ ଖେଳ ଦେଖିବାର ବ୍ୟବସ୍ଥା କରାଯାଇଛି। ଏଠାରେ ପୂର୍ବରୁ ବ୍ରୋଞ୍ଜ ମିଟ୍ ଅନୁଷ୍ଠିତ ହୋଇଥିଲା। ଏଥର ସିଲଭର ମିଟ୍ ଲାଗି ଦର୍ଶକଙ୍କ ମଧ୍ୟରେ ଉତ୍କଣ୍ଠା ରହିଛି। ସୂଚନାଯୋଗ୍ୟ ବିଜୁ ଜନତା ଦଳ ସରକାରରେ ଥିବାବେଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଭାରତର ପ୍ରଥମ ଇଣ୍ଡୋର ଆଥଲେଟିକ୍ସ ଷ୍ଟାଡିୟମ୍ ରାଜଧାନୀ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ନିର୍ମାଣ କରାଯାଇଛି। ଏଠାରେ ୱାର୍ଲ୍ଡ ଓ ଏସିଆନ ଇଣ୍ଡୋର ଆଥଲେଟିକ୍ସ ମିଟ ଆୟୋଜିତ ହେବାର ଏହା ପୂର୍ବ ପ୍ରସ୍ତୁତି ବୋଲି ଏଏଫ୍‌ଆଇର କୋଷାଧ୍ୟକ୍ଷ ବିଇ ଷ୍ଟାନ୍‌ଲି ସୂଚନା ଦେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS